JUNE 11, 2026
THURSDAY, BHUBANESWAR
ଜୁନ୍ ୧୧, ୨୦୨୬
ଗୁରୁବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

# ଅକ୍ଷର
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME 1 ● ISSUE- 279 ବର୍ଷ- ୧ ● ସଂଖ୍ୟା- ୨୭୯ RNI REGD NO. ORIORI/25/A2226 ● DAILY EDITION ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

## ଆତ୍ମନିର୍ଭରରୁ ବିଶ୍ୱବନ୍ଧୁ ॥ ଗରିବ କଲ୍ୟାଣରୁ ଡିଜିଟାଲ୍ କ୍ରାନ୍ତି

# ମୋଦୀଙ୍କ ନେତୃତ୍ୱରେ ୧୨ବର୍ଷର ଭାରତ



**ମୋଦୀଙ୍କ ପାଞ୍ଚ ମନ୍ତ୍ର**

୧. ସବକା ସାଥ୍, ସବକା ବିକାଶ

୨. ଡିଜିଟାଲ ଇଣ୍ଡିଆ

୩. ଆତ୍ମନିର୍ଭର ଭାରତ

୪. ବିକଶିତ ଭାରତ ୨୦୪୭

୫.ଅନ୍ତ୍ୟୋଦୟରୁ ରାଷ୍ଟ୍ରୋଦୟ

ଭୁବନେଶ୍ୱର, ୧୦।୬
(ଭରତ କୁମାର ବେହେରା)

ସମୟ କେବଳ ଦିନ, ମାସ କିମ୍ବା ବର୍ଷର ହିସାବ ରଖେ ନାହିଁ। ସେ ଇତିହାସର ପୃଷ୍ଠାରେ ପରିବର୍ତ୍ତନର ପଦଚିହ୍ନ ମଧ୍ୟ ଆଙ୍କିଥାଏ। ୨୦୧୪ ମସିହାରେ 'ଅଚ୍ଛେ ଦିନ'ର ସ୍ୱପ୍ନ ଦେଖାଇ ଦେଶର ନେତୃତ୍ୱ ହାତକୁ ନେଇଥିବା ନରେନ୍ଦ୍ର ମୋଦୀ ଆଜି ଲଗାତାର ୧୨ ବର୍ଷର ଶାସନ ଯାତ୍ରା ପୂରଣ କରିଛନ୍ତି। ଏହି ବାର ବର୍ଷରେ ଭାରତ ଦେଖିଛି ଜନକଲ୍ୟାଣମୂଳକ ଯୋଜନାର ବିସ୍ତାର, ଡିଜିଟାଲ ବିପ୍ଳବର ଉଦୟ, ଭିତ୍ତିଭୂମି ଉନ୍ନୟନର ନୂଆ ଗାଥା, ସାମାଜିକ ସଂସ୍କାରର ସାହସିକ ନିଷ୍ପତ୍ତି, ରାମ ମନ୍ଦିରର ସ୍ୱପ୍ନ ସାକାର ହେବା ଏବଂ ବିଶ୍ୱ ମଞ୍ଚରେ ଭାରତର ଦୃଢ଼ ଉପସ୍ଥିତି। ସମର୍ଥକଙ୍କ ପାଇଁ ଏହା ଏକ ପରିବର୍ତ୍ତନର ଯୁଗ, ସମାଲୋଚକଙ୍କ ପାଇଁ ଏକ ବିତର୍କିତ ଅଧ୍ୟାୟ। କିନ୍ତୁ ଏକଥା ନିଶ୍ଚିତ ଯେ, ମୋଦୀଙ୍କ ଏହି ବାର ବର୍ଷ କେବଳ ଜଣେ ପ୍ରଧାନମନ୍ତ୍ରୀଙ୍କ କାହାଣୀ ନୁହେଁ, ଏହା ହେଉଛି ଏକ ପରିବର୍ତ୍ତନଶୀଳ ଭାରତର ଗାଥା।

**ନେହେରୁଙ୍କ ରେକର୍ଡ ଭାଙ୍ଗିଲେ:** ଭାରତୀୟ ରାଜନୀତି ଇତିହାସରେ ୯ ଜୁନ୍ ୨୦୨୬ ଏକ ଗୁରୁତ୍ୱପୂର୍ଣ୍ଣ ତାରିଖ। ମଙ୍ଗଳବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଦ୍ୱାରା ସାତ ଦଶନ୍ଧିରୁ ଅଧିକ ସମୟ ଧରି ରହିଥିବା ରେକର୍ଡକୁ ଅତିକ୍ରମ କରି ସର୍ବାଧିକ ସମୟ ଧରି ପ୍ରଧାନମନ୍ତ୍ରୀ ପଦବୀରେ ରହିବାର ରେକର୍ଡ ସ୍ଥାପନ କରିଛନ୍ତି। ଏହି ସଫଳତା କେବଳ ଏକ ସଂଖ୍ୟା ନୁହେଁ, ବରଂ ଭାରତୀୟ ଗଣତନ୍ତ୍ରରେ ଜନାଦେଶ, ରାଜନୈତିକ ସ୍ଥିରତା ଏବଂ ନେତୃତ୍ୱର ନିରନ୍ତରତାର ପ୍ରତୀକ।

ପ୍ରଧାନମନ୍ତ୍ରୀ ପ୍ରଥମ ଥର ପାଇଁ ମେ ୨୬, ୨୦୧୪ରେ ପ୍ରଧାନମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ, ସେ ୨୦୧୯ ଏବଂ ୨୦୨୪ ଲୋକସଭା ନିର୍ବାଚନରେ ବିଜୟୀ ହୋଇ କେନ୍ଦ୍ରରେ ତାଙ୍କର କ୍ରମାଗତ ତୃତୀୟ କାର୍ଯ୍ୟକାଳ ସୁରକ୍ଷିତ କରିଥିଲେ। ☞ପୃଷ୍ଠା-୨

### ପ୍ରମୁଖ ମାଇଲଖୁଣ୍ଟ

| | |
|---|---|
| ୨୦୧୪ | ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ |
| ୨୦୧୪ | ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଆରମ୍ଭ |
| ୨୦୧୫ | ଡିଜିଟାଲ ଇଣ୍ଡିଆ ଅଭିଯାନ |
| ୨୦୧୬ | ବିମୁଦ୍ରୀକରଣ (ନୋଟବନ୍ଦୀ) |
| ୨୦୧୭ | ଜିଏସ୍‌ଟି ଲାଗୁ |
| ୨୦୧୮ | ଆୟୁଷ୍ମାନ ଭାରତ ଯୋଜନା |
| ୨୦୧୯ | ଅନୁଚ୍ଛେଦ ୩୭୦ ଉଚ୍ଛେଦ |
| ୨୦୧୯ | ତିନି ତଲାକ୍ ବିରୋଧୀ ଆଇନ |
| ୨୦୨୦୨୧ | କୋଭିଡ୍ ପରିଚାଳନା ଓ ଟିକାକରଣ ଅଭିଯାନ |
| ୨୦୨୩ | ଜି-୨୦ ଅଧ୍ୟକ୍ଷତାରେ ଭାରତ |
| ୨୦୨୪ | ଲଗାତାର ତୃତୀୟ ଥର ପ୍ରଧାନମନ୍ତ୍ରୀ |
| ୨୦୨୬ | ୧୨ ବର୍ଷର ଶାସନ ଯାତ୍ରା ପୂରଣ |

## ଭାରତକୁ ବିଶ୍ୱ ମଞ୍ଚରେ ନୂଆ ପରିଚୟ ଦେଇଛନ୍ତି ମୋଦିଜୀ: ମନମୋହନ ସାମଲ

**ଲିଙ୍ଗରାଜ ମନ୍ଦିରରେ ଦୀପଦାନ, ବୃକ୍ଷରୋପଣ ଓ ପଣା ବଣ୍ଟନ କରି ପାଳିତ ହେଲା ଐତିହାସିକ ମୁହୂର୍ତ୍ତ**



ଭୁବନେଶ୍ୱର,୧୦।୬ (ଅକ୍ଷର ଓଡ଼ିଶା): ଭାରତୀୟ ଗଣତନ୍ତ୍ରର ଇତିହାସରେ ବୁଧବାର ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲଗାତାର ୪୩୯୯ ଦିନ ଦେଶର ପ୍ରଧାନମନ୍ତ୍ରୀ ଭାବେ ସେବା ପ୍ରଦାନ କରି ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ୪୩୯୮ ଦିନର ରେକର୍ଡକୁ ଅତିକ୍ରମ କରିଛନ୍ତି। ଏହା ସହ ସେ ଭାରତର ସବୁଠୁ ଦୀର୍ଘ ସମୟ ଧରି ନିରନ୍ତର ଭାବେ ସେବା ଦେଇଥିବା ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ଏକ ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏହି ଐତିହାସିକ ସଫଳତା ଅବସରରେ ଓଡ଼ିଶା ବିଜେପି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ପ୍ରଧାନମନ୍ତ୍ରୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇ କହିଛନ୍ତି ଯେ, "ଏହା କେବଳ ଜଣେ ନେତାଙ୍କ ବ୍ୟକ୍ତିଗତ ଉପଲବ୍ଧି ନୁହେଁ, ବରଂ ୧୪୦ କୋଟି ଭାରତବାସୀଙ୍କ ବିଶ୍ୱାସ, ଆଶା ଓ ସମର୍ଥନର ବିଜୟ।"

୨୬ ମେ' ୨୦୧୪ରେ ପ୍ରଥମ ଥର ପ୍ରଧାନମନ୍ତ୍ରୀ ପଦର ଶପଥ ନେଇଥିବା ନରେନ୍ଦ୍ର ମୋଦି ଗତ ୧୨ ବର୍ଷ ଧରି ନିରନ୍ତର ଭାବେ ଦେଶ ସେବାରେ ନିଜକୁ ସମର୍ପିତ କରିଆସିଛନ୍ତି। ଶ୍ରୀ ସାମଲ କହିଛନ୍ତି ଯେ ଏହି ୪୩୯୯ ଦିନର ଯାତ୍ରା। 'ସେବା, ସୁଶାସନ, ସଂକଳ୍ପ ଓ ସମ୍ପୂର୍ଣ୍ଣ ସମର୍ପଣ'ର ଜୀବନ୍ତ ଉଦାହରଣ। ତାଙ୍କ ନେତୃତ୍ୱରେ ଦେଶର କୋଟିକୋଟି ଗରିବ ପରିବାର ଘର, ଶୌଚାଳୟ, ବିଦ୍ୟୁତ୍, ରନ୍ଧନ ଗ୍ୟାସ, ସ୍ୱାସ୍ଥ୍ୟ ବୀମା ଓ ମାଗଣା ରାସନ ଭଳି ମୌଳିକ ସୁବିଧା ପାଇଛନ୍ତି। ସେହିପରି ମହିଳା ସଶକ୍ତିକରଣ, ଯୁବ ଉନ୍ନୟନ, ☞ପୃଷ୍ଠା-୨

### ମୋଦିଙ୍କ ଐତିହାସିକ ରେକର୍ଡ

**ନିରନ୍ତର କାର୍ଯ୍ୟକାଳ:** ୪୩୯୯ ଦିନ
**ନେହେରୁଙ୍କ ରେକର୍ଡ:** ୪୩୯୮ ଦିନ
**ନୂଆ କୀର୍ତ୍ତିମାନ:** ଭାରତର ସବୁଠୁ ଦୀର୍ଘ ସମୟ ସେବା ଦେଇଥିବା ନିର୍ବାଚିତ ପ୍ରଧାନମନ୍ତ୍ରୀ
**ମୂଳ ମନ୍ତ୍ର:** "ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସ"
**କ୍ୟାଚ୍‌ଲାଇନ୍:** "୪୩୯୯ ଦିନର ସେବା, ସୁଶାସନ ଓ ସଂକଳ୍ପ ନୂଆ ଇତିହାସ ରଚିଲେ ନରେନ୍ଦ୍ର ମୋଦି।"

## ଯୁବପିଢ଼ି କୃଷିକୁ ନବସୃଜନ, ଉଦ୍ୟୋଗ ଓ ରାଷ୍ଟ୍ର ଗଠନର କ୍ଷେତ୍ର ଭାବେ ଗ୍ରହଣ କର: ରାଜ୍ୟପାଳ

ଭୁବନେଶ୍ୱର, ୧୦।୬ (ଅକ୍ଷର ଓଡ଼ିଶା): ଯୁବପିଢି କୃଷିକୁ କେବଳ ଏକ ପାରମ୍ପରିକ ବୃତ୍ତି ନ ଭାବି ନବସୃଜନ, ଉଦ୍ୟୋଗ ଓ ରାଷ୍ଟ୍ର ଗଠନର ଏକ ଗତିଶୀଳ କ୍ଷେତ୍ର ଭାବେ ଗ୍ରହଣ କରିବାକୁ ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି।

**ଓଡ଼ିଶା ଫୁଡ୍, ଏଗ୍ରି ଆଣ୍ଡ ବାୟୋଟେକ୍ ସମ୍ମିଟ ୨୦୨୬କୁ ଉଦଘାଟନ କଲେ ରାଜ୍ୟପାଳ**

ମଙ୍ଗଳବାର ଦିନ ଓଡ଼ିଶା ୟୁନିଭର୍ସିଟି ଅଫ୍ ଏଗ୍ରିକଲ୍‌ଚର୍ ଆଣ୍ଡ ଟେକ୍ନୋଲୋଜି (ଓୟୁଏଟି) ପରିସରରେ ଇଣ୍ଡିଆନ ଚେମ୍ବର ଅଫ କମର୍ସ (ଆଇସିସି) ଓ ଓୟୁଏଟି ଆନୁକୂଲ୍ୟରେ ଆୟୋଜିତ ଓଡ଼ିଶା ଫୁଡ୍, ଏଗ୍ରି ଆଣ୍ଡ ବାୟୋଟେକ ସମ୍ମିଟ ୨୦୨୬ କୁ ଉଦଘାଟନ କରି ରାଜ୍ୟପାଳ ଉଦବୋଧନ ଦେଇ କହିଥିଲେ ଯେ, କୃଷିର ଭବିଷ୍ୟତ ଉଦ୍ଭାବକ, ଉଦ୍ୟୋଗୀ ଓ ସମସ୍ୟା ସମାଧାନକାରୀଙ୍କ ହାତରେ ଅଛି।

ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ ଆଜିର କୃଷି ପାରମ୍ପରିକ ଚାଷବାସରେ



ସୀମିତ ନୁହେଁ। ଏଥିରେ ଏଗ୍ରିବିଜନେସ୍, ଖାଦ୍ୟ ପ୍ରକ୍ରିୟାକରଣ, ବାୟୋଟେକ୍‌ନୋଲୋଜି, ଫାର୍ମ ମେକାନାଇଜେସନ୍, ଡିଜିଟାଲ୍ ଏଗ୍ରିକଲ୍‌ଚର୍, ଏଗ୍ରି-ଷ୍ଟାର୍ଟଅପ୍, ସପ୍ଲାଏ ଚେନ୍ ମ୍ୟାନେଜମେଣ୍ଟ ଓ ଭାଲ୍ୟୁ ଏଡେଡ୍ ଉଦ୍ୟୋଗ ଭଳି ଅନେକ ଉତ୍ସାହଜନକ ସୁଯୋଗ ରହିଛି ଓ ଏ ଦିଗରେ ଯୁବକ-ଯୁବତୀମାନଙ୍କୁ ଏହି ନୂତନ କ୍ଷେତ୍ରଗୁଡ଼ିକୁ ବ୍ୟବହାର କରି ରୋଜଗାର ସୃଷ୍ଟି ଓ ସମ୍ପଦ ନିର୍ମାଣ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁଙ୍କ ଉକ୍ତିକୁ ଉଦ୍ଧୃତ କରି ରାଜ୍ୟପାଳ କହିଥିଲେ ଯେ, କୃଷି ହେଉଛି ଆମ ଦେଶର ପ୍ରକୃତ ସଂସ୍କୃତି ଓ ଏହା ଦେଶର ଆର୍ଥିକ ଓ ସାମାଜିକ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି ବୋଲି ରାଜ୍ୟପାଳ କହିଥିଲେ।

ସଠିକ ଫାର୍ମିଂ, ଜଳବାୟୁ ସହିଷ୍ଣୁ କୃଷି, ବାୟୋଟେକ୍ନୋଲୋଜି, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍‌ସ, ଡିଜିଟାଲ୍ ପ୍ଲାଟଫର୍ମ ଓ ଦକ୍ଷ ସପ୍ଲାଏ ଚେନ୍ ଭଳି ବୈଜ୍ଞାନିକ ଉଦ୍ଭାବନଗୁଡ଼ିକୁ କୃଷି ବ୍ୟବସ୍ଥାର ଅବିଚ୍ଛେଦ୍ୟ ଅଙ୍ଗ କରିବା ଉପରେ ରାଜ୍ୟପାଳ ଜୋର ଦେଇଥିଲେ। ଏହା ଦ୍ୱାରା ଉତ୍ପାଦନ, ସ୍ଥାୟୀତ୍ୱ ଓ କୃଷକଙ୍କ ଆୟ ବୃଦ୍ଧି ହେବ ବୋଲି ରାଜ୍ୟପାଳ କହିଥିଲେ।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ, ବିଶେଷକରି ମୁଦ୍ରା ଯୋଜନା ସମ୍ବନ୍ଧରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଷ୍ଟାର୍ଟଅପ୍, ଫାର୍ମର୍ ପ୍ରଡ୍ୟୁସର ଅର୍ଗାନାଇଜେସନ (FPO), ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ, ବାୟୋଟେକ ଉଦ୍ୟୋଗ ଓ ଗ୍ରାମୀଣ ☞ପୃଷ୍ଠା-୨

## ଉଡ଼ାଣ ଭରିବା ସମୟରେ କ୍ରାଶ ହେଲା ହେଲିକପ୍‌ଟର, ୨୦ ଯବାନ ମୃତ !

ଇସଲାମବାଦ,୧୦।୬: ପାକିସ୍ତାନରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଏକ ପାକିସ୍ତାନ ସେନା ଆଭିଏସନ୍ ଗସ-୧୭ ହେଲିକପ୍‌ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଯାହା ଫଳରେ ଏଥିରେ ଥିବା ସମସ୍ତ ଯାତ୍ରୀଙ୍କର ମୃତ୍ୟୁ ହୋଇଛି। ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି, ଯଦିଓ ଏପର୍ଯ୍ୟନ୍ତ ସଠିକ୍ ମୃତ୍ୟୁ ସଂଖ୍ୟା ନିଶ୍ଚିତ ହୋଇନାହିଁ। ହେଲିକପ୍‌ଟରଟି ଉଡ଼ାଣ ଭରିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଛି।

ରିପୋର୍ଟ ଅନୁଯାୟୀ, ପାକିସ୍ତାନ ଆର୍ମି ଏଭିଏସନ୍ ଗସ ୧୭ ହେଲିକପ୍‌ଟରଟି ଯାନ୍ତ୍ରିକ ସମସ୍ୟା ଯୋଗୁଁ ମୁଜାଫରାବାଦ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଥିବା ସମସ୍ତ ଲୋକଙ୍କର ମୃତ୍ୟୁ ହୋଇଥିଲା। ପାକିସ୍ତାନୀ ଗଣମାଧ୍ୟମ ଇଣ୍ଟର ସର୍ଭିସେସ୍ ପବ୍ଲିକ୍ ରିଲେସନ୍‌ସକୁ ଉଦ୍ଧୃତ କରି ଏହା ରିପୋର୍ଟ କରିଛି, ଯାହା ନିଶ୍ଚିତ କରିଛି ଯେ କେହି ବଞ୍ଚି ନାହାଁନ୍ତି। ସେନା ଏକ ବିବୃତ୍ତି ଜାରି କରି ଏହି ଦୁର୍ଘଟଣାକୁ ଯାନ୍ତ୍ରିକ ତ୍ରୁଟି ବୋଲି ଦର୍ଶାଇଛି। ଦୁର୍ଘଟଣା ପରେ ତୁରନ୍ତ ଉଦ୍ଧାର ଏବଂ ପୁନରୁଦ୍ଧାର ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏକ ଖବର ରିପୋର୍ଟରେ କୁହାଯାଇଛି ଯେ ମୋଟ ମୃତ୍ୟୁ ସଂଖ୍ୟା ଏପର୍ଯ୍ୟନ୍ତ ନିର୍ଣ୍ଣୟ କରାଯାଇ ନାହିଁ।

**ଦେବସ୍ନାନ ପୂର୍ଣ୍ଣିମା-୨୦୨୬ ପାଇଁ ପୋଲିସର ମେଗା ପ୍ରସ୍ତୁତି**

## ମୁତୟନ ହେବେ ୭୨ ପ୍ଲାଟୁନ୍ ଫୋର୍ସ

କଟକ, ୧୦।୬ (ଅକ୍ଷର ଓଡ଼ିଶା): ଆସନ୍ତା ଜୁନ୍ ୨୯ ତାରିଖରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ପୁରୀ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଓଡ଼ିଶା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ଓ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଛି। ଏହି ଅବସରରେ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ସମସ୍ତ ସୁରକ୍ଷା ବ୍ୟବସ୍ଥାର ଖୁଟିନାଟି ସମୀକ୍ଷା କରାଯାଇଛି।





- ଡିଜିପିଙ୍କ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ
- ସିସିଟିଭି ନଜରଦାରୀ, ଆଣ୍ଟି-ସ୍ନାଚିଂ ସ୍କ୍ୱାଡ୍
- କ୍ରାକ୍ ଟିମ୍ ଓ ଷ୍ଟ୍ରାଇକିଂ ଫୋର୍ସ ସଜାଗ
- ଲକ୍ଷାଧିକ ଭକ୍ତଙ୍କ ସୁରକ୍ଷିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା

ଡିଜିପି ଶ୍ରୀ ଖୁରାନିଆ ସ୍ନାନଯାତ୍ରା ଓ ଆଗାମୀ ରଥଯାତ୍ରାକୁ ତ୍ରୁଟିମୁକ୍ତ ଏବଂ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ତୃଣମୂଳ ସ୍ତରରୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ସମସ୍ତ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ସ୍ନାନଯାତ୍ରା ପରିଚାଳନା ସମ୍ପର୍କିତ ବିସ୍ତୃତ ଉପସ୍ଥାପନା ପ୍ରଦାନ କରିଥିଲେ। ସୁରକ୍ଷା ପାଇଁ ବିଶାଳ ଫୋର୍ସ ମୁତୟନ ଦେବସ୍ନାନ ପୂର୍ଣ୍ଣିମା ସମୟରେ ଶ୍ରୀମନ୍ଦିର ଭିତରେ ଓ ବାହାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମୋଟ ୭୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯିବ। ଏଥିସହିତ ୦୬ ଜଣ ଏସପି/କମାଣ୍ଡାଣ୍ଟ, ୧୭ ଜଣ ଅତିରିକ୍ତ ଏସପି, ୪୨ ଜଣ ଡିଏସପି, ୯୪ ଜଣ ଇନ୍‌ସପେକ୍ଟର, ୩୫୨ ଜଣ ଏସଆଇ/ଏଏସଆଇ, ୫୩ ଜଣ ହାବିଲଦାର, ୪୨୮ ଜଣ କନଷ୍ଟେବଳ, ସୁରକ୍ଷା ଦାୟିତ୍ୱରେ ନିୟୋଜିତ ରହିବେ। ଦର୍ଶନାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ବାରିକେଡ୍ ବ୍ୟବସ୍ଥା ସ୍ନାନମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତମାନଙ୍କ ସୁବିଧା ଓ ଭିଡ଼ ନିୟନ୍ତ୍ରଣ ନିମନ୍ତେ ସ୍ୱତନ୍ତ୍ର ଏବଂ ସୁଦୃଢ଼ ବାରିକେଡ୍ ବ୍ୟବସ୍ଥା କରାଯାଇଛି।



**ଅକ୍ଷର** AKHYARA ODISHA ଓଡ଼ିଶା

**ବ୍ୟଙ୍ଗ ବିଚାର**

**ଡ.ଗିରୀଶ ରଂଜନ**

ମନ୍ତ୍ରୀ କୃଷ୍ଣ ପାତ୍ର ଏସି ରୁମ୍ ଛାଡ଼ି
ଝାଳରେ ସମ୍ପୂର୍ଣ୍ଣ ଭିଜି
ଶହେ କୋଟିର ଉପହାର ଦେଲେ
ଢେଙ୍କାନାଳକୁ ଆଜି
ଲୋକେ ଜିତି ଗଲେ ବାଜି
ବିକାଶର ରଥ ଭିଡ଼ିଲେ ମନ୍ତ୍ରୀ
ନିଜେତ ସାରଥୀ ସାଜି

# ଢେଙ୍କାନାଳକୁ ୧୦୦ କୋଟିର ବିକାଶ ଉପହାର

**ଗଣେଶ ବଜାରରେ ନୂତନ ଗୋପବନ୍ଧୁ ଟାଉନ୍ ହଲ୍ ପାଇଁ ଭିତ୍ତିପ୍ରସ୍ତର**

ଢେଙ୍କାନାଳ,୧୦।୬(ପ୍ରତିନିଧି): ଢେଙ୍କାନାଳ ସହରର ସାଂସ୍କୃତିକ ଓ ପ୍ରଶାସନିକ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ଦିଗରେ ବୁଧବାର ଏକ ଐତିହାସିକ ପଦକ୍ଷେପ ନିଆଯାଇଛି। ସହରର ହୃଦୟସ୍ଥଳ ଗଣେଶ ବଜାରରେ ଆଧୁନିକ ସୁବିଧା ସମ୍ପନ୍ନ ନୂତନ ଗୋପବନ୍ଧୁ ଟାଉନ୍ ହଲ୍ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରକଳ୍ପର ଶୁଭାରମ୍ଭ କରିଥିଲେ।

୧୬୧୭ ବର୍ଗମିଟର ପରିସର ବିଶିଷ୍ଟ ଜମିରେ ୧୩ କୋଟି ୮୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ତିନି ମହଲା ବିଶିଷ୍ଟ ଟାଉନ୍ ହଲ୍ ଢେଙ୍କାନାଳର ଏକ ନୂତନ ପରିଚୟ ସୃଷ୍ଟି କରିବ। ଭବନରେ ପ୍ରାୟ ୧୨୦୦ ଜଣ ଦର୍ଶକଙ୍କ ପାଇଁ ଆସନ ବ୍ୟବସ୍ଥା, ଆଧୁନିକ ମଞ୍ଚ, ଉନ୍ନତ ଧ୍ୱନି ବ୍ୟବସ୍ଥା ଓ ସୁସଂଗଠିତ ଗାଡ଼ି ପାର୍କିଂ ସୁବିଧା ରହିବ। ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେବା ପରେ ସହରରେ ବଡ଼ ଧରଣର ସାଂସ୍କୃତିକ ଉତ୍ସବ, ସରକାରୀ କାର୍ଯ୍ୟକ୍ରମ, ସମ୍ମିଳନୀ ଓ ସାମାଜିକ ସମାରୋହ ଆୟୋଜନ ପାଇଁ ଆଉ ସ୍ଥାନ ଅଭାବ ରହିବ ନାହିଁ।



- ୧୩.୮୮ କୋଟିରେ ୩ ମହଲା ବିଶିଷ୍ଟ ଭବନ
- ୧୨୦୦ ଦର୍ଶକଙ୍କ ବସିବା ସୁବିଧା
- ପାର୍କିଂ ବ୍ୟବସ୍ଥା ସାଙ୍ଗକୁ ୧୬ କୋଟିର ସର୍କିଟ ହାଉସ୍ ଓ
- ୭୬ କୋଟିର ନୂତନ କୋର୍ଟ ଭବନ ଘୋଷଣା

### ଢେଙ୍କାନାଳ ପାଇଁ ଆଉ ଦୁଇ ମେଗା ପ୍ରକଳ୍ପ

ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମନ୍ତ୍ରୀ ଶ୍ରୀ ପାତ୍ର ଢେଙ୍କାନାଳ ପାଇଁ ଆଉ ଦୁଇଟି ବୃହତ୍ ପ୍ରକଳ୍ପ ଘୋଷଣା କରି ସହରବାସୀଙ୍କୁ ଖୁସି ଖବର ଦେଇଥିଲେ। ସେ କହିଥିଲେ ଯେ, ୧୬ କୋଟି ଟଙ୍କା ବ୍ୟୟରେ ଏକ ଆଧୁନିକ ସର୍କିଟ ହାଉସ୍ ଏବଂ ୭୬ କୋଟି ଟଙ୍କା ବ୍ୟୟରେ ନୂତନ କୋର୍ଟ ଭବନ ନିର୍ମାଣ କରାଯିବ। ଏହି ତିନୋଟି ପ୍ରକଳ୍ପ ମିଶି ଢେଙ୍କାନାଳରେ ପ୍ରାୟ ୧୦୬ କୋଟି ଟଙ୍କାର ଭିତ୍ତିଭୂମି ବିକାଶ ହେବାକୁ ଯାଉଛି।

### ସହର ବିକାଶରେ ଯୋଡ଼ିବ ନୂଆ ଅଧ୍ୟାୟ

ସମ୍ମାନିତ ଅତିଥି ଭାବେ ଯୋଗଦେଇ ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର କହିଥିଲେ ଯେ, ନୂତନ ଗୋପବନ୍ଧୁ ଟାଉନ୍ ହଲ୍ ସହରବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ଥିଲା ଏବଂ ଏହାର ନିର୍ମାଣ ଢେଙ୍କାନାଳର ସାଂସ୍କୃତିକ ପରିଚୟକୁ ନୂତନ ଉଚ୍ଚତା ପ୍ରଦାନ କରିବ। ଉତ୍ସବରେ ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ସମସ୍ତ ପାରିଷଦ, ପୌରପାଳିକାର ବରିଷ୍ଠ ଅଧିକାରୀ ଓ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

### ସହରବାସୀଙ୍କ ମଧ୍ୟରେ ଉତ୍ସାହ

ନୂତନ ଟାଉନ୍ ହଲ୍ ନିର୍ମାଣ ଖବର ପ୍ରଚାରିତ ହେବା ପରେ ଢେଙ୍କାନାଳ ସହରରେ ☞ପୃଷ୍ଠା-୨



ଗୁରୁବାର ୧୧।୬।୨୦୨୬

ଅକ୍ଷର

AKHYARA ODISHA ଓଡ଼ିଶା

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବଦଳୁଥିବା ଭାରତର...

ଜୁନ୍ ୯, ୨୦୨୬ରେ, ମୋଦୀ ପ୍ରଧାନମନ୍ତ୍ରୀ ଭାବରେ ଲଗାତାର ୪,୩୯୮ ଦିନ ପୂରଣ କରିଛନ୍ତି। ପୂର୍ବରୁ, ଏହି ରେକର୍ଡ ଜବାହରଲାଲ ନେହେରୁଙ୍କ ନାମରେ ଥିଲା, ଯିଏ ୧୩ ମଇ ୧୯୫୨ ରୁ ୨୭ ମଇ ୧୯୬୪ ପର୍ଯ୍ୟନ୍ତ ଲଗାତାର ୪,୩୯୭ ଦିନ ପାଇଁ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ଏହାର ଅର୍ଥ ହେଉଛି ମୋଦୀ ନେହେରୁଙ୍କ ରେକର୍ଡକୁ ଗୋଟିଏ ଦିନ ପଛରେ ପକାଇ ନୂତନ ଇତିହାସ ସୃଷ୍ଟି କରିଛନ୍ତି। ସାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ୧୫ ଅଗଷ୍ଟ ୧୯୪୭ରେ ପ୍ରଧାନମନ୍ତ୍ରୀ ହୋଇଥିଲେ। କିନ୍ତୁ, ସେତେବେଳେ ଭାରତରେ ସାଧାରଣ ନିର୍ବାଚନ ହୋଇନଥିଲା ଏବଂ ସେ ଏକ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ଭାବରେ କାର୍ଯ୍ୟ କରୁଥିଲେ।

ଦେଶର ପ୍ରଥମ ସାଧାରଣ ନିର୍ବାଚନ ୧୯୫୧-୫୨ ରେ ଅନୁଷ୍ଠିତ ହୋଇଥିଲା, ଯାହା ପରେ ନେହେରୁ ୧୩ ମଇ ୧୯୫୨ ରେ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବରେ ଶପଥ ନେଇଥିଲେ। ସେ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ରହିଥିଲେ। ଏହି କାରଣରୁ, ରାଜନୈତିକ ଏବଂ ସାମ୍ବିଧାନିକ ଦୃଷ୍ଟିକୋଣରୁ, ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବରେ ତାଙ୍କର କାର୍ଯ୍ୟକାଳ ୪,୩୯୭ ଦିନ ହେଉଥିବା ବେଳେ ଯଦି ପ୍ରଧାନମନ୍ତ୍ରୀ ଭାବରେ ତାଙ୍କର ସମ୍ପୂର୍ଣ୍ଣ କାର୍ଯ୍ୟକାଳକୁ ଯୋଡାଯାଏ, ତେବେ ଏହା ପ୍ରାୟ ୬,୧୩୦ ଦିନ ବୋଲି ରାଜନୈତିକ ବିଶ୍ଳେଷକମାନେ ବିଶ୍ୱାସ କରନ୍ତି । ଗଣତାନ୍ତ୍ରିକ ବ୍ୟବସ୍ଥାରେ ଦୀର୍ଘ ସମୟ ପାଇଁ କ୍ଷମତାରେ ରହିବା ସହଜ ନୁହେଁ। ପ୍ରତ୍ୟେକ ନିର୍ବାଚନ ପାଇଁ ଲୋକଙ୍କଠାରୁ ନୂତନ ଜନାଦେଶ ଆବଶ୍ୟକ। ଭାରତ ଭଳି ଏକ ବିଶାଳ ଏବଂ ବିବିଧ ଦେଶରେ, ଲଗାତାର ତିନୋଟି ସାଧାରଣ ନିର୍ବାଚନ ଜିତିବା ଏବଂ କ୍ଷମତାରେ ରହିବା ଯେକୌଣସି ନେତାଙ୍କ ପାଇଁ ଏକ ପ୍ରମୁଖ ସଫଳତା। ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ, ଭାରତୀୟ ଜନତା ପାର୍ଟି (ବିଜେପି) ୨୦୧୪, ୨୦୧୯ ଏବଂ ୨୦୨୪ ଲୋକସଭା ନିର୍ବାଚନରେ ବିଜୟୀ ହୋଇଥିଲା। ଏହି ନିର୍ବାଚନୀ ବିଜୟ ତାଙ୍କୁ ଜାତୀୟ ରାଜନୀତିର ସବୁଠାରୁ ପ୍ରଭାବଶାଳୀ ନେତାମାନଙ୍କ ମଧ୍ୟରୁ ଜଣେ କରିଛି। ରାଜନୈତିକ ବିଶ୍ଳେଷକମାନେ ବିଶ୍ୱାସ କରନ୍ତି ଯେ ଏହି ରେକର୍ଡ ମୋଦୀଙ୍କ ବ୍ୟକ୍ତିଗତ ଲୋକପ୍ରିୟତା, ସାଂଗଠନିକ କ୍ଷମତା ଏବଂ ତାଙ୍କ ନିର୍ବାଚନୀ ରଣନୀତିର ସଫଳତାକୁ ପ୍ରତିଫଳିତ କରେ। ନରେନ୍ଦ୍ର ମୋଦୀ ପୂର୍ବରୁ ଅନେକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ରେକର୍ଡ ରଖିଛନ୍ତି। ସେ ଦେଶର ସବୁଠାରୁ ଦୀର୍ଘ ସମୟ ଧରି ଶାସନ କରୁଥିବା ଅଣ-କଂଗ୍ରେସ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୨,୨୭୨ ଦିନର କାର୍ଯ୍ୟକାଳକୁ ଅତିକ୍ରମ କରିଯାଇଛନ୍ତି। ତାଙ୍କ ନେତୃତ୍ୱରେ କେନ୍ଦ୍ରରେ କ୍ରମାଗତ ତୃତୀୟ ଥର ପାଇଁ କେନ୍ଦ୍ରରେ ଶାସନ କରିବା ଭାରତୀୟ ରାଜନୀତିରେ ମେଣ୍ଟ ଯୁଗ ଏବଂ ବହୁମତ ରାଜନୀତି ସମ୍ପର୍କରେ ନୂତନ ବିତର୍କ ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ନରେନ୍ଦ୍ର ମୋଦୀଙ୍କ ପ୍ରଶାସନିକ ଯାତ୍ରା ଆରମ୍ଭ ହୋଇଥିଲା। ସେ ଅକ୍ଟୋବର ୭, ୨୦୦୧ରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ସେ ପ୍ରାୟ ୧୩ ବର୍ଷ ଧରି ଗୁଜରାଟର ନେତୃତ୍ୱ ନେଇଥିଲେ। ମେ ୨୦୧୪ରେ ପ୍ରଧାନମନ୍ତ୍ରୀ ହେବା ପରେ ସେ ଦାୟିତ୍ୱ ଗ୍ରହଣ କରିଥିଲେ। ଯଦି ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀ ଭାବରେ ତାଙ୍କର ସମ୍ପୂର୍ଣ୍ଣ କାର୍ଯ୍ୟକାଳକୁ ମିଶାଇ ଦିଆଯାଏ, ତେବେ ସେ ୯,୦୦୦ ଦିନରୁ ଅଧିକ ସମୟ ପାଇଁ ନିର୍ବାଚିତ ସରକାରର ନେତୃତ୍ୱ ନେଇଛନ୍ତି।

ଯୋଜନାରୁ ଆରମ୍ଭ କରି ବିଶ୍ୱ ମଞ୍ଚ ପର୍ଯ୍ୟନ୍ତ ୨୦୧୪ରେ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିବା ନରେନ୍ଦ୍ର ମୋଦୀ ଆଜି ଲଗାତାର ୧୨ ବର୍ଷ ପୂରଣ କରି ଭାରତର ରାଜନୈତିକ ଇତିହାସରେ ଏକ ସ୍ୱତନ୍ତ୍ର ଅଧ୍ୟାୟ ରଚନା କରିଛନ୍ତି। ଏହି ସମୟ ମଧ୍ୟରେ ଦେଶ ଦେଖିଛି କଲ୍ୟାଣମୂଳକ ଯୋଜନା, ଆର୍ଥିକ ସଂସ୍କାର, ସାମାଜିକ ପରିବର୍ତ୍ତନ, ଜାତୀୟ ସୁରକ୍ଷା ଓ ବିଶ୍ୱ କୂଟନୀତିର ନୂଆ ଦିଗ।

#### ଡିଜିଟାଲ ଭାରତ: ମୋଦୀ ସରକାରଙ୍କ ପରିବର୍ତ୍ତନର ନିରବ ବିପ୍ଳବ

'ଟଙ୍କା ପଠାଇବା ପାଇଁ ବ୍ୟାଙ୍କରେ ଲମ୍ବା ଧାଡ଼ି, ସରକାରୀ ସହାୟତା ପାଇବାକୁ ମାସ ମାସ ଅପେକ୍ଷା, କୌଣସି ପ୍ରମାଣପତ୍ର ପାଇଁ ଅଫିସରୁ ଅଫିସ ଦୌଡ଼ଏସବୁ ଦୃଶ୍ୟ ଆଜି ଧୀରେ ଧୀରେ ଅତୀତର କାହାଣୀ ପାଲଟୁଛି। ଏକ ମୋବାଇଲ୍ ଫୋନ୍, ଇଣ୍ଟରନେଟ୍ ଏବଂ ଗୋଟିଏ କ୍ଲିକ୍ ମାଧ୍ୟମରେ ଏବେ ଲକ୍ଷ ଲକ୍ଷ ଭାରତୀୟଙ୍କ ଦୈନନ୍ଦିନ ଜୀବନ ସହଜ ହୋଇପାରୁଛି। ଏହି ପରିବର୍ତ୍ତନର ନାମ ହେଉଛି'ଡିଜିଟାଲ ଭାରତ'। ୨୦୧୫ ଜୁଲାଇ ୧ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ଡିଜିଟାଲ ଇଣ୍ଡିଆ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହାର ଲକ୍ଷ୍ୟ ଥିଲା ପ୍ରଯୁକ୍ତିକୁ ସାଧାରଣ ଲୋକଙ୍କ ଦ୍ୱାରରେ ପହଞ୍ଚାଇବା ଏବଂ ଶାସନ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ଦ୍ରୁତ ଓ ଜନମୁଖୀ କରିବା।

ଗତ ଦଶନ୍ଧିରେ ଭାରତ ଡିଜିଟାଲ କ୍ଷେତ୍ରରେ ଯେଉଁ ଅଗ୍ରଗତି ହାସଲ କରିଛି, ତାହା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ (ଟଟଓ) ମାଧ୍ୟମରେ ଦେଶର ଚା ଦୋକାନଠାରୁ ଆରମ୍ଭ କରି ବଡ଼ ବ୍ୟବସାୟିକ ସଂସ୍ଥା ପର୍ଯ୍ୟନ୍ତ ଡିଜିଟାଲ ଦେୟ ପ୍ରଦାନ ସାଧାରଣ ଘଟଣା ହୋଇପଡ଼ିଛି। ଆଜି ଗ୍ରାମାଞ୍ଚଳର କୃଷକ ମଧ୍ୟ କ୍ୟୁଆର୍ କୋଡ୍ ସ୍କାନ୍ କରି ଟଙ୍କା ଗ୍ରହଣ କରୁଛନ୍ତି। ଡିଜିଟାଲ ଭାରତର ଆଉ ଏକ ବଡ଼ ସଫଳତା ହେଉଛି ଜନଧନ-ଆଧାର-ମୋବାଇଲ୍ ତ୍ରିଶକ୍ତି। ଏହା ମାଧ୍ୟମରେ ସରକାରୀ ଅନୁଦାନ ସିଧାସଳଖ ଲାଭାର୍ଥୀଙ୍କ ବ୍ୟାଙ୍କ ଖାତାକୁ ପହଞ୍ଚୁଛି। ଫଳରେ ମଧ୍ୟସ୍ଥଙ୍କ ଭୂମିକା କମିବା ସହ ଦୁର୍ନୀତି ଉପରେ ମଧ୍ୟ ଅଙ୍କୁଶ ଲାଗିଛି। ଶିକ୍ଷା କ୍ଷେତ୍ରରେ ଡିଜିଲକର, ସ୍ୱୟଂ, ଦୀକ୍ଷା ଭଳି ପ୍ଲାଟଫର୍ମ ଛାତ୍ରଛାତ୍ରୀଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ୍ ରୋଗୀଙ୍କ ସ୍ୱାସ୍ଥ୍ୟ ତଥ୍ୟକୁ ଡିଜିଟାଲ ରୂପ ଦେବା ଦିଗରେ ପଦକ୍ଷେପ ନେଇଛି। କୋଭିଡ୍ ମହାମାରୀ ସମୟରେ ଭାରତର ଡିଜିଟାଲ କ୍ଷମତାର ପ୍ରକୃତ ପରୀକ୍ଷା ହୋଇଥିଲା। CoWIN ପୋର୍ଟାଲ୍ ମାଧ୍ୟମରେ କୋଟି କୋଟି ଲୋକଙ୍କ ଟିକାକରଣ ପରିଚାଳନା କରାଯାଇଥିଲା, ଯାହା ବିଶ୍ୱସ୍ତରରେ ପ୍ରଶଂସିତ ହୋଇଥିଲା।ଏହାସହିତ ଭାରତନେଟ୍ ମାଧ୍ୟମରେ ଗ୍ରାମ ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ବ୍ରଡବ୍ୟାଣ୍ଡ ସଂଯୋଗ ପହଞ୍ଚାଇବାର ପ୍ରୟାସ ଗ୍ରାମୀଣ ଭାରତକୁ ଡିଜିଟାଲ ମୁଖ୍ୟସ୍ରୋତ ସହ ଯୋଡ଼ିଛି।ତେବେ ଚ୍ୟାଲେଞ୍ଜ ମଧ୍ୟ ରହିଛି। ଡିଜିଟାଲ ସାକ୍ଷରତାର ଅଭାବ, ସାଇବର ଠକେଇ ଓ ଗ୍ରାମାଞ୍ଚଳରେ ଇଣ୍ଟରନେଟ୍ ସେବାର ଗୁଣବତ୍ତା ଭଳି ସମସ୍ୟା ଏପର୍ଯ୍ୟନ୍ତ ଚିନ୍ତାର ବିଷୟ ହୋଇ ରହିଛି। ତଥାପି, ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ ଯେ, ମୋଦୀ ସରକାରଙ୍କ ଅମଳରେ ଡିଜିଟାଲ ଭାରତ କେବଳ ଏକ ସରକାରୀ ଯୋଜନା ହୋଇ ରହିନାହିଁ ଏହା ଭାରତୀୟଙ୍କ ଜୀବନଶୈଳୀର ଏକ ଅଂଶ ପାଲଟିଯାଇଛି। ପ୍ରଯୁକ୍ତିର ଶକ୍ତିକୁ ଜନସାଧାରଣଙ୍କ ସଶକ୍ତିକରଣର ମାଧ୍ୟମ କରି, ଭାରତ ଆଜି ବିଶ୍ୱକୁ ଏକ ନୂଆ ଡିଜିଟାଲ ମଡେଲ୍ ଦେଖାଉଛି। ଏହି ନିରବ ବିପ୍ଳବ ହିଁ ସମ୍ଭବତଃ ମୋଦୀ ସରକାରର ସବୁଠାରୁ ବଡ଼ ଓ ଦୀର୍ଘସ୍ଥାୟୀ ଉତ୍ତରାଧିକାର ହୋଇ ରହିବ।

#### ଭାରତକୁ ବିଶ୍ୱ ମଞ୍ଚରେ...

କୃଷକ କଲ୍ୟାଣ, ଡିଜିଟାଲ ବିପ୍ଳବ, ଭିତ୍ତିଭୂମି ବିକାଶ, ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରତା ଓ ମହାକାଶ ବିଜ୍ଞାନରେ ଭାରତ ନୂତନ ଉଚ୍ଚତା ଛୁଇଁଛି।

ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ଯେ, ମୋଦିଙ୍କ ନେତୃତ୍ୱରେ ଭାରତ କେବଳ ଆର୍ଥିକ ଓ ପ୍ରଯୁକ୍ତିଗତ ଦୃଷ୍ଟିରୁ ନୁହେଁ, ସାଂସ୍କୃତିକ ଭାବରେ ମଧ୍ୟ ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ''ବିକାଶ ଓ ବିରାସତ, ଆଧୁନିକତା ଓ ସଂସ୍କୃତି ମଧ୍ୟରେ ଅଦ୍ଭୁତ ସନ୍ତୁଳନ ବଜାୟ ରଖି ମୋଦିଜୀ ଭାରତକୁ ବିଶ୍ୱ ମଞ୍ଚରେ ଏକ ନୂଆ ପରିଚୟ ଦେଇଛନ୍ତି,'' ବୋଲି ସେ କହିଛନ୍ତି। 'ବିକଶିତ ଭାରତ-୨୦୪୭' ପାଇଁ ଦୃଢ ସଂକଳ୍ପ: 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସ'ର ମନ୍ତ୍ରକୁ ଆଧାର କରି ପ୍ରଧାନମନ୍ତ୍ରୀ ଦେଶକୁ ବିକଶିତ ଭାରତ-୨୦୪୭ ଦିଗରେ ଆଗେଇ ନେଉଛନ୍ତି। ତାଙ୍କର ଅକ୍ଳାନ୍ତ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ଭାରତକୁ ନିରନ୍ତର ଭାବେ ଅଗ୍ରଗତି, ସମୃଦ୍ଧି ଓ ଅନ୍ତର୍ଜାତୀୟ ଗୌରବର ନୂତନ ଶିଖରରେ ପହଞ୍ଚାଉ ବୋଲି ଶ୍ରୀ ସାମଲ ଆଶା ପ୍ରକାଶ କରିଛନ୍ତି। ଲିଙ୍ଗରାଜ ମନ୍ଦିରରେ ସମୂହ ଦୀପଦାନଏହି ଐତିହାସିକ ଅବସରରେ ଓଡ଼ିଶା ପ୍ରଦେଶ ବିଜେପି ଓ ଭୁବନେଶ୍ୱର ଜିଲ୍ଲା ବିଜେପି ପକ୍ଷରୁ ପ୍ରଭୁ ଖସଭଶବକ୍ୱବହ ଞରଙ୍କକ୍ଷର ନିକଟରେ ପୂଜାର୍ଚ୍ଚନା, ସମୂହ ଦୀପଦାନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରି ବିଶେଷ ପ୍ରାର୍ଥନା କରାଯାଇଥିଲା। 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନ୍ତର୍ଗତ ବୃକ୍ଷରୋପଣ ସହ ଜନସାଧାରଣଙ୍କୁ ପଣା ବଣ୍ଟନ ମଧ୍ୟ କରାଯାଇଥିଲା।

#### ଢେଙ୍କାନାଳକୁ...

ଖୁସିର ଲହରୀ ଖେଳିଯାଇଛି। ସାଂସ୍କୃତିକ କର୍ମୀ, ସାମାଜିକ ସଂଗଠନ ଓ ବୁଦ୍ଧିଜୀବୀମାନେ ଏହାକୁ ସହରର ସାଂସ୍କୃତିକ ବିକାଶ ପାଇଁ ଏକ ମାଇଲଖୁଣ୍ଟ ବୋଲି ଅଭିହିତ କରିଛନ୍ତି।

**ଫ୍ୟାକ୍ଟ ଫାଇଲ୍**

ପ୍ରକଳ୍ପ : ନୂତନ ଗୋପବନ୍ଧୁ ଟାଉନ୍ ହଲ୍
ସ୍ଥାନ : ଗଣେଶ ବଜାର, ଢେଙ୍କାନାଳ
ବ୍ୟୟ : ୧୩.୮୮ କୋଟି
ଜମି ପରିମାଣ : ୧୬୧୭ ବର୍ଗମିଟର
ମହଲା : ୩
ଆସନ କ୍ଷମତା : ୧୨୦୦ ଦର୍ଶକ
ସୁବିଧା : ପାର୍କିଂ, ଆଧୁନିକ ମଞ୍ଚ ଓ ସଭାଗୃହ
ଅତିରିକ୍ତ ଘୋଷଣା : ୧୬ କୋଟିର ସର୍କିଟ ହାଉସ୍, ୭୬ କୋଟିର ନୂତନ କୋର୍ଟ ଭବନ
ମୋଟ ପ୍ରସ୍ତାବିତ ବିନିଯୋଗ : ୧୦୫.୮୮ କୋଟି (ପ୍ରାୟ ୧୦୬ କୋଟି)।

#### ଯୁବପିଢ଼ି କୃଷିକୁ ନବସୃଜନ...

ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହନ ଦେଉଥିବା କାର୍ଯ୍ୟକ୍ରମଗୁଡ଼ିକ କୃଷି ଉଦ୍ୟମିତା ଓ ଗ୍ରାମୀଣ ସମୃଦ୍ଧି ପାଇଁ ସହାୟକ ପରିବେଶ ସୃଷ୍ଟି କରୁଛି।

ଆୟୋଜକମାନଙ୍କୁ ପ୍ରଶଂସା କରି ଏହି ସମ୍ମିଟ ର ଥିମ ''ଫୁଡ୍, ଏଗ୍ରି-ଟେକ୍ ଓ ବାୟୋଟେକ୍ ଉଦ୍ଭାବନରେ ଜାତୀୟ ହବ ଭାବେ ଓଡ଼ିଶାର ଉତ୍ଥାନକୁ ତ୍ୱରାନ୍ୱିତ କରିବ'' ବୋଲି ରାଜ୍ୟପାଳ ବର୍ଣ୍ଣନା କରିଥିଲେ ।ଓୟୁଏଟି ଦ୍ୱାରା ପ୍ରକାଶିତ 'ହ୍ୟାଣ୍ଡବୁକ୍ ଅଫ୍ ଏଗ୍ରିବିଜନେସ୍ ଇନ୍ ଓଡ଼ିଶା'ର ପ୍ରକାଶନକୁ ପ୍ରଶଂସା କରି ଏହାକୁ କୃଷକ, ଷ୍ଟାର୍ଟଅପ, ଏଗ୍ରିପ୍ରେନର୍ ଓ ଛାତ୍ରଛାତ୍ରୀଙ୍କ ପାଇଁ ଏକ ମୂଲ୍ୟବାନ ସମ୍ବଳ ହେବ ବୋଲି ରାଜ୍ୟପାଳ ଅବତାରଣା କରିଥିଲେ।

ସରକାରୀ ବିଭାଗଗୁଡ଼ିକ ସବସିଡି ଆଧାରିତ କଲ୍ୟାଣମୂଳକ ଯୋଜନା କାର୍ଯ୍ୟକାରୀ କରିବା ସମୟରେ ବ୍ୟାଙ୍କଗୁଡ଼ିକ ସହିତ ଅଧିକ ସମନ୍ୱୟ ରଖି ପ୍ରକୃତ ହିତାଧିକାରୀଙ୍କୁ ବିନା ବାଧାରେ ସହାୟତା ପ୍ରଦାନ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। କୋଭିଡ୍-୧୯ ମହାମାରୀ ସମୟରେ ଭାରତ କିପରି ସଙ୍କଟକୁ ସୁଯୋଗରେ ପରିଣତ କରି ଡିଜିଟାଲ୍ ପଦ୍ଧତିକୁ ଗ୍ରହଣ ଓ ନବସୃଜନକୁ ତ୍ୱରାନ୍ୱିତ କରିଥିଲା ସେ ବିଷୟରେ ଉଲ୍ଲେଖ କରିଥିଲେ। ପଶ୍ଚିମ ଏସିଆରେ ଚାଲିଥିବା ଭୂ-ରାଜନୈତିକ ସଙ୍କଟକୁ ଉଲ୍ଲେଖ କରି ଶକ୍ତି ସୁରକ୍ଷା ଓ ସ୍ଥାୟୀ ବିକାଶର ଆବଶ୍ୟକତା ଉପରେ ରାଜ୍ୟପାଳ ଆଲୋକପାତ କରିଥିଲେ।

ଦୈନନ୍ଦିନ ଜୀବନରେ ବୈଦ୍ୟୁତିକ ଯାନ ଓ ରୁଫ ଟପ ସୋଲାର୍ ସିଷ୍ଟମ୍ ପ୍ରଣାଳୀ ବ୍ୟବହାର କରିବାକୁ ପ୍ରୋତ୍ସାହିତ କରି ରାଜ୍ୟପାଳ କହିଥିଲେ ଯେ, ଏହା ପାରମ୍ପରିକ ଶକ୍ତି ଉତ୍ସ ଉପରେ ନିର୍ଭରଶୀଳତାକୁ ହ୍ରାସ କରିବ ଏବଂ ପରିବେଶ ସୁରକ୍ଷାରେ ସହାୟକ ହେବ। କେନ୍ଦ୍ର ସରକାରଙ୍କ ଇଥାନଲ୍ ବ୍ଲେଣ୍ଡି କାର୍ଯ୍ୟକ୍ରମ ପ୍ରସଙ୍ଗରେ ଉଲ୍ଲେଖ କରି କୃଷି କିପରି ଭାରତର ଶକ୍ତି ରୂପାନ୍ତରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ଏବଂ କୃଷକଙ୍କ ପାଇଁ ଅତିରିକ୍ତ ଆୟର ସୁଯୋଗ ସୃଷ୍ଟି କରୁଛି ସେ ବିଷୟରେ ରାଜ୍ୟପାଳ ଉଲ୍ଲେଖ କରିଥିଲେ। ଓଡ଼ିଶାରେ ପ୍ରଚୁର ସମ୍ଭାବନା ଥିବାରୁ ଏହା ଖାଦ୍ୟ, ଏଗ୍ରି-ଟେକ୍ ଓ ବାୟୋଟେକ୍ନୋଲୋଜିର ଏକ ପ୍ରମୁଖ ହବ୍ ଭାବେ ଆତ୍ମପ୍ରକାଶ କରିପାରିବ ବୋଲି ରାଜ୍ୟପାଳ କହିବା ସହିତ ଅନୁଷ୍ଠାନ, ଶିଳ୍ପ, ବିନିଯୋଗକାରୀ ଓ ଉଦ୍ଭାବକଙ୍କ ମଧ୍ୟରେ ଆହୁରି ଦୃଢ଼ ସହଯୋଗ ଜରୁରୀ ବୋଲି ରାଜ୍ୟପାଳ ଗୁରୁତ୍ୱ ଆରୋପ କରିଥିଲେ। ଏହି ଅବସରରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ, କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀ ସଚିନ ରାମଚନ୍ଦ୍ର ଯାଦବ, ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ଆଇସିସି ଓଡ଼ିଶା ଷ୍ଟେଟ୍ କାଉନସିଲ ର ଏଗ୍ରି ଓ ଫୁଡ୍ ପ୍ରସେସିଂ କମିଟି କନଭେନର ଶ୍ରୀ ଶ୍ରୀରାମ ପଣ୍ଡା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଇସିସି ଓଡ଼ିଶା ଷ୍ଟେଟ୍ କାଉନସିଲ ର ଅଧ୍ୟକ୍ଷ ଶ୍ରୀ ରାଜୀବ ଶେଖର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ଜାପାନରୁ ଓଡ଼ିଶାକୁ ସାହିତ୍ୟର ସେତୁ

### ଉତ୍କଳ ବିଶ୍ୱବିଦ୍ୟାଳୟରେ ଉନ୍ମୋଚିତ ହେଲା ଜାପାନୀ କ୍ଷୁଦ୍ରଗଳ୍ପର ଓଡ଼ିଆ ଅନୁବାଦ ସଂକଳନ 'ବୁଢ଼ିଆଣୀର ସୂତା ଓ ଅନ୍ୟାନ୍ୟ ଜାପାନୀ କାହାଣୀ' ପୁସ୍ତକ






ଭୁବନେଶ୍ୱର, ୧୧।୬(ଅକ୍ଷର ଓଡ଼ିଶା): ଓଡ଼ିଆ ସାହିତ୍ୟକୁ ବିଶ୍ୱସାହିତ୍ୟ ସହ ଯୋଡ଼ିବା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୂପ ବୁଧବାର ଉତ୍କଳ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ହଲ୍‌ରେ ଜାପାନୀ କ୍ଷୁଦ୍ରଗଳ୍ପର ଓଡ଼ିଆ ଅନୁବାଦ ସଂକଳନ 'ବୁଢ଼ିଆଣୀର ସୂତା ଓ ଅନ୍ୟାନ୍ୟ ଜାପାନୀ କାହାଣୀ' ପୁସ୍ତକର ଉନ୍ମୋଚନ ହୋଇଛି। ଜାପାନୀ ଭାଷାରୁ ସିଧାସଳଖ ଓଡ଼ିଆକୁ ଅନୁଦିତ ଏହି ପୁସ୍ତକ ଓଡ଼ିଆ ପାଠକଙ୍କ ପାଇଁ ଏକ ନୂଆ ସାହିତ୍ୟିକ ଦିଗନ୍ତ ଖୋଲିଦେବ ବୋଲି ବକ୍ତାମାନେ ମତ ପ୍ରକାଶ କରିଛନ୍ତି।

ପୁସ୍ତକଟିରେ ଜାପାନର ପ୍ରସିଦ୍ଧ ସାହିତ୍ୟିକ ଆକୁତାଗାୱା ର୍ୟୁନୋସୁକେଙ୍କ ଚୟନିତ କ୍ଷୁଦ୍ରଗଳ୍ପ ସ୍ଥାନ ପାଇଛି। ଆଧୁନିକ ଜାପାନୀ କ୍ଷୁଦ୍ରଗଳ୍ପର ଜନକ ଭାବେ ପରିଚିତ ଆକୁତାଗାୱା ତାଙ୍କ ରଚନାରେ ମାନବ ମନର ଜଟିଳତା, ସାମାଜିକ ବାସ୍ତବତା ଓ ଗଭୀର ମାନବିକ ମୂଲ୍ୟବୋଧକୁ ଉପସ୍ଥାପନ କରି ବିଶ୍ୱସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ତାଙ୍କ ନାମରେ ପ୍ରତିଷ୍ଠିତ 'ଆକୁତାଗାୱା ପୁରସ୍କାର' ଜାପାନର ସର୍ବୋଚ୍ଚ ସାହିତ୍ୟିକ ସମ୍ମାନମାନଙ୍କ ମଧ୍ୟରୁ ଅନ୍ୟତମ। ତାଙ୍କର ଅନେକ କାହାଣୀ ଆଧାରରେ ବିଶ୍ୱପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ମିତ ହୋଇଛି।

ଏହି ଅନୁବାଦ କାର୍ଯ୍ୟ ସମ୍ପାଦନ କରିଛନ୍ତି ଜାପାନ ଅଧ୍ୟୟନର ବିଶିଷ୍ଟ ଗବେଷକ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ପ୍ରଫେସର ନବୀନ କୁମାର ପଣ୍ଡା। ଜାପାନୀ ଭାଷା ଶିକ୍ଷା, ଗବେଷଣା, ପାଠ୍ୟପୁସ୍ତକ ରଚନା ଏବଂ ଅନୁବାଦ କ୍ଷେତ୍ରରେ ତାଙ୍କର ଅବଦାନ ଉଲ୍ଲେଖନୀୟ। ଭାରତ ଓ ଜାପାନ ମଧ୍ୟରେ ସାହିତ୍ୟିକ ଓ ସାଂସ୍କୃତିକ ସମ୍ପର୍କ ବିକାଶରେ ମଧ୍ୟ ସେ ଅଗ୍ରଣୀ ଭୂମିକା ଗ୍ରହଣ କରିଆସିଛନ୍ତି।

ଉତ୍କଳ ବିଶ୍ୱବିଦ୍ୟାଳୟର ଜାପାନୀ ଭାଷା ପାଇଲଟ୍ ପ୍ରକଳ୍ପ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ଅଧ୍ୟକ୍ଷତା କରିଥିଲେ। ସେ କହିଥିଲେ ଯେ, ସାହିତ୍ୟ ଅନୁବାଦ କେବଳ ଭାଷାର ରୂପାନ୍ତର ନୁହେଁ, ବରଂ ଏହା ବିଭିନ୍ନ ଦେଶର ସଂସ୍କୃତି, ଚିନ୍ତାଧାରା ଓ ଜ୍ଞାନ ପରମ୍ପରାକୁ ଯୋଡ଼ିବାର ଏକ ସଶକ୍ତ ମାଧ୍ୟମ। ଏଭଳି ପ୍ରୟାସ ଆନ୍ତର୍ଜାତିକ ଶିକ୍ଷାଗତ ଓ ସାଂସ୍କୃତିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ। ବିଶିଷ୍ଟ ସାହିତ୍ୟ ସମାଲୋଚକ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ପୂର୍ବତନ ପ୍ରଫେସର ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ଆକୁତାଗାୱାଙ୍କ ସାହିତ୍ୟିକ ଅବଦାନ ଏବଂ ତାଙ୍କ କ୍ଷୁଦ୍ରଗଳ୍ପର ସମକାଳୀନ ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ଓଡ଼ିଆ ସାହିତ୍ୟ ଏକାଡେମୀର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା ଅନୁବାଦର ଗୁଣମାନର ପ୍ରଶଂସା କରିବା ସହ ଓଡ଼ିଆ ପାଠକଙ୍କ ପାଇଁ ବିଶ୍ୱସାହିତ୍ୟକୁ ଅଧିକ ସୁଲଭ କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ। 'ଦ ସମାଜ'ର ପ୍ରକାଶକ ଓ ମୁଦ୍ରକ ରାଜେନ୍ଦ୍ର କୁମାର ଜେନା ଅନୁବାଦକଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ ଯେ, ଏଭଳି ପ୍ରକାଶନ ଓଡ଼ିଶାର ସାହିତ୍ୟିକ ପରିବେଶକୁ ସମୃଦ୍ଧ କରିବା ସହ ନୂତନ ପିଢ଼ିକୁ ବିଶ୍ୱସାହିତ୍ୟ ପ୍ରତି ଆକୃଷ୍ଟ କରିବ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଗବେଷକ, ଛାତ୍ରଛାତ୍ରୀ, ସାହିତ୍ୟପ୍ରେମୀ, ଦୈନିକ ଖବର କାଗଜ 'ଅକ୍ଷର ଓଡ଼ିଶା'ର ମୁଖ୍ୟ ସମ୍ପାଦକ ଚୌଧୁରୀ ରମାକାନ୍ତ ଦାସ ପ୍ରମୁଖ ଯୋଗଦେଇଥିଲେ। ସେମାନେ ଜାପାନୀ ସାହିତ୍ୟକୁ ଓଡ଼ିଆରେ ଅନୁବାଦ କରିବାର ଚ୍ୟାଲେଞ୍ଜ୍, ସମ୍ଭାବନା ଓ ଭବିଷ୍ୟତ ଦିଗ ନେଇ ଅନୁବାଦକଙ୍କ ସହ ଆଲୋଚନା କରିଥିଲେ।

## ପୋଲିସର ବଡ଼ ସଫଳତା:୨୨ ଲକ୍ଷ ଟଙ୍କାର ସୁନା, ୯ ହଜାର ଟଙ୍କା ଉଦ୍ଧାର, ୨ ଅଭିଯୁକ୍ତ ଗିରଫ

ବଲାଙ୍ଗିର,୧୦।୬ (ଦେବେନ୍ଦ୍ର): ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ ଥାନା ଅଞ୍ଚଳରେ ଘଟିଥିବା ଏକ ଦିନବେଳା ଘରୁ ଚୋରି ଘଟଣାକୁ ପୋଲିସ ସଫଳତାର ସହ ଠାବ କରିଛି। ଏହି ମାମଲାରେ ଜଣେ ୨୨ ବର୍ଷୀୟ ଯୁବକ ସହ ଜଣେ ନାବାଳକଙ୍କୁ ଗିରଫ କରାଯାଇଛି।

ସୂଚନା ଅନୁଯାୟୀ, ହାଟ ପଦା ପଡା ଅଞ୍ଚଳର ଅବଦୁଲ ଆକବର ଖାନ ବିବାହ ଉତ୍ସବରେ ଯୋଗଦେବା ପାଇଁ ଘରୁ ବାହାରକୁ ଯାଇଥିବା ବେଳେ ଅଜ୍ଞାତ ଦୁର୍ବୃତ୍ତମାନେ ତାଙ୍କ ଘରର ପଛ ପଟ ରୁ ତାଲା ଭାଙ୍ଗି ଘରଭିତରେ ପଶି ସୁନା ଅଳଙ୍କାର ସହ ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ଚୋରି କରି ନେଇଥିଲେ। ଏନେଇ ଟିଟିଲାଗଡ଼ ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ପରେ ପୋଲିସ ଦୋର୍ଲୋ ଗ୍ରାମର ଅଙ୍ଗଦ ରାଣା (୨୨) ଏବଂ ଜଣେ ନାବାଳକଙ୍କ ସମ୍ପୃକ୍ତି ଚିହ୍ନଟ କରି ଅଟକ କରିଥିଲା। ସେମାନଙ୍କ ନିକଟରୁ ପ୍ରାୟ ୨୨ ଲକ୍ଷ ଟଙ୍କା ମୂଲ୍ୟର ସୁନା ଅଳଙ୍କାର,ଓ ୯ହଜାର ଟଙ୍କା, ଦୁଇଟି ମୋବାଇଲ ଫୋନ ଓ ଅପରାଧରେ ବ୍ୟବହୃତ ଏକ ପଲସର ମୋଟରସାଇକେଲ ଜବତ କରାଯାଇଛି। ବଲାଙ୍ଗୀର ଏସ୍ପିଙ୍କ ନିର୍ଦ୍ଦେଶରେ ଟିଟିଲାଗଡ଼ ଆଇଆଇସି, ମନୋଜ ମୁଣ୍ଡା ଏସଆଇ କେ କେ ଜାନି, ଏସ ଆଇ ପି କେ ଦୁରିଆ, ଏସ ଆଇ ଟି ବି କିସାନ, ଏସ ଆଇ ଏସ ରାଉତ, ଏସ ଆଇ କେ ପ୍ରଧାନ,ଗଠିତ ସ୍ୱତନ୍ତ୍ର ପୋଲିସ ଟିମ୍ ଏହି ସଫଳତା ହାସଲ କରିଥିବା ବେଳେ ଘଟଣାରେ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ, ସେନେଇ ଅଧିକ ତଦନ୍ତ ଜାରି ରହିଛି।

## ପୋଷଣ, ପ୍ରଶିକ୍ଷଣ ଶିବିର ସମାପନ

ପୁରୁଷୋତ୍ତପୁର, ୧୦।୬ (ଅକ୍ଷର ଓଡ଼ିଶା): ପୁରୁଷୋତ୍ତମପୁର ବ୍ଲକରେ ତୃତୀୟ ପର୍ଯ୍ୟାୟ ପୋଷଣ ଓ ପଢାଇବି ପ୍ରଶିକ୍ଷଣ ଶିବିର ସଫଳତା ପୂର୍ବକ ଆୟୋଜିତ ହୋଇଯାଇଛି । ଏହିକାର୍ଯ୍ୟ କ୍ରମ ବ୍ଲକ ସିଡ଼ିପିଓ ଲଳିତା ମଲ୍ଲିକ ଙ୍କ ସଂଯୋଜନା ରେ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ନଅ ଗୋଟି ସେକ୍ଟରର ତିନୋଟି ପର୍ଯ୍ୟାୟ ରେଅଙ୍ଗନ ବାଡି କର୍ମୀମାନେଯୋଗଦେଇ ଥିଲେ । ସୂଚନା ଯୋଗ୍ୟ ଯେ,ପୁରୁଷୋତ୍ତମପୁର ବ୍ଲକର ୨୬ ଗୋଟି ଗ୍ରାମ ପଞ୍ଚାୟତ ସମେତ ବିଜ୍ଞାପିତ ଅଞ୍ଚଳର ମୋଟ ୧୪ ଗୋଟି ୱାର୍ଡକୁ ମିଶାଇ ସର୍ବମୋଟ ୨୫୩ ଗୋଟି ଅଙ୍ଗନବାଡି କେନ୍ଦ୍ର ରହିଛି । ସେଥିମଧ୍ୟରୁ ପର୍ଯ୍ୟାୟ କ୍ରମେ ସମସ୍ତ ଅଙ୍ଗନବାଡି କର୍ମୀମାନେ ଯୋଗଦେଇସାରିଥିଲେ । ସରକାରଙ୍କ ନିୟମ ଅନୁଯାୟୀ ୬ ବର୍ଷରୁ କମ୍ ଶିଶୁମାନଙ୍କୁ ଆବଶ୍ୟକତା ଅନୁପାତରେ ସ୍ୱାସ୍ଥ୍ୟ ବର୍ଦ୍ଧକ ବିଭିନ୍ନ ପ୍ରକାର ପୌଷ୍ଟିକ ଖାଦ୍ୟ ସହିତ 'ପୋଷଣ ଭି, ପଢାଇ ଭି' ଅଭିଯାନ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ପ୍ରଶିକ୍ଷଣ ଦିଆଯାଇଥିଲା । ପିଲାମାନଙ୍କୁ ଖେଳ ମାଧ୍ୟମରେ ଶିକ୍ଷା ଦିଆଯିବା ଏହି ପ୍ରଶକ୍ଷିଣ ରେ ସିଡ଼ିପିଓ ଉପସ୍ଥିତ ସମସ୍ତ କର୍ମୀମାନଙ୍କୁ ତାଲିମ ଗ୍ରହଣ କରିସାରିବା ପରେ ସରକାରଙ୍କ ଏହି ଅତି ମହତ୍ୱାକାଂକ୍ଷି ଯୋଜନା କିଭଳି ଭାବେ ସଫଳ ହେବେ ସେଥିପ୍ରତି ବିଶେଷ ଭାବେ ଧ୍ୟାନ ଦେଇ ନିଷ୍ଠାର ସହିତ କର୍ତ୍ତବ୍ୟବୋଧ ପରାୟଣ ହୋଇ ନିଜ ନିଜର କ୍ଷେତ୍ରରେଶିଶୁ ମାନଙ୍କ ସର୍ବାଙ୍ଗୀନ ଉର୍ନ୍ନତି ରେ କାମ କରିବାକୁ ପରାମର୍ଶ ଦେଇ ଥିଲେ ।

## ବନ୍ଧୁଗାଁରେ ୬୦ ଲିଟର ଦେଶୀ ମଦ ଜବତ ବ୍ୟାପକ ପୋଚ ନଷ୍ଟ

ଲକ୍ଷ୍ମୀପୁର, ୧୦।୬ (ଅକ୍ଷର ଓଡ଼ିଶା): କୋରାପୁଟ ଜିଲ୍ଲା ବନ୍ଧୁଗାଁ ଥାନା ଆନ୍ତର୍ଗତ ସୋଡ଼ାବାଡି ଅଞ୍ଚଳରେ ଚଢ଼ାଉ କରି ପୋଲିସକୁ ବଡ଼ ସଫଳତା ମିଳିଛି ।ବିଶେଷ ସୂତ୍ର ରୁ ଖବର ପାଇ କୋରାପୁଟ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଲକ୍ଷ୍ମୀପୁର ଏସଡିପିଓ ମନୋଜ ବେହେରା, ବନ୍ଧୁଗାଁ ଆଇଆସି ସିନ୍ଧୁ ସାର୍କା ସଦଳ ବେଳେ ସୋଡ଼ାବାଡି ଗ୍ରାମରେ ଲୁଚା ଛୁପାରେ ଦେଶୀ ମଦ ରନ୍ଧା ହେଉଥିବା ସ୍ଥାନ ଉପରେ ଚଢ଼ାଉ କରିଥିଲେ। ପୋଲିସକୁ ଦେଖି ଦୁର୍ବୃତ୍ତ ମାନେ ଖସି ପାଳସିଥିବା ବେଳେ ସେଠାରେ ଗଛିତ ଥିବା



୬୦ ଲିଟର ରନ୍ଧା ମଦ କୁ ଜବତ କରିବା ସହିତ ୭୫୦ କେଜି ପୋଚ କୁ ନଷ୍ଟ କରାଯାଇଥିଲା। ଏଥି ସହ ମଦ ରାନ୍ଧରେ ବ୍ୟବହୃତ ସାମଗ୍ରୀ ପୋଲିସ ଜବତ କରିଥିବା ବେଳେ ଦୁର୍ବୃତ୍ତ ଙ୍କ ବିରୋଧରେ ବନ୍ଧୁ ଗାଁ ଥାନାରେ ଏକ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି।

## ସଙ୍ଘାପୋଷିରେ ପୁଣି ହାତୀ ଆକ୍ରମଣ: ଜଣେ ଯୁବକ ମୃତ

ରିଆମାଳ୧୦।୬ (ଅକ୍ଷର ଓଡ଼ିଶା): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ଚଢେଇମରା ପଞ୍ଚାୟତ ଅନ୍ତର୍ଗତ ସଙ୍ଘାପୋଷି ଗ୍ରାମରେ ପୁଣି ଏକ ଦୁଃଖଦ ହାତୀ ଆକ୍ରମଣ ଘଟଣା ଘଟିଛି। ଆଜି ବନ୍ୟ ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକ ଜଣକ ଅନୁଗୋଳ ଜିଲ୍ଲା ବନ୍ତଳା ଅଞ୍ଚଳର ଜଗନ୍ନାଥପୁର ଗ୍ରାମର ଶୁଶାନ୍ତ ନାୟକ (ଅନୁମାନିକ ବୟସ ୩୦ ବର୍ଷ) ବୋଲି ଜଣାପଡ଼ିଛି। ସେ ସଙ୍ଘାପୋଷି ଗ୍ରାମରେ ଜଣେ ବନ୍ଧୁଙ୍କ ଘରକୁ ଆସିଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। କୁଣ୍ଡେଇଗୋଳା ଥାନା ଅଧୀନ ସଙ୍ଘାପୋଷି ଗ୍ରାମରେ ଘଟିଥିବା ଏହି ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ହାତୀଟି ସଙ୍ଘାପୋଷି ଗାଁ ଭିତରକୁ ପଶି ଶୁଶାନ୍ତଙ୍କୁ ଘୋଷାଡ଼ି ନେଇ ହରିଜନ ପଡ଼ା ନିକଟରେ ଦଳି ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ଘଟଣା ପରେ ଗ୍ରାମରେ ଭୟ ଓ ଆତଙ୍କର ପରିବେଶ ଦେଖାଦେଇଛି। ଖବର ପାଇ ବନ ବିଭାଗ ଓ ସ୍ଥାନୀୟ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବାରମ୍ବାର ହାତୀ ଉପଦ୍ରବ ଯୋଗୁଁ ଜନହାନି ଘଟୁଥିବାରୁ ଅଞ୍ଚଳବାସୀ ସ୍ଥାୟୀ ପ୍ରତିକାର ପାଇଁ ଦାବି କରିଛନ୍ତି।

## ନୂଆପଡ଼ାରେ ବ୍ୟାଡମିଣ୍ଟନର ମହାକୁମ୍ଭ: ନୂଆପଡ଼ା ଚାମ୍ପିଅନ୍

ନୂଆପଡ଼ା, ୧୦।୬(ଅକ୍ଷର ଓଡିଶା) ନୂଆପଡ଼ା ଜିଲ୍ଲାରେ ଗତକାଲି ସମାପ୍ତ ହୋଇଯାଇଛି ଏକ ରୋମାଞ୍ଚକର ଏକଦିବସୀୟ ଆନ୍ତଃ ଜିଲ୍ଲା ସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା। ଜିଲ୍ଲା ପ୍ରଶାସନ ଏବଂ ସ୍ଥାନୀୟ ବ୍ୟାଡମିଣ୍ଟନ ପ୍ରେମୀଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଖେଳାଳିମାନଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ହାଇ- ଭୋଲ୍ଟେଜ୍ ମ୍ୟାଚ୍ ରେ ବାଜି ମାରିଲେ ଚିନ୍ମୟ ଓ ନୀଳମାଧବ ଟୁର୍ଣ୍ଣାମେଣ୍ଟ ର ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ଟି ବେଶ୍ ସଂଘର୍ଷ ପୂର୍ଣ୍ଣ ଏବଂ ରୋମାଞ୍ଚକର ଥିଲା। ଘରୋଇ ନୂଆପଡ଼ା ଜିଲ୍ଲାର ଷ୍ଟାର



ଯୋଡ଼ି ଚିନ୍ମୟ ବେହେରା ଓ ନୀଳମାଧବ, ବଲାଙ୍ଗୀର ର ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଇର୍ଫାନ ଓ ତାଙ୍କ ସାଥୀ ଙ୍କୁ ଭେଟିଥିଲେ। ୩ ସେଟ୍ ବିଶିଷ୍ଟ ଏହି ସଂଘର୍ଷ ପୂର୍ଣ୍ଣ ମ୍ୟାଚ୍ ରେ ଚିନ୍ମୟ ଏବଂ ନୀଳମାଧବ ଦେଖାଇଥିଲେ ନିଜର ଜବରଦସ୍ତ କ୍ରୀଡ଼ା ଶୈଳୀ। ଶେଷରେ ୨-୧ ସେଟ୍ ରେ ବଲାଙ୍ଗୀର କୁ ପରାସ୍ତ କରି ଚାମ୍ପିଅନ୍ ଟ୍ରଫି ନିଜ ନାମରେ କରିଛି ନୂଆପଡ଼ା ଦଳ। ଏହି ଭବ୍ୟ ପ୍ରତିଯୋଗିତାର ଉଦଘାଟନୀ ଉତ୍ସବରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ନୂଆପଡ଼ା ଜିଲ୍ଲା କ୍ରିକେଟ ସଂଘର ସମ୍ପାଦକ ସରୋଜ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଜେତା ଦଳକୁ ପୁରସ୍କାର ରୂପେ ନଗଦ ରାଶି ୭,୦୦୦/- ଏବଂ ଦୁଇଟି ଆକର୍ଷଣୀୟ ଟ୍ରଫି। ଉପ-ବିଜେତା ଦଳକୁ ପୁରସ୍କାର ରୂପେ ନଗଦ ରାଶି ୪,୦୦୦/- ଏବଂ ଦୁଇଟି ଆକର୍ଷଣୀୟ ଟ୍ରଫି ମ୍ୟାଚରେ ପ୍ରଦାନ କରାଯାଇଥିଲା ।

## ଯାଜପୁର ରୋଡ଼ ପୁଲିସର ବଡ଼ ସଫଳତା: ଲୁଟ ଘଟଣାରେ ୬ ଅଭିଯୁକ୍ତ ଗିରଫ

ଯାଜପୁର, ୧୦।୬ (ଅକ୍ଷର ଓଡ଼ିଶା): ଯାଜପୁର ରୋଡ଼ ପୁଲିସ ଲୁଟ ଘଟଣାର ତଦନ୍ତରେ ଏକ ବଡ଼ ସଫଳତା ହାସଲ କରି ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ୬,୬୦୦ ଟଙ୍କା ନଗଦ, ଦୁଇଟି ମୋବାଇଲ ଫୋନ ଓ ଏକ ଖଣ୍ଡା ଜବତ କରାଯାଇଛି । ପୁଲିସ ସୂଚନା ଅନୁଯାୟୀ, ଯାଜପୁର ରୋଡ଼ ଥାନା ଅନ୍ତର୍ଗତ ଦାନଗଦି ହାଟ ନିକଟରେ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୬ଟା ୩୦ ମିନିଟ ସମୟରେ ଏହି ଲୁଟ ଘଟଣା ଘଟିଥିଲା। ମାନଗୋବିନ୍ଦପୁର ଗ୍ରାମର ମନୋଜ ନାୟକ ଓ ତାଙ୍କ ସାଙ୍ଗ ମାନସ ଦଳାଇ ସତବାଇଁସିଆରୁ ଘରକୁ ଫେରୁଥିବା ବେଳେ ଦାନଗଦି ହାଟ ନିକଟରେ କିଛି ଦୁର୍ବୃତ୍ତ ତାଙ୍କ ରାସ୍ତା ଅଟକାଇଥିଲେ। ଅଭିଯୋଗ ଅନୁସାରେ, ଜଡା ଓରଫ ପଞ୍ଚୁ ପାତ୍ର ଓ ତାଙ୍କ ସହଯୋଗୀମାନେ ଖଣ୍ଡା ସହ ବିଭିନ୍ନ ମାରଣାସ୍ତ୍ର ଧରି ଉଭୟଙ୍କୁ ଧମକ ଦେଇଥିଲେ। ପରେ ସେମାନେ ଗଳା ଚିପି ମନୋଜ ନାୟକଙ୍କ ଠାରୁ ୪,୨୦୦ ଟଙ୍କା ସହ ଏକ ଙଚଚଡ ମୋବାଇଲ ଏବଂ ମାନସ ଦଳାଇଙ୍କ ଠାରୁ ୨,୪୦୦ ଟଙ୍କା ସହ ଏକ ଠସଙ୍ଖକ୍ଟ ମୋବାଇଲ ଲୁଟି ନେଇଥିଲେ। ଘଟଣା ପରେ ସମସ୍ତ ଅଭିଯୁକ୍ତ ଧୁଳିଗଡା ଜଙ୍ଗଲ ଆଡ଼କୁ ପଳାଇଥିଲେ। ଏହି ଘଟଣା ସମ୍ବନ୍ଧରେ ଯାଜପୁର ରୋଡ଼ ଥାନାରେ ମାମଲା ନଂ-୩୬୪/୨୦୨୬ ରୁଜୁ ହେବା ପରେ ପୁଲିସ ତଦନ୍ତ ଜୋରଦାର କରିଥିଲା। ତଦନ୍ତରେ ସାଗର ପାତ୍ର, ସୋନୁ ସେଠୀ, ସଞ୍ଜୟ ପାତ୍ର, ମନୋଜ ପାତ୍ର, ଜଡା ଓରଫ ପଞ୍ଚୁ ପାତ୍ର ଓ ଏସ୍.କେ. କାଲୁ ଓରଫ କାଲିମୁଦ୍ଦିନଙ୍କୁ ଗିରଫ କରାଯାଇଛି। ପୁଲିସ ଜବତ ସାମଗ୍ରୀ ମଧ୍ୟରେ ଏକ OPPO F19 Pro I GK Vivo Y19s 5G ମୋବାଇଲ, ୬,୬୦୦ ଟଙ୍କା ନଗଦ ଓ ଏକ ଖଣ୍ଡା ରହିଛି। ସମସ୍ତ ଅଭିଯୁକ୍ତଙ୍କୁ ବୁଧବାର ଅଦାଲତକୁ ଚାଲାଣ କରାଯାଇଥିବା ବୋଲି ଯାଜପୁର ରୋଡ଼ ଥାନ ଅଧିକାରୀ ଆଶିଷ କୁମାର ସାହୁଙ୍କ ପକ୍ଷରୁ ସୂଚନା ମିଳିଛି।

ଅକ୍ଷର
AKHYARA ODISHA ଓଡ଼ିଶା

## ହିନ୍ଦୋଳରୁ ଶୁଭାରମ୍ଭ ହେଲା ଏସଆଇଆର ସଚେତନତା ଅଭିଯାନକୁ



ହିନ୍ଦୋଳ-୧୦/୬(ଅଜୟ କୁମାର ଭଞ୍ଜ )ଢେଙ୍କାନାଳ ଜିଲ୍ଲାର ଆରମ୍ଭ ହୋଇଛି ଏସଆଇଆର ସଚେତନତା ରଥ ।ହିନ୍ଦୋଳ ଉପଖଣ୍ଡରେ ଚାଲୁଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଝଓଜ) କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବ୍ୟବସ୍ଥିତ ଭୋଟର ଶିକ୍ଷା ଓ ନିର୍ବାଚନୀ ଅଂଶଗ୍ରହଣ ରଥକୁ ଆଜି ସକାଳ ୧୦ଟା ସମୟରେ ହିନ୍ଦୋଳ ଉପଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରୁ ଶୁଭାରମ୍ଭ କରାଯାଇଛି ।ଆଜିଠାରୁ ଏହି ଏସଭିଇଇପି ରଥ ହିନ୍ଦୋଳ ବ୍ଲକର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଏସଆଇଆର କାର୍ଯ୍ୟକ୍ରମ ସମ୍ପର୍କରେ ଭୋଟରମାନଙ୍କୁ ସଚେତନ କରିବା ସହିତ ନୂତନ ଭୋଟର ଭାବେ ନାମ ପଞ୍ଜୀକରଣ ଏବଂ ଭୋଟର ତାଲିକାରେ ନିଜ ନାମ ଅନ୍ତର୍ଭୁକ୍ତ ଥିବା ସମ୍ପର୍କରେ ଯାଞ୍ଚ କରିବା ପାଇଁ ସୂଚନା ପ୍ରଦାନ କରିବ ।ଏହି ପଦକ୍ଷେପ ମାଧ୍ୟମରେ ଯୋଗ୍ୟ ଭୋଟରମାନଙ୍କୁ ଭୋଟର ତାଲିକାରେ ସାମିଲ କରିବା ସହ ନିର୍ବାଚନ ପ୍ରକ୍ରିୟାରେ ସେମାନଙ୍କ ସକ୍ରିୟ ଅଂଶଗ୍ରହଣକୁ ଉତ୍ସାହିତ କରାଯିବ ।ହିନ୍ଦୋଳ ଉପଜିଲ୍ଲାପାଳ ଶ୍ରୀ ପ୍ରଭାସ କୁମାର ବେହୁରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତହସିଲଦାର ଶ୍ରୀ ଦିଲ୍ଲୀପ କୁମାର ସେଠୀ, ଡେପୁଟି କଲେକ୍ଟର ଶ୍ରୀ ଦୁର୍ଯ୍ୟୋଧନ ସାହୁ, ଡେପୁଟି କଲେକ୍ଟର ସୁଶ୍ରୀ ବବିତା ମିଶ୍ର ଏବଂ ଅନ୍ୟାନ୍ୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିଥିଲେ ।

## ସଫଳତା ଦେଇଛି ଜୈବିକ ଚାଷ, ବାଇଗଣ ଚାଷରୁ ମାସିକ ଆୟ ୬୦ହଜାର

ଖଜୁରିଆ କଟା ୧୦/୬(ନୀଳକଣ୍ଠ ଦାସ) ଆଧୁନିକ ପଦ୍ଧତିରେ ଚାଷ କରି ସଫଳତା ପାଇ ପାରିଛନ୍ତି ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଶିବପୁର ପଞ୍ଚାୟତ କୋଟିଲାମଡ଼ା ଗ୍ରାମର କ୍ଷୀରୋଦ ଚନ୍ଦ୍ର ବେହେରା । ଟାଟା ଷ୍ଟିଲ୍ ଫାଉଣ୍ଡେସନ(ଟିଏସ୍ ?ଏଫ୍ ?)ର ବୈଷୟିକ ସହାୟତା ଓ ପ୍ରଶିକ୍ଷଣ ଯୋଗୁ ସେ ଆଜି ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ ଚାଷ କରି ମାସିକ ପ୍ରାୟ ୬୦ହଜାର ଟଙ୍କା ରୋଜଗାର କରୁଛନ୍ତି । ଏହି ପ୍ରୟାସ ପାଇଁ ନିଜ ଅଞ୍ଚଳରେ ଉଦାହରଣ ପାଲଟିଛନ୍ତି କ୍ଷୀରୋଦ । ଗତ ଚାରି ବର୍ଷ ଧରି ଟିଏସ୍ ?ଏଫ୍ ?ର ମାର୍ଗଦର୍ଶନ ଓ ସହାୟତାରେ ସେ କୃଷି କ୍ଷେତ୍ରରେ ଅନେକ ସଫଳତା ହାସଲ କରିବା ସହ ଆଖପାଖ ଅଞ୍ଚଳର ଚାଷୀମାନଙ୍କୁ ମଧ୍ୟ ଏହି ଦିଗରେ ପ୍ରେରିତ କରୁଛନ୍ତି । ମୂଳତଃ ଚାଷୀ ପରିବାରରୁ ଆସୁଥିବା କ୍ଷୀରୋଦ ପାରମ୍ପରିକ ପଦ୍ଧତିରେ ଚାଷ କରୁଥିବା ବେଳେ ତାଙ୍କର ଆୟ ସୀମିତ ଥିଲା । ହେଲେ ସେ ଉତ୍ପାଦନ ବୃଦ୍ଧି ଓ ଅଧିକ ଦି'ପଇସା ରୋଜଗାର କରିବା ପାଇଁ ନୂତନ ଜ୍ଞାନକୌଶଳର ସନ୍ଧାନ କରୁଥିଲେ । ଏହି ସମୟରେ ଟିଏସ୍ ?ଏଫ୍ ପକ୍ଷରୁ ତାଙ୍କୁ ଉନ୍ନତ ବିହନ, ମଲ୍ ?ଚିଂ ସିଟ୍ ?ସ ସହିତ ସୌର ଚାଳିତ ପମ୍ପ, ଜଳସେଚନ,



ଟ୍ରେଲିସ୍ ନେଟିଂ ଏବଂ ଜୈବିକ ଚାଷ ଉପରେ ବ୍ୟାପକ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଗୋପାଳପୁରଠାରେ ଆୟୋଜିତ ଏକ ଶିବିରରେ ବୈଜ୍ଞାନିକ ପଦ୍ଧତିରେ ଉଦ୍ୟାନ କୃଷି କରିବା ପାଇଁ କ୍ଷୀରୋଦ ପ୍ରଶିକ୍ଷଣ ନେଇଥିଲେ ।

ବର୍ତ୍ତମାନ ସେ ବର୍ଷର ସମସ୍ତ ତିନି ଋତୁ ଖରିଫ, ରବି ଓ ଗ୍ରୀଷ୍ମକାଳୀନ ଚାଷ କରୁଛନ୍ତି । ସେ ଭେଣ୍ଡି, କଲରା, କାକୁଡ଼ି, ଜହ୍ନି ଏବଂ ବାଇଗଣ ଚାଷ କରୁଛନ୍ତି । ବାଇଗଣ ଚାଷରୁ ସେ ମାସିକ ପ୍ରାୟ ୬୦ ହଜାର ଟଙ୍କା ଏବଂ ସିଜିନ ଅନୁସାରେ ପ୍ରାୟ ୧.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିପାରୁଛନ୍ତି ।ସେ ଚାଷକାର୍ଯ୍ୟରେ ରସାୟନିକ ସାର ବଦଳରେ ସମ୍ପୂର୍ଣ୍ଣ ଭାବେ ଜୀବାମୃତ, ବୀଜାମୃତ ଏବଂ ହାଣ୍ଡିଖତ ଭଳି ପ୍ରାକୃତିକ ଜୈବିକ ସାର ପ୍ରୟୋଗ କରୁଛନ୍ତି । ଯାହାଫଳରେ ମାଟିର ଉର୍ବରତା ବୃଦ୍ଧି ପାଇବା ସହ ଫସଲର ଉତ୍ପାଦନ ବଢୁଛି । ସାପ୍ତାହିକ ହାଟରେ ସିଧାସଳଖ ଗ୍ରାହକମାନଙ୍କୁ ପନିପରିବା ବିକ୍ରି କରୁଥିବାରୁ ଫସଲର ଉଚିତ ମୂଲ୍ୟ ମଧ୍ୟ ପାଉଛନ୍ତି । ଆଖପାଖ ଅଞ୍ଚଳର ବହୁ ଯୁବକ ଓ ଚାଷୀମାନେ ତାଙ୍କ ପାଖରୁ ଆଧୁନିକ ଓ ଜୈବିକ ଚାଷ ପ୍ରଣାଳୀର ପ୍ରଶିକ୍ଷଣ ନେଉଛନ୍ତି । କ୍ଷୀରୋଦଙ୍କର ଏହି ସଫଳ ଯାତ୍ରା ପ୍ରମାଣିତ କରୁଛି ଯେ, ଉପଯୁକ୍ତ ଜ୍ଞାନକୌଶଳ, ବୈଷୟିକ ଶିକ୍ଷା ଏବଂ ସହାୟତା ମିଳିଲେ ଗ୍ରାମୀଣ ଅଞ୍ଚଳର ଯୁବପିଢ଼ି କୃଷି ମାଧ୍ୟମରେ ସ୍ୱାବଲମ୍ବୀ ହୋଇପାରିବେ ।

## ମହାବିରୋଡ଼ ଗାଁ ଜଙ୍ଗଲରେ ପକ୍ଷୀଙ୍କ ପାଇଁ ଜଳପାତ୍ର ରଖିଲେ ଯୁବଗୋଷ୍ଠୀ

କାମାକ୍ଷାନଗର:୧୦/୬(ସୁମନ୍ତ ଜେନା)ଏହି ଗ୍ରୀଷ୍ମ ଋତୁରେ ତାପମାତ୍ରା ୪୨ ଡିଗ୍ରୀ ଅତିକ୍ରମ ହୋଇଥିଲା ବେଳେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହରେ ଜନଜୀବନ,ବନ୍ୟଜନ୍ତୁ, ପକ୍ଷୀ ସମସ୍ତେ ତ୍ରାହି ତ୍ରାହି ଡାକ ଦେଲେଣି ।ଚଳିତ ବର୍ଷ ଅତ୍ୟଧିକ



ଗ୍ରୀଷ୍ମପ୍ରବାହ କାରଣରୁ କୂଅ,ପୋଖରୀ,ଝରଣା ଆଦିର ପାଣି ସୁଖି ଗଲାଣି ।ପାଣି ମୁନ୍ଦେ ପାଇବା ପାଇଁ ସମସ୍ତେ ଡ଼ହଳ ବିକଳ ହେଉଛନ୍ତି ।ବିଶେଷକରି ଜଙ୍ଗଲର ବନ୍ୟଜନ୍ତୁ, ପକ୍ଷୀଙ୍କ ଦୁର୍ଦ୍ଦଶା ବଢି ଯାଇଛି ।ପଶୁ ପକ୍ଷୀଙ୍କ ପାଇଁ ଜଙ୍ଗଲରେ ଜଳପାତ୍ର ରଖିବା ପାଇଁ ଅଣ୍ଟା ଭିଡିଛନ୍ତି ଯୁବଗୋଷ୍ଠୀ ।ସୂଚନା ଅନୁସାରେ ମହାବିରୋଡ଼ ଗ୍ରାମ୍ୟ ଜଙ୍ଗଲରେ ପଶୁ ପକ୍ଷୀଙ୍କ ପାଇଁ ଜଳପାତ୍ର ରଖିବା ପାଇଁ 'ପ୍ରକୃତି ବନ୍ଧୁ' ରାଜେଶ କୁମାର ଦେହୁରୀଙ୍କ ନେତୃତ୍ୱରେ ଆଜି ମହାବିରୋଡ଼ ଗ୍ରାମର ଯୁବଗୋଷ୍ଠି ପଶୁ ପକ୍ଷୀଙ୍କ ପାନୀୟ ବ୍ୟବସ୍ଥା ପାଇଁ ଜଂଗଲରେ ଜଳପାତ୍ର ରଖିଛନ୍ତି ।ଜଙ୍ଗଲ ଭିତରେ ବିଭିନ୍ନ ଗଛରେ ଜଳପାତ୍ର ପକ୍ଷୀଙ୍କ ଉଦ୍ଦେଶ୍ୟରେ ରଖିଥିବା ବେଳେ ପଶୁଙ୍କ ପାଇଁ ତଳେ ଜଳପାତ୍ର ରଖିଛନ୍ତି ।ପରିବେଶ ସୁରକ୍ଷା ପାଇଁ ମନୁଷ୍ୟ ସହିତ ବନ୍ୟଜନ୍ତୁ, ପକ୍ଷୀଙ୍କ ସମ୍ପର୍କ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ରହିଛି ।ପରିବେଶ ସନ୍ତୁଳନ ରକ୍ଷା ପାଇଁ ପଶୁ ପକ୍ଷୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହୁଛି ।ଅସହ୍ୟ ଗ୍ରୀଷ୍ମପ୍ରବାହ ସମୟରେ ଜଳ ସଙ୍କଟ ରହୁଥିବା ବେଳେ ପଶୁ ପକ୍ଷୀଙ୍କ ପାଇଁ ମହାବିରୋଡ଼ ଗ୍ରାମର ଯୁବ ଗୋଷ୍ଠିଙ୍କ ଏହି ନିଆରା ପ୍ରୟାସ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ।ଏହି କାର୍ଯ୍ୟକ୍ରମରେ ମହାବିରୋଡ଼ ପୂର୍ବତନ ସରପଞ୍ଚ ଉମେଶ ଚନ୍ଦ୍ର ସାହୁ,ଶିକ୍ଷକ ସୂର୍ଯ୍ୟକାନ୍ତ ରାଉଳ,ସମାଜସେବୀ ଲଳିତ ସାହୁ,ପ୍ରକାଶ ହାତୀ,ସୁଶାନ୍ତ ହାତୀ,ହାତୀ ସ୍ୱାଡ଼ ଯୁଗଳ ସାହୁ ପ୍ରମୁଖ ସାମିଲ ହୋଇଥିଲେ ।ଯୁବ ଗୋଷ୍ଠିଙ୍କ ପରିବେଶ ସୁରକ୍ଷା ପାଇଁ ଏହି ଅଭିନବ ପ୍ରୟାସକୁ ସାଧାରଣରେ ପ୍ରଶଂସା କରାଯାଇଛି ।

### ପ୍ରକୃତିର ଅମୃତ ଓ ଜୀବନର ସଂଘର୍ଷ

## ନବୋର୍ଦା ରାସ୍ତାକଡ଼ରେ ଦେଶୀ କୋଳିର ମହକ



ଗଁଦିଆ ୧୦/୦୬ (ବେତୁଜୀ ପ୍ରସାଦ):ସତେ ଯେମିତି ପ୍ରକୃତି ମାତା ନିଜ କୋଳରୁ ଅମୃତ ଢାଳି ଦେଇଛି । ଆଧୁନିକତାର ଚାକଚକ୍ୟ ଓ ବିଦେଶୀ ଫଳର ଭିଡ଼ ଭିତରେ ଆଜି ବି ମଳିନ ପଡ଼ିନି ମାଟିର ମହକ ଓ ଦେଶୀ କୋଳିର ଆକର୍ଷଣ । ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅନ୍ତର୍ଗତ ଷଡ଼ଙ୍ଗୀ-ନିହଲପ୍ରସାଦ ମୁଖ୍ୟ ରାସ୍ତା ନବୋର୍ଦା ଗ୍ରାମର ମା' ବାଟମଙ୍ଗଳା ମନ୍ଦିର ନିକଟରେ ଏବେ ଦେଖିବାକୁ ମିଳୁଛି ଏକ ନିଆରା ତଥା ହୃଦୟସ୍ପର୍ଶୀ ଦୃଶ୍ୟ । ଦୈନନ୍ଦିନ ଜୀବନର କଠିନ ସଂଘର୍ଷ ଭିତରେ ଗ୍ରାମବାସୀମାନେ ରାସ୍ତା ପାର୍ଶ୍ୱରେ ମେଲାଇଛନ୍ତି ଜାମୁ, ଖଜୁରୀ ଓ ବଇଞ୍ଚ କୋଳିର ପସରା । ଏହା କେବଳ ଏକ ସାଧାରଣ ବେଉଷା ନୁହେଁ, ବରଂ ମଣିଷ ଓ ପ୍ରକୃତି ମଧ୍ୟରେ ଥିବା ଏକ ନିବିଡ଼ ଆଧ୍ୟାତ୍ମିକ ସମ୍ପର୍କର ଜୀବନ୍ତ ପ୍ରତୀକ ।ଭୋର ସକାଳୁ ଯେତେବେଳେ ଦୁନିଆ ନିଦ୍ରାରେ ଥାଏ, ନବୋର୍ଦା ଗ୍ରାମର ଅନେକ ପୁରୁଷ ଓ ମହିଳା ନିଜ ଜୀବନକୁ ପାଣି ଛଡ଼ାଇ ବାହାରି ପଡ଼ନ୍ତି ନିକଟସ୍ଥ ଘଞ୍ଚ ଜଙ୍ଗଲ ଓ ପାହାଡ଼ିଆ ଇଲାକାକୁ । କଣ୍ଟା, ବୁଦା ଓ ବିପଦସଙ୍କୁଳ ପରିବେଶକୁ ଖାତିର ନକରି ଉଚ୍ଚ ଗଛ ଚଢ଼ି ସଂଗ୍ରହ କରନ୍ତି ପ୍ରକୃତିର ଏହି ଅମୂଲ୍ୟ ରତ୍ନ । ଏକ କଠିନ ତପସ୍ୟା ପରି ସେମାନଙ୍କର ଏହି ନିଷ୍କାମ ପରିଶ୍ରମ ହିଁ ଏହି ଦେଶୀ ଫଳରେ ଭରିଦିଏ ଅପୂର୍ବ ମିଠାସ । ସଫାସୁତରା କରି ସଯନତ୍ ଏହାକୁ ବାଟୋଇଙ୍କ ପାଇଁ ପସରାରେ ସଜାଇ ରଖନ୍ତି । ଦିନସାରା ଖରା ଓ ବର୍ଷାକୁ ସହି, ଦୁଇ ପଇସା ରୋଜଗାର ଆଶାରେ ସେମାନେ ରାସ୍ତା କଡ଼ରେ ଅପେକ୍ଷା କରନ୍ତି । ରାସ୍ତା ଦେଇ ଯାଉଥିବା ଯାତ୍ରୀମାନେ ଗାଡ଼ି ଅଟକାଇ ଏହି ଅମୃତ ତୁଲ୍ୟ ଫଳର ସ୍ୱାଦ ନେବାକୁ ଆଦୌ ଭୁଲୁନାହାନ୍ତି । ଏହି କୋଳିଗୁଡ଼ିକ କେବଳ ସ୍ୱାଦିଷ୍ଟ ନୁହେଁ, ବରଂ ପୋଷକ ତତ୍ତ୍ୱର ଭଣ୍ଡାର, ଜାମୁକୋଳି (କେଜି ପ୍ରତି ୧୦୦ ଟଙ୍କା) ଭିଟାମିନ, ଖଣିଜ ଲବଣ ଓ ଆଣ୍ଟିଅକ୍ସିଡେଣ୍ଟରେ ଭରପୂର । ଏହା ରକ୍ତରେ ଶର୍କରା ନିୟନ୍ତ୍ରଣ (ମଧୁମେହ ରୋଗୀଙ୍କ ପାଇଁ ରାମବାଣ), ହଜମ ପ୍ରକ୍ରିୟା ସୁଦୃଢ଼ କରିବା ଏବଂ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସହାୟକ ହୋଇଥାଏ । ଖଜୁରୀ ଓ ବଇଞ୍ଚ କୋଳି (ଖଜୁରୀ କୋଳି କେଜି ପ୍ରତି ୧୫୦ ଟଙ୍କା), ଏହା ମଧ୍ୟ ପୌଷ୍ଟିକ ଗୁଣରେ ସମୃଦ୍ଧ ହୋଇଥିବାରୁ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ବାଟୋଇଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ପ୍ରଥମ ପସନ୍ଦ ପାଲଟିଛି । ବର୍ଷର ଏହି ଗ୍ରୀଷ୍ମ ଋତୁରେ ଦେଶୀ କୋଳି ବିକ୍ରି ହିଁ ଆମ ପରିବାର ଚଳାଇବାର ମୁଖ୍ୟ ମାଧ୍ୟମ । ଜଙ୍ଗଲରୁ ଆଣିବା ବହୁତ କଷ୍ଟକର, କିନ୍ତୁ ବାଟୋଇମାନେ ଯେତେବେଳେ ଆଗ୍ରହର ସହ କିଣନ୍ତି, ଆମର ସବୁ କଷ୍ଟ ଓ ଥକ୍କାପଣ ଦୂର ହୋଇଯାଏ । ପରମ୍ପରା ଓ ଅର୍ଥନୀତିର ଅପୂର୍ବ ସଙ୍ଗମ ନବୋର୍ଦା ମା' ବାଟମଙ୍ଗଳାଙ୍କ ପୀଠ ନିକଟରେ ଲାଗିଥିବା ଏହି ପସରା କେବଳ ଏକ ବଜାର ନୁହେଁ, ଏହା ହେଉଛି ଆମ ଗ୍ରାମୀଣ ଖାଦ୍ୟ ସଂସ୍କୃତିର ଏକ ଜୀବନ୍ତ ଛବି । ଏହି ଋତୁକାଳୀନ ବ୍ୟବସାୟ ଆଜି ଅନେକ ପରିବାରର ମୁହଁରେ ହସ ଫୁଟାଇବା ସହ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରିବାରେ ବେଶ୍ ସହାୟକ ହୋଇପାରିଛି । ଶ୍ରମିକର ଝାଳ ଓ ପ୍ରକୃତିର ଆଶୀର୍ବାଦ ମିଶି ଏଠାରେ ଯେମିତି ରଚିଛି ଜୀବନ ଜୀବିକାର ଏକ ନିଆରା କାବ୍ୟ ।

## ବିଜେପିର ମିଶ୍ରଣ ପର୍ବ



ପରଜଙ୍ଗ,୧୦/୦୬(ଅକ୍ଷର ଓଡ଼ିଶା): ପରଜଙ୍ଗ ବିଜେପି ର ମିଶ୍ରଣ ପର୍ବ ବୁଧବାର ପରମହଂସପୁର ଦଳୀୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । କୁଲେଇ,ଖାଲପାଳ,ପିତିରି ଓ ଖଇରା ମୁଣ୍ଡା ଗ୍ରାମର ଅନ୍ୟ ଦଳ ବରିଷ୍ଠ କର୍ମୀ ପରିତ୍ୟାଗ କରି ଭାରତୀୟ ଜନତା ପାର୍ଟି ରେ ସାମିଲ ହୋଇଥିଲେ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ଥାନୀୟ ବିଧାୟକ ଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପି ଜିଲ୍ଲା ସଭାପତି ରାହାସ ବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ପିତିରି ପଞ୍ଚାୟତର ବରିଷ୍ଠ ବିଜେଡି ନେତା ସଞ୍ଜୟ କୁମାର ବର୍ମା,କୁଲେଇ ଗ୍ରାମର ବରିଷ୍ଠ ନେତା ସରୋଜ କୁମାର ଜେନା ଙ୍କ ସମେତ ଚାଳିଶରୁ ଉର୍ଦ୍ଧ୍ୱ ଦଳୀୟ ସକ୍ରିୟ କର୍ମୀ ବିଧିବଦ୍ଧ ଭାବେ ଯୋଗଦାନ କରିଥିଲେ । ଏହି ମିଶ୍ରଣ ପର୍ବରେ ଜିଲ୍ଲା ସଭାନେତ୍ରୀ ଯଶସ୍ୱିନି ରାଉତ, ବରିଷ୍ଠ ନେତା ଶରତ ସାହୁ,ମଣ୍ଡଳ ସଭାପତି ବୈଷ୍ଣବ ନାଥ,ପିତିରି ସରପଞ୍ଚ ଅଶୋକ ବର୍ମା,ସାକୁଲି ଜେନା,ବିଭୂତି ସ୍ୱାଇଁ , ଉତ୍ସବ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ ।

## କାମାକ୍ଷାନଗର ବିଜ୍ଞାପିତ ପରିଷଦ ଅଞ୍ଚଳରେ ବି.ଏଲ.ଓ ଙ୍କ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ



କାମାକ୍ଷାନଗର:୧୦/୬(ସୁମନ୍ତ ଜେନା)ଆରମ୍ଭ ହୋଇସାରିଛି ସାରା ଦେଶରେ ଏସ. ଆଇ.ଆର କାର୍ଯ୍ୟକ୍ରମ କ୍ଷ ଯେଉଁଥିରେ ବୁଥ ଲେଭୁଲ ଅଫିସର(ବି. ଏଲ. ଓ )ମାନେ ଘରକୁ ଘର ବୁଲି ଫର୍ମ ବାଣ୍ଟି ତାହାର ସଠିକ ଭାବେ ପୂରଣ ହେବାରେ ସହାୟକ ହୋଇ ପରେ ଆଦାୟ କରାଯିବା ଭଳି କାର୍ଯ୍ୟକ୍ରମ ରହିଛି କ୍ଷ ଗତ ୩୦ ତାରିଖ ଠାରୁ ସାରା ଦେଶ ରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଚଳିତ ମାସ ୨୮ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ନିର୍ଣ୍ଣୟ କରାଯାଇଛି କ୍ଷ ଯେଉଁ ଥିରେ ବି.ଏଲ.ଓ ମାନେ ପ୍ରତି ଘରକୁ ଯାଇ ଫର୍ମ ଦେବା ସହ ଜନସାଧାରଣ ଙ୍କୁ ଏସ. ଆଇ.ଆର. ସମ୍ବନ୍ଧରେ ଅବଗତ କରାଇବେ କ୍ଷ ଏହି ଅବସରରେ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ର ୧୭ନମ୍ବର ବି.ଏଲ.ଓ ରୁନୁବାଳା ସାହୁ ଏବଂ ୧୮ନମ୍ବର ର ବି.ଏଲ. ଓ ଝୁଣୁବାଳା ସେଠି ଘରକୁ ଘର ବୁଲି ଏସ.ଆଇ.ଆର. ଫର୍ମ ଦେଇ ଲୋକ ମାନଙ୍କୁ ବୁଝାଉଥିବା ଦେଖା ଦେଇଛି । ୧୭ନମ୍ବର ବି.ଏଲ.ଓ ୯୮୦ଟି ଘର ବୁଲି ଫର୍ମ ଦେବା କାର୍ଯ୍ୟକ୍ରମ ରହିଥିବା ବେଳେ ସେହିଭଳି ୧୮ନମ୍ବର ରେ ୫୫୦ଟି ଘରେ ଏସ. ଆଇ. ଆର. ଫର୍ମ ଦେବା ସହ ଆଦାୟ କରିବାର କାର୍ଯ୍ୟକ୍ରମ ରହିଛି କ୍ଷ ଉକ୍ତ ବି. ଏଲ. ଓ ଦ୍ୱୟ ଙ୍କର ବୁଝାଇବା ଶୈଳୀ ଏବଂ କଥାର ମାଧୁର୍ଯ୍ୟ ଯୋଗୁ ଲୋକମାନଙ୍କ ମଧ୍ୟରେ ଆଦର ର ପାତ୍ର ହୋଇ ପାରିଛନ୍ତି ।

## ସମାଜସେବୀ ଯାଦୁକର ବିମଳଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର



ହିନ୍ଦୋଳ/ଖଜୁରିଆ କଟା -୧୦/୬(ଅଜୟ କୁମାର ଭଞ୍ଜ )(ନୀଳକଣ୍ଠ ଦାସ)ଢେଙ୍କାନାଳଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀ ହିନ୍ଦୋଳ ଉପଖଣ୍ଡର ବିମଳ ବିଶ୍ୱାଳ ଓଡିଶାରେ ଏକ ପରିଚିତ ଚର୍ଚ୍ଚିତ ଚେହେରା ।ହିନ୍ଦୋଳବ୍ଲକ ବଙ୍ଗୁ ଗ୍ରାମରେ ଜନ୍ମିତ ପିତା ଲକ୍ଷ୍ମଣ ବିଶ୍ୱାଳଙ୍କ ୨ୟ ସନ୍ତାନ ବିମଳ ପିଲାଟି ବେଳରୁ କଳାସଂସ୍କୃତି,ସମାଜସେବା ଓ ଯାଦୁବିଦ୍ୟାରେ ରୁଚିରଖି ନିଜ ପରିଶ୍ରମରେ ଆଜି ଓଡିଶାର ସୁନାମଧନ୍ୟ ଯାଦୁକର ।ଯାଦୁବିଦ୍ୟାରେ ଉଚ୍ଚସୋପାନରେ ପହଂଚି ମଧ୍ୟ ପରିବେଶ ସୁରକ୍ଷା, ସନ୍ତୁଳନ ପାଇଁ ନିଜେ ହଜାରହଜାର ବୃକ୍ଷରୋପଣ କରିବାସହ ଜଙ୍ଗଲ,ହାତୀ ପଶୁପକ୍ଷୀ ସୁରକ୍ଷା ସଂରକ୍ଷଣପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ନିରବିଚ୍ଛନ୍ନ ଭାବରେ କାର୍ଯ୍ୟକରି ଆସୁଛନ୍ତି । ଓଡିଶା ସରକାରଙ୍କ ଜଙ୍ଗଲ ପରିବେଶ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ରାଜ୍ୟ ପ୍ରକୃତି ବନ୍ଧୁ ୨୦୦୭ରେ ଓ ୨ୟ ଥର ୨୦୨୬ ପାଇଁ ବିଶ୍ୱପରିବେଶ ଦିବସରେ ଢେଙ୍କାନାଳଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ମାନିତ ହେବାସହ ୧୦ହଜାର ଆର୍ଥିକରାଶି ପାଇଛନ୍ତି ।ଏହାଛଡା ଭାରତ ସରକାରଙ୍କ ଓଡିଶାରୁ ସ୍ୱୀକୃତିପ୍ରାପ୍ତ ଯାଦୁକର ଭାବରେ ସାରା ଦେଶରେ ପରିଚିତ,ଏଥିସହ ବ୍ଲକ କଳାସଂସ୍କୃତି ସଙ୍ଘର ଉପସଭାପତି ରହିବାସହ ବିଭିନ୍ନ ସାମାଜିକ ଅନୁଷ୍ଠାନସହ ଜଡିତ ଅଛନ୍ତି ।ଯାଦୁକର ବିମଳ ଯାଦୁସମ୍ରାଟ ୨୦୦୪ଓଡିଶାପ୍ରେସ,ପ୍ରକୃତିବନ୍ଧୁ,ପିପିଲି ଜାଗୃତି ସମ୍ମାନ,ହିନ୍ଦୋଳ ଉତ୍ସବ,ବିଷୁବଉତ୍ସବ ପୁରୀ(୨୦୧୩),ପୁରୀ ରଥଯାତ୍ରା ଉତ୍ସବ(୨୦୧୮),୨୦୧୮ରେ ଯୋରନ୍ଦା ଓ ରାମଚଣ୍ଡୀ ମହୋତ୍ସବ,ଢେଙ୍କାନାଳଜିଲ୍ଲା କଳାସଂସ୍କୃତିରେ ଦୁଇଥର (୨୦୧୭),ମୁଁହିରୋ ମୁଁ ଓଡିଶା,ସିକିମ ଗ୍ୟାଙ୍ଗଟକ ସମ୍ମାନ, ଆଣ୍ଡାମାନ ସମ୍ମାନ(୨୦୧୭/୧୮),ଭାଗିରଥି ସମ୍ମାନ(୨୦୨୧),ଶୁକନିକା(୨୦୧୮/୧୯),ଧନ୍ୟବାଦ ଝାଡଖଣ୍ଡ(୨୦୧୮),ଲୋକକଳା ମହୋତ୍ସବ ଭୁବନେଶ୍ୱର(୨୦୧୧/୧୨/୧୬/୧୭/୧୯),ଇନ୍ଦ୍ରଧନୁ ସମ୍ମାନ ପୁରୀ,ସରସ୍ୱତୀ ସମ୍ମାନ ରସୋଲ(୨୦୧୯) ଇତ୍ୟାଦି ବହୁ ସମ୍ମାନରେ ସମ୍ମାନିତ ହେବାସହ ଆମପ୍ରତିଭାଆମ ସମ୍ମାନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି । ତେବେ ପିଲାଟି ବେଳରୁ ବହୁ କଷ୍ଟରେ ନିଜ ପରିଶ୍ରମ ଅଧ୍ୟାବ୍ୟସାୟ ବଳରେ ଆଜି ଶୀର୍ଷ ସୋପାନରେ ପହଂଚି ନିଜ ଜନ୍ମମାଟି ହିନ୍ଦୋଳକୁ ସାରା ରାଜ୍ୟ ତଥା ଦେଶରେ ଗର୍ବିତ କରିପାରିଥିବା ଯାଦୁକର,ପରିବେଶବିତ,କଳାସଂସ୍କୃତି ସାମାଜିକ ମାନବସେବାର ଜଣେ ଅଗ୍ରଦୂତ ଭାବରେ ହିନ୍ଦୋଳ ଜନସାଧାରଣ ପ୍ରଶଂସାମୁଖର ହୋଇଛନ୍ତି

## 'ଢେଙ୍କାନାଳ ବିକାଶର ସାରଥୀ ଥିଲେ ନନ୍ଦିନୀ ଦେବୀ' ୯୫ତମ ଜନ୍ମତିଥୀରେ ସାଂସଦଙ୍କ ଶ୍ରଦ୍ଧାଞ୍ଜଳି

ଢେଙ୍କାନାଳ, ୧୦/୦୬ (ସୁଶାନ୍ତ କୁମାର ପାଣୀ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କେନ୍ଦ୍ର ପୂର୍ବତନ ସୂଚନା ଓ ପ୍ରସାରଣ ମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୯୫ତମ ଜନ୍ମ ଜୟନ୍ତୀ ସୋମବାର ଢେଙ୍କାନାଳରେ ଶ୍ରଦ୍ଧାର ସହ ପାଳିତ ହୋଇଯାଇଛି । ନନ୍ଦିନୀ ଦେବୀ ଢେଙ୍କାନାଳ ବିକାଶର ସାରଥୀ ଥିଲେ ବୋଲି ତାଙ୍କ ପୂର୍ଣ୍ଣାବୟବ ପ୍ରତିକୃତିରେ ମାଲ୍ୟାର୍ପଣ କରି ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ମତବ୍ୟକ୍ତ କରିଥିଲେ ।ନନ୍ଦିନୀ ଦେବୀଙ୍କ ଦ୍ୱାରା ସ୍ଥାପିତ ଅକ୍ଷମ କଲ୍ୟାଣ ସମିତି ପରିଚାଳିତ ଦୃଷ୍ଟିହୀନ ବାଳିକା ବିଦ୍ୟାଳୟ ପରିସରରେ ଆୟୋଜିତ ଜୟନ୍ତୀ ସମାରୋହରେ ଯୋଗଦେଇ ସାଂସଦ ଶ୍ରୀ ପାଣି କହିଥିଲେ, ଢେଙ୍କାନାଳରେ ଉପଗ୍ରହ ଟିଭି ସଂଯୋଗ ଠାରୁ ଆରମ୍ଭ କରି ଶ୍ରମଭିତିକ ଶିଳ୍ପ ଗୋବିନ୍ଦପୁର କଳିଙ୍ଗ ସମବାୟ ସୂତାକଳ ଓ ସିମିନଇ କଳତନ୍ତ ପ୍ରତିଷ୍ଠା ପର୍ଯ୍ୟନ୍ତ ସବୁଥିରେ ତାଙ୍କର ଅବଦାନ ରହିଛି । ଢେଙ୍କାନାଳ ଜିଲ୍ଲାର ବିକାଶ ସହ ସେ ଓତପ୍ରୋତ ଭାବେ ଜଡିତ ଥିଲେ ।ଅକ୍ଷମ କଲ୍ୟାଣ ସମିତିର ସଭାପତି ପ୍ରଦ୍ୟୁମ୍ନ ରଥ ଅଧ୍ୟକ୍ଷତା କରି ନନ୍ଦିନୀ ଦେବୀଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିବା ସହ କହିଥିଲେ ଯେ, ଢେଙ୍କାନାଳ ଜିଲ୍ଲାର ବିଧାୟିକା ଭାବେ ୨୦୦୦ ମସିହା ପର୍ଯ୍ୟନ୍ତ ସେ ଅପରାଜିତା ରହିଆସିଥିଲେ । ତାଙ୍କ ନେତୃତ୍ୱ ଓ ବିକାଶମୂଳକ ଚିନ୍ତାଧାରା ଆଜି ବି ଢେଙ୍କାନାଳ ପାଇଁ ପ୍ରେରଣା ଦେଉଛି ।ଜୟନ୍ତୀ ସଭାରେ ପରିଚାଳନା କମିଟିର ସହ-ସଂପାଦକ ପ୍ରଦୀପ କୁମାର ଧଳ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ କୋଷାଧ୍ୟକ୍ଷ ସରୋଜ ଶତପଥୀ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଆଇନ୍ ?ଜୀବୀ ନରେଶ ଚନ୍ଦ୍ର ମହାପାତ୍ର, ପରିଚାଳନା କମିଟି ସଂପାଦକ ମଳୟ ପାଣିଗ୍ରାହୀ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସମରେନ୍ଦ୍ର ସାହୁ, ଶିକ୍ଷକ ସରୋଜ ସାମଲ, ତପୋବନ ପତ୍ରିକା ସଂପାଦକ ପ୍ରଶାମହାପାତ୍ର, ଅଶୋକ ପ୍ରଧାନ, ଆଇନ୍ ?ଜୀବୀ କୃଷ୍ଣଚନ୍ଦ୍ର ସାହୁ ଓ ଗଣେଶ୍ୱର ସାହୁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ପରିଚାଳନା କମିଟି ଉପସଭାପତି ରାଜୀବ ଲୋଚନ ସିଂହଦେଓ ଧନ୍ୟବାଦ ଅର୍ପଣ କରିଥିଲେ ।ନନ୍ଦିନୀ ଦେବୀଙ୍କ ସ୍ମୃତିଚାରଣ ସମୟରେ ଉପସ୍ଥିତ ସମସ୍ତେ ତାଙ୍କ ପ୍ରତିକୃତିରେ ପୁଷ୍ପାଞ୍ଜଳି ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

## ଟାଟା ଷ୍ଟିଲ୍ ମେରାମଣ୍ଡଳୀ ଏବଂ ଢେଙ୍କାନାଳ ବନ ବିଭାଗର ମିଳିତ ସହଯୋଗରେ ହାତୀ ସୁରକ୍ଷା ନେଇ ଆଲୋଚନା ଚକ୍ର



ଖଜୁରିଆ କଟା ୧୦/୬(ନୀଳକଣ୍ଠ ଦାସ)ଢେଙ୍କାନାଳ ବନ ବିଭାଗ ଏବଂ ଟାଟା ଷ୍ଟିଲ୍ ମେରାମଣ୍ଡଳୀର ମିଳିତ ଅନୁକୂଲ୍ୟରେ ହିନ୍ଦୋଳ ଓଡି -୧୯ ଠାରେ 'ମାନବ-ହାତୀ ସହବସ୍ଥାନ ଏବଂ ସୁରକ୍ଷା' ଉପରେ ଏକ ଆଲୋଚନାଚକ୍ର ବୁଧବାର ଦିନ ଆୟୋଜିତ ହୋଇଯାଇଛି । ସ୍ନେହା' ଏନଜିଓର ପ୍ରତିନିଧିମାନେ ଏଥିରେ ସହଯୋଗ କରିଥିଲେ ।ମଣିଷ ଓ ହାତୀ ମଧ୍ୟରେ ବଢୁଥିବା ବିବାଦର ବିଭିନ୍ନ ଦିଗ ତଥା ଏକ ସୁରକ୍ଷିତ ଭବିଷ୍ୟତ ଗଠନ ଦିଗ ପାଇଁ ବାଟ ଖୋଜିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ସଚେତନତା ଧର୍ମୀ ଆଲୋଚନା ଚକ୍ରରେ ହିନ୍ଦୋଳ ବନ ବିଭାଗ କର୍ମଚାରୀ, ହିନ୍ଦୋଳ ଅଞ୍ଚଳର ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ । ଏହି ଅବସରରେ ହିନ୍ଦୋଳ ବନଖଣ୍ଡର ରେଞ୍ଜ ଅଫିସର ଶ୍ରୀ ତ୍ରିଲୋଚନ ଦେହୁରୀ,ଟାଟା ଷ୍ଟିଲ ମେରାମଣ୍ଡଳୀ,କର୍ପୋରେଟ ସର୍ଭିସେସ, ଚିଫ, ଶ୍ରୀ ଶୁଭ୍ରାଂଶୁ ଶେଖର ପଣ୍ଡା, ଟାଟା ଷ୍ଟିଲ୍ ମେରାମଣ୍ଡଳୀର କର୍ପୋରେଟ୍ ରିଲେସନ ଓ ରେଗୁଲେଟୋରୀ କମ୍ପ୍ଲାଏନ୍ସ, ହେଡ୍ , ଶ୍ରୀ ଏନ. ସି. ମହାପାତ୍ର ଏବଂ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ନିଜ ମତ ରଖିଥିଲେ ।ଆଜିକାଲି ମଣିଷ ଏବଂ ହାତୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ବଢୁଥିବାରୁ ସ୍ଥାନୀୟ ଲୋକ ଓ ହାତୀ ଉଭୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଏବଂ କିପରି ଏହାର ସଫଳ ମୁକାବିଲା କରାଯାଇ ପାରିବ ସେ ବିଷୟରେ 'ସ୍ନେହା' ଏନଜିଓର ଶ୍ରୀ ହରି କ୍ରିଷ୍ଣା ହାତୀ ସୁରକ୍ଷା କରିବାର ବିଭିନ୍ନ କୌଶଳ ଓ ଉପାୟ ବିଷୟରେ ଛବି ଏବଂ ଭିଡିଓ ଉପସ୍ଥାପନା ମାଧ୍ୟମରେ ବିସ୍ତୃତ ଭାବେ ବୁଝାଇ ଥିଲେ । 'ସ୍ନେହା' ଏନଜିଓର ବନ୍ୟଜନ୍ତୁ ବିଶେଷଜ୍ଞ ଶ୍ରୀ ରଞ୍ଜିତ ପଟ୍ଟନାୟକ, ଶ୍ରୀ ଅରବିନ୍ଦ ମାଝୀ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ । ଏଥିସହିତ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା ଯେଉଁଠାରେ ସାମ୍ବାଦିକମାନେ ବିଶେଷଜ୍ଞମାନଙ୍କ ସହ ସିଧାସଳଖ ପ୍ରଶ୍ନ ପଚାରିବା ସହ ଏହି ପ୍ରସଙ୍ଗରେ ଆଲୋଚନା କରିଥିଲେ ।

## ଓଡ଼ାପଡ଼ା ରେ ପାନୀୟଜଳ ସମସ୍ୟା କୁ ନେଇ ଆନ୍ଦୋଳନ କୁ ଓହ୍ଲାଇଲେ ପ୍ରଜା

ଖଜୁରିଆ କଟା ୧୦/୬(ନୀଳକଣ୍ଠ ଦାସ) ଓଡ଼ାପଡ଼ା ରେ ପାନୀୟଜଳ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ପ୍ରଶାସନ ଓ ବିଭାଗୀୟ ଅଧିକାରୀ ମାନେ ଚୁପ୍ ରହିବା ଘଟଣା କୁ ନେଇ ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଆନ୍ଦୋଳନ କୁ ଓହ୍ଲାଇ ଥିବା ଦେଖିବାକୁ ମିଳିଛି । ଓଡ଼ାପଡ଼ା ବ୍ଲକ ବଦାଲୁ ପଞ୍ଚାୟତ ଅନ୍ତର୍ଗତ ,ଦାଲୁ,ହାଣ୍ଡିଫୁଟା,ନରହରିପୁର, ମାଡୁଆ ନୂଆସାହି ସହିତ ଅନ୍ୟାନ୍ୟ ଗ୍ରାମର ଲୋକମାନେ ରାଜ ରାସ୍ତାକୁ ଓହ୍ଲାଇ ଆଜି ହିନ୍ଦୋଳ ଗୁଡିଆକାଟେଣି ରାସ୍ତା ଅବରୋଧ କରିଛନ୍ତି ।ରାଜ୍ୟରେ ଜନସାଧାରଣ ଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେଉଥିବା ରାଜ୍ୟ ସରକାରଙ୍କ ଠାରୁ ଆରମ୍ଭ କରି କେନ୍ଦ୍ରସରକାର ଙ୍କ ପର୍ଯ୍ୟନ୍ତ ମନ୍ତ୍ରୀ ଓ ନେତାମାନେ କହୁଥିବା ବେଳେ ବାସ୍ତବରେ ତାହା ଦେଖିବାକୁ ମିଳିନଥାଏ । ଓଡ଼ାପଡ଼ା ବ୍ଲକ ଏକ ଶିଳ୍ପ ସମୃଦ୍ଧ ଓ ଖଣିଖାଦାନ ଭରା ବ୍ଲକ । ଏହି ବ୍ଲକର ଜନସାଧାରଣ ବିଶୁଦ୍ଧ ପାନୀୟଜଳ ଅଭାବରୁ ନାନା ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିବା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ଜଣାପଡିଛି । କଳକାରଖାନା ଓ ଖଣିଖାଦାନ ନିକଟବର୍ତ୍ତୀ ୧୦ ଗୋଟି ପଞ୍ଚାୟତ ର



ଲୋକ ମାନେ ବିଶୁଦ୍ଧ ପାନୀୟଜଳ ଅଭାବରୁ ପ୍ରତ୍ୟେକ ବର୍ଷ ଶତାଧିକ ଲୋକ କୀଡିନ ରୋଗ ରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିବାବେଳେ ଶତାଧିକ ଲୋକ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ଲଢେଇ କରୁଥିବା ଦେଖିବାକୁ ମିଳିଛି । ଓଡ଼ାପଡ଼ା ବ୍ଲକ ରେ ଅନେକ ପାଇପ୍ ଯୋଗେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଉଛି କିନ୍ତୁ ସେଥି ମଧ୍ୟରୁ ଅଧାରୁ ଅଧିକ ଅଚଳ ହୋଇ ପଡିଥିବା ଅଭିଯୋଗ ହୋଇଛି । ଯେଉଁ ସ୍ଥାନରେ ଠିକ ଅଛି ସେହି ଗ୍ରାମର ସମସ୍ତ ଲୋକଙ୍କ ପାଖରେ ପାଣି ପହଞ୍ଚି ପାରୁନାହିଁ ।ନିମ୍ନ ମାନର ଯନ୍ତ୍ରାଂଶ ଓ ପାଇପ୍ ବ୍ୟବହାର କରାଯାଇଥିବା ଯୋଗୁଁ କେଉଁ ଠାରେ ପାଇପ୍ ଫାଟି ପାଣି ରାସ୍ତାରେ ଯାଉଛି । ଗୋଟିଏ ସ୍ଥାନରେ ପାଇପ୍ ଫାଟି ପାଣି ବାହାରକୁ ବୋହି ଯାଉଥିବା ଏବଂ ଫଟା ପାଇପ୍ ଉପରେ ସିମେଣ୍ଟ କଂକ୍ରିଟ ଢାଳି ପ୍ୟାଚ ପକା ଯାଉଥିବାର ଫଟୋ ଉଠାଇବା ବେଳେ ସେଠାରେ କାର୍ଯ୍ୟ ରତ କର୍ମଚାରୀ ସାମ୍ବାଦିକ ଙ୍କୁ ଧମକ ଦେଇଥିଲେ ଏ ସମ୍ପର୍କରେ ଢେଙ୍କାନାଳ ଉପଖଣ୍ଡ ଅଧିକାରୀ ଅମିତ୍ କୁମାର ସେଠୀ ଙ୍କୁ ପଚାରିବାରୁ ସେ ମହାଶୟ କହିଛନ୍ତି କି ଆପଣ ଯାହା କରିବା କଥା କରନ୍ତୁ ।ଏ ସମ୍ପର୍କରେ ମେଗା ପାନୀୟଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା ଅଧିକାରୀ ସିଦ୍ଧାର୍ଥ ଲେଙ୍କା ଙ୍କୁ ପଚାରିବାରୁ ସେ ମହାଶୟ କହିଛନ୍ତି କି ସେମାନେ ଆପଣଙ୍କୁ ଚିହ୍ନି ନାହାନ୍ତି କହିଦେଇଛନ୍ତି ଏପରି ଆଉ କେବେ ହେବ ନାହିଁ ବୋଲି କହିଛନ୍ତି,ଓଡ଼ାପଡ଼ା ପାନୀୟଜଳ ବିଭାଗ ଯନ୍ତ୍ରୀଙ୍କୁ ସୁପ୍ରିୟା ପ୍ରଧାନ ଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ

ଅକ୍ଷର
AKHYARA ODISHA ଓଡ଼ିଶା

# ସମ୍ପାଦକୀୟ



**ଚୌଧୁରୀ ରମାକାନ୍ତ ଦାସ**
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧

## ମୁଖ୍ୟ ସମ୍ପାଦକଙ୍କ କଲମରୁ

## ସନ୍ତୁଳିତ ବିକାଶ

ଗ୍ରେଟ୍ ନିକୋବର ପ୍ରକଳ୍ପର ଲକ୍ଷ୍ୟ ହେଉଛି, ନିକୋବରକୁ ପୂର୍ବ-ପାଶ୍ଚାତ୍ୟ ସାମୁଦ୍ରିକ ପରିବହନ ମାର୍ଗକୁ ଅଧିକ ନିକଟତର (ପ୍ରାୟ ୪୦ ନଟିକାଲ୍ ମାଇଲ୍) କରାଇ ରଣନୀତିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବେ ଗଢ଼ି ତୋଳିବା, ଏବଂ ପ୍ରତିରକ୍ଷା ତଥା ଜାତୀୟ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଦେଶୀ ଟ୍ରାନ୍ସସିପମେଣ୍ଟ ବନ୍ଦର ଉପରେ ନିର୍ଭରଶୀଳତା ହ୍ରାସ କରିବା। ଏହିକ୍ରମରେ ଏଠାରେ ଏକ ୧୪.୨ ମିଲିୟନ୍ ଟ୍ୱେଣ୍ଟି-ଫୁଟ୍ ଇକ୍ୟୁଭାଲେଣ୍ଟ ୟୁନିଟ୍ (ଏମ୍‌ଟିଇୟୁ) ଆନ୍ତର୍ଜାତିକ କଣ୍ଟେନର ଟ୍ରାନ୍ସସିପମେଣ୍ଟ ଟର୍ମିନାଲ୍, ଏକ ଗ୍ରୀନଫିଲ୍ଡ ଆନ୍ତର୍ଜାତୀୟ ବିମାନବନ୍ଦର (୪୦୦୦ ପିକ୍ ଆୱାର ପାସେଞ୍ଜର ପିଏଚ୍‌ପି), ଏକ ୪୫୦ ଏମଭିଏ ଗ୍ୟାସ୍-ସୌର ଶକ୍ତି ପ୍ଲାଣ୍ଟ ଏବଂ ଏକ ଯୋଜନାବଦ୍ଧ ଟାଉନଶିପ୍ ନିର୍ମାଣ ପ୍ରଭୃତି କାର୍ଯ୍ୟ ଅନ୍ତର୍ଭୁକ୍ତ ରହିଛି। ଏହି ବିକାଶ ପ୍ରକ୍ରିୟା ଏକ ନିୟନ୍ତ୍ରିତ ପରିବେଶ ଢାଞ୍ଚା ଅନୁସରଣ କରେ। ଦ୍ୱୀପର ୧.୮୨% ଜଙ୍ଗଲ ଜମିର ପରିବର୍ତ୍ତନ ଏବଂ ୯୭.୩୦ ବର୍ଗ କିଲୋମିଟର ପରିମିତ ଅଞ୍ଚଳରେ କ୍ଷତିପୂରଣମୂଳକ ବନୀକରଣ ପାଇଁ ଯୋଜନା କରାଯାଇଛି। ଆଦିବାସୀ କଲ୍ୟାଣ ଏହି ପ୍ରକଳ୍ପର କେନ୍ଦ୍ରବିନ୍ଦୁ। ଏଣୁ ଏଠାରେ ରହୁଥିବା ସୋମ୍ପେନ୍ ଏବଂ ନିକୋବରୀ ସମ୍ପ୍ରଦାୟ ପାଇଁ କୌଣସି ବିସ୍ଥାପନ ପ୍ରସ୍ତାବ ନାହିଁ ଏବଂ ପୁନଃ-ବିଜ୍ଞପ୍ତି ମାଧ୍ୟମରେ ବିଜ୍ଞପ୍ତିଭୁକ୍ତ ଆଦିବାସୀ ସଂରକ୍ଷିତ ଅଞ୍ଚଳରେ ନିଟ୍ ବୃଦ୍ଧି କରାଯାଇଛି। ଗ୍ରେଟ୍ ନିକୋବର ପ୍ରକଳ୍ପ ହେଉଛି ଏକ ରଣନୈତିକ ପ୍ରକଳ୍ପ ଯାହା ଆଣ୍ଡାମାନ ସାଗର ଏବଂ ଦକ୍ଷିଣ-ପୂର୍ବ ଏସିଆରେ ଭାରତର ଉପସ୍ଥିତିକୁ ମଜବୁତ କରିବାକୁ ଲକ୍ଷ୍ୟ ରଖିଛି। ଏହି ପ୍ରକଳ୍ପ ବନ୍ଦର-ଭିତ୍ତିକ ଅଭିବୃଦ୍ଧି ସହିତ ପରିବେଶ ସୁରକ୍ଷା ଏବଂ ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟର ସୁରକ୍ଷା ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ପ୍ରୟାସ କରିଛି। ରଣନୈତିକ, ଅର୍ଥନୈତିକ ଏବଂ ପରିବେଶ ସମ୍ବନ୍ଧୀୟ ପ୍ରାଥମିକତାଗୁଡ଼ିକୁ ଦୃଷ୍ଟିରେ ରଖି ଏହି ପ୍ରକଳ୍ପ ଗ୍ରେଟ୍ ନିକୋବରର ସତତ ବିକାଶ ସାଧନ ସହ ଏବଂ ଜାତୀୟ ସ୍ୱାର୍ଥ ରକ୍ଷା ପାଇଁ ଚେଷ୍ଟିତ।

ଏହି ପ୍ରକଳ୍ପ ମାଧ୍ୟମରେ: ଏକ ୧୪.୨ ମିଲିୟନ୍ ଟିଇୟୁ (ଟ୍ୱେଣ୍ଟି-ଫୁଟ୍ ଇକ୍ୟୁଭାଲେଣ୍ଟ ୟୁନିଟ୍) କ୍ଷମତା ବିଶିଷ୍ଟ ଆନ୍ତର୍ଜାତିକ କଣ୍ଟେନର ଟ୍ରାନ୍ସସିପମେଣ୍ଟ ଟର୍ମିନାଲ୍ (ଆଇସିଟିଟି) ସ୍ଥାପନ ସହ ଏକ ଗ୍ରୀନଫିଲ୍ଡ ଆନ୍ତର୍ଜାତୀୟ ବିମାନବନ୍ଦର (୪୦୦୦ ପିକ୍ ଆୱାର ପାସେଞ୍ଜର-ପିଏଚ୍‌ପି), ଏକ ୪୫୦ ଏମ୍‌ଭିଏ (ମେଗାଭୋଲ୍ଟ ଆମ୍ପିୟର) ଗ୍ୟାସ୍ ଏବଂ ସୌରଭିତ୍ତିକ ବିଦ୍ୟୁତ୍ କେନ୍ଦ୍ର, ଏବଂ ୧୬,୬୧୦ ହେକ୍ଟର ଅଞ୍ଚଳରେ ବ୍ୟାପ୍ତ ଏକ ନୂତନ ଟାଉନସିପ୍ ନିର୍ମାଣ ଲକ୍ଷ୍ୟ ରଖାଯାଇଛି। ଏହି ବିକାଶ ଏକ ସମ୍ବେଦନଶୀଳ ଏବଂ ସାମଗ୍ରିକ ଦୃଷ୍ଟିକୋଣ ଅନୁସରଣ କରେ। ଏହା ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟର ଆବଶ୍ୟକତାକୁ ବିଚାରକୁ ନିଏ ଏବଂ ଦ୍ୱୀପର ପରିବେଶ ସମ୍ପଦକୁ ସୁରକ୍ଷିତ ରଖିବାକୁ ଲକ୍ଷ୍ୟ ରଖିଛି।

## ଶୈଶବର ସୁରକ୍ଷା, ସମାଜର ଦାୟିତ୍ୱ



**ସୁବ୍ରତ କୁମାର ଦାସ**
ରାଜେନ୍ଦ୍ରପୁର, ବାରିକପୁର ବଜାର,
ଭଦ୍ରକ, ୯୪୩୭୭୩୧୯୦୩

ଶିଶୁ ହେଉଛି ଜାତିର ଭବିଷ୍ୟତ। ସମାଜର ଆଶା ଓ ଦେଶର ଆଗାମୀ ଶକ୍ତି। ଆଜିର ଶିଶୁ ହିଁ ଆସନ୍ତାକାଲିର ଜଣେ ସୁନାଗରିକ, ବୈଜ୍ଞାନିକ, ଶିକ୍ଷକ, ଡାକ୍ତର, ସାହିତ୍ୟିକ ଓ ନେତୃତ୍ୱ ଦାନକାରୀ ବ୍ୟକ୍ତିତ୍ୱରେ ପରିଣତ ହେବ। ତେଣୁ ଶିଶୁମାନଙ୍କର ସୁସ୍ଥ ବିକାଶ, ଉତ୍ତମ ଶିକ୍ଷା, ସୁରକ୍ଷା ଓ ସ୍ନେହମୟ ପରିବେଶ ନିଶ୍ଚିତ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। କିନ୍ତୁ ଦୁଃଖର ବିଷୟ, ଆଜି ମଧ୍ୟ ବିଶ୍ୱର ଅନେକ ଶିଶୁ ଶିକ୍ଷା ଓ ଖେଳକୁଦରୁ ବଞ୍ଚିତ ହୋଇ ଶ୍ରମର ବୋଝ ବହନ କରୁଛନ୍ତି। ଏହି ସାମାଜିକ ବ୍ୟାଧି ବିରୋଧରେ ସଚେତନତା ସୃଷ୍ଟି ଏବଂ ଶିଶୁ ଅଧିକାର ସୁରକ୍ଷା ପାଇଁ ପ୍ରତିବର୍ଷ ଜୁନ୍ ୧୨ ତାରିଖରେ ବିଶ୍ୱ ଶିଶୁ ଶ୍ରମ ବିପକ୍ଷ ଦିବସ ପାଳନ କରାଯାଏ। ଏହି ଦିବସ କେବଳ ଶିଶୁ ଶ୍ରମ ବିରୋଧରେ ସ୍ୱର ଉତ୍ତୋଳନର ଦିନ ନୁହେଁ, ବରଂ ପ୍ରତ୍ୟେକ ଶିଶୁର ଅଧିକାର, ସମ୍ମାନ ଓ ସ୍ୱପ୍ନକୁ ସୁରକ୍ଷିତ ରଖିବାର ଏକ ସଂକଳ୍ପର ଦିନ। ଶିଶୁମାନେ ପରିବାର, ସମାଜ ଓ ରାଷ୍ଟ୍ରର ଅମୂଲ୍ୟ ସମ୍ପଦ। ସେମାନଙ୍କୁ ଶ୍ରମିକ ଭାବେ ନୁହେଁ, ଭବିଷ୍ୟତର ସ୍ରଷ୍ଟା ଭାବେ ଦେଖିବା ଆବଶ୍ୟକ।ଶିଶୁ ଅଧିକାରର ମୂଳ ଆଧାର ହେଉଛି ଜୀବନ, ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା ଓ ବିକାଶର ଅଧିକାର। ପ୍ରତ୍ୟେକ ଶିଶୁର ଜନ୍ମରୁ ଏହି ଅଧିକାର ରହିଛି। ସେ ଧନୀ କିମ୍ବା ଗରିବ, ସହର କିମ୍ବା ଗାଁରେ ବସବାସ କରୁଥିବା, ପୁଅ କିମ୍ବା ଝିଅସମସ୍ତଙ୍କର ସମାନ ଅଧିକାର ରହିଛି। ଶିଶୁମାନେ ସ୍ନେହ, ମମତା ଓ ନିରାପତ୍ତାର ପରିବେଶରେ ବଡ଼ ହେବା ଉଚିତ। କିନ୍ତୁ ଅନେକ କ୍ଷେତ୍ରରେ ଦାରିଦ୍ର୍ୟ, ଅଶିକ୍ଷା, ସାମାଜିକ ଅସମାନତା ଓ ଆର୍ଥିକ ଚାପ ଯୋଗୁଁ ଶିଶୁମାନେ ନିଜ ଅଧିକାରରୁ ବଞ୍ଚିତ ହେଉଛନ୍ତି।

ଆଜି ଅନେକ ଶିଶୁ ବିଦ୍ୟାଳୟକୁ ଯିବା ପରିବର୍ତ୍ତେ ହୋଟେଲ, ଚା’ ଦୋକାନ, ଗ୍ୟାରେଜ, କାରଖାନା, ଇଟାଭାଟି, କୃଷି କ୍ଷେତ୍ର ଓ ଘରୋଇ କାମରେ ନିୟୋଜିତ ହେଉଛନ୍ତି। ଅତି କମ୍ ବୟସରେ ସେମାନେ ଶ୍ରମର କଠିନ ବାସ୍ତବତା ସହ ସଂଘର୍ଷ କରିବାକୁ ବାଧ୍ୟ ହେଉଛନ୍ତି। ଯେଉଁ ବୟସରେ ସେମାନଙ୍କ ହାତରେ ପୁସ୍ତକ ଓ ଖେଳନା ଥିବା କଥା, ସେହି ବୟସରେ ସେମାନେ କାମର ଯନ୍ତ୍ର, ମେସିନ ଧରି ଜୀବନ ଜୀବିକାର ଲଢ଼େଇ କରୁଛନ୍ତି। ଏହା କେବଳ ଶିଶୁର ଅଧିକାର କ୍ଷୁର୍ଣ୍ଣ ନୁହେଁ, ବରଂ ସମାଜର ନୈତିକ ବିଫଳତାର ପରିଚୟ। ଶିଶୁ ଶ୍ରମର ମୂଳ କାରଣ ମଧ୍ୟରେ ଦାରିଦ୍ର୍ୟ ଏକ ପ୍ରମୁଖ କାରଣ। ପରିବାରର ଆର୍ଥିକ ଅବସ୍ଥା ଦୁର୍ବଳ ହେଲେ ଅନେକ ଅଭିଭାବକ ଶିଶୁମାନଙ୍କୁ କାମକୁ ପଠାଇବାକୁ ବାଧ୍ୟ ହୁଅନ୍ତି। ଅନ୍ୟପଟେ ଅଶିକ୍ଷା ଓ ସଚେତନତାର ଅଭାବ ମଧ୍ୟ ଏହି ସମସ୍ୟାକୁ ବଢ଼ାଇଥାଏ। ଅନେକ ପରିବାର ଶିକ୍ଷାର ମହତ୍ତ୍ୱ ବୁଝିପାରନ୍ତି ନାହିଁ ଏବଂ ତତ୍କାଳିକ ଆୟକୁ ଅଧିକ ପ୍ରାଧାନ୍ୟ ଦିଅନ୍ତି। ଏହା ସହିତ ପ୍ରାକୃତିକ ବିପର୍ଯ୍ୟୟ, ପରିବାରରେ ବିଶୃଙ୍ଖଳା, ଅନାଥ ଅବସ୍ଥା ଓ ସାମାଜିକ ଅସୁରକ୍ଷା ମଧ୍ୟ ଶିଶୁ ଶ୍ରମ ବୃଦ୍ଧିର କାରଣ ହୋଇଥାଏ। ଶିଶୁ ଶ୍ରମର କୁପ୍ରଭାବ ଅତ୍ୟନ୍ତ ଗମ୍ଭୀର। ଏହା ଶିଶୁର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶକୁ ବାଧା ଦେଇଥାଏ। ଦୀର୍ଘ ସମୟ କାମ କରିବା ଫଳରେ ସେମାନଙ୍କ ସ୍ୱାସ୍ଥ୍ୟ ଖରାପ ହୁଏ, ଅନେକ ରୋଗରେ ପୀଡ଼ିତ ହୁଅନ୍ତି ଏବଂ ଜୀବନ ପ୍ରତି ଆଗ୍ରହ ହରାଇ ବସନ୍ତି। ଶିକ୍ଷାରୁ ବଞ୍ଚିତ ହେବାରୁ ସେମାନଙ୍କର ଭବିଷ୍ୟତ ସଙ୍କୁଚିତ ହୋଇଯାଏ। ଫଳରେ ଦାରିଦ୍ର୍ୟର ଅବସ୍ଥା ଗୋଟିଏ ପିଢ଼ିରୁ ଆଉ ଗୋଟିଏ ପିଢ଼ିକୁ ବ୍ୟାପିଥାଏ। ଶିଶୁ ଶ୍ରମ କେବଳ ବ୍ୟକ୍ତିଗତ କ୍ଷତି କରେ ନାହିଁ, ଏହା ଦେଶର ସାମଗ୍ରିକ ଉନ୍ନତିକୁ ମଧ୍ୟ ବାଧାପ୍ରାପ୍ତ କରିଥାଏ।

ଶିଶୁ ଅଧିକାରର ସୁରକ୍ଷା ପାଇଁ ବିଭିନ୍ନ ଆନ୍ତର୍ଜାତିକ ଓ ଜାତୀୟ ଆଇନ ପ୍ରଣୟନ କରାଯାଇଛି। ଶିଶୁମାନଙ୍କୁ ବିପଦଜନକ ଓ ଶୋଷଣମୂଳକ କାର୍ଯ୍ୟରେ ନିୟୋଜିତ କରିବା ଆଇନତଃ ଦଣ୍ଡନୀୟ ଅପରାଧ। ଭାରତରେ ମଧ୍ୟ ଶିଶୁ ଶ୍ରମ ନିଷେଧ ପାଇଁ ବିଭିନ୍ନ ଆଇନ ରହିଛି। ଶିକ୍ଷାର ଅଧିକାର ଆଇନ ଅନୁସାରେ ପ୍ରତ୍ୟେକ ଶିଶୁଙ୍କୁ ନିଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନର ବ୍ୟବସ୍ଥା ରହିଛି। ତଥାପି କେବଳ ଆଇନ ପ୍ରଣୟନ କଲେ ହେବ ନାହିଁ, ତାହାର ସଠିକ୍ କାର୍ଯ୍ୟକାରିତା ଓ ସାମାଜିକ ସହଯୋଗ ମଧ୍ୟ ଆବଶ୍ୟକ।

ସରକାରଙ୍କ ଦ୍ୱାରା ଶିଶୁ କଲ୍ୟାଣ ପାଇଁ ବହୁ ଯୋଜନା କାର୍ଯ୍ୟକାରୀ ହେଉଛି। ମଧ୍ୟାହ୍ନ ଭୋଜନ ଯୋଜନା, ସମଗ୍ର ଶିକ୍ଷା କାର୍ଯ୍ୟକ୍ରମ, ଶିଶୁ ସୁରକ୍ଷା ଯୋଜନା, ଛାତ୍ରବୃତ୍ତି ବ୍ୟବସ୍ଥା ଓ ବିଭିନ୍ନ ସାମାଜିକ ସୁରକ୍ଷା ପଦକ୍ଷେପ ମାଧ୍ୟମରେ ଶିଶୁମାନଙ୍କୁ ଶିକ୍ଷା ଓ ସୁରକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଉଦ୍ୟମ କରାଯାଉଛି। ବିଭିନ୍ନ ବିପନ୍ନ ଅଞ୍ଚଳରୁ ଉଦ୍ଧାର ହୋଇଥିବା ଶିଶୁମାନଙ୍କୁ ପୁନର୍ବାସନ, ଶିକ୍ଷା ଓ କୌଶଳ ବିକାଶ ସୁବିଧା ଯୋଗାଇ ଦିଆଯାଉଛି। ଏହି ପଦକ୍ଷେପଗୁଡ଼ିକ ଶିଶୁମାନଙ୍କ ଜୀବନରେ ନୂଆ ଆଶାର ସଞ୍ଚାର କରୁଛି। ଶିଶୁ ଅଧିକାର ସୁରକ୍ଷାରେ ପରିବାରର ଭୂମିକା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ। ଅଭିଭାବକମାନେ ଶିଶୁଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ନୈତିକ ବିକାଶ ପ୍ରତି ସଚେତନ ହେବା ଆବଶ୍ୟକ। ଶିଶୁମାନଙ୍କୁ କାମର ଚାପ ନ ଦେଇ ସେମାନଙ୍କ ସ୍ୱପ୍ନକୁ ସାର୍ଥକ କରିବା ଦରକାର। ଶିଶୁଙ୍କ ସହ ସମୟ ବିତାଇବା, ସେମାନଙ୍କ ସମସ୍ୟା ବୁଝିବା ଏବଂ ସ୍ନେହପୂର୍ଣ୍ଣ ପରିବେଶ ଦେବା ଦ୍ୱାରା ସେମାନେ ଆତ୍ମବିଶ୍ୱାସୀ ଓ ଦାୟିତ୍ୱବାନ ନାଗରିକ ହୋଇପାରିବେ। ସମାଜର ମଧ୍ୟ ଏଥିରେ ବଡ଼ ଦାୟିତ୍ୱ ରହିଛି। ଯଦି ଆମେ କୌଣସି ଶିଶୁକୁ ହୋଟେଲ, ଦୋକାନ କିମ୍ବା ଅନ୍ୟ କୌଣସି ସ୍ଥାନରେ କାମ କରୁଥିବାର ଦେଖୁ, ତେବେ ତାହାକୁ ସାଧାରଣ ଘଟଣା ଭାବେ ନ ନେଇ ସମ୍ପୃକ୍ତ ବିଭାଗକୁ ଜଣାଇବା ଉଚିତ। ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଶିକ୍ଷାନୁଷ୍ଠାନ, ଗଣମାଧ୍ୟମ, ଚାଇଲ୍ଡ ହେଲ୍ପ ଲାଇନ (୧୦୯୮ ଦେୟମୁକ୍ତ ନମ୍ବର) ଓ ସାମାଜିକ ସଂଗଠନମାନେ ସଚେତନତା ସୃଷ୍ଟି କରି ଶିଶୁ ଅଧିକାର ସୁରକ୍ଷାରେ ମହତ୍ୱପୂର୍ଣ୍ଣ ଭୂମିକା ନେଇପାରନ୍ତି। ଏକ ସଚେତନ ସମାଜ ହିଁ ଶିଶୁ ଶ୍ରମମୁକ୍ତ ସମାଜ ଗଢ଼ିପାରିବ। ଶିଶୁମାନେ କେବଳ ଅର୍ଥ ଉପାର୍ଜନର ମାଧ୍ୟମ ନୁହେଁଁ ସେମାନେ ଆଶା, ସମ୍ଭାବନା ଓ ସୃଜନଶୀଳତାର ପ୍ରତୀକ। ସେମାନଙ୍କ ହସରେ ଭବିଷ୍ୟତର ସୁନେଲି ସ୍ୱପ୍ନ ଲୁଚି ରହିଛି।

# ସକାରାତ୍ମକ ଚିନ୍ତାଧାରା



**ଦାଶରଥୀ ଶତପଥୀ**
ପୂର୍ବତନ ସଚିବ, ଓଡିଶା ବିଧାନସଭା,
ଭୁବନେଶ୍ୱର, ୯୩୩୭୪୪୯୩୭୩

କଥାରେ ଅଛି, ସାଧନା ବଳେ ସର୍ବସିଦ୍ଧି। ଚେଷ୍ଟା କରିବ ନାନା ମତେ, ଫଳ ଫଳିବ କର୍ମର ଆୟତ୍ତେ। ତଥାପି ଆମକୁ କର୍ମ କରିବାକୁ ପଡ଼ିବ, ପ୍ରଚେଷ୍ଟା ଜାରି ରଖିବାକୁ ହେବ ଏବଂ ଅସଫଳତାକୁ ସାମ୍ନା କରିବାକୁ ପଡ଼ିବ। ଦୁଃଖ ସୁଖ, ଭଲ ମନ୍ଦ, ଲାଭ କ୍ଷତି, ପାସ୍ ଫେଲ୍ ଏସବୁ ସଂସାର ଭିତରେ ରହିଛି ଓ ରହିଥିବ ମଧ୍ୟ। କିନ୍ତୁ ମୁଁ ଆପଣଙ୍କୁ ଦୃଢ଼ ସ୍ୱରରେ କହିପାରେ, ଆପଣ ଯଦି ଆପଣଙ୍କର ମନକୁ ସୁନିୟନ୍ତ୍ରିତ କରି ପାରନ୍ତି, ଦେଖିବେ ଆପଣ ନିଶ୍ଚୟ ସକାରାତ୍ମକ ଦିଗକୁ ଗତି କରିବେ। ଆପଣଙ୍କ ମନରୁ ଦୁଃଖ, ଅବସାଦ, ରୋଗବ୍ୟାଧି, କ୍ରୋଧ, ମାୟା,ମୋହ ଆସ୍ତେ ଆସ୍ତେ ଦୂରେଇ ଯିବ। ଭଗବତ୍ ଚିନ୍ତା ଓ ଚେତନା ମଧ୍ୟରେ ଆପଣଙ୍କର ମନ ଅଧର୍ମରୁ ଧର୍ମ ଦିଗକୁ ଅନିଶ୍ଚିତତା ରୁ ନିଶ୍ଚିତା କୁ ଏବଂ ସତ୍ ମାର୍ଗରେ ଚାଲିବା ପାଇଁ ପ୍ରେରଣା ଯୋଗାଇବ। ଏକ ସୁନ୍ଦର ସଫଳ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ସକାରାତ୍ମକ ଭାବରେ ଜୀବନ ନିର୍ବାହ କରିବା ସମସ୍ତଙ୍କର ଲକ୍ଷ୍ୟ ଥାଏ। ସମସ୍ତେ ଜୀବନରେ ଶାନ୍ତି ଖୋଜନ୍ତି, ସମୃଦ୍ଧ ବା ପ୍ରଶସ୍ତ ଶାନ୍ତି ଠାରୁ କେବେ ବଡ଼ ନୁହେଁ। ଆପଣଙ୍କର କର୍ମ ଆପଣଙ୍କୁ ସମାଜ ଆଗରେ ଅନନ୍ୟ ପ୍ରତିଭାର ଅଧିକାରୀ ବୋଲି ପ୍ରତିପାଦିତ କରିବ। ସେଥିପାଇଁ ନିଜ ଢୋଲ ନିଜେ ପିଟିବାର କିଛି ଆବଶ୍ୟକତା ନାହିଁ। ଯେଉଁ ମଣିଷ ନିଜ ଠାରୁ ଅଧିକ ବୋଲି ଆତ୍ମପ୍ରଚାର କରେ, ଆତ୍ମବଡ଼ିମା ଦେଖାଏ, ସେ ସମାଜରେ କମ୍ ସମୟ ପାଇଁ ପ୍ରଶଂସା ଭାଜନ ହୋଇପାରେ, କିନ୍ତୁ ସବୁ ସମୟରେ ନୁହେଁ। ଅତ୍ୟନ୍ତ ପକ୍ଷେ, ନିଜ ବିବେକ ନିଜକୁ ବାଧା ଦିଏ। ଅନ୍ତରାଭିମାନରେ ଏକ ହାହାକାର ଚିତ୍ର ଉଭାସିତ ହୁଏ।

ସେଥିପାଇଁ ଯେଉଁ ବ୍ୟକ୍ତିର ସକାରାତ୍ମକ ଚିନ୍ତାଧାରା ଥିବ, ସେ ଧୈର୍ଯ୍ୟ ସହକାରେ ବିପଦକୁ ମୁକାବିଲା କରି ପାରିବ। ସେଥିପାଇଁ ଜୀବନରେ ସବୁ ସମୟରେ ଧୈର୍ଯ୍ୟ ଓ ସହନଶୀଳତାର ଆବଶ୍ୟକତା ରହିଛି। ଜୀବନର ଗତିପଥ ମଧ୍ୟ ବଡ଼ ବିଚିତ୍ର ଏବଂ ସହଜିଆ ରାସ୍ତା ନୁହେଁ, ଖାଲ ଢ଼ିପ ମଧ୍ୟ ଦେଇ ଶଗଡ଼ ଗାଡ଼ି ଗଲା ପରି, ଆମର ଯାତ୍ରାକୁ ସେହି ପଥରେ ନେବାକୁ ହେବ। ବାଧାବିଘ୍ନ ଆସିବ, ଅସଫଳତା ଅସହାୟବୋଧ ଆସିବ, କିନ୍ତୁ ତାକୁ ଦୃଢ଼ ଚିତ୍ତରେ ସାମ୍ନା କରିବାକୁ ପଡ଼ିବ। ଜୀବନରେ ବାରମ୍ବାର ସମସ୍ୟା ଆସିବା ବା ସମସ୍ୟା ସୃଷ୍ଟି ହେବା ବଡ଼ କଥା ନୁହେଁ, ତାକୁ କିପରି ଭାବରେ ଧୈର୍ଯ୍ୟ ସହକାରେ ସଫଳତାର ସହିତ ମୁକାବିଲା କରିବା, ତାହା ହିଁ ଆମ ସମସ୍ତଙ୍କ ପାଇଁ ପ୍ରକୃତ ସମସ୍ୟା ଅଟେ। ସେଥିପାଇଁ ଯେଉଁମାନେ ବିପଦ ସମୟରେ ତୁମ ସହିତ ଠିଆ ହୋଇଛନ୍ତି, ତାଙ୍କୁ କେବେ ଭୁଲିବାର ନୁହେଁ। ମାଆ, ମାଟି, ମାତୃଭାଷା ଆମ ପାଇଁ ଗର୍ବ ଓ ଅସ୍ମିତାର ପ୍ରତୀକ। ସେହି ବିଷୟରେ ଥରେ ଭାବି ଦେଲେ ସ୍ୱତଃ ସକାରାତ୍ମକ ଚିନ୍ତାଧାରା ମନ ଓ ହୃଦୟକୁ ଆନ୍ଦୋଳିତ କରେ।

ସବୁ ସମୟରେ ଚିନ୍ତାଗ୍ରସ୍ତ ବା ଚାପଗ୍ରସ୍ତ ରହିବା ଏକ ସୁସ୍ଥ ଜୀବନଯାପନର ପରିପନ୍ଥୀ। ମାନସିକ ସନ୍ତୁଳନ ରକ୍ଷା କରିବା ସମସ୍ତଙ୍କର ଲକ୍ଷ୍ୟ ହେବା ଦରକାର। ସେହି ସକାରାତ୍ମକ ସହାବସ୍ଥାନ ପାଇଁ ମନ ମଧ୍ୟରେ ସବୁବେଳେ ସକାରାତ୍ମକ ଦୃଷ୍ଟିଭଙ୍ଗୀ, ପ୍ରେରଣା, ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି କରିବାର ଆବଶ୍ୟକତା ରହିଛି। ଜୀବନର ସ୍ୱପ୍ନକୁ ସାକାର କରିବାର ହେଲେ କିଛି କିଛି ଛୋଟିଆ କାମ ମଧ୍ୟ ଆମକୁ ଆଗକୁ ନେଇ ପାରିବ। ସେଥିପାଇଁ ଆମର ଦୃଢ଼ ମନୋବଳ, ଆଶା, ବିଶ୍ୱାସ ଓ ଭରସା ରହିବା ଦରକାର। ଏହାକୁ କରିବାକୁ ହେଲେ ଆମକୁ ଶୃଙ୍ଖଳିତ ହେବାକୁ ହେବ। ଆଚରଣ ଓ ଉଚ୍ଚାରଣରେ ଶୁଦ୍ଧତା ତଥା ପବିତ୍ରତା ରଖିବାକୁ ହେବ।

ପର ନିନ୍ଦା ଓ ପର ଚର୍ଚ୍ଚା ଠାରୁ ଦୂରେଇ ରହିବାକୁ ହେବ। ପ୍ରାତଃ କାଳରୁ ଜଗତର ନାଥ ବିଶ୍ ?ନିୟନ୍ତାଙ୍କୁ ମୁଣ୍ଡିଆଟିଏ ମାରି ଦିନଟି କିପରି ଭଲରେ କଟୁ, ସେହି ପ୍ରାର୍ଥନା କରିବାକୁ ପଡ଼ିବ। ନିଜ ଶରୀର ଓ ମନର ଯତ୍ନ ନେବାକୁ ପଡ଼ିବ। ନିଜକୁ ନିଜେ ଭଲପାଇବା ଏବଂ ଭଲ ଭାବରେ ନିଜକୁ ବୁଝିବାକୁ ଚେଷ୍ଟା କରିବା ଦରକାର। ସମାଜରେ ଆପଣ ଦେଖୁଥିବା ଲୋକେ, ଯେଉଁମାନେ ଆପଣଙ୍କ ପ୍ରଶଂସାରେ ଶତମୁଖ ନ ହୋଇ ଆପଣଙ୍କର ଦୋଷ ଦୁର୍ବଳତାକୁ ବାରମ୍ବାର କହି ବାହାବାଃ ନେଉଛନ୍ତି, ସେମାନଙ୍କୁ ଆସ୍ତେ ଆସ୍ତେ ଦୂରେଇ ଦେବା ବୁଦ୍ଧିମାନ ଏବଂ ସକାରାତ୍ମକ ବ୍ୟକ୍ତିର ଲକ୍ଷଣ ହେବା ଦରକାର। ସଫଳତାର ଅର୍ଥ କୁହାଯାଇପାରେ କି, ନିଜେ ନିଜର ଭାଗ୍ୟ ବିଧାତା ଭଳି ଆମେ ଯଦି ଚାହିଁବା ଏବଂ ସକାରାତ୍ମକ ଚିନ୍ତାଧାରା ନେଇ ଜୀବନକୁ ଅତିବାହିତ କରିବା ତେବେ ଆମେ ଚେଷ୍ଟାରେ ସଫଳ ହେବା। ଯୁକ୍ତିତର୍କ ଠାରୁ ଦୂରେଇ ରହିବା, ଆବଶ୍ୟକତା ଅନୁଯାୟୀ କଥା ହେବା, ଯେଉଁମାନେ ଆପଣଙ୍କର ପରାମର୍ଶ ଲୋଡୁ ନାହାଁନ୍ତି ତାହା ଉପରେ ପଡ଼ି ପରାମର୍ଶ ଦିଅ ନାହିଁ। ବିଭୁ ପଦାରବିନ୍ଦରେ ଲୟ ବହି ଏବଂ ପ୍ରକୃତିକୁ ସାଥୀ କରି, ଜୀବନ ଯୁଦ୍ଧରେ ଆମେ ଜଣେ ଜଣେ ସୈନିକର ଭୂମିକାରେ ନିଜକୁ ଗଢ଼ି ପାରିବା। ସେହି ଆତ୍ମବିଶ୍ୱାସ ଓ ଆତ୍ମପ୍ରତ୍ୟୟ ସହ ଜୀବନର ଗତିପଥ ସକାରାତ୍ମକ ଭାବେ ଚାଲି ପାରିବ।

# ଇବୋଲା ସଂକ୍ରମଣ ଓ ବିଶ୍ୱ ସ୍ୱାସ୍ଥ୍ୟ ବ୍ୟବସ୍ଥା



**ଡା. ରାଜ କିଶୋର ପଣ୍ଡା**
ଓଡ଼ିଶା ସ୍ୱାସ୍ଥ୍ୟ ସେବା
ଭୁବନେଶ୍ୱର, ୮୧୪୪୦୪୨୯୯୭

କଙ୍ଗୋ ନଦୀକୁ ଦୁନିଆର ବିଶାଳତମ ଓ ଗଭୀରତମ ନଦୀମାନଙ୍କ ମଧ୍ୟରେ ଗଣାଯାଇଥାଏ। ଏହାର ଏକ ପାଖରେ ଅଛି କଙ୍ଗୋ ଗଣରାଜ୍ୟର ରାଜଧାନୀ “ବ୍ରାଜ୍‌ଭିଲ୍” ଓ ଅନ୍ୟ ପାଖରେ ଅଛି କଙ୍ଗୋ ଲୋକତାନ୍ତ୍ରିକ ଗଣରାଜ୍ୟର ରାଜଧାନୀ “କିନ୍‌ଶାସା”। ଦୁନିଆରେ ଏପରି ଦୃଶ୍ୟ ବିରଳ, ଯେଉଠାରେ ଦୁଇଦେଶର ରାଜଧାନୀ, ପରସ୍ପରର ଠିକ୍ ସମ୍ମୁଖରେ ବିଦ୍ୟମାନ ଅଛନ୍ତି। “କିନ୍‌ଶାସା” ପୃଥିବୀର ସବୁଠାରୁ ଦରିଦ୍ର, ସଂଘର୍ଷରତ ଓ ଅସ୍ଥିର ଦେଶମାନଙ୍କ ମଧ୍ୟରୁ ଗୋଟିଏର ରାଜଧାନୀ ବୋଲି ମଧ୍ୟ ଆମେ କହିପାରିବା। ଏହି ଦେଶ ଓ ଏହାର ପଡ଼ୋଶୀ ଦେଶ “ଉଗାଣ୍ଡା”ରେ ପୁଣିଥରେ “ଇବୋଲା ମହାମାରୀ”ର ପ୍ରତ୍ୟାବର୍ତ୍ତନ ଘଟିଛି, ଯାହାକୁ ଆଧାର କରି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (WHO) ବର୍ତ୍ତମାନ ଆନ୍ତର୍ଜାତିକ ସାର୍ବଜନୀନ ସ୍ୱାସ୍ଥ୍ୟଗତ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। ପରିସ୍ଥିତିର ଗୁରୁତ୍ୱ ଏପରି ଯେ, କୋଭିଡ୍ ପରେ, ଚଳିତ ଶତାବ୍ଦୀରେ ଆମେ ଇବୋଲା ସଂକ୍ରମଣକୁ ଦ୍ୱିତୀୟ ମହାମାରୀ ବୋଲି ବିବେଚନା କରିପାରିବା। ବର୍ତ୍ତମାନ ଇବୋଲା ଭାଇରସ୍ର ସଂକ୍ଷିପ୍ତ ପରିଚୟ, ଲକ୍ଷଣ ଓ ଇତିହାସ ଉପରେ ଆମେ ଆଲୋକପାତ କରିବା। ଇବୋଲା ଗୋଟିଏ ଆର ଏନ.ଏ (RNA) ଭାଇରସ୍ ଅଟେ। ଏହା ପଶୁମାନଙ୍କଠାରୁ ମଣିଷକୁ ଆସିଥିବାରୁ ଏହାକୁ ଜୁନୋଟିକ୍ ଡିଜିଜ୍ ବୋଲି କୁହାଯାଇଥାଏ। ଯଦିଓ ଏପର୍ଯ୍ୟନ୍ତ ଏହା ସ୍ପଷ୍ଟ ହୋଇନାହିଁ, ଯେ କିପରି ଇବୋଲା ପଶୁଠାରୁ ମଣିଷକୁ ଆସିଲା, ଜୀବ ବିଜ୍ଞାନୀ ମାନଙ୍କର ମତ ଅନୁସାରେ, ମଣିଷ ସହ ଏହି ଭାଇରସ୍ ସଂକ୍ରମିତ ପଶୁର ସିଧାସଳଖ ସ୍ପର୍ଶ ହେତୁ ଏହା ସମ୍ଭବ ହୋଇଛି। ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହେଉଛି, ଏହି ଭାଇରସ୍ର ଗୋଟିଏ ପ୍ରାକୃତିକ ଧାରକ ହେଉଛି “ବାଦୁଡ଼ି”। ବାଦୁଡ଼ି, ବିନା ସଂକ୍ରମଣ ଓ ବିନା କୌଣସି ଅସୁସ୍ଥତାରେ ଇବୋଲା ଭାଇରସ୍କୁ ଧାରଣ କରିପାରେ। ଅତୀତରେ ଖାଦ୍ୟାଭାବ ହେତୁ କେନ୍ଦ୍ରୀୟ ଆଫ୍ରିକାରେ, ସ୍ଥାନୀୟ ଅଧିବାସୀମାନେ ବାଦୁଡ଼ି ଶିକାର କରି ଏହାକୁ ଖାଇଥିଲେ ଏବଂ ଏହା ଇବୋଲା ମହାମାରୀ ସୃଷ୍ଟି କରିଥିଲା। ଏହି ଭାଇରସ୍‌ଟିକୁ ଧାରଣ କରିଥିବା ବାଦୁଡ଼ିଦ୍ୱାରା ଆଂଶିକ ଖିଆ ଯାଇଥିବା ଫଳକୁ ବାବୁନ୍, ସିମ୍ପାଞ୍ଜି ଓ ଗରିଲା ଆଦି ସ୍ତନ୍ୟପାୟୀ ପଶୁମାନେ ସେବନ କରିଥାନ୍ତି। ଏହି ହେତୁ ସଂପୃକ୍ତ ପଶୁମାନେ ଏହି ଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଥାନ୍ତି ଓ ଏହାପରେ ଇବୋଲା ମଣିଷ ଶରୀରକୁ ଆସିଥାଏ। ଏହା ମଧ୍ୟ ଇବୋଲା ମଣିଷକୁ ସଂକ୍ରମିତ କରିବାର, ଗୋଟିଏ ପ୍ରମୁଖ କାରଣ ହୋଇପାରେ। ମଣିଷ ଶରୀରରେ ରୋଗ ସୃଷ୍ଟି କରୁଥିବା ଇବୋଲା ଭାଇରସ୍ର ଗୋଷ୍ଠୀକୁ ଆମେ ମୁଖ୍ୟତଃ ଚାରୋଟି ପ୍ରଜାତିରେ ବିଭକ୍ତ କରିପାରିବା। ସେଗୁଡ଼ିକ ହେଉଛି :- ବୁଣ୍ଡିବୁଗ୍ୟୋ ଇବୋଲା, ସୁଦାନ ଇବୋଲା, ତାଇ ଫରେଷ୍ଟ ଇବୋଲା ଓ ଜାଇରେ ଇବୋଲା। ଏଥିମଧ୍ୟରୁ ଜାଇରେ ପ୍ରଜାତିର ସଂକ୍ରମଣ ସବୁଠାରୁ ଭୟଙ୍କର ଅଟେ ଓ ଏହି ପ୍ରଜାତିଟି ସବୁଠାରୁ ବେଶି ସଂଖ୍ୟକ ମହାମାରୀକୁ ସୃଷ୍ଟି କରିଥାଏ। ବର୍ତ୍ତମାନ ଦେଖାଦେଇଥିବା ସଂକ୍ରମଣଟି ବୁଣ୍ଡିବୋଗ୍ୟୋ ପ୍ରଜାତି ଦ୍ୱାରା ହୋଇଛି।

ଇତିହାସ ଉପରେ ଦୃଷ୍ଟି ପକାଇଲେ, ୧୯୭୬ ମସିହାରେ ପ୍ରଥମେ ଇବୋଲା ଭାଇରସ୍ର ଆବିର୍ଭାବ ଏକା ସାଙ୍ଗରେ ଦକ୍ଷିଣ ସୁଦାନର “ଏନ୍‌ଜାରା” ନାମକ ସହର ଓ କଙ୍ଗୋ ଲୋକତାନ୍ତ୍ରିକ ଗଣରାଜ୍ୟର “ୟାମ୍‌ବୁକୁ” ନାମକ ଗ୍ରାମରେ ହୋଇଥିଲା। ଏହି “ୟାମ୍‌ବୁକୁ” ଗ୍ରାମଟି ଇବୋଲା ନଦୀ କୂଳରେ ଅବସ୍ଥିତ ଥିବାରୁ ନଦୀର ନାମ ଅନୁସାରେ ଭାଇରସ୍‌ଟିର ନାମ “ଇବୋଲା” ରଖାଯାଇଥିଲା। ବିଶ୍ୱର ପ୍ରଥମ ଇବୋଲା ସଂକ୍ରମଣ ଉପରୋକ୍ତ ଗ୍ରାମର ଗୋଟିଏ ପୁରୁଷକୁ ହୋଇଥିବାରୁ ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ ଏହାକୁ ଇବୋଲା ସଂକ୍ରମଣର ସର୍ବପ୍ରଥମ କେସ୍ ବା “ଇଣ୍ଡେକ୍ସ କେସ୍” ବୋଲି ଚିହ୍ନଟ କରିଅଛି।କୌଣସି ମହାମାରୀରେ ପ୍ରଥମ ରୋଗୀକୁ “ଇଣ୍ଡେକ୍ସ କେସ୍” ବା “ପେସେଣ୍ଟ ଜିରୋ” ବୋଲି କୁହାଯାଇଥାଏ। ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ ତରଫରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ୧୯୭୬ ରୁ ୨୦୧୨ ମଧ୍ୟରେ ଆଫ୍ରିକାରେ ପ୍ରାୟ ଚବିଶ ଥର ଇବୋଲା ମହାମାରୀ ଦେଖାଦେଇଛି, ଯେଉଥିରେ ପାଖାପାଖି ଅଢ଼େଇ ହଜାର ଲୋକ ସଂକ୍ରମିତ ହେବା ସହ ଷୋହଳଶହ ଜଣ ମୃତ୍ୟୁବରଣ କରିଛନ୍ତି। ସବୁଠାରୁ ବଡ଼ ଇବୋଲା ମହାମାରୀ ଦେଖାଦେଇଥିଲା ପଶ୍ଚିମ ଆଫ୍ରିକାରେ ଡିସେମ୍ବର ୨୦୧୩ରୁ ଜାନୁୟାରୀ ୨୦୧୬ ମଧ୍ୟରେ ଯେଉଥିରେ ଅଠେଇଶି ହଜାର ଲୋକ ସଂକ୍ରମିତ ହେବା ସହ ଏଗାର ହଜାର ଜଣ ମୃତ୍ୟୁବରଣ କରିଥିଲେ। ଜୁଲାଇ ୨୦୧୯ ରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କଙ୍ଗୋର ଇବୋଲା ମହାମାରୀକୁ ଗମ୍ଭୀରତାର ସହ ନେବା ସହିତ ଏହାକୁ ବିଶ୍ୱସ୍ୱାସ୍ଥ୍ୟ ନିମନ୍ତେ ଜରୁରୀକାଳୀନ ବୋଲି ଘୋଷଣା କରିଥିଲେ।

ଆସିବା ଏବେ ମଣିଷ ଶରୀରରେ ଏହାର ଲକ୍ଷଣକୁ। ଏହି ଭାଇରସ୍ରେ ଆକ୍ରାନ୍ତ ହେଲେ, ଯେଉ ଯେଉ ପ୍ରାରମ୍ଭିକ ଲକ୍ଷଣମାନ ମଣିଷଠାରେ ଦେଖାଯାଇଥାଏ ତାହା ହେଉଛି, ଜ୍ୱର, ଦୁର୍ବଳତା, ଭୋକ ନ ହେବା, ମାଂସପେଶୀରେ ପୀଡ଼ା, ଆଣ୍ଠୁଗଣ୍ଠିରେ ପୀଡ଼ା, ମୁଣ୍ଡବିନ୍ଧା ଓ ତଣ୍ଟିରେ ବ୍ୟଥା ଇତ୍ୟାଦି। ଉପରୋକ୍ତ ଲକ୍ଷଣଗୁଡ଼ିକର ପରେ ବାନ୍ତି, ଡାଇରିଆ ଆଦି ମଧ୍ୟ ହୋଇଥାଏ ଓ ଏହାଦ୍ୱାରା ଦେହରୁ ଜଳୀୟ ଅଂଶ କମିଯାଇଥାଏ। ଶରୀରରେ ଏକ ପ୍ରକାରର ଦାଗ ଦେଖାଯାଇଥାଏ, ଯାହାକୁ ଇଂରାଜୀରେ କୁହାଯାଏ “ମାକୁଲୋ ପାପୁଲାର୍ ରାସ୍”। ତେବେ ସବୁଠାରୁ ଘାତକ ଲକ୍ଷଣ ଇବୋଲା ସଂକ୍ରମଣର ହେଉଛି “ଅନ୍ତରୀଣ ଓ ବାହ୍ୟ ରକ୍ତସ୍ରାବ” ଯାହାକି ପ୍ରାରମ୍ଭିକ ଲକ୍ଷଣ ସବୁର ପାଞ୍ଚରୁ ସାତ ଦିନ ମଧ୍ୟରେ ଦେଖାଯାଇଥାଏ। ଏହାଦ୍ୱାରା ବାନ୍ତି, କଫ ଓ ମଳରେ ରକ୍ତ ପଡ଼ିଥାଏ। ସଂକ୍ରମିତ ରୋଗୀର ରକ୍ତ ଜମାଟ ବାନ୍ଧିବାର କ୍ଷମତାରେ ହ୍ରାସ ଘଟିବାରୁ ଏପରି ହୋଇଥାଏ। ସଂକ୍ରମିତ ତଥା ଲକ୍ଷଣ ଥିବା ବ୍ୟକ୍ତିଙ୍କର ରକ୍ତ, ଲାଳ, ବାନ୍ତି, ଝାଳ, ମଳ, ମୂତ୍ରଦ୍ୱାରା ଏହି ଭାଇରସ୍ ସୁସ୍ଥ ଲୋକଙ୍କୁ ଆକ୍ରାନ୍ତ କରେ। ଇବୋଲା ସଂକ୍ରମଣରେ ମୃତ୍ୟୁ ମୁଖ୍ୟତଃ ଜଳୀୟ ଅଂଶ ହ୍ରାସ ଯୋଗୁଁ ଘଟିଥାଏ, ଯାହାକି ହୋଇଥାଏ ପ୍ରାଥମିକ ଲକ୍ଷଣ ଦେଖାଯିବାର ଦଶରୁ ପନ୍ଦର ଦିନ ମଧ୍ୟରେ। ତେଣୁ ଏହାର ଚିକିତ୍ସାରେ ଶରୀରରେ ଜଳୀୟ ଅଂଶ ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଏ। ବୈଶ୍ୱିକ ମହାମାରୀ ହେବାର ସମ୍ଭାବନା ବର୍ତ୍ତମାନ ପର୍ଯ୍ୟନ୍ତ ଇବୋଲାର ହୋଇନାହିଁ। ଯଦିଓ ଏହା ଗମ୍ଭୀର ରୋଗ କିନ୍ତୁ ଗୋଟିଏ ବ୍ୟକ୍ତିଠାରୁ ଅନ୍ୟ ବ୍ୟକ୍ତିକୁ ସେତବଳେ ବ୍ୟାପିଥାଏ, ଯେତବଳେ ପ୍ରଥମଠାରେ ଲକ୍ଷଣମାନ ଥାଏ। ତେଣୁ ଭାରତ ତଥା ଅନ୍ୟ ଅପ୍ରଭାବିତ ଦେଶମାନଙ୍କ ପାଇଁ ତତ୍କାଳ କିଛି ବିପଦ ନାହିଁ, ମାତ୍ର ପ୍ରଶ୍ନ ଉଠୁଛି ଯେ ବୈଶ୍ୱିକ ସହଯୋଗ ଓ ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନର ତତ୍ପରତା ସତ୍ୱେ ଇବୋଲା ବାରମ୍ବାର ଫେରୁଛି କ’ଣ ପାଇଁ? ଏହାର ଉତ୍ତର କେବଳ ସ୍ୱାସ୍ଥ୍ୟ ବିଜ୍ଞାନରେ ନୁହେଁ, ବରଂ ରାଜନୀତି, ଅର୍ଥ ବ୍ୟବସ୍ଥା ଓ ବୈଶ୍ୱିକ ଅସମାନତାରେ ନିହିତ ଅଛି। କଙ୍ଗୋ ଲୋକତାନ୍ତ୍ରିକ ଗଣରାଜ୍ୟ, ପ୍ରାକୃତିକ ସମ୍ପଦ ଯେପରିକି ଖଣିଜ ଓ ଦୁର୍ଲଭ ଧାତୁରେ ଭରପୂର। ସାମ୍ପ୍ରତିକ ଜଗତର ଇଲେକ୍ଟ୍ରୋନିକ୍ ବ୍ୟବସ୍ଥା ଯେଉ ଖଣିଜ ପଦାର୍ଥ ଉପରେ ନିର୍ଭରଶୀଳ ସେଗୁଡ଼ିକ କଙ୍ଗୋରେ ପ୍ରଚୁର ପରିମାଣରେ ଅଛି। ଏହି ଖଣିଜ ସମ୍ପଦର ମୂଲ୍ୟ କିନ୍ତୁ କଙ୍ଗର ସ୍ଥାନୀୟ ଲୋକମାନଙ୍କୁ ଦେବାପାଇଁ ପଡୁଛି। ଖଣି ଖନନ, ଅରଣ୍ୟ ଧ୍ୱଂସ କରିବା ଦ୍ୱାରା ମନୁଷ୍ୟ ଓ ବନ୍ୟଜନ୍ତୁମାନଙ୍କ ମଧ୍ୟରେ ଥିବା ବ୍ୟବଧାନ ହ୍ରାସ ପାଉଛି। ଏହା ଫଳରେ ମନୁଷ୍ୟଠାରେ ଏପରି ସବୁ ରୋଗ ଦେଖାଯାଉଛି, ଯାହାକି ଆଗରୁ କେବଳ ପଶୁମାନଙ୍କ ମଧ୍ୟରେ ସୀମିତ ଥିଲା। ବୈଜ୍ଞାନିକମାନେ ମଧ୍ୟ ଦୀର୍ଘ ସମୟ ଧରି ଚେତାବନୀ ଦେଇ ଆସିଛନ୍ତି କି, ପରିବେଶକୁ ବିନାଶ କରିବା ପ୍ରକ୍ରିୟା ନୂଆ ମହାମାରୀକୁ ସୃଷ୍ଟି କରିବାର ପ୍ରମୁଖ କାରଣ ହେବ। ଉଦାହରଣ - ଇବୋଲା।

ଆଫ୍ରିକାର କିଛି ଦେଶ, ବିଗତ ବର୍ଷମାନଙ୍କରେ ନୂଆ ସଂକ୍ରମଣର ଉତ୍ପତ୍ତିସ୍ଥଳ ପାଲଟିଛନ୍ତି। ଏମାନଙ୍କ ମଧ୍ୟରୁ ଇବୋଲା ସବୁଠାରୁ ଭୟାବହ। ଏହା ଏପରି ଏକରୋଗ ଯାହା ପାଇଁ ସବୁଠାରୁ ଅଧିକ ଥର ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି। ତେଣୁ ଏଠାରେ ମଧ୍ୟ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଯଦି ଏତେଥର ଇବୋଲାକୁ ନେଇ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି, ତାହାହେଲେ ଏହାର ସ୍ଥାୟୀ ପ୍ରତିକାର କାହିଁକି କରାଯାଉନାହିଁ? ଏହାର ଉତ୍ତର ହେଉଛି କି ସଙ୍କଟ ଆସିଲେ ବିଶ୍ୱର ସ୍ୱାସ୍ଥ୍ୟ ସଙ୍ଗଠନମାନେ ସକ୍ରିୟ ହୋଇଯାଆନ୍ତି କିନ୍ତୁ ସେମାନେ ସଙ୍କଟର ମୂଳୋତ୍ପାଟନ ପାଇଁ ଆବଶ୍ୟକୀୟ ନିବେଶ କରନ୍ତି ନାହିଁ। ଯେଉ ଦେଶରେ ବାରମ୍ବାର ଇବୋଲା ମହାମାରୀ ହେଉଅଛି, ସେହି ଦେଶଗୁଡ଼ିକ ଅର୍ଥନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଦୁର୍ବଳ। ନାଁ ସେଠାରେ ଅଛି ଅତ୍ୟାଧୁନିକ ପରୀକ୍ଷାଗାର ନାଁ ଅଛନ୍ତି ଡାକ୍ତରଙ୍କ ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀ। ସେଠାକାର ଗ୍ରାମୀଣ ପରିବେଶରେ ସ୍ୱାସ୍ଥ୍ୟସେବା ନାହିଁ କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ। ଆହୁରି ମଧ୍ୟ ଆଫ୍ରିକାର ଅଧିକାଂଶ ଦେଶ ଜାତୀୟ ସଂଘର୍ଷ ଓ ରାଜନୈତିକ ଅସ୍ଥିରତା ମଧ୍ୟ ଦେଇ ଗତି କରୁଛନ୍ତି। ଇବୋଲା ମହାମାରୀ ଆସିଲେ ସମଗ୍ର ବିଶ୍ୱ ହଠାତ୍ ଚିନ୍ତିତ ହୋଇପଡ଼ିଥାଏ, ସଂପୃକ୍ତ ଦେଶକୁ ଆନ୍ତର୍ଜାତିକ ଟିମ୍‌ମାନେ ଯାଇଥାନ୍ତି ଓ ପାଣ୍ଠି ମଧ୍ୟ ଯୋଗାଇ ଦିଆଯାଇଥାଏ। ଏହାପରେ କିନ୍ତୁ ସଂକ୍ରମଣ କମିଲେ, ଦୁନିଆର ଧ୍ୟାନ ମଧ୍ୟ କମିଯାଇଥାଏ। କିଛିବର୍ଷ ପରେ ପୁନର୍ବାର ଏହି ଚକ୍ର ଆରମ୍ଭ ହୋଇଥାଏ - ସ୍ୱାସ୍ଥ୍ୟଗତ ଜରୁରୀକାଳୀନ ପରିସ୍ଥିତି, ଅସ୍ଥାୟୀ ସକ୍ରିୟତା ଓ ବିସ୍ମୃତି। କେବଳ ଇବୋଲା କ୍ଷେତ୍ରରେ ଏହା ହୋଇନାହିଁ। ଏହା ବୈଶ୍ୱିକ ସ୍ୱାସ୍ଥ୍ୟ ବ୍ୟବସ୍ଥାର ସେହି ପ୍ରବୃତ୍ତିକୁ ଦର୍ଶାଉଛି, ଯେଉଥିରେ ଗରିବ ଦେଶମାନଙ୍କୁ ପ୍ରଭାବିତ କରୁଥିବା ରୋଗମାନଙ୍କୁ ସେ ପର୍ଯ୍ୟନ୍ତ ଗମ୍ଭୀରତାର ସହ ନିଆହୁଏ ନାହିଁ, ଯେତବଳେ ପର୍ଯ୍ୟନ୍ତ ସେମାନେ ଧନୀ ଦେଶମାନଙ୍କର ସୀମାରେ ପହଞ୍ଚନ୍ତିଥାନ୍ତି। ଏହାର ସଦ୍ୟ ଉଦାହରଣ- “ମଙ୍କିପକ୍ସ”। ଦୀର୍ଘ ବର୍ଷ ଧରି ଏହା ଆଫ୍ରିକାରେ ସୀମିତ ଭାବରେ ବ୍ୟାପୁଥିଲା କିନ୍ତୁ ୨୦୨୨ରେ ଯେବେ ଏହା ୟୁରୋପ ଓ ଆମେରିକାକୁ ପ୍ରବେଶ କଲା, ଏହାକୁ ନେଇ ଆନ୍ତର୍ଜାତିକ ସମୁଦାୟ ଚିନ୍ତିତ ହୋଇ ପଡ଼ିଲା। ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, ବିଶ୍ୱସ୍ୱାସ୍ଥ୍ୟ ସଂସ୍ଥାନଗୁଡ଼ିକ ଏତେ ସମୟ ପର୍ଯ୍ୟନ୍ତ ଅପେକ୍ଷା କଲେ କ’ଣ ପାଇଁ?

ଅନ୍ୟ ଏକ ଚିନ୍ତାଜନକ ପ୍ରସଙ୍ଗ ହେଉଛି ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନର ପାଣ୍ଠି ବ୍ୟବସ୍ଥା। ସାରା ବିଶ୍ୱ ଆଶା କରେ ଯେ ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନ, ମହାମାରୀର ଉଚିତ୍ ନିୟନ୍ତ୍ରଣ କରୁ। ସଙ୍ଗଠନ ମଧ୍ୟ ମହାମାରୀ ଗୁଡ଼ିକରେ ସଂକ୍ରମଣ ନିୟନ୍ତ୍ରଣ, ଟୀକାର ବିକାଶ ପାଇଁ ପଦକ୍ଷେପମାନ ନେଉଅଛି କିନ୍ତୁ ଏଥିରେ ସବୁଠାରୁ ବଡ଼ ପ୍ରତିବନ୍ଧକ ସାଜିଛି ପାଣ୍ଠି। ସାଧାରଣତଃ ବିକଶିତ ଦେଶ ଯେପରିକି ଯୁକ୍ତରାଷ୍ଟ୍ର ଓ ବ୍ରିଟେନ ହିଁ ଏଥିପାଇଁ ସିଂହଭାଗ ପାଣ୍ଠି ଯୋଗାଇଥାନ୍ତି। ଏବେ କିନ୍ତୁ ଆମେରିକା ଏହି ପାଣ୍ଠିର ପରିମାଣକୁ ହ୍ରାସ କରିଛି, ଯାହାକି ଚିନ୍ତାଜନକ। ଯଦି ବିଶ୍ୱ ବାସ୍ତବରେ ଇବୋଲା ଭଳି ରୋଗମାନଙ୍କୁ ରୋକିବା ପାଇଁ ଚାହୁଁଛି, ତାହା ହେଲେ ତା’କୁ ସ୍ୱାସ୍ଥ୍ୟ ବିତ୍ତ ବ୍ୟବସ୍ଥାକୁ ଅଧିକ ସ୍ଥାୟୀ, ପାରଦର୍ଶୀ ଓ ନ୍ୟାୟପୂର୍ଣ୍ଣ କରିବା ପାଇଁ ପଡ଼ିବ।

ପରିଶେଷରେ ଉଲ୍ଲେଖ କରି ପ୍ରବନ୍ଧଟିକୁ ଶେଷ କରିବି ଯେ, କୌଣସି ଧନୀ ଦେଶକୁ ପ୍ରଭାବିତ ନ କଲେ ମଧ୍ୟ, ଗରିବ ଦେଶମାନଙ୍କରେ ଦେଖାଯାଉଥିବା ରୋଗମାନଙ୍କୁ ଯଥେଷ୍ଟ ପ୍ରାଥମିକତା ଦିଆଯାଉ। ଇବୋଲାର ବାରମ୍ବାର ଫେରିବା କେବଳ ଭାଇରସ୍‌ଟିର ପ୍ରତ୍ୟାବର୍ତ୍ତନ ମାତ୍ର ନୁହେଁ ବରଂ ଏହା ପ୍ରମାଣ କରୁଛି କି ଆଜି ମଧ୍ୟ ବୈଶ୍ୱିକ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭେଦଭାବପୂର୍ଣ୍ଣ।



# ନେହେରୁଙ୍କ ରେକର୍ଡ ଭାଙ୍ଗିଲେ ମୋଦୀ

## ସାରା ବିଶ୍ୱର ନେତା କରୁଛନ୍ତି ପ୍ରଶଂସା ଏବଂ ଜଣାଉଛନ୍ତି ଅଭିନନ୍ଦନ

ନୂଆଦିଲ୍ଲୀ,୧୦।୬: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ବଡ ଉପଲବ୍ଧି ହାସଲ କରିଛନ୍ତି। ସେ ଦେଶର ସର୍ବାଧିକ ସମୟ ଧରି ନିର୍ବାଚିତ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ଏହି ବଡ ଉପଲବ୍ଧି ପାଇଁ ମୋଦୀଙ୍କ ନେତୃତ୍ୱକୁ ସବୁଆଡୁ ଶୁଭେଚ୍ଛା ମିଳୁଛି। ବିଶ୍ୱର ବଡ ବଡ ନେତା ପିଏମଙ୍କୁ ଶୁଭକାମନା ଜଣାଉଛନ୍ତି। ତାଙ୍କର ବିଚାରଧାରାକୁ ଅନେକ ଦେଶ ପ୍ରଶଂସା ମଧ୍ୟ କରୁଛନ୍ତି। ଖାସ୍ କରି ଗ୍ଲୋବାଲ ସାଉଥ୍ ରେ ମୋଦୀଙ୍କ ନୀତି ସବୁଠୁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି।

ପିଏମ୍ ମୋଦୀଙ୍କ ସ୍ୱତନ୍ତ୍ର ଉପଲବ୍ଧିକୁ ନେଇ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିସାନାୟକେ ପତ୍ର ଲେଖି ଶୁଭେଚ୍ଛା ଜଣାଇଛନ୍ତି। ସେ ଲେଖିଛନ୍ତି ଯେ, ମୋଦୀ ଐତିହାସିକ ସଫଳତା ପାଇଛନ୍ତି। ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଦ୍ୱାରା ସେ ବାରମ୍ବାର ନିର୍ବାଚିତ ହୋଇଛନ୍ତି। ଜନତା ତାଙ୍କ ଉପରେ ଅତୁଟ ଭରସା ରଖନ୍ତି । ଭାରତରେ ଅନେକ ସାମାଜିକ ଏବଂ ଆର୍ଥିକ ସୁଧାର ଆସିଛି।

ପ୍ରଶାନ୍ତ ମହାସାଗରୀୟ ଦେଶ ପପୁଆ ନ୍ୟୁ ଗିନିର ପ୍ରଧାନମନ୍ତ୍ରୀ ଜେମ୍ସ୍ ମାରାପେ ମୋଦୀଙ୍କ ପାଇଁ ଭିଡିଓ ମେସେଜ୍ ଜାରି କରିଛନ୍ତି । ସେ ମୋଦୀଙ୍କୁ ବିଶ୍ୱର ଜଣେ ମହାନ ରୋଲ୍ ମଡେଲ୍ ବୋଲି କହିଛନ୍ତି । ତାଙ୍କ ନେତୃତ୍ୱର ଉଦାହରଣ ମଧ୍ୟ ଦେଇଛନ୍ତି। ଆହୁରି ପ୍ରକାଶ କରିଛନ୍ତି ଯେ, ମୋଦୀ ସରକାର ଭାରତରେ ୨୦ କୋଟିରୁ ଅଧିକ ଲୋକଙ୍କୁ ଦାରିଦ୍ର୍ୟ ସୀମା ରେଖାରୁ ବାହାର କରିଛନ୍ତି। ଏହା ଏକ ଚମତ୍କାର ଉପଲବ୍ଧି ଅଟେ। ତ୍ରିନିଦାଦ ଏବଂ ଟବାଗୋ ପିଏମ୍ କମଲା ପ୍ରସାଦ-ବିସେସର କହିଛନ୍ତି ଯେ, ଐତିହାସିକ ସଫଳତା



ପାଇଁ ମୋଦୀଙ୍କୁ ଶୁଭେଚ୍ଛା। ମୋଦୀଙ୍କ ନେତୃତ୍ୱରେ ଭାରତ ଶକ୍ତିଶାଳୀ ଦେଶ ଭାବେ ଉଭା ହୋଇଛି । ଲଗାତାର ତିନି ଥର ନେତୃତ୍ୱ ନେବା ଗୌରବର କଥା । ସେହିପରି ଆମେରିକା ସିନେଟର ଜନ୍ କାର୍ଣ୍ଣିନ୍ ମଧ୍ୟ ମୋଦୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ, ମୋଦୀ ୪୩୯୯ ଦିନ ଧରି କାର୍ଯ୍ୟକାଳ ସମ୍ଭାଳିଛନ୍ତି । ଏହା ୧୪୦ କୋଟି ଭାରତୀୟଙ୍କର ଭରସା ଉପରେ ଆଧାରିତ । ଭାରତ ଏବେ ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ଆଗକୁ ବଢୁଥିବା ଆର୍ଥବ୍ୟବସ୍ଥା ହୋଇପାରିଛି ବୋଲି ସେ ପ୍ରକାଶ କରିଛନ୍ତି ।

## ଏନଡିଏ ନେତାଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧିନ ସରକାର ୧୨ ବର୍ଷ ପୂରଣ କରିଛନ୍ତି । ଏହାସହ ମୋଦୀ ଦେଶର ଲଗାତାର ଭାବେ ସବୁଠୁ ଦୀର୍ଘ ଦିନ ଧରି ପ୍ରଧାନମନ୍ତ୍ରୀ ହେବାର ରେକର୍ଡ ସ୍ଥାପନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ବୁଧବାର ରାଷ୍ଟ୍ରୀୟ ଗଣତାନ୍ତ୍ରିକ ମେଣ୍ଟ ବା ଏନଡିଏ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଛି। ଏଥିରେ ମୋଦୀଙ୍କ ସମେତ ବିଜେପିର ଶୀର୍ଷ ନେତା ଏବଂ ସହଯୋଗୀ ଦଳର ପ୍ରମୁଖ ନେତା ସାମିଲ ହେବେ ।

ବୈଠକରେ ମୋଦୀଙ୍କ ବଡ ଉପଲବ୍ଧିକୁ ସ୍ୱାଗତ କରାଯାଇ ଏକ ପ୍ରସ୍ତାବ ପାରିତ କରାଯିବ। କାରଣ ମୋଦୀ ୪୩୯୯ ଦିନ ଧରି ପ୍ରଧାନମନ୍ତ୍ରୀ ରହିଛନ୍ତି। ଯାହା ଜବାହାରଲାଲ ନେହେରୁଙ୍କ ରେକର୍ଡକୁ ଭାଙ୍ଗି ଦେଇଛି। ତେବେ ଇନ୍ଦିରା ଗାନ୍ଧୀ ୧୪ ବର୍ଷ ଧରି ପ୍ରଧାନମନ୍ତ୍ରୀ ଥିଲେ। ହେଲେ ସେ ଲଗାତାର ଭାବେ ଏତେ ଦିନ ପ୍ରଧାନମନ୍ତ୍ରୀ ରହି ନଥିଲେ। ମୋଦୀ ୨୦୧୪ ମସିହା ଜୁନ ୨୬ ତାରିଖରେ ପ୍ରଥମ ଥର ପ୍ରଧାନମନ୍ତ୍ରୀ ହୋଇଥିଲେ। ୨୦୧୯ରେ ପୁନର୍ବାର ସେ ନିର୍ବାଚିତ ହୋଇଥିଲେ। ୨୦୨୪ରେ ସେ ତୃତୀୟ ଥର ପାଇଁ ପିଏମ୍ ଆସନରେ ବସିଥିଲେ। ଭାରତ ମଣ୍ଡପମରେ ଏନଡିଏର ବୈଠକ ଅନୁଷ୍ଠିତ ହେବ। ଏଥିରେ ୨୨ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ଉପ ମୁଖ୍ୟମନ୍ତ୍ରୀ ସାମିଲ ହେବେ । ଏହାବ୍ୟତୀତ ବିଜେପି ସହଯୋଗୀ ଦଳର ବରିଷ୍ଠ ନେତା ଉପସ୍ଥିତ ରହିବେ। ସମସ୍ତ କେନ୍ଦ୍ରମନ୍ତ୍ରୀ ବୈଠକକୁ ଆସିବାର କାର୍ଯ୍ୟକ୍ରମ ରହିଛି । ନେହେରୁଙ୍କ ରେକର୍ଡ ଭାଙ୍ଗିଲେ ପ୍ରଧାନମନ୍ତ୍ରୀ ମୋଦୀ: ସାରା ବିଶ୍ୱର ନେତା କରୁଛନ୍ତି ପ୍ରଶଂସା ଏବଂ ଜଣାଉଛନ୍ତି ଅଭିନନ୍ଦନ। ବିକାଶ ଏବଂ ସୁଶାସନ ଉପରେ ଫୋକ ବୈଠକରେ ଇଜ୍ ଅଫ୍ ଲିଭିଂ ଏବଂ ଇଜ୍ ଅଫ୍ ଡୁଇଂ ତଥା ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ଉପରେ ଆଲୋଚନା କରାଯାଇପାରେ। ଏହାବ୍ୟତୀତ ଜାତୀୟ ବିକାଶ କାର୍ଯ୍ୟକ୍ରମ, କେନ୍ଦ୍ର ସରକାରଙ୍କ ଭବିଷ୍ୟତର ଯୋଜନା ବାବଦରେ ମଧ୍ୟ ଆଲୋଚନା ହୋଇପାରେ ।

## ଟିଏମସିରେ ବଢିଲା ବିଦ୍ରୋହ, ମମତାଙ୍କ ହାତ ଛାଡିବେ ସାୟନି ଘୋଷ !



କୋଲକାତା, ୧୦।୬: ବଙ୍ଗଳାରେ କ୍ଷମତା ପରିବର୍ତ୍ତନ ପରେ, ଟିଏମସି ତାସର ଘର ପରି ଭାଙ୍ଗି ପଡୁଥିବା ପରି ମନେ ହେଉଛି। ସୂତ୍ର ଅନୁଯାୟୀ, ଏପରି ରିପୋର୍ଟ ଅଛି ଯେ ମମତା ବାନାର୍ଜୀଙ୍କ ଘନିଷ୍ଠ ସହଯୋଗୀ ଏବଂ ଟିଏମସିର ଫାୟାରବ୍ରାଣ୍ଡ ଚେହେରା ସାୟନି ଘୋଷ ମଧ୍ୟ ବିଦ୍ରୋହୀ ହୋଇଯାଇଛନ୍ତି। ସୂତ୍ର ଅନୁଯାୟୀ ଅସନ୍ତୁଷ୍ଟ ଗୋଷ୍ଠୀରେ ସାୟନି ଘୋଷ ଏବଂ ସୁଦୀପ ବନ୍ଦୋପାଧ୍ୟାୟଙ୍କ ସମେତ ମୋଟ ୨୦ ଜଣ ଲୋକ ସଭା ଏମପି ଅଛନ୍ତି। ଏହା ସହିତ, ଦୁଇ ଜଣ ରାଜ୍ୟ ସଭା ଏମପି (ସୁଖେନ୍ଦୁ ଶେଖର ରାୟ ଏବଂ ସୁସ୍ମିତା ଦେବ) ଇସ୍ତଫା ଦେଇଛନ୍ତି। ସାୟନି ଘୋଷ ଟିଏମସି ପାଇଁ ବଙ୍ଗଳାର ଯାଦବପୁର ଲୋକ ସଭା ନିର୍ବାଚନମଣ୍ଡଳୀକୁ ପ୍ରତିନିଧିତ୍ୱ କରନ୍ତି।

୧୫ ବର୍ଷର ଶାସନ ପରେ ବଙ୍ଗଳାରେ କ୍ଷମତା ହରାଇବା ପରେ, ମମତା ବାନାର୍ଜୀ ବର୍ତ୍ତମାନ ତାଙ୍କର ସବୁଠାରୁ କଷ୍ଟକର କିମ୍ବା ହୁଏତ ତାଙ୍କର ସବୁଠାରୁ ଖରାପ ପର୍ଯ୍ୟାୟକୁ ପାର କରୁଛନ୍ତି। ସେ ଦଳ ଏବଂ ସଂଗଠନ ଉଭୟକୁ ବଞ୍ଚାଇବାର ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି। ବିଦ୍ରୋହ ପରେ, ଯେଉଁମାନେ ପୂର୍ବରୁ ତାଙ୍କର ଘନିଷ୍ଠ ସହଯୋଗୀ ଥିଲେ ସେମାନେ ମଧ୍ୟ ଏବେ ତାଙ୍କୁ ପରିତ୍ୟାଗ କରୁଛନ୍ତି। ଭିନ୍ନମତ ସତ୍ତ୍ୱେ ମମତାଙ୍କୁ ସମ୍ପୂର୍ଣ୍ଣ ଭାବରେ ଅଲଗା କରିଦେଇଛି, ଏବଂ ପରିସ୍ଥିତି ଏପରି ଏକ ସ୍ଥାନରେ ପହଞ୍ଚିଛି ଯେଉଁଠାରେ ଦଳର ଅସ୍ତିତ୍ୱ ବିପଦରେ ପଡ଼ିଛି। ରୀତାବ୍ରତ ବାନାର୍ଜୀ ଏବଂ ସନ୍ଦିପନ ସାହାଙ୍କୁ ବହିଷ୍କାର କରାଯିବା ପରେ ତୃଣମୂଳ କଂଗ୍ରେସ ଭିତରେ ବିଦ୍ରୋହର ଲହରୀ ଆରମ୍ଭ ହୋଇଥିଲା। ଦଳ ବିରୋଧୀ କାର୍ଯ୍ୟକଳାପ ଯୋଗୁଁ ମମତା ଉଭୟ ନେତାଙ୍କୁ ବହିଷ୍କାର କରିଥିଲେ। ପରବର୍ତ୍ତୀ ସମୟରେ, ରୀତାବ୍ରତ ବାନାର୍ଜୀ ଅସନ୍ତୁଷ୍ଟ ହୋଇ ୫୮ ଜଣ ବିଧାୟକଙ୍କୁ ସାଙ୍ଗରେ ନେଇ ବିରୋଧୀ ଦଳ ନେତା ହୋଇଥିଲେ। ତଥାପି, ଏହି ସମସ୍ତ ବିଧାୟକ ଟିଏମସି ଭିତରେ ରହିଛନ୍ତି। ପରବର୍ତ୍ତୀ ସମୟରେ ସାଂସଦଙ୍କ ପାଳି ଆସିଥିଲା।

## ମାଡ଼ି ଆସୁଛି ବଡ଼ ବାତ୍ୟା କ୍ରିଷ୍ଟିନା !

ନୂଆଦିଲ୍ଲୀ,୧୦।୬: ଆସୁଛି ବଡ଼ ବାତ୍ୟା । ଯାହାକୁ ନେଇ ଛାନିଆ ହେଲେଣି ଉପକୂଳବାସୀ। ସାମୁଦ୍ରିକ ବାତ୍ୟା କ୍ରିଷ୍ଟିନାକୁ ନେଇ ଏବେ ସବୁଠି ଭୟର ମାହୋଲ। ଯାହାକୁ ନେଇ ପ୍ରଶାସନ ମଧ୍ୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛି ଏବଂ ଲୋକଙ୍କୁ ସୁରକ୍ଷିତ ରହିବାକୁ ନିର୍ଦ୍ଦେଶ ଦେଇଛି । ରିପୋର୍ଟ ଅନୁସାରେ, ପ୍ରଶାନ୍ତ ମହାସାଗର ନିକାରାଗୁଆ ଉପକୂଳରେ ବାତ୍ୟା କ୍ରିଷ୍ଟିନା ସୃଷ୍ଟି ହୋଇଛି। ନ୍ୟାଶନାଲ ହରିକେନ ସେଣ୍ଟର୍ ଅଫ ମିଆମି କହିଛି ଯେ, କ୍ରିଷ୍ଟିନା ଏବେ ସମୁଦ୍ରରେ ବଳ ଗୋଟାଇ ଦକ୍ଷିଣ ଆମେରିକା ଆଡକୁ ମାଡି ଆସୁଛି । ବର୍ତ୍ତମାନ ସମୁଦ୍ରରେ ବାତ୍ୟାର ବେଗ ରହିଛି ଘଣ୍ଟାପ୍ରତି ୪୫ମାଇଲ ବା ୭୫କିଲୋମିଟର । ଏହା ଧିରେ ଧିରେ ସାନ ସାଲଭାଡର ଏବଂ ଏଲ ସାଲଭାଡର ଆଡକୁ ଗତି କରୁଛି । ସାଲାଭାଡର ଉପକୂଳରୁ ଏହା ୧୨୫ମାଇଲ ଦୂରରେ ରହିଛି ।



ପାଣିପାଗବିତ୍‌ଙ୍କ କହିବାନୁସାରେ, ପୁଏଟ୍ରୋ ସାନଡିନୋରୁ ଗୁଏତମାଲା ଏବଂ ଏଲ ସାଲାଭାଡାର ଉପକୂଳରେ ବାତ୍ୟା ପାଇଁ ସତର୍କତା ଜାରି କରାଯାଇଛି । ଏହା ଶୁକ୍ରବାର ଉପକୂଳ ଛୁଇଁପାରେ । ବାତ୍ୟା ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ମଧ୍ୟ ରହିଛି । ପ୍ରାୟ୧୦୦ରୁ୪୦୦ମିଲିମିଟର ବର୍ଷା ହେବା ନେଇ ଅନୁମାନ କରାଯାଉଛି । କିଛି ସ୍ଥାନରେ ବର୍ଷାର ପରିମାଣ୫୦୦ମିମି ଅତିକ୍ରମ କରିବା ନେଇ ପାଣିପାଗବିତ୍ ଆଶଙ୍କା କରୁଛନ୍ତି। ନିକାରାଗୁଆ, ହଣ୍ଡୁରାସ, ଏଲ ସାଲଭାଡର ଏବଂ ଗୁଏତମାଲାରେ ଗୁରୁବାରଠୁ ବର୍ଷା ଆରମ୍ଭ ହୋଇଯିବ। ଏହି ସବୁ ଜାଗାରେ ଅଧିକରୁ ଅଧିକ ପରିମାଣର ବର୍ଷା ହେବା ନେଇ ଆକଳନ କରାଯାଉଛି । ଫଳରେ ବନ୍ୟା ସ୍ଥିତି ସୃଷ୍ଟି ହୋଇପାରେ। ବାତ୍ୟା ପ୍ରଭାବରେ ପବନର ବେଗ ମଧ୍ୟ ଅଧିକ ରହିବ । ଫଳରେ ବିଦ୍ୟୁତସେବା ବ୍ୟାହତ ହୋଇପାରେ । ଏପରିକି ଅନେକ ଲୋକ ବାସହରା ହେବାର ସମ୍ଭାବନା ରହିଛି । ସୂଚନାଯୋଗ୍ୟ, କ୍ରିଷ୍ଟିନା ହେଉଛି ପୂର୍ବ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର କମ ଦିନର ବ୍ୟବଧାନରେ ଦ୍ୱିତୀୟ ସାମୁଦ୍ରିକ ବାତ୍ୟା । କିଛି ଦିନ ପୂର୍ବରୁ ବାତ୍ୟା ବୋରିସ ମେକ୍ସିକୋ ଉପକୂଳରେ ଅର୍ଥାତ ମଙ୍ଗଳବାର ଲ୍ୟାଣ୍ଡଫଲ କରିଥିଲା ।

## କଂଗ୍ରେସ୍‌କୁ ଝଟ୍‌କା: ମୀନାକ୍ଷୀଙ୍କ ପ୍ରାର୍ଥିପତ୍ର ଖାରଜ

ଭୋପାଳ, ୧୦।୬: ମଧ୍ୟପ୍ରଦେଶ ରାଜ୍ୟସଭା ନିର୍ବାଚନକୁ ନେଇ ରାଜନୀତି ସରଗରମ ହୋଇଛି। ରାଜ୍ୟର ତିନିଟି ଆସନ ପାଇଁ ଜୁନ୍ ୧୮ରେ ଭୋଟ ଗ୍ରହଣ ହେବାକୁ ଯାଉଛି। ଏହି ନିର୍ବାଚନ ପାଇଁ କଂଗ୍ରେସ ଦଳ ପକ୍ଷରୁ ପ୍ରାର୍ଥୀ ହୋଇଥିବା ବରିଷ୍ଠ ନେତ୍ରୀ ମୀନାକ୍ଷୀ ନଟରାଜନଙ୍କ ପ୍ରାର୍ଥିପତ୍ରକୁ ନିର୍ବାଚନ ଅଧିକାରୀ ଖାରଜ କରିଦେଇଛନ୍ତି। ପ୍ରାର୍ଥିପତ୍ର ଦାଖଲ ସମୟରେ ମୀନାକ୍ଷୀ ଦେଇଥିବା ସତ୍ୟପାଠରେ ତାଙ୍କର ଅପରାଧିକ ତଥ୍ୟକୁ ଲୁଚାଇଥିଲେ। ଏ ସମ୍ପର୍କରେ ବିଜେପି ପକ୍ଷରୁ ଅଭିଯୋଗ କରାଯିବା ପରେ ନିର୍ବାଚନ ଅଧିକାରୀ (ରିଟର୍ଣ୍ଣି ଅଫିସର) ମୀନାକ୍ଷୀଙ୍କ ପ୍ରାର୍ଥିପତ୍ରକୁ ନାକଚ କରିଦେଇଛନ୍ତି।

ବିଜେପି ଅଭିଯୋଗ କରିଥିଲା ଯେ ମୀନାକ୍ଷୀଙ୍କ ନାମରେ ତେଲଙ୍ଗାନା କୋର୍ଟରେ ବିଚାରାଧୀନ ମାମଲାକୁ ତାଙ୍କ ସତ୍ୟପାଠରେ ଉଲ୍ଲେଖ କରିନାହାନ୍ତି। ନିୟମ ଅନୁଯାୟୀ ଏହି ତଥ୍ୟକୁ ସତ୍ୟପାଠରେ ଉଲ୍ଲେଖ କରିବା ବାଧ୍ୟତାମୂଳକ। ତେଣୁ ତଥ୍ୟ ଲୁଚାଇବା କାରଣରୁ ମୀନାକ୍ଷୀଙ୍କ ପ୍ରାର୍ଥିପତ୍ର ଖାରଜ କରାଯାଉ। ମଙ୍ଗଳବାର ପ୍ରାର୍ଥିପତ୍ର ଦାଖଲର ଶେଷ ତାରିଖ ହୋଇଥିବାରୁ କଂଗ୍ରେସ ଏହି ନିର୍ବାଚନରେ ଆଉ ପ୍ରାର୍ଥୀ ଦେଇପାରିବ ନାହିଁ। ଫଳରେ ଏହି ନିର୍ବାଚନରେ ବିଜେପି ଦେଇଥିବା ଏହାର ତୃତୀୟ ପ୍ରାର୍ଥୀ ମହେଶ ଖେଓ୍ୱାଟଙ୍କ ବିଜୟ ନିଶ୍ଚିତ ହୋଇଛି।

ମୀନାକ୍ଷୀଙ୍କ ପ୍ରାର୍ଥିପତ୍ର ଖାରଜ ହେବା ପରେ କଂଗ୍ରେସ ନେତା କେସି ବେଣୁଗୋପାଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭାରତର ନିର୍ବାଚନ ଆୟୋଗ (ଇସିଆଇ)ଙ୍କୁ ଭେଟିଛନ୍ତି। କଂଗ୍ରେସ ପ୍ରତିନିଧି ଦଳୀୟ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ନାକଚ କରାଯିବାକୁ ନେଇ ଇସିଆଇଙ୍କ ନିକଟରେ ଆପତ୍ତି କରିଛନ୍ତି। ଏହା ପରେ କଂଗ୍ରେସ ପ୍ରତିନିଧି ଦଳ ନିର୍ବାଚନ ସଦନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରଥମେ କଂଗ୍ରେସ ପ୍ରତିନିଧିଙ୍କୁ ଇସିଆଇଙ୍କ କାର୍ଯ୍ୟାଳୟକୁ ଯିବାକୁ ଅନୁମତି ମିଳି ନଥିଲା। ସେମାନଙ୍କୁ କୁହାଯାଇଥିଲା ସନ୍ଧ୍ୟା ୭ଟା ହୋଇଥିବାରୁ ନିର୍ବାଚନ ଅଧିକାରୀମାନେ କାମ ସାରି ଘରକୁ ପଳାଇଲେଣି। ପରେ ପୁଲିସ ସହ ଆଲୋଚନା ପରେ ବେଣୁଗୋପାଳ ଓ ଭୁପେଶ ବଘେଲଙ୍କୁ କମିସନଙ୍କ କାର୍ଯ୍ୟାଳୟକୁ ଯିବାକୁ ଅନୁମତି ଦିଆଯାଇଥିଲା। କଂଗ୍ରେସ କହିଛି ଯେ ମୀନାକ୍ଷୀଙ୍କ ପ୍ରାର୍ଥିପତ୍ର ନାକଚ କରାଯିବାର କୌଣସି ଯଥାର୍ଥତା ନାହିଁ। ମଧ୍ୟପ୍ରଦେଶ ବିଧାନସଭା ବିରୋଧୀ ଦଳ ନେତା ଉମାଙ୍ଗ ସିଙ୍ଘାର ଓ ଅନ୍ୟମାନେ କହିଛନ୍ତି ଯେ ମୀନାକ୍ଷୀଙ୍କ ନାମରେ କୌଣସି ଫୌଜଦାରୀ ମାମଲା ନାହିଁ। ତେଣୁ ଏହାକୁ ସତ୍ୟପାଠରେ



ଉଲ୍ଲେଖ କରିବାର ଆବଶ୍ୟକତା ନାହିଁ। କଂଗ୍ରେସ କହିଛି ଯେ ମୀନାକ୍ଷୀଙ୍କ ନାମରେ କୋର୍ଟରେ କୌଣସି ମାମଲା ରୁଜୁ ହୋଇ ନାହିଁ। ୧୦ କୋଟି ଟଙ୍କାର କ୍ଷତିପୂରଣ ଦାବି ସମ୍ପର୍କିତ ଏକ ମାମଲାରେ କୋର୍ଟ କେବଳ ମୀନାକ୍ଷୀଙ୍କୁ ଏକ ନୋଟିସ ଦେଇଛନ୍ତି। ଏହି ନୋଟିସ ଉପରେ ମୀନାକ୍ଷୀଙ୍କ ଓକିଲ କୋର୍ଟରେ ହାଜର ହୋଇ ପକ୍ଷ ରଖିଥିଲେ।

ବିଜେପି ଅଭିଯୋଗ କରିଛି ଯେ ୨୦୨୫ ଅଗଷ୍ଟ ୨୦ରେ ମୀନାକ୍ଷୀ ଓ ଅନ୍ୟ କେତେକଙ୍କ ବିରୋଧରେ ଶ୍ରୀଲତା ନାମକ ଜଣେ ମହିଳା ହାଇଦରାବାଦର ମେଟ୍ରୋପଲିଟାନ କୋର୍ଟରେ ବିଏନଏସ୍‌ର ଧାରା ୩୫୬, ୬୧, ୪୫, ୪୬, ୩୫୧ (୨), ୩(୫) ଓ ୭୯ ଆଧାରରେ ମାମଲା ରୁଜୁ କରିଥିଲେ। ମାମଲା ଆଧାରରେ ୨୦୨୫ ସେପ୍ଟେମ୍ବର ୧୭ରେ କୋର୍ଟ ମୀନାକ୍ଷୀ ଓ ଅନ୍ୟମାନଙ୍କୁ ନୋଟିସ ଜାରି କରିଥିଲେ। ଅକ୍ଟୋବର ୨୪ରେ ମୀନାକ୍ଷୀଙ୍କ ଓକିଲ କୋର୍ଟରେ ଉପସ୍ଥିତ ରହି ନିଜ ପକ୍ଷ ରଖିବା ପୂର୍ବକ ଅଭିଯୋଗ ସବୁକୁ ଖଣ୍ଡନ କରିଥିଲେ। ମାତ୍ର ନଭେମ୍ବର ୧୭ରେ କୋର୍ଟ ମୀନାକ୍ଷୀଙ୍କ ଯୁକ୍ତିକୁ ଅଗ୍ରାହ୍ୟ ପୂର୍ବକ ମାମଲା ଚାଲୁ କରିବାକୁ ନିଷ୍ପତ୍ତି ନେଇଥିଲେ। ସେବେଠାରୁ ମାମଲା କୋର୍ଟରେ ବିଚାରାଧୀନ ରହିଛି। ବିଜେପିର ଅଭିଯୋଗ ପରେ ରିଟର୍ଣ୍ଣିଂ ଅଫିସର ମୀନାକ୍ଷୀଙ୍କ ସତ୍ୟପାଠ ଯାଞ୍ଚ କରିଥିଲେ ଓ ଉକ୍ତ ତଥ୍ୟ ସତ୍ୟପାଠରେ ନଥିବା ଜାଣିବାକୁ ପାଇଥିଲେ। ପରେ ଆଜି ସନ୍ଧ୍ୟା ୬ଟା ଯାଏ ମୀନାକ୍ଷୀଙ୍କୁ ଏହାର ଜବାବ ଦେବା ପାଇଁ ସମୟ ଦେଇଥିଲେ। ମାତ୍ର ମୀନାକ୍ଷୀଙ୍କ ଜବାବ ସନ୍ତୋଷଜନକ ନଥିବା ଫଳରେ ଜନପ୍ରତିନିଧି ଆଇନ ୧୯୫୧ ଅନୁଯାୟୀ ତାଙ୍କ ପ୍ରାର୍ଥିପତ୍ରକୁ ନାକଚ କରିଦେଇଥିଲେ।

# ଲେବାନନ୍ ଉପରେ ଇସ୍ରାଏଲର ଆକ୍ରମଣ, ୮ ମୃତ

ତେହେରାନ,୧୦।୬: ଇରାନର ଧମକ ଏବଂ ଆକ୍ରମଣ ସତ୍ତ୍ୱେ ଇସ୍ରାଏଲ୍ ନିଜ ଜିଦରେ ଅଟଳ ରହି ଦକ୍ଷିଣ ଲେବାନନ ଉପରେ ପୁନର୍ବାର ଆକ୍ରମଣ କରିଛି। ସଦ୍ୟ ଘଟଣାରେ ଲେବାନନର ତଟବର୍ତ୍ତୀ ଟାୟର ସହରରେ ଇସ୍ରାଏଲ୍ ଏୟାର ଷ୍ଟ୍ରାଇକ୍ କରିଛି। ଏଥିରେ ୮ ଜଣ ପ୍ରାଣ ହରାଇଛନ୍ତି। ଅନେକ ଆହତ ହୋଇଛନ୍ତି।

ଏହା ପୂର୍ବରୁ ଇସ୍ରାଏଲୀ ସେନା ସହରବାସୀଙ୍କୁ ଅଞ୍ଚଳ ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲା। ହିଜବୁଲାକୁ ଟାର୍ଗେଟ୍ କରାଯାଇ ଏହି ଆକ୍ରମଣ ହୋଇଛି। ଲେବାନନର ସିଭିଲ ଡିଫେନ୍ସ ସିଭିଲ ଏଜେନ୍ସି କହିଛି, ଆକ୍ରମଣରେ ଟାୟର ସହରର ଏକ ଲୋକପ୍ରିୟ ଜନବସତି ଅଞ୍ଚଳ ପ୍ରଭାବିତ ହୋଇଛି।

ପ୍ରାଥମିକ ସୂଚନା ଅନୁସାରେ, ଅତିକମରେ ୮ ଜଣଙ୍କ ମୃତ୍ୟୁ ଘଟିଛି। ଆହତଙ୍କ ସଂଖ୍ୟାକୁ ନେଇ ରିପୋର୍ଟ ଜାରି ହୋଇନାହିଁ। ଦକ୍ଷିଣ ଲେବାନନରେ ଇସ୍ରାଏଲର ଆକ୍ରମଣ ଦିନକୁ ଦିନ ତୀବ୍ର ହେବାରେ ଲାଗିଛି। ଟାୟର ଏବଂ ଆଖପାଖ ଅଞ୍ଚଳରେ ଅନେକ ବାର ଆକ୍ରମଣ ଯୋଗୁ ବହୁ ସଂଖ୍ୟାରେ ଲୋକ ବିସ୍ଥାପିତ ହୋଇଛନ୍ତି। ଏଠାରେ ଏବେ ଗଣପଳାୟନ ଦେଖିବାକୁ ମିଳିଛି।

ଯୁଦ୍ଧବିରତିର ତମାମ ଉଦ୍ୟମ ସତ୍ତ୍ୱେ ଇସ୍ରାଏଲ ଏବଂ ହିଜବୁଲା ମଧ୍ୟରେ ବିବାଦ ଲାଗିରହିଛି। ସେପଟେ ଇରାନ ନିଜ ପୁରୁଣା ସହଯୋଗୀ ଲେବାନନ ଏବଂ ହିଜବୁଲାକୁ ସମର୍ଥନ ଜଣାଇ ଇସ୍ରାଏଲକୁ ପୁଣି କଡ଼ା ବାର୍ତ୍ତା ଦେଇଛି। କହିଛି, ଲେବାନନ ଉପରେ ଆକ୍ରମଣ ଜାରି ରହିଲେ ସାଙ୍ଘାତିକ ଜବାବ ଦିଆଯିବ। ଏହାର ସଦ୍ୟ ପ୍ରଭାବ



ବିଶ୍ୱବାସୀ ଦେଖିଥିବେ। ଏହାଠାରୁ ଆହୁରି ପ୍ରଚଣ୍ଡ ଆକ୍ରମଣ କରିବାକୁ ସେନା ପ୍ରସ୍ତୁତ । ଉଲ୍ଲେଖଯୋଗ୍ୟ, ଲେବାନନ ଉପରେ ଆକ୍ରମଣକୁ ବିରୋଧ କରି ଇରାନ ରବିବାର ବିଳମ୍ବିତ ରାତ୍ରିରେ ଇସ୍ରାଏଲ୍ ଉପରେ ୩୦ଟି ବାଲିଷ୍ଟିକ୍ ମିସାଇଲ ମାଡ଼ କରିଥିଲା। ଏହାପରେ ଇସ୍ରାଏଲ୍ ମଧ୍ୟ ଜବାବ ଦେଇଥିଲା। ଫଳରେ ମଧ୍ୟପ୍ରାଚ୍ୟ ପୁଣି ଅଶାନ୍ତ ହୋଇପଡ଼ିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଅପିଲ୍ କରିବା ପରେ ଦୁଇ ଦେଶ ଯୁଦ୍ଧ ବନ୍ଦ କରିଥିଲେ।

## ଆଫଗାନିସ୍ତାନରେ ପାକିସ୍ତାନର ନରସଂହାର

ତେହେରାନ, ୧୦।୬ : ଆଫଗାନିସ୍ତାନରେ ପାକିସ୍ତାନର ନରହତ୍ୟା। ଆଫଗାନିସ୍ତାନ ସୀମାରେ ପଶି ଶିଶୁ ଏବଂ ମହିଳାଙ୍କୁ ମାରିଲା ପାକିସ୍ତାନ ସେନା। ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ ଭାରତର ଦୁଇ ପଡୋଶୀ ଦେଶ ମଧ୍ୟରେ ତିକ୍ତତା ବଢିବାରେ ଲାଗିଛି ।

ମଙ୍ଗଳବାର ରାତିରେ ପାକିସ୍ତାନୀ ସେନାର ଲଢୁଆ ବିମାନ ଆଫଗାନିସ୍ତାନରେ ଏୟାର ଷ୍ଟ୍ରାଇକ୍ କରିଛି । ଏହାସହ ଆଫଗାନର ଆକାଶ ପଥକୁ ଉଲ୍ଲଙ୍ଘନ କରିଛି । ସାଧାରଣ ନାଗରିକଙ୍କ ଘରକୁ ଟାର୍ଗେଟ୍ କରି ବୋମାବର୍ଷା ମଧ୍ୟ କରିଛି ।

ପାକ୍ ଆକ୍ରମଣରେ ମହିଳା ଏବଂ ଶିଶୁଙ୍କ ସମେତ ଅନେକ ସାଧାରଣ ନାଗରିକ ପ୍ରାଣ ହରାଇଛନ୍ତି । ଆଫଗାନ୍ ପ୍ରବକ୍ତା ଜବୀଉଲ୍ଲାହ ମୁଜାହିଦଙ୍କ ପକ୍ଷରୁ ଜାରି ବୟାନ ଅନୁସାରେ, ପାକ୍ ଆଫଗାନିସ୍ତାନର ସାର୍ବଭୌମତା ଉଲ୍ଲଙ୍ଘନ କରିଛି । ପାକ୍ ବିମାନ ଆଫଗାନର କୁନାର, ଖୋସ୍ତ, ପକ୍ତିକାରେ ସାଧାରଣ ନାଗରିକ ରହୁଥିବା ସ୍ଥାନକୁ ଟାର୍ଗେଟ୍ କରିଛି । ଘର ଉପରେ ମନଇଚ୍ଛା ଗୁଳିଗୋଳା ବର୍ଷା କରିଛି । ଫଳରେ ଅନେକ ଘର ସମ୍ପୂର୍ଣ୍ଣ ଭାବେ ଧ୍ୱଂସ ହୋଇଯାଇଛି ।

କୁହାଯାଉଛି ଯେ, ଆକ୍ରମଣରେ ମହିଳା ଏବଂ ଶିଶୁଙ୍କ ସମେତ ୧୩ ଜଣ ପ୍ରାଣ ହରାଇଛନ୍ତି । ଯେଉଁମାନଙ୍କୁ ଆଫଗାନ୍ ସରକାର ସହିଦ ବୋଲି ଘୋଷଣା କରିଛନ୍ତି । ସବୁଠାରୁ ବଡ



କଥା ହେଉଛି ଯେ, ମୃତକଙ୍କ ମଧ୍ୟରେ ୧୧ ଜଣ ଶିଶୁ ରହିଛନ୍ତି । ସେହିପରି ୧୪ ଜଣ ଗୁରୁତର ହୋଇଛନ୍ତି ।ଗୁରୁତରଙ୍କ ମଧ୍ୟରେ ଅନେକ ମହିଳା ରହିଛନ୍ତି। ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସୋସିଆଲ ମିଡିଆରେ ଆକ୍ରମଣ ପରବର୍ତ୍ତୀ ହୃଦୟବିଦାରକ ଫଟୋ ସାମ୍ନାକୁ ଆସିଛି । ଆକ୍ରମଣ ପରେ ଆଫଗାନିସ୍ତାନ ପ୍ରତିଶୋଧ ନେବ ବୋଲି କହିଛି। ତାଲିବାନ ସରକାର ଘଟଣାକୁ ନିନ୍ଦା କରିବା ସହ ଏହାକୁ ଅମାନବୀୟ କହିଛନ୍ତି । ଏହାକୁ ପାକିସ୍ତାନର ଅପରାଧ କହିବା ସହ ଜବାବ ଦିଆଯିବ ବୋଲି ତାଲିବାନ କହିଛି ।

# ରଜ ସଂକ୍ରାନ୍ତି

ବର୍ଷାର ପ୍ରଥମ ସ୍ପର୍ଶରେ ଯେତେବେଳେ ଧରିତ୍ରୀ ନୂଆ ସଜରେ ସଜେଇହୁଏ , ଆମ୍ବ ତୋଟାରେ ଦୋଳି ବନ୍ଧାଯାଏ, ଘର ଆଙ୍ଗଣରେ ପିଠାର ସୁଗନ୍ଧ ଖେଳିଯାଏ ଓ ଗାଁ ଠାରୁ ସହର ପର୍ଯ୍ୟନ୍ତ ଝିଅମାନଙ୍କ ହସର କୋଳାହଳ ଶୁଣାଯାଏ, ସେତେବେଳେ ଆସିଥାଏ ଓଡ଼ିଶାର ଅନନ୍ୟ ଲୋକପର୍ବ ରଜ ସଂକ୍ରାନ୍ତି। ଏହା କେବଳ ଏକ ପର୍ବ ନୁହେଁ, ବରଂ ନାରୀତ୍ୱ, ପ୍ରକୃତି ଓ କୃଷି ସଂସ୍କୃତି ପ୍ରତି ଓଡ଼ିଆଙ୍କ ଗଭୀର ଶ୍ରଦ୍ଧାର ପ୍ରତୀକ। ରଜ ପର୍ବ ମୂଳତଃ ଧରିତ୍ରୀ ମା'ଙ୍କ ଋତୁସ୍ରାବର ପ୍ରତୀକ ଭାବେ ପାଳନ କରାଯାଏ। ଲୋକବିଶ୍ୱାସ ଅନୁସାରେ ଏହି ସମୟରେ ପୃଥିବୀ ମା' ଋତୁମତୀ ହୁଅନ୍ତି। ତେଣୁ ଚାଷ କାର୍ଯ୍ୟ, ମାଟି ଖୋଳିବା କିମ୍ବା ଭୂମିକୁ ଆଘାତ ଦେବା ଭଳି କାମରୁ ବିରତ ଦିଆଯାଏ। ଏହା ମଣିଷ ଓ ପ୍ରକୃତି ମଧ୍ୟରେ ଥିବା ସମ୍ପର୍କର ଏକ ସୁନ୍ଦର ବାର୍ତ୍ତା ବହନ କରେ। ରଜ ପର୍ବର ସବୁଠାରୁ ଆକର୍ଷଣୀୟ ଦିଗ ହେଉଛି ନାରୀଙ୍କ ପ୍ରତି ସମ୍ମାନ। ଏହି ସମୟରେ ଝିଅମାନେ ଦୈନନ୍ଦିନ କାମରୁ ବିରତି ନେଇ ଆନନ୍ଦ ଉତ୍ସବରେ ମାତିଥାନ୍ତି। ଏହା ନାରୀଙ୍କ ଅବଦାନ ଓ ତାଙ୍କ ଅସ୍ତିତ୍ୱକୁ ସମ୍ମାନ ଜଣାଇବାର ଏକ ସାମାଜିକ ସନ୍ଦେଶ ଦେଇଥାଏ।

**ଉପସ୍ଥାପନା: ମୋନାଲିସା ରାଉତ**






ରଜ ଓଡ଼ିଶାର ଏକ ପାରମ୍ପାରିକ ପର୍ବ ଓ ରାଜ୍ୟର ଗଣପର୍ବ। ଏହା ତିନିଦିନ ଧରି ପାଳନ କରାଯାଇଥାଏ। ଦ୍ୱିତୀୟ ଦିନରେ ମିଥୁନ ମାସର ଆରମ୍ଭ ଓ ଏହା ପରେ ବର୍ଷା ଋତୁ ଆରମ୍ଭ ହୁଏ। ରଜ ସଂକ୍ରାନ୍ତିର ପୂର୍ବଦିନ ପହିଲି ରଜ, ଦ୍ୱିତୀୟ ଦିବସ ହେଉଛି ରଜ ସଂକ୍ରାନ୍ତି, ତୃତୀୟ ଦିବସ ହେଉଛି ଭୂମିଦାହ ବା ଭୂମି ଦହନ, ଚତୁର୍ଥ ତଥା ଅନ୍ତିମ ଦିବସ ହେଉଛି ବସୁମତୀ ସ୍ନାନ। ରଜ ଶବ୍ଦର ଆକ୍ଷରିକ ଅର୍ଥ ରଜବତୀ ହେବା, ଯାହା ପୃଥିବୀକୁ ମାତା ଭାବରେ ବିବେଚନା କରି ବର୍ଷାର ଆଗମନରେ ସେ ରଜସ୍ୱଳା ହେବାର ଓ ନୂଆ ଶସ୍ୟ ଜନ୍ମ ହେବାର ସାଙ୍କେତିକ ଭାବ ବହନ କରିଥାଏ। ଚାଷୀମାନେ ବସୁମତୀ ତଥା ହଳଲଙ୍ଗଳ ପୂଜନ କରିବା ସହ ଚାଷ କାମରୁ ତିନି ଦିନ ପାଇଁ ବିରତି ନେଇଥାନ୍ତି। ରଜରେ ପୋଡ଼ ପିଠା ଓ ପାନ ଖିଆ ସହିତ ଝିଅମାନଙ୍କ ରଜ ଦୋଳି ଓ ପୁଚି ଖେଳ ସହ ପୁଅମାନଙ୍କ ଲୁଡୁ, ତାସ, ବାଗୁଡ଼ି ଆଦି ଖେଳି ଏହି ଦିବସଟି ପାଳନ କରାଯାଇଥାଏ।

**ଧୁମ୍ ଧାମରେ ପାଳନ ହୁଏ ରଜ**



## ବିଶେଷତ୍ୱ

ଆଷାଢ଼ ମାସ ଚତୁର୍ମାସ୍ୟା ବ୍ରତର ପ୍ରଥମ ମାସ। ଏ ଚାରି ମାସ ମୁନି ଋଷି ଓ ସାଧବମାନେ ସେମାନଙ୍କ ପରିଭ୍ରମଣ ତ୍ୟାଗ କରି ଏକସ୍ଥାନରେ ନିବିଷ୍ଟ ହୋଇ ସାଧନା କରିଥା'ନ୍ତି। ବିରହ, ବିଧୂର ଯକ୍ଷର ପ୍ରିୟା ଉଦ୍ଦେଶ୍ୟରେ ମେଘ ମାଧ୍ୟମରେ ପ୍ରେରିତ ବାର୍ତ୍ତାକୁ ନେଇ ମହାକବି କାଳିଦାସଙ୍କ ରଚିତ 'ମେଘଦୂତ' ମହାକାବ୍ୟ ଏକ ଅନବଦ୍ୟ ସାଂସ୍କୃତିକ ବୌଦ୍ଧିକ ପ୍ରତିଲିପି ଓ ଇତିକଥା। ଆଷାଢ଼ ମାସରେ ପ୍ରଥମ ବର୍ଷାର ଆଗମନରେ ମେଘ ଓ ମାଟିର ମିଳନ ହୁଏ। ମାଟି ମା' ହୁଏ ରଜସ୍ୱଳା। କୃଷିପ୍ରଧାନ ଦେଶ ଭାବେ ଖ୍ୟାତି ଲାଭ କରିଥିବା ଆମଦେଶରେ ମାଟି ମା' ବହୁ କିସମର ଫସଲ ଫଳାଇ ଆମରି ହାତରେ ଅଜାଡ଼ି ଦିଏ। ମା'ଟିଏ ଯେମିତି ପ୍ରଜନନ ପୂର୍ବରୁ ବିଶ୍ରାମ ଆବଶ୍ୟକ କରେ, ସେମିତି ପ୍ରଜନନକ୍ଷମ ହେବାକୁ ଯାଉଥିବା ମାଟି ମା'କୁ ରଜ ତିନିଦିନ ବିଶ୍ରାମ ଦିଆଯାଏ ବୋଲି ବିଶ୍ୱାସ ଅଛି। ପହିଲି ରଜରେ ଆରମ୍ଭ ହୁଏ ପ୍ରସ୍ତୁତି ପର୍ବ। ତିନିଦିନ ଧରି ଧରଣୀ ମାତାକୁ ବିଶ୍ରାମ ଦିଆଯାଏ, ଯେଉଁଥିପାଇଁ ଭୂ ଖନନ ବାରଣ କରାଯାଇଥାଏ। ମାତୃଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତି ଜାଗ୍ରତ କରିବା ପାଇଁ ପାଳନ କରାଯାଇଥାଏ ରଜପର୍ବ। କୁମାରୀମାନଙ୍କ ପାଇଁ ରଜପର୍ବ ହେଉଛି ତାଲିମ ପ୍ରଦାନକାରୀ ପର୍ବ। ଆଷାଢ଼ର ପହିଲି ବର୍ଷାରେ ମାଟି ମା'ର ପ୍ରଜନନ ଶକ୍ତି ଜାଗ୍ରତ ହୋଇଥାଏ, ଏହି କାରଣରୁ ଧରଣୀମାତାକୁ ରଜସ୍ୱଳା ସ୍ତ୍ରୀ ସହିତ ତୁଳନା କରାଯାଏ। ଅବିବାହିତା ଝିଅଙ୍କ ପାଇଁ ଗର୍ଭଧାରଣ କ୍ଷମତା ପ୍ରାପ୍ତିର ଏକ ସାଙ୍କେତିକ ପର୍ବ ହେଉଛି ରଜ। ଜଣେ ନାରୀଭାବେ ଆଗାମୀ ଦିନରେ କିରି କର୍ତ୍ତବ୍ୟ ସମ୍ପାଦନ କରିବାକୁ ହେବ, ତାହା କୁମାରୀମାନଙ୍କୁ ଶିଖିବାକୁ ପଡ଼ିଥାଏ, ଏହି ରଜ ପର୍ବ ପାଳନ ଅବସରରେ। କୁମାରୀମାନେ ରଜପର୍ବର ମଉଜ ଭିତରେ ଜଣେ ନାରୀର ଚଳଣି, ଆଚାରସଂହିତାକୁ ବିଧିଭାବେ ପାଳିଥାଆନ୍ତି ଏବଂ ଭବିଷ୍ୟତରେ ଯେତେବେଳେ ଝିଅଟିଏ ନାରୀଭୂମିକାରେ ଅବତୀର୍ଣ୍ଣ ହୋଇ କର୍ତ୍ତବ୍ୟ ସମ୍ପାଦନ କରେ, ଏହି ଆଚାରସଂହିତା ତାକୁ ସହାୟ ହୋଇଥାଏ। ରଜ ତିନିଦିନ ଧରି ରଜସ୍ୱଳା ନାରୀଭାବେ ଧରଣୀମାତାକୁ କଷ୍ଟ ନ ଦେଇ ଭୂମି କର୍ଷଣ ନ କରି ବିଶ୍ରାମ ଦେଲାଭଳି କଟା, ବଟା ଆଦି ଗୃହକର୍ମ ନ କରି କୁମାରୀମାନେ ବିଶ୍ରାମ କରନ୍ତି। ଧରଣୀ ମାତା ଶସ୍ୟଶ୍ୟାମଳାପୂର୍ଣ୍ଣ ହେବା ପାଇଁ ପ୍ରାଥମିକ ପ୍ରସ୍ତୁତି ଭାବେ ରଜ ତିନିଦିନ ବିଶ୍ରାମ ମିଳିଥାଏ ତାଙ୍କୁ। ଠିକ ସେହିପରି ଝିଅବୋହୂମାନଙ୍କ ଭବିଷ୍ୟତ ସାଂସାରିକ ଜୀବନ ସୁଖମୟ କରିବାକୁ ରଜପର୍ବର କଳ୍ପନା କରାଯାଇଛି। ରଜପର୍ବର ବିଧିବିଧାନକୁ ସେମାନେ ନିଜେ ପାଳନ କରି ଜଣେ ମାତାର କର୍ତ୍ତବ୍ୟକୁ ସୁଚାରୁରୂପେ ତୁଲାଇପାରିବେ ଏବଂ ଭବିଷ୍ୟତରେ ନିଜ ଝିଅମାନଙ୍କୁ ସ୍ୱଅନୁଭୂତିରୁ ଶିଖି ସଂସାର ନିୟମ ଶିଖାଇବେ।



### ରଜଦୋଳି ଗୀତରୁ କେଇଧାଡ଼ି

ବନସ୍ତେ ଡାକିଲା ଗଜ,
ବରଷକେ ଥରେ ଆସିଛି ରଜ
ଲୋ, ଘେନି ନୂଆ ସଜବାଜ।

ରାଶିରୁ ଛାଡ଼ିଲା ଚୋପା,
ଗୋଡ଼ରେ ନାଇଛୁ ସରୁ ଅଳତା
ଲୋ, ମଥାରେ ସିନ୍ଦୂର ଟୋପା।

ଉଡ଼ିଲା ଶୁଆ ନାହାକା,
ଦୋଳିଟା କାହିଁକି ଲାଗୁଛି ଏକା
ଲୋ, କାହା ବିନା ଏକା ଏକା।

ପାଚିଲା ଭଇଁଚ କୋଳି,
ବେକରେ ନାଇଚି ଗଜରା ମାଳି
ଲୋ, ଝୁଲାଅ ରଜର ଦୋଳି।

ପଣସ ପାଚିଲା ବନେ, ବନ
ପୋଡ଼ିଗଲେ ଦୁନିଆ ଜାଣେ
ଲୋ, ମନକଥା କିଏ ଜାଣେ।

## କେମିତି ପାଳାନ କରାଯାଏ ରଜ

ଏହି ପର୍ବ ପାଳନ ବେଳରେ ଘରର ଘରଣୀମାନେ ସାଧାରଣ କାମରୁ ଛୁଟି ନେଇ ନାନାଦି ଖେଳରେ ମାତନ୍ତି। ଅଭିଆଡ଼ି ଝିଅମାନେ ଶାଢ଼ୀ ଆଦି ପିନ୍ଧି ରଜ ଦୋଳି ଖେଳ, ପୁଚି ଖେଳ ଆଦିରେ ସମୟ ଅତିବାହିତ କରିଥାନ୍ତି। ଏହି ଦିନ ଧରିତ୍ରୀ ମାଆକୁ ସମ୍ମାନ ଦେଇ କେହି ଭୂଇଁ ଉପରେ ଖାଲି ପାଦରେ ଚାଲିନଥାନ୍ତି। ପତ୍ର/ଖୋଳପାରେ ତିଆରି କଠଉରେ ଭୂଇଁ ଉପରେ ଚାଲିବାର ବିଧି ରହିଛି। ଏହି ଦିନ ପୋଡ଼ ପିଠା, ଚକୁଳି ପିଠା ଆଦି ଖିଆଯାଇ ଥାଏ।

**ଖାଲିପାଦରେ ଚାଲିବା ମନା:** ପରମ୍ପରା ଅନୁସାରେ ଏହି ଦିନ ଭୂମି ଉପରେ ଖାଲିପାଦରେ ଚାଲିବାକୁ ମନା କରାଯାଇଥାଏ। କୁମାରୀମାନେ ଖାଲି ପାଦରେ ଚାଲନ୍ତି ନାହିଁ, ଅଧିକାଂଶ ସମୟ ଦୋଳିରେ ଝୁଲନ୍ତି ଏବଂ ଗୁଆ ଖୋଳପା କିମ୍ବା ଚପଲ ପିନ୍ଧି ଚଳପ୍ରଚଳ ହୁଅନ୍ତି।

**ରଜଗୀତ:** ରଜଗୀତ ଏହି ପର୍ବରେ ବୋଲା ଯାଉଥିବା ଜଣାଶୁଣା ଗୀତ ଯାହା ଆଗେ ଗାଆଁଗହଳିରେ ଜନ୍ମ ନେଇଥିଲା। ଲୋକ ମୁଖରେ ବୋଲାଯାଉଥିବା ଏହି ଗୀତ ପରେ ବିଭିନ୍ନ ସମୟରେ ଲିପିବଦ୍ଧ ହୋଇଥିଲା। ମୁଦ୍ରିତ ପୁରାତନ ପ୍ରକାଶନଗୁଡ଼ିକ ଭିତରୁ ମଧ୍ୟରୁ ୧୯୪୯ ମସିହାରେ ପ୍ରକାଶିତ ପହିଲି ରଜ ଓ ୧୯୫୨ ମସିହାରେ ପ୍ରକାଶିତ ମାଗୁଣୀ ମହାପାତ୍ରଙ୍କ ରେକର୍ଡ ରଜଦୋଳି ଗୀତ ଅନ୍ୟତମ।

**ବସୁମତୀ ସ୍ନାନ:** ବସୁମତୀ ସ୍ନାନ ହେଉଛି ରଜ ପର୍ବର ଅନ୍ତିମ ଦିବସ। ଏହା ବସୁଧାମାତାଙ୍କ ଶୁଦ୍ଧ ସ୍ନାନ। ଏହା ଧରାସ୍ନାନ, ମହାଲକ୍ଷ୍ମୀ ସ୍ନାନ, ମହାଲକ୍ଷ୍ମୀ ଗାଧୁଆ ଓ ଶୁଦ୍ଧ ସ୍ନାନ ରୂପେ ପ୍ରଖ୍ୟାତ। ସକାଳୁ ଶିଳପୁଆରେ ହଳଦୀ କନା ଗୁଡ଼ାଇ ସିନ୍ଦୂର, କଜଳ ଦେଇ ଧରଣୀ ମାତାଙ୍କ ସ୍ୱରୂକୁ ସଜାଇ ପିଢ଼ା ଉପରେ ସ୍ଥାପନା କରି କଳସ ଆମ୍‌ବଡ଼ାଳ ରଖି କ୍ଷୀର ଦେଇ ସ୍ନାନ କରାଯାଏ। ମାସିକ ଧର୍ମର ବିଧି ଅନୁଯାୟୀ ଧରଣୀ ମାତା ତିନିଦିନ ବିଶ୍ରାମ ପରେ ସ୍ନାନ କରି ଶୁଦ୍ଧ ପବିତ୍ର ହୋଇଥା'ନ୍ତି। ମାର୍ଗଶୀର ଶେଷ ଗୁରୁବାରଦିନ ବନ୍ଦ ହୋଇଥିବା ମହାଲକ୍ଷ୍ମୀ ପେଡ଼ି ଏହି ଦିନ ଖୋଲାଯାଇଥାଏ। ରଜସ୍ୱଳାନାରୀ ସଦୃଶ ତିନିଦିନ ଅସ୍ପୃଶ୍ୟ ହୋଇ ରହିବାପରେ ଚତୁର୍ଥ ଦିନ ପ୍ରାତଃ କାଳରେ ଏହି ଶୁଦ୍ଧ ସ୍ନାନ ପର୍ବ। ଏହି ଦିନ ରଜପର୍ବର ଆନନ୍ଦ ଉଲ୍ଲାସ ମଉଳି ଯାଇ ଆଧାତ୍ମିକତା ସ୍ଥାନ ନେଇଥାଏ। ଏହି ବସୁମତୀ ସ୍ନାନ ଦିବସରେ ଧରଣୀ ମାତା ପ୍ରତି ଭକ୍ତିଭାବ ଜାଗ୍ରତ ହୋଇଥାଏ। ବସୁମାତା ରଜସ୍ୱଳା ହୋଇ ଶୁଦ୍ଧସ୍ନାନ ପରେ ସୃଜନ କ୍ଷମତାଶୀଳା ଅର୍ଥାତ ଶସ୍ୟ ବୀଜ ଧାରଣକାରିଣୀ ହୋଇପାରିଥାନ୍ତି।

## ରଜରେ ବିଶେଷ ଖାଦ୍ୟ

ରଜରେ ପାନଖିଆ ଏକ ପୁରୁଣା ଓଡ଼ିଆ ପରମ୍ପରା। ପ୍ରୀତିର ବନ୍ଧନ ହେଉଛି ପାନ। ପ୍ରୀତି, ପ୍ରେମ, ବନ୍ଧୁତାର ଛ'ଲକ୍ଷଣ ଏ ଦେଶରେ ନିର୍ଦ୍ଧାରିତ କରାଯାଇଛି। ଦିଏ, ନିଏ, ଖାଏ, ଖୁଆଏ, ଗୋପନ କଥା କହେ ଓ ପଚାରେ, ଏ ଛ'ଟି ଆନ୍ତରିକତା ଓ ନିବିଡ଼ତାର କଥା। ଭୋଜନ ଶେଷରେ ତାମ୍‌ବୁଳ ସେବା ଏକ ପ୍ରାଣମୟ ବ୍ୟବସ୍ଥା। ଓଡ଼ିଆଙ୍କ ଠାକୁର ବଡ଼ଠାକୁର ଜଗନ୍ନାଥ ପ୍ରତିଦିନ ଭୋଜନାନ୍ତେ ତାମ୍‌ବୁଳ ସେବା କରି ନିଦ୍ରା ଯାଆନ୍ତି। ପାନ ହେଉଛି ମୁଖବାସ, ପରିତୋଷ। ରଜ ସହିତ ପାନ ଯୋଡ଼ିହେବା ପଛରେ କଥା ଅଛି, ଏତା ବନ୍ଧୁତାର ଦୋରିକୁ ସୁଦୃଢ କରିବ



। ରଜରେ ଝିଅମାନେ ସମସ୍ତଙ୍କୁ ପାନ ଦବାନବା କରିଥାନ୍ତି। ଆୟୁର୍ବେଦ ଶାସ୍ତ୍ର ଅନୁସାରେ ପାନ ଜୀର୍ଣ୍ଣକାରକ ଏବଂ କୃମିନାଶକ। ପାନରେ ଦିଆଯାଉଥିବା ଚୂନ ଲୌହଶକ୍ତି ପୂର୍ଣ୍ଣ (କ୍ୟାଲସିଅମ) ଓ ଖଇର ଦାନ୍ତକୁ ମଜଭୁତ କରିଥାଏ। ପାନ ଖାଇଲା ବେଳେ ପତ୍ରରୁ ଶିରା ଛେଦନ କରାଯାଇଥାଏ କାରଣ ପାନଶିରା ହେଉଛି ବୁଦ୍ଧି ବିନାଶିନୀ। ରଜପାନର ଚମକ ଓ ମହକ ସାରାବର୍ଷର ପାନକୁ ବଳିଯାଏ, ରଜ ଆଭୂଷଣକୁ ଆହୁରି ମୁଗ୍ଧକର କରିଦିଏ। ରଜପାନରେ ଗୁଆ, ଅଳେଇଚ, ଗୁଜୁରାତି, ଭଜା ଧଣିଆ, ଚାଉଳ ଓ ନଡିଆ ଖଣ୍ଡ, ଚେରି, ଲବଙ୍ଗ, କବାବଚିନି, ଚୁଆ, ପାନ ମହୁରି, ସୁବାସିତ ଜାଫ୍ରାନ କେଶର, ଖଇର ପରି ୧୦ରୁ ୧୨ ପ୍ରକାର ମସଲା ବ୍ୟବହୃତ ହୁଏ। ଏହାକୁ ବିଭିନ୍ନ ଢଙ୍ଗରେ ତ୍ରିଭଙ୍ଗି, ଚଉଭଙ୍ଗି ଆକୃତି ଦେଇ ଉପରେ ଲବଙ୍ଗ ଖୋସି ଅତି ସୁନ୍ଦର ଭାବେ ଥାଳିରେ ସଜାଇ ଦିଆଯାଏ।

**ଢ଼ଗରେ ଅଛି**

ପାନଖିଆ ରସିକ ପାଟି,ଖୋଜି ବୁଲୁଥିଲା ରାଜାଙ୍କ ହାତୀ,
ଢାଳି ଦେଇଗଲା ଶିରରେ, ରାଜା ହୋଇଗଲା ରଜରେ'

ଚୁଲି ଲଗାଇ ନିୟମିତ ରୋଷେଇ କରିବା ମହିଳାଙ୍କ କାର୍ଯ୍ୟ। ଯେହେତୁ ରଜରେ ଧରଣୀମାତାଙ୍କୁ ବିଶ୍ରାମ ଦିଆଯାଏଙ୍କ ତେଣୁ ରଜ ପୂର୍ବଦିନ ପହିଲି ରଜରେ ବହୁ ରକମର ପିଠାପଣା, ବିଶେଷ କରି ପୋଡ଼ ପିଠା ତିଆରି କରାଯାଇଥାଏ, ଯାହା ସହଜରେ ନଷ୍ଟ ହୁଏ ନାହିଁ ଏବଂ ଅଧିକ ଦିନ ରହିଥାଏ। ଭାତ ବଦଳରେ ଫଳମୂଳ ଓ ବିଭିନ୍ନ ପ୍ରକାର ପିଠାପଣା ଏକାଠି ଖାଇ ସମସ୍ତେ ମଜା କରିଥାନ୍ତି।

**ଚକୁଳି ପିଠା:** ଏହା ଏକ ଓଡ଼ିଆ ଖାଦ୍ୟ ଯାହା ଚାଉଳ ଚୂନା ଓ ବିରିରୁ ତିଆରି ବହଳିଆ ମଣ୍ଡକୁ ତାବାରେ ଭାଜି ତିଆରି କରାଯାଏ।

**ପୋଡ଼ ପିଠା:** ଏହା ଏକ ଓଡ଼ିଆ ଖାଦ୍ୟ ଯାହା ଚାଉଳ ଚୂନା ଓ ବିରିରୁ ତିଆରି ଆଣକୁ କଦଳୀ ପତ୍ରରେ ବାନ୍ଧି ଚୁଲିରେ ରାତି ସାରା ପୋଡ଼ି ପ୍ରସ୍ତୁତ କରାଯାଏ। ଏହି ପୋଡ଼ ପିଠାକୁ ରଜ ୩ ଦିନ ଖିଆ ଯାଏ।





# ନୂଆପଡ଼ାରେ କୃଷି ବିଭାଗର ସମୀକ୍ଷା ବୈଠକ

ନୂଆପଡ଼ା, ୧୦/୦୬( ଅକ୍ଷର ଓଡ଼ିଶା )ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ କୃଷି ବିଭାଗର ବିଭିନ୍ନ ଯୋଜନା ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଣତି ରାଣୀ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ ଜଣାଇ ବୈଠକର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ।ସମୀକ୍ଷାରୁ ଜଣାପଡ଼ିଥିଲା ଯେ ଖରିଫ-୨୦୨୬ ଋତୁ ପାଇଁ ଜିଲ୍ଲାରେ ମୋଟ ୧,୬୭,୮୩୦ ହେକ୍ଟର ଅଞ୍ଚଳରେ ଚାଷ କରିବାର ଲକ୍ଷ୍ୟ ରଖାଯାଇଛି। ଏଥିମଧ୍ୟରୁ ୯୩,୭୦୦ ହେକ୍ଟରରେ ଧାନ, ୭,୬୦୦ ହେକ୍ଟରରେ ମକା, ୫,୧୭୦ ହେକ୍ଟରରେ ମିଲେଟ୍ ଏବଂ ୨୬,୧୨୦ ହେକ୍ଟରରେ ଡାଲିଜାତୀୟ ଫସଲ ଚାଷ କରାଯିବ। ଜିଲ୍ଲାରେ ଖରିଫ ଋତୁରେ ୧,୦୨,୯୪୦ ହେକ୍ଟର ଅଞ୍ଚଳକୁ ଜଳସେଚନ ସୁବିଧା ଯୋଗାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।ବୈଠକରେ ବିହନ ଯୋଗାଣ, ସାର ବିତରଣ, ମୃତ୍ତିକା ନମୁନା ସଂଗ୍ରହ, ଶ୍ରୀଅନ୍ନ ଅଭିଯାନ, ମୁଖ୍ୟମନ୍ତ୍ରୀ ମକା ମିଶନ, ତୈଳବୀଜ ଓ ଡାଲିଜାତୀୟ ଫସଲ ପ୍ରୋତ୍ସାହନ ସହ ବିଭିନ୍ନ କୃଷି ଯୋଜନାର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଜିଲ୍ଲାରେ ଚାଷୀ ପଞ୍ଜୀକରଣ କାର୍ଯ୍ୟରେ ୪୪.୪୨ ପ୍ରତିଶତ ଅଗ୍ରଗତି ହୋଇଥିବା ବେଳେ ଏହାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।ସମୀକ୍ଷା ବୈଠକରେ ଜିଲ୍ଲାପାଳ କହିଥିଲେ ଯେ ନୂଆପଡ଼ାକୁ ଏକ ଅତ୍ୟାଧୁନିକ କୃଷି ଜିଲ୍ଲା ଭାବେ ଗଢ଼ି ତୋଳିବା ପାଇଁ ସମସ୍ତ ଅଧିକାରୀଙ୍କୁ ସାମାଜିକ ପ୍ରତିବଦ୍ଧତା ଓ ବୈଜ୍ଞାନିକ ମନୋବୃତ୍ତି ସହ କାର୍ଯ୍ୟ କରିବାକୁ ହେବ।

# ଜିଲ୍ଲା ବିକାଶ ସମନ୍ୱୟ ଓ ନିରୀକ୍ଷଣ କମିଟି (ଦିଶା) ବୈଠକରେ ବିକାଶମୂଳକ ପ୍ରକଳ୍ପ ଗୁଡ଼ିକର ସମୀକ୍ଷା

ରାୟଗଡ଼ ୧୦.୦୬:(କୈଳାସ ସ୍ୱାଇଁ )ରାୟଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲା ବିକାଶ ସମନ୍ୱୟ ଓ ନିରୀକ୍ଷଣ କମିଟି (ଦିଶା)ର ବୈଠକ କୋରାପୁଟ ଲୋକସଭା ସାଂସଦ ତଥା କମିଟିର ସଭାପତି ମାନ୍ୟବର ଶ୍ରୀ ସପ୍ତଗିରି ଶଙ୍କର ଉଲାକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ରାୟଗଡ଼ ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣି, ମାନ୍ୟବର ରାୟଗଡ଼ ବିଧାୟକ ଶ୍ରୀ ଆପଲାସ୍ୱାମୀ କାଡ୍ରାକା, ମାନ୍ୟବର ଗୁଣପୁର ଓ ବିଷମକଟକ ବିଧାୟକଙ୍କ ପ୍ରତିନିଧି, ମାନ୍ୟବର ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ଗୁଣପୁର ଶ୍ରୀ ଦୁଧାଳ ଅଭିଷେକ ଦିଲ୍ଲିପ, ବିଭିନ୍ନ ପଞ୍ଚାୟତ ସମିତିର ଅଧ୍ୟକ୍ଷ/ଅଧ୍ୟକ୍ଷା, ପୌରାଧ୍ୟକ୍ଷ, ସରପଞ୍ଚ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।ବୈଠକ ଆରମ୍ଭରେ ସାଂସଦ ଶ୍ରୀ ଉଲାକା ଦିଶା ବୈଠକର ଗୁରୁତ୍ୱ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖି ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଅଗ୍ରଗତିର ସମୀକ୍ଷା କରିଥିଲେ।ପୂର୍ବତଟ ରେଳବାଇ ଅଧୀନରେ ଚାଲିଥିବା ବିଭିନ୍ନ ରେଳ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଗୋପାଳପୁର–ରାୟଗଡ଼ (୨୫୦ କି.ମି.) ନୂତନ ବ୍ରଡ୍ ଗେଜ୍ ରେଳପଥ ପ୍ରକଳ୍ପ, ନୂଆପଡ଼ା–ଗୁଣପୁର–ଥେରୁବାଲି (୧୬୫ କି.ମି.) ଦ୍ୱୈତ ରେଳପଥ ପ୍ରକଳ୍ପ ଏବଂ କୋରାପୁଟ–ସିଙ୍ଗାପୁର ରୋଡ଼ (୧୬୪.୫୬ କି.ମି.) ଦ୍ୱୈତ ରେଳପଥ ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରାଯାଇଥିଲା। ରାମନାଗୁଡ଼ା ପରିବର୍ତ୍ତେ ଗୁଡ଼ାରିରୁ ଟ୍ରେନ ଆରମ୍ଭ କରିବା ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ପ୍ରକଳ୍ପ ଆରମ୍ଭ ପୂର୍ବରୁ ପର୍ଯ୍ୟାପ୍ତ ଅନୁପୂରକ ପାଣ୍ଠି ବ୍ୟବସ୍ଥା କରିବାକୁ ସାଂସଦ ମତ ପ୍ରକାଶ କରିଥିଲେ। ନୂତନ ଗୁଣପୁର ରେଳ ଷ୍ଟେସନ, ସାଇ ଇଣ୍ଟରନ୍ୟାସନାଲ ନିକଟରେ ଓଭରବ୍ରିଜ ନିର୍ମାଣ, ରାୟଗଡ଼ ରେଳ ଷ୍ଟେସନର ଦ୍ୱିତୀୟ ପ୍ରବେଶ ପଥର ବିକାଶ ଓ ଷ୍ଟେସନ ଭିତରେ ଦିବ୍ୟାଙ୍ଗ ଓ ବୟସ୍କ ଯାତ୍ରୀଙ୍କ ପାଇଁ ଇ-ଭେହିକଲ ବ୍ୟବସ୍ଥା ସମ୍ପର୍କରେ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ରେଳ ଷ୍ଟେସନ ପରିସରରେ ଥିବା ପାର୍କିରେ ସୁରକ୍ଷା କ୍ୟାମେରା ସ୍ଥାପନ ଓ ବ୍ୟବସ୍ଥାର ସମୀକ୍ଷା ମଧ୍ୟ କରାଯାଇଥିଲା।ଜାତୀୟ ରାଜପଥ-୩୨୬ ଅନ୍ତର୍ଗତ ରାୟଗଡ଼ ସହର ଓ ଜେ.କେ.ପୁର ବାଇପାସ ନିର୍ମାଣ ପ୍ରକଳ୍ପର ବର୍ତ୍ତମାନ ସ୍ଥିତି ସମୀକ୍ଷା କରାଯାଇଥିଲା। ୩୬୮.୩୩ କୋଟି ଟଙ୍କା ବ୍ୟୟ ଅଟକଳର ଏହି ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ସମ୍ପନ୍ନ ହୋଇଥିବା ବେଳେ ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲିଥିବା ସୂଚନା ଦିଆଯାଇଥିଲା। ନାଗାବଳୀ ନଦୀ ଉପରେ ୧୭.୮୨ କୋଟି ଟଙ୍କା ବ୍ୟୟରେ ନୂତନ ସେତୁ ନିର୍ମାଣ ଏବଂ ରାୟଗଡ଼-ଲକ୍ଷ୍ମୀପୁର ରାସ୍ତା ପ୍ରଶସ୍ତୀକରଣ ଓ ସିଧାକରଣ ପ୍ରକଳ୍ପ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା।

## ନାରାୟଣ ପାଟଣା ବ୍ଲକ୍‌ରେ କାଳ ବୈଶାଖୀର ପ୍ରଭାବରେ ଅନେକ କ୍ଷୟ କ୍ଷତି

ଲକ୍ଷ୍ମୀପୁର ୧୦/୦୬(ଅକ୍ଷର ଓଡ଼ିଶା) କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ୍ ରେ ଆଜି କାଳ ବୈଶାଖୀ ର କରାଳ ରୂପ ଦେଖିବାକୁ ମିଳିଛି।ଫଳରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ପଡ଼ି ବିଦ୍ୟୁତ ସରବରାହ ବନ୍ଦ ଅଛି,ଅନେକ ଘର ର ଆଜବେଷ୍ଟ ଉଡିଯିବା ସହ କିଛି ସ୍ଥାନରେ ଗଛ ପଡି ରାସ୍ତା ଅବରୋଧ ହୋଇଛି।ଫଳରେ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେବାକୁ ପଡିଛି।ବିରିପୁର ଗ୍ରାମ ନିକଟରେ ଗଛ ପଡି ରାସ୍ତା ଅବରୋଧ ହୋଇଥିବା ବେଳେ ସତୀଖାଲ ଗାଁରେ ତିନୋଟି ଘରର ଆଜବେଷ୍ଟ ଉଡି ତିନୋଟି ପରିବାର ସର୍ବସ୍ୱାନ୍ତ ହୋଇ ପଡ଼ିଥିବା ସୂଚନା ମିଳିଛି। ଯୁଦ୍ଧ କାଳୀନ ଭିତିରେ ଅଗ୍ନିଶ୍ରମ କର୍ମଚାରୀ ପହଞ୍ଚି ଗଛ ହଟାଇବା ରେ ଲାଗିପଡିଥିବା ବେଳେ ଖବର ଲେଖା ହେବା ପର୍ଯ୍ୟନ୍ତ ସମଗ୍ରହ ବ୍ଲକ୍ ଅନ୍ଧାର ରେ ଥିବା ଜଣା ପଡିଛି।ଅନ୍ଧାର ହେଇଜିବାରୁ ସମ୍ପୂର୍ଣ ତଥ୍ୟ ଅମର ହସ୍ତଗତ ହୋଇପାରିନି।ଗୁରୁବାର ଦିନ କ୍ଷୟକ୍ଷତିର ଆକଳନ କରାଯିବ ବୋଲି ରାଜସ୍ୱ ବିଭାଗ ତରଫରୁ ସୂଚନା ମିଳିଛି।

## ଚଢ଼ାଉ ଖବର ପାଇ ରାତାରାତି ଗାୟବ ହେଲେ ବେଆଇନ କରତକଳ
# ସନ୍ଦେହ ଘେରରେ ବନାଧିକାରୀ ଓ କର୍ମୀ

ଗୋପ/ନିମାପଡ଼ା: ୧୦/୦୬ (ସନ୍ତୋଷ କୁମାର ଭୋଳ):ପୁରୀ ଜିଲ୍ଲା ଗୋପ ଏବଂ ନିମାପଡ଼ା ବ୍ଲକ ଅଞ୍ଚଳରେ ଚାଲିଥିବା ବେଆଇନ କାଠ କାରବାର ଓ କରତକଳ ଉପରେ ବିଭାଗୀୟ ଚଢ଼ାଉକୁ ନେଇ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯିବାର ଗୁପ୍ତ ଖବର ପୂର୍ବରୁ ପାଇ ରାତାରାତି ସମସ୍ତ ବେଆଇନ ମିଲ୍ ମାଲିକ ନିଜ ନିଜ କରତକଳର ଯନ୍ତ୍ରାଂଶ ଖୋଲି ଫେରାର ହୋଇଯାଇଛନ୍ତି। ଏହି ଘଟଣା ପରେ ବନ ବିଭାଗର କାର୍ଯ୍ୟଦକ୍ଷତା ଏବଂ ସ୍ୱଚ୍ଛତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।।ଗୋପ ଓ ନିମାପଡ଼ା ଅଞ୍ଚଳରେ ଗଣ୍ଡା ଗଣ୍ଡା ବେଆଇନ କରତକଳ ଗଢ଼ି ଉଠିଥିବା ବେଳେ ଏହା ଉପରେ ଚଢ଼ାଉ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ମାତ୍ର ବିଭାଗୀୟ ଅଧିକାରୀ ପହଞ୍ଚିବା ପୂର୍ବରୁ ମିଲ୍ ବନ୍ଦ ହୋଇଯିବା ପଛରେ କାହାର ହାତ ରହିଛି, ସେ ନେଇ ଚର୍ଚ୍ଚା ଜୋର୍ ଧରିଛି। ନିଜେ ସ୍ଥାନୀୟ ବନାଧିକାରୀ ଏହି ସୂଚନା କାଠ ମାଫିଆଙ୍କୁ ଦେଉଛନ୍ତି ନା ମିଲ୍ ମାଲିକଙ୍କ ସହ ଦୀର୍ଘଦିନର ମଧୁଚନ୍ଦ୍ରିକା ରଖିଥିବା କୌଣସି ପ୍ରଭାବଶାଳୀ ନେତା ନିଜ କଳା ସାମ୍ରାଜ୍ୟକୁ ବଞ୍ଚାଇବା ପାଇଁ ଏହି ଖବର ପହଞ୍ଚାଉଛନ୍ତି, ତାହା ଏବେ ସନ୍ଦେହ ଘେରରେ।ଏହା ପୂର୍ବରୁ ପୁରୀ ଜିଲ୍ଲା ବନ ଅଧିକାରୀ ଏବଂ ଗୋପ ବନାଞ୍ଚଳ ଅଧିକାରୀଙ୍କୁ ଜଣେ ସୂଚନା ଅଧିକାର କର୍ମୀ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସୂଚନା ମାଗିଥିଲେ ମଧ୍ୟ ତାହା ପ୍ରଦାନ କରାଯାଉ ନାହିଁ। ଗୋପ ବନାଞ୍ଚଳର ପଥପ୍ରାନ୍ତ ବନୀକରଣ, ଗ୍ୟାପ୍ ପ୍ଲାଣ୍ଟେସନ, ଆଭେନ୍ୟୁ ପ୍ଲାଣ୍ଟେସନ ଏବଂ ସୋସିଆଲ ଅଡିଟିଂ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ସୂଚନା ଲୁଚାଯାଉଛି।ଅଭିଯୋଗ ହେଉଛି ଯେ, ଗୋପ ବନାଞ୍ଚଳର ଭିଲିଗ୍ରାମ ନର୍ସରୀରେ ଜମିରେ କୌଣସି ପ୍ରକୃତ କାର୍ଯ୍ୟ ନକରି କେବଳ ମିଥ୍ୟା ବା ସ୍ୱଷ୍ଟ ବିଲ୍ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ କରାଯାଇଛି। ଏହି ସବୁ କଳାକାରନାମାର ଗୁମର ଖୋଲିଯିବା ଭୟରେ ସୂଚନା ଦିଆଯାଉ ନଥିବା ବେଳେ, ଅପରପକ୍ଷରେ କରତକଳ ଉପରେ ଚଢ଼ାଉ ଭଳି ଗୁପ୍ତ ସୂଚନାକୁ ମୋଟା ଅଙ୍କର ଟଙ୍କା ବଦଳରେ ମାଫିଆଙ୍କ ନିକଟରେ ବିକ୍ରି କରାଯାଉଥିବା ନେଇ ସଙ୍ଗିନ ଅଭିଯୋଗ ହୋଇଛି।ଏଭଳି ବ୍ୟାପକ ଦୁର୍ନୀତି, ସରକାରୀ ଅର୍ଥର ଶ୍ରାଦ୍ଧ ଏବଂ ବେଆଇନ କାଠ ମାଫିଆଙ୍କୁ ପ୍ରଶ୍ରୟ ଦେବା ଘଟଣା ବିରୋଧରେ ଆଗାମୀ ଦିନରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଏବଂ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ। ଏଥିସହିତ ସମ୍ପୃକ୍ତ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ସେମାନଙ୍କୁ ସୁରକ୍ଷା ଦେଉଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଲୋକାୟୁକ୍ତଙ୍କ ନିକଟରେ ଆନୁଷ୍ଠାନିକ ଭାବେ ଦ୍ୱାରସ୍ଥ ହେବେ ବୋଲି ସୂଚନା ଅଧିକାର କର୍ମୀଜଣକ ଚେତାବନୀ ଦେଇଛନ୍ତି।

## ଭାଲୁ ଆକ୍ରମଣରେ ଆହତ ବ୍ୟକ୍ତିଙ୍କୁ ବନ ବିଭାଗର ତ୍ୱରିତ ସହାୟତା

ଫିରିଙ୍ଗିଆ, ୧୦/୦୬(ଅକ୍ଷର ଓଡ଼ିଶା): କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଭୃଙ୍ଗିଯୋଡି ଗ୍ରାମପଞ୍ଚାୟତର ମାଦାପଦର ତଳସାହିର ବାସିନ୍ଦା ପଙ୍କଜ ବଗର୍ତ୍ତୀ (୪୫) ଶୁକ୍ରବାର ଜଙ୍ଗଲକୁ ଛେଳି ଚରାଇବା ପାଇଁ ଯାଇଥିବା ବେଳେ ଏକ ଜଙ୍ଗଲି ଭାଲୁର ଆକ୍ରମଣରେ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ହଠାତ୍ ଭାଲୁ ସାମ୍ନାକୁ ଆସିଯିବାରୁ ପଙ୍କଜ ନିଜକୁ ରକ୍ଷା କରିବା ପାଇଁ ଏକ ଗଛ ଉପରକୁ ଚଢ଼ିବାକୁ ଚେଷ୍ଟା କରୁଥିଲେ। ସେହି ସମୟରେ ଭାଲୁଟି ତାଙ୍କ ଡାହାଣ ଗୋଡ଼କୁ ଆକ୍ରମଣ କରିଥିଲା। ତେବେ ନିକଟରେ ଥିବା ଏକ କୁକୁର ଭୁକିବାରୁ ଭାଲୁଟି ଭୟଭୀତ ହୋଇ ସ୍ଥାନ ଛାଡ଼ି ପଳାଇ ଯାଇଥିଲା। ଫଳରେ ପଙ୍କଜଙ୍କ ଜୀବନ ବଞ୍ଚିଯାଇଥିଲା।ଆହତ ଅବସ୍ଥାରେ ପଙ୍କଜ ଘରକୁ ଫେରି ଆସିଥିବା ବେଳେ ପରିବାର ଲୋକେ ତାଙ୍କୁ ପ୍ରଥମେ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା।ଘଟଣା ସମ୍ପର୍କରେ ଖବର ପାଇବା ପରେ ଫିରିଙ୍ଗିଆ ରେଞ୍ଜର ପ୍ରଦେଶ କୁମାର ମହାରଣାଙ୍କ ନିର୍ଦ୍ଦେଶକ୍ରମେ ନୂଆପଦର ବନପାଳ ବ୍ରଜସୁନ୍ଦର ଦାଶ ଓ ତାଙ୍କ ଟିମ୍ ତୁରନ୍ତ ଫୁଲବାଣୀ ମେଡିକାଲରେ ପହଞ୍ଚି ଆହତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଖବର ବୁଝିଥିଲେ। ଏହାସହ ଘଟଣାର ତଦନ୍ତ କରି ନିୟମାନୁଯାୟୀ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।ବନ୍ୟଜନ୍ତୁ-ମଣିଷ ସଂଘର୍ଷ ଘଟଣାରେ ବନ ବିଭାଗର ଏଭଳି ତ୍ୱରିତ ପ୍ରତିକ୍ରିୟା ଓ ମାନବିକ ସହଯୋଗକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଉଛି। ଆହତ ବ୍ୟକ୍ତିଙ୍କ ଚିକିତ୍ସା ସହ ଆବଶ୍ୟକ ସରକାରୀ ସହାୟତା ପ୍ରଦାନ ପାଇଁ ବନ ବିଭାଗ ତତ୍ପରତା ଦେଖାଇଥିବାରୁ ଅଞ୍ଚଳବାସୀ ସନ୍ତୋଷ ପ୍ରକାଶ କରିଛନ୍ତି।

## କାଳବୈଶାଖୀ ପ୍ରଭାବରେ ଭାଙ୍ଗିଲା ଗଛ ଉଡ଼ିଲା ଆଜବେଷ୍ଟ

ଦଶମନ୍ତପୁର ୧୦/୬(କଇନ ଗରଡ଼ା)ଆଜି କାଳବୈଶାଖୀ ପ୍ରଭାବରେ ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତର ଭାରତ ନିର୍ମାଣ ରାଜୀବଗାନ୍ଧୀ ସେବାକେନ୍ଦ୍ର ସମ୍ମୁଖରେ ଥିବା ବହୁ ବର୍ଷ ର ପୁରୁଣା ବିରାଟକାୟ ଆମ୍ବ ଗଛ ଉପୁଡ଼ି ଯାଇ ପାର୍ଶ୍ୱରେ ଥିବା କୈଳାସ ବାଣୁଆ ଏବଂ ଭୁବନ ନାୟକ ଙ୍କ ଘର ଉପରେ ପୋଡି କ୍ଷୟକ୍ଷତି ହୋଇଥିବା ଜଣାପଡିଛି କ୍ଷ ସେହିପରି ମେଡିକାଲ ଛକରେ ମଧ୍ୟ ଏକ ଗଛ ପଡ଼ି ପ୍ରାୟ ୪୦ ମିନିଟ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ଅବରୋଧ ହୋଇଥିବାବେଳେ ଦେବରାଜ ନାୟକ ଦମକଳ ବିଭାଗକୁ ଖବର ଦେବା ପରେ ତୁରନ୍ତ ପହଂଚି ଗଛ କାଟି ରାସ୍ତା ସଫା କରିବା ପରେ ହାଟପଦା ଯାଇ ସେଠାରେ ଘର ଉପରେ ପଡ଼ିଥିବା ଗଛ ଡାଳକୁ କାଟି ସଫା କରିଥିଲେ କ୍ଷ ଗଛ ପଡ଼ି ଭୁବନ ନାୟକ ଙ୍କ ୩/୪ ଗୋଟି ଆଜବେଷ୍ଟ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି କ୍ଷ ଦୁଆରସୁଣୀ ପଞ୍ଚାୟତସ୍ଥିତ ହିରୁଗୁଡା ଗାଁ ର ଲକ୍ଷ୍ମୀ ମୁଦୁଲି ଏବଂ ରମେଶ ସାଉଁତା ଙ୍କ ଆଜବେଷ୍ଟ ମଧ୍ୟ କାଳବୈଶାଖୀର ପ୍ରଭାବରେ ସମ୍ପୂର୍ଣ୍ଣ ଉଡ଼ାଇ ଦେଇଥିବା ଜଣାପଡିଛି କ୍ଷ ରାଜସ୍ୱ ବିଭାଗ କ୍ଷୟ କ୍ଷତି ଆକଳନ କରି ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବୀ ହେଉଛି ।

## କୋଟିଆ ପଞ୍ଚାୟତରେ ଦେଖିବାକୁ ମିଳିଛି ଆନ୍ଧ୍ର ସରକାରଙ୍କ ସକ୍ରିୟତା



କୋରାପୁଟ ୧୦/୦୬ (ସମୀର ପାତ୍ର ) ଓଡ଼ିଶା-ଆନ୍ଧ୍ର ସୀମା ବିବାଦର କେନ୍ଦ୍ରବିନ୍ଦୁ କୋଟିଆରେ ପୁଣି ଦେଖିବାକୁ ମିଳିଛି ଆନ୍ଧ୍ର ପ୍ରଦେଶ ସରକାରଙ୍କ ସକ୍ରିୟତା ,ଆନ୍ଧ୍ର ପ୍ରଦେଶର ଆଦିବାସୀ, ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ତଥା ସାଲୁର ବିଧାୟିକା ଗୁମ୍ମଡି ସନ୍ଧ୍ୟାରାଣୀ କୋଟିଆ ପଞ୍ଚାୟତର ନେରେଡିବାଲସା ଗାଁ ଗସ୍ତ କରି ଏକ ନୂତନ ରାସ୍ତାର ଉଦଘାଟନ କରିଛନ୍ତି। ଏହାସହ ସ୍ଥାନୀୟ ଲୋକଙ୍କ ସହ ବୈଠକ କରି ଆନ୍ଧ୍ର ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଅବଗତ କରାଇଛନ୍ତି। ସୂଚନା ଅନୁଯାୟୀ, ମନ୍ତ୍ରୀ ଗୁମ୍ମଡି ସନ୍ଧ୍ୟାରାଣୀ ନେରେଡିବାଲସା ଗାଁରେ ପହଞ୍ଚି ତାଣ୍ଡିଗାରୁ ନେରେଡିବାଲସା ପର୍ଯ୍ୟନ୍ତ ନିର୍ମିତ ରାସ୍ତାର ଉଦଘାଟନ କରିଥିଲେ। ପରେ ସେ ସୀମାନ୍ତ ଅଞ୍ଚଳର ବାସିନ୍ଦାଙ୍କୁ ଏକତ୍ରିତ କରି ଏକ ବୈଠକ ଆୟୋଜନ କରିଥିଲେ। ବୈଠକରେ ଆନ୍ଧ୍ର ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଓ କଲ୍ୟାଣକାରୀ ଯୋଜନା ବିଷୟରେ ଲୋକଙ୍କୁ ସୂଚନା ଦିଆଯାଇଥିଲା। କୋଟିଆ ଅଞ୍ଚଳକୁ ନେଇ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ଦୀର୍ଘ ଦିନ ଧରି ବିବାଦ ଲାଗି ରହିଥିବା ବେଳେ, ଆନ୍ଧ୍ରର ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କ ଏହି ଗସ୍ତ ଓ କାର୍ଯ୍ୟକ୍ରମ ପୁଣିଥରେ କୋଟିଆ ପ୍ରସଙ୍ଗକୁ ଚର୍ଚ୍ଚାକୁ ଆଣିଛି। ସୀମାନ୍ତ ଅଞ୍ଚଳରେ ଆନ୍ଧ୍ର ସରକାରଙ୍କ ଏଭଳି କାର୍ଯ୍ୟକଳାପକୁ ନେଇ ସ୍ଥାନୀୟ ମହଲରେ ବିଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଉଛି।

## ଅନାସ୍ଥା କାର୍ଯ୍ୟକାରୀ କରିବାକୁ ଜନପ୍ରତିନିଧିଙ୍କ ଧାରଣା
# ଏସ୍‌ଆଇଆର୍ ବାହାନା କଲା ପ୍ରଶାସନ, ୧୭ରୁ ଅହୋରାତ୍ର ଧାରଣା ପାଇଁ ଚେତାବନୀ

ନୟାଗଡ଼ :- ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦେଲେ ନିର୍ବାଚିତ ଜନପ୍ରତିନିଧି । ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁଙ୍କ ବିରୁଦ୍ଧରେ ଆସିଥିବା ଅନାସ୍ଥା କାର୍ଯ୍ୟକାରୀ କରିବାରେ ପ୍ରଶାସନ କରୁଥିବା ଅବହେଳା ପ୍ରତିବାଦରେ ଧାରଣା ଦିଆଯାଇଥିଲା । ଗତ ମେ ୧୨ ତାରିଖରେ ବିଜେଡିରୁ ଇସ୍ତଫା ଦେଇ ୧୫ ତାରିଖରେ ବିଜେପିରେ ମିଶିଥିଲେ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ। ଯାହାକୁ ନେଇ ନିର୍ବାଚିତ ସରପଞ୍ଚ ଓ ସମିତିସଭ୍ୟ ମେ ୧୮ ତାରିଖରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଆଜି ପର୍ଯ୍ୟନ୍ତ ଅନାସ୍ଥା ପ୍ରକିୟା ଆରମ୍ଭ ହୋଇନାହିଁ। ଉପଜିଲ୍ଲାପାଳ ଅନାସ୍ଥା ପ୍ରସ୍ତାବରେ ରହିଥିବା ଦସ୍ତଖତ ଯାଞ୍ଚ କରିବାକୁ ପଠାଇ ସମୟ ଗଡ଼ାଇ ଚାଲିଥିବା ଅଭିଯୋଗ ହୋଇଛି। ଗତ ୩୦ ତାରିଖରେ ଅନେକ ଜନପ୍ରତିନିଧି ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାରଙ୍କୁ ଘେରାଉ କରିଥିଲେ। ଉପଜିଲ୍ଲାପାଳଙ୍କୁ ପ୍ରଶ୍ନବାଣରେ ତାଙ୍କୁ ଛନ୍ଦିଥିଲେ। କାହିଁକି ବିଳମ୍ବ ହେଉଛି, ଚାପରେ ପ୍ରଶାସନ ଚେପା ହେଉଛି କି ବୋଲି ପ୍ରଶ୍ନ କରିଥିଲେ। ଉପଜିଲ୍ଲାପାଳ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପାରିନଥିଲେ। ଜିଲ୍ଲାପାଳ ମଧୁମିତା ରଥ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ପହଞ୍ଚି ଜନପ୍ରତିନିଧିଙ୍କୁ ବୁଝାଶୁଝା କରିଥିଲେ। ଦୁଇ ଦିନ ମଧ୍ୟରେ ଅନାସ୍ଥା ପ୍ରକିୟା ଆରମ୍ଭ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ୩୦ ତାରିଖରୁ ଆଜି ମଧ୍ୟରେ ଜନପ୍ରତିନିଧିମାନେ ଜିଲ୍ଲାପାଳଙ୍କୁ ଦୁଇ ଦୁଇ ଥର ଭେଟିବା ପରେ ବି ଅନାସ୍ଥା ପାଇଁ କୌଣସି ପ୍ରକିୟା ଆରମ୍ଭ ହୋଇନାହିଁ। ଘଟଣାକୁ ନେଇ ନୟାଗଡ଼ରେ ରାଜନୈତିକ ମାହୋଲ ଉଷ୍ମ ହେଉଛି। ପ୍ରଶାସନ ସରକାରୀ ଦଳର ହାତ ବାରିଶ ସାଜୁଥିବା ଅଭିଯୋଗ ହୋଇଛି। ଆଜି ନୟାଗଡ଼ ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁଙ୍କ ସମେତ ବହୁ ସରପଞ୍ଚ, ସମିତି ସଭ୍ୟ ଓ ଜନପ୍ରତିନିଧିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦେଇଛନ୍ତି । ଜିଲ୍ଲା ପରିଷଦ ସଦସ୍ୟ ସରୋଜ ରଣସିଂ, ସୁବାଷ ଚନ୍ଦ୍ର କହଁର, କ୍ଷୀରୋଦ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଧାରଣାକୁ ସମର୍ଥନ ଦେଇଛନ୍ତି । ଜିଲ୍ଲା ପ୍ରଶାସନ ଗଣତନ୍ତ୍ରର ହତ୍ୟା କରୁଥିବା ଏବଂ ଅନସ୍ଥା କାର୍ଯ୍ୟକାରୀ କରାନଗଲେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ବାଲୁଗାଁ ସରପଞ୍ଚ ମନୋଜ କୁମାର ନାୟକ ଗଣମାଧ୍ୟମକୁ କହିଛନ୍ତି । ଆଜି ଦୀର୍ଘ ସମୟ ଧାରଣା ଦେବା ପରେ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ଧାରଣା ସ୍ଥଳକୁ ଆସି ଜନପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ । ଉପଜିଲ୍ଲାପାଳ ଏସ୍‌ଆଇଆର୍ କାମ ଚାଲିଥିବାରୁ ଜୁଲାଇ ୫ ତାରିଖ ପରେ ଅନସ୍ଥା ପାଇଁ ନୋଟିସ କରାଯିବ ବୋଲି କହିଥିଲେ । ଏହା ଶୁଣି ନିର୍ବାଚିତ ଜନପ୍ରତିନିଧିମାନେ ଜୋରଦାର ବିରୋଧ କରିଥିଲେ । ଅନସ୍ଥା ନୋଟିସ କରାଯିବା ପରେ ଧାରଣା ପ୍ରତ୍ୟାହୃତ ହେବ ବୋଲି କହିଥିଲେ । ଏହା ଶୁଣି ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ସେଠାରୁ ଫେରି ଯାଇଥିଲେ । ଜିଲ୍ଲା ପ୍ରଶାସନ ସରକାରୀ କଳ ଦ୍ୱାରା ଚାପ ଗ୍ରସ୍ତ ବୋଲି ଜନପ୍ରତିନିଧିମାନେ କହିବା ସହ ଅସନ୍ତୋଷ ଜାହିର କରିଥିଲେ । ଜନପ୍ରତିନିଧିମାନେ ଆଜି ଜିଲ୍ଲାପାଳଙ୍କୁ ପୁଣି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଆସନ୍ତା ୧୭ ତାରିଖଠାରୁ ଅହୋରାତ୍ର ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି ।

## ମହେନ୍ଦ୍ର ମେଳା ଦୁର୍ଘଟଣା ଆହତଙ୍କୁ ଭେଟିଲେ ଶ୍ରୀରୂପ ଦେବ
# ଉନ୍ନତ ଚିକିତ୍ସା ପାଇଁ କଲେ ଅନୁରୋଧ

ଚିକିଟି ୧୦/୦୬(ଅକ୍ଷର ଓଡ଼ିଶା): ମହେନ୍ଦ୍ର ମେଳାରୁ ଫେରୁଥିବା ବେଳେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିମାନଙ୍କୁ ଚିକିଟି ବିଧାନସଭା କ୍ଷେତ୍ରର ପୂର୍ବତନ ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀରୂପ ଦେବ ମଙ୍ଗଳବାର ଦିନ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ, ବ୍ରହ୍ମପୁରରେ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଥିଲେ।ଉଲ୍ଲେଖଯୋଗ୍ୟ ଯେ, ଏହି ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୦ରୁ ଅଧିକ ଲୋକ ଆହତ ହୋଇଥିଲେ। ମେଡିକାଲରେ ଚିକିତ୍ସାଧୀନ ଆହତମାନଙ୍କ ସହ ତାଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ଭେଟି ଶ୍ରୀ ଦେବ ସମବେଦନା ଜଣାଇବା ସହ ସାହସ ଓ ଆଶ୍ୱାସନା ପ୍ରଦାନ କରିଥିଲେ।ଗସ୍ତ ସମୟରେ ଶ୍ରୀ ଦେବ ମେଡିକାଲର ଡାକ୍ତର ଓ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଆହତମାନଙ୍କୁ ଶୀଘ୍ର ଏବଂ ଉନ୍ନତମାନର ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଆହତମାନଙ୍କ ଦ୍ରୁତ ଆରୋଗ୍ୟ କାମନା କରି ସେ ସମସ୍ତ ଆବଶ୍ୟକ ଚିକିତ୍ସା ସହାୟତା ଯୋଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ।ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ପ୍ରତି ଗଭୀର ଶୋକ ପ୍ରକାଶ କରି ଶ୍ରୀରୂପ ଦେବ ସେମାନଙ୍କୁ ସମବେଦନା ଜଣାଇଥିଲେ। ଏହାସହ ଆହତମାନଙ୍କ ଶୀଘ୍ର ସୁସ୍ଥତା କାମନା କରି କହିଥିଲେ ଯେ, ଏହି ଦୁଃଖଦ ଘଟଣାରେ ପ୍ରଭାବିତ ପରିବାରଗୁଡ଼ିକ ଏକ କଠିନ ସମୟ ଦେଇ ଗତି କରୁଛନ୍ତି ଏବଂ ସମାଜର ସମସ୍ତ ବର୍ଗର ସହଯୋଗ ଓ ସମର୍ଥନ ସେମାନଙ୍କ ପାଇଁ ଆବଶ୍ୟକ।ଚିକିଟି ଅଞ୍ଚଳର ଜଣେ ସକ୍ରିୟ ରାଜନୈତିକ ନେତା ଭାବେ ପରିଚିତ ଶ୍ରୀରୂପ ଦେବଙ୍କ ଏହି ମାନବିକ ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ସ୍ଥାନୀୟ ବାସିନ୍ଦାମାନେ ଦୁର୍ଘଟଣା ପୀଡ଼ିତଙ୍କ ପ୍ରତି ତାଙ୍କର ନିରନ୍ତର ଚିନ୍ତା ଓ ସହଯୋଗକୁ ସ୍ୱାଗତ କରିଛନ୍ତି। ସୂଚନା ଅନୁଯାୟୀ, ଦୁର୍ଘଟଣା ପରଠାରୁ ସେ ଆହତମାନଙ୍କ ଚିକିତ୍ସା ଓ ସହାୟତା ବ୍ୟବସ୍ଥା ଉପରେ ନିୟମିତ ନଜର ରଖି ଆସୁଛନ୍ତି।

## କାଳବୈଶାଖୀ ପବନ ଭାଙ୍ଗିଲା ଘର ଛପର

ଫିରିଙ୍ଗିଆ ୧୦/୬ - (ଅକ୍ଷର ଓଡ଼ିଆ)- ଅଦିନିଆ କାଳବୈଶାଖୀ ପ୍ରଭାବରେ ବିଭିନ୍ନ ଅଞ୍ଚଳରେ ଅନେକ କ୍ଷୟକ୍ଷତି ।ଏହି ଭଳି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ବ୍ଲକ ର ବିଭିନ୍ନ ସ୍ଥାନରେ ଅଚାନକ କାଳବୈଶାଖୀ ଆସି ପବନ ବର୍ଷା ରେ ଅନେକ କ୍ଷୟକ୍ଷତି ଘଟାଇଥିବା ଦେଖିବାକୁ ମିଳିଛି । ଏହି ପରିପ୍ରେକ୍ଷୀରେ କିଛି ଗରିବ ଲୋକଙ୍କ ଘରକୁ ଭାଙ୍ଗିଦେଇ ଛପର ଉଡ଼େଇ ନେଇଥିବା ଦେଖିବାକୁ ମିଳିଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଫିରିଙ୍ଗିଆ ବ୍ଲକ ଭୃଙ୍ଗିଯୋଡି ପଞ୍ଚାୟତ ଟେଟେକାପଦର ,ପାଟାପଦର ଗାଁର ଲସିଆ କହଁର ଙ୍କ ଘର । ପବନ ବର୍ଷା ରେ ଘରର ଟିଣ ଉଡ଼େଯିବା ଫଳରେ ଘର ଭିତରେ ପାଣି ଜମି ରହିଥିବାରୁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଘରର ଛପର ଉଡ଼େଇ ନେଇ ଅନେକ କ୍ଷୟକ୍ଷତି ହୋଇଛି । ଲସିଆ କହଁର ଙ୍କ ପରିବାର ଏବେ ବେସହାର ହୋଇ ଅତି ହନ୍ତସନ୍ତ ରେ ଜୀବନ ବିତାଉଛନ୍ତି । ସେ ଜଣେ ଅତି ଗରିବ ପରିବାର ହୋଇଥିବା ରୁ ସରକାରୀ କ୍ଷତିପୂରଣ ଯୋଗାଇ ଦେବାକୁ ଗଣମାଧମ ଦ୍ୱାରା ସରକାର ଙ୍କ ନିକଟରେ ଅନୁରୋଧ କରିଛନ୍ତି ପରିବାର ଲୋକେ । ତେଣୁ ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଆକର୍ଷଣ କରିବା ସହ ପରିବାର କୁ କିଛି ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ମଧ୍ୟ ଦାବି କରିଛନ୍ତି ।

## ୧୩୧ କିଲୋ ଗଞ୍ଜେଇ ଜବତ

ନୂଆପଡା ୧୦/୦୬( ଅକ୍ଷର ଓଡିଶା ) ନୂଆପଡ଼ା ଜିଲ୍ଲା କୋମନା ଥାନା ପୋଲିସକୁ ମିଳିଛି ଏକ ବଡ଼ ସଫଳତା । ଗତକାଲି ( ୯ ଜୁନ୍ ୨୦୨୬) ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିବା ସହ ଏହି ବେଆଇନ କାରବାର ରେ ସଂପୃକ୍ତ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏହି ରାକେଟରେ ମଧ୍ୟପ୍ରଦେଶର ମାଫିଆ ମଧ୍ୟ ସାମିଲ ଥିବା ଜଣାପଡ଼ିଛି । କୋମନା ପୋଲିସ ଷ୍ଟେସନରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ପ୍ରଦାନ କରାଯାଇଛି। ଉପରୋକ୍ତ ସାମ୍ବାଦିକ ସମ୍ମିଳନୀ ରେ ବରିଷ୍ଠ ପୋଲିସ ପ୍ରଶାସକ ଏସଡିପିଓ ଖିଲେଶ୍ୱର୍ ସାହୁ, ଆଇଆଇସି କୋମନା ଓ ଅନ୍ୟମାନେ ଉପସ୍ଥିତଥିଲେ।ଖବର ପାଇବା ମାତ୍ରେ ପୋଲିସ ଟିମ୍ ପକ୍ଷରୁ ତତ୍କାଳ ଘଟଣାସ୍ଥଳ ରେ ଚଢ଼ାଉ କରାଯାଇଥିଲା। ପୋଲିସକୁ ଦେଖି ୩ ଜଣ ବ୍ୟକ୍ତି ନିଜ ନିଜ ବାଇକ୍ ଧରି ଫେରାର ହୋଇଯାଇଥିବା ବେଳେ, ପୋଲିସ ସେଠାରେ ଘେରାବନ୍ଦୀ କରି ୫ ଜଣଙ୍କୁ କାବୁ କରିବାରେ ସଫଳ ହୋଇଥିଲା।୧୩୧ କିଲୋ ଗଞ୍ଜେଇ ଓ ମୋବାଇଲ୍ ଜବତ।ତୁଳାରାମ ନାଏକ (୫୮) – ପିତା-ସ୍ୱର୍ଗତ ସୁନ୍ଦର ନାଏକ (ଗ୍ରାମ- ଜେଠୁପାଲି, କୋମନା, ନୂଆପଡ଼ା), ଜଗେନ୍ଦ୍ର ଓରଫ୍ ପେଟୁ ରାଉତ (୩୨) ପିତା- ସ୍ୱର୍ଗତ ଜଗତରାମ ରାଉତ (ଗ୍ରାମ- ଜେଠୁପାଲି, କୋମନା, ନୂଆପଡ଼ା),ଡାଲୋ ତାଣ୍ଡି (୫୫) ସ୍ୱାମୀ- ବଡ ତାଣ୍ଡି (ଗ୍ରାମ- ଜେଠୁପାଲି, କୋମନା, ନୂଆପଡ଼ା),ସୂରଜ ମୀନା (୨୦) ପିତା-ବୀରବଲ ମୀନା (ଗ୍ରାମ- ଜାମୁନିଆ, ମଧ୍ୟପ୍ରଦେଶ) ଓ ପାତାଲ ଓରଫ୍ ଜିତେ କୁଚବନ୍ଦିଆ (୧୯) – ପିତା- ମାଙ୍ଗିଲାଲ କୁଚବନ୍ଦିଆ (ଗ୍ରାମ- ଅବଦୁଲ୍ଲାଗଞ୍ଜ, ରାଇସେନ, ମଧ୍ୟପ୍ରଦେଶ) ବୋଲି ଜଣା ପଡିଛି।

## ପୋଖରୀ ପାହାଚ କାମ ନିମ୍ନ ମାନର

ବୋଡ଼େନ ୧୦/୦୬( ଅକ୍ଷର ଓଡିଶା )ନୂଆପଡା ଜିଲ୍ଲାର ବୋଡ଼େନ ବ୍ଲକର ଖଇରା ପଞ୍ଚାୟତ ର ମଶାନ ମୁଣ୍ଡା ପଡ଼ାରେ ଥିବା ରଜାମୁଣ୍ଡା ରେ ଛ ମାସ ହେଲା ମନରେଗାରେ ବନ୍ଧ ଉନ୍ନତି କରଣ ଓ ପାହାଚ ଦୁଇଟି ର କାମ ଖୋଦ ଖଇରା ସରପଞ୍ଚ କୈଳାଶ ଦଲ କରୁଛନ୍ତି କ୍ଷ ହେଲେ ପୋଖରୀ ଖନନ ଓ ପାହାଚ ନିର୍ମାଣ ରେ ଅନିୟମିତତା ଅଭିଯୋଗ କରିଛନ୍ତି ମଶାନ ମୁଣ୍ଡା ଓ ବେଙ୍ଗିବହାଲ ଗ୍ରାମବାସୀ କ୍ଷ କାମଟି ୩ ଲକ୍ଷ୍ୟ ବାୟାନାବେ ହଜାର ଟଙ୍କାର ହୋଇଥିବାବେଳେ ଅତି ନିମ୍ନମାନ କାମ ଓ ମାଟିକୁ ପୋଖରୀ ରୁ ବାହାର କରିନଥିବା ଅଭିଯୋଗ ଆସିଛି ।



OFFICE OF THE GRAMPANCHAYATA RAIKIA
ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ରାଇକିଆ
BLOCK OFFICE RAIKIA, DIST - KANDHAMAL, ODISHA, PIN-762101
ପତ୍ର ସଂଖ୍ୟା.....56.......
ତାରିଖ..10../..06../..26

QUOTATION CALL NOTICE

Sealed quotations are hereby invited from authorized dealers/agencies/vehicle suppliers for the supply of one Electric Tata ace Pro EV for official use of Gram Panchayat Raikia.

Interested eligible bidders may submit their quotations in sealed cover addressed to the undersigned within 15 (Fifteen) days from the date of publication of this notice.

Vehicle Specification

- Make: Tata ace Pro EV
- Registration: Commercial registration with all statutory approvals
- Battery warranty and vehicle warranty as per manufacturer norms
- Necessary accessories, tools, charging equipment, and documents to be supplied

Terms & Conditions

1. The bidder must be an authorized dealer/distributor/supplier of Tata EV vehicles.
2. The quoted rate must be inclusive of all taxes, transportation, insurance, registration, road tax, handling charges, accessories, and any other incidental chargesup to delivery at Gram Panchayat Raikia.
3. The quotation should clearly mention:
   - Ex-showroom price
   - Registration & insurance charges
   - Taxes
   - Delivery timeline
   - Warranty details
   - Battery warranty
   - Charging infrastructure details
4. The vehicle must be delivered within 30 days from issue of supply order, failing which the purchaser reserves the right to cancel the order.
5. The Gram Panchayat reserves the right to inspect vehicle specifications and reject any quotation not meeting the required standards.
6. The lowest quotation (L1) shall not automatically be binding; preference may be given based on service support, warranty, delivery timeline, and technical suitability.
7. The Gram Panchayat Raikia reserves the right to accept or reject any or all quotations without assigning any reason thereof.
8. In case of equal rates, preference shall be given to the bidder offering better warranty/service terms.
9. Payment shall be made only after satisfactory delivery, inspection, and submission of all required documents.
10. The bidder shall provide after-sales service support within reasonable distance from Raikia/within district or nearest service center.
11. Incomplete quotations, unsigned quotations, or quotations received after the due date shall be summarily rejected.
12. The Gram Panchayat may negotiate with the selected bidder in the interest of public fund economy.

Documents to be enclosed

- GST Registration Certificate
- Authorized dealership certificate
- PAN copy
- Warranty/service letter
- Detailed technical brochure/specification sheet

Submission Details

Last Date for Submission:Within 14 days from publication of this notice up to 5:00 PM ie. 25/06/26
Submission Address:Office of the Gram Panchayat Raikia, Kandhamal, Odisha, pin code : 762101
Opening of Quotations:On the next working day at 11:00 ,dt:26/06/26

## ଦାରିଙ୍ଗବାଡି ପୋଲିସ ପକ୍ଷରୁ ଗାଡି ମୋଟର ଯାଞ୍ଚ,ଗୋଟିଏ ଦିନ ରେ ୭ଅଟୋ ୫ବାଇକ୍ ଜବତ

ଦାରିଙ୍ଗବାଡି :୧୦/୬(ମୃତ୍ୟୁଞ୍ଜୟ ପ୍ରଧାନ) କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଥାନା ପୋଲିସ୍ ପକ୍ଷରୁ ଗାଡ଼ି ମୋଟର ଯାଞ୍ଚ କଡ଼ାକଡ଼ି ଭାବେ କରାଯାଉ ଥିବା ବେଳେ ଗୋଟିଏ ଦିନ ରେ ୭ ଟି ଅଟୋ ଓ ୫ ଟି ବାଇକ କୁ ସିଜ୍ କରିଥିବା ସୁଚନା ରହିଛି । ଥାନା ଅଞ୍ଚଳ ରେ ବିଭିନ୍ନ ଅପରାଧ ଓ ଦୁର୍ଘଟଣା କୁ ନିୟନ୍ତ୍ରଣ ରେ ଆଣିବା ପାଇଁ ଥାନା ଅଧିକାରୀ ସଂଗ୍ରାମ କେଶରୀ ଜେନା ଙ୍କ ନେତୃତ୍ୱ ବିଭିନ୍ନ ସ୍ଥାନ ରେ ବ୍ଲକିଙ୍ଗ ଓ ଚେକିଙ୍ଗ କରଯାଉ ଥିବା ବେଳେ ମଙ୍ଗଳବାର ଦିନ ମୋଟର ଯାନ ଯାଞ୍ଚ କରିବା ସମୟରେ ବିନା ଇନ୍ସୁରାନ୍ସ ଓ ଡ୍ରାଇଭିଙ୍ଗ ଲାଇସେନ୍ସ ରେ ଚାଲି ଥିବା ୭ଗୋଟି ଅଟୋ ଓ ୫ ମୋଟର ସାଇକେଲ କୁ ଥାନା ରେ ଅଟକ ରଖା ଯାଇଥିବା ନେଇ ଥାନା ଅଧିକାରୀ ଶ୍ରୀ ଜେନା ସୁଚନା ଦେଇଛନ୍ତି।

## ଭଲଭୋ ବସ୍‌କୁ ଆକ୍ରମଣ ଘଟଣା ୩ ଗିରଫ ବୋଲେରୋ ଅଟକ

ସେମିଲିଗୁଡା୧୦/୦୬(ଅକ୍ଷର ଓଡ଼ିଶା) : ଭଲଭୋ ବସ୍ ?କୁ ଅଟକାଇ ପଥରମାଡ଼ କରାଯିବା ସହ ଡକାୟତି ଉଦ୍ୟମ ହୋଇଥିବା ଅଭିଯୋଗରେ ସେମିଲିଗୁଡା ପୋଲିସ ସଂପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ବ୍ୟବହୃତ ଗାଡ଼ିକୁ ମଧ ଜବତ କରିଛି। ଚାଳକ ଡମ୍ବୁରୁ ସାଗର ସେମିଲିଗୁଡା ଥାନାରେ ଏତଲା ଦେବାପରେ ପୋଲିସର ଦ୍ରୁତ କାର୍ଯ୍ୟାନୁଷ୍ଠାନ କ୍ଷ ଗିରଫ ୩ ଜଣ ହେଲେ ଆକାଶ ଖିଲ, ଆଶିଷ ଖିଲ,ଦିଲ୍ଲୀପ ପ୍ରଧାନ କ୍ଷ ସମ୍ପୃକ୍ତ ଥିବା ଅନ୍ୟ ୨ ଜଣଙ୍କୁ ପୋଲିସ ଚିହ୍ନଟ କରିଥିବା ବେଳେ ଯଥାଶୀଘ୍ର ସେମାନଙ୍କୁ ମଧ ଗିରଫ କରାଯିବ ବୋଲି ସୁନାବେଡା ଏସ୍.ଡି.ପି. ଓ ସୁମିତ୍ରା ଜେନା ସୂଚନା ଦେଇଛନ୍ତି ।

## ନୂତନ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟରେ ଯୋଗଦାନ




ଆଠଗଡ଼,୧୦/୬(ଅକ୍ଷର ଓଡ଼ିଶା) ଦୀର୍ଘ ଦିନ ପରେ ଆଠଗଡ଼ ବନଖଣ୍ଡ କାର୍ଯ୍ୟାଳୟରେ ନୂତନ ବନଖଣ୍ଡ ଅଧିକାରୀ ଭାବେ ଅନୁରାଗ ମିଶ୍ର ଯୋଗଦାନ କରିଛନ୍ତି। ଆଠଗଡର ବନଖଣ୍ଡ ଅଧିକାରୀ ଯଜ୍ଞଦତ୍ତ ପତି ପଦୋନ୍ନତି ପାଇ ଯିବା ପରେ ଦୀର୍ଘ ଦିନ ହେବ ଏହି ପଦବୀ ଖାଲି ଥିଲା।

## ଗବେଷଣା ଓ ସଂରକ୍ଷଣ ଅଭାବରୁ ପଡ଼ି ରହିଛି ଐତିହାସିକ ସାମଗ୍ରୀ



ରାୟଗଡ଼ ୧୦. ୬( କୈଳାସ ସ୍ୱାଇଁ )ଜିଲ୍ଲାରେ ରହିଛି ବହୁ ପୁରାତନ ସ୍ମାରକୀ 'ଗବେଷଣା ଓ ସଂରକ୍ଷଣ ଅଭାବରୁ ପଡ଼ି ରହିଛି ବହୁ ପୁରାତନ ଐତିହାସିକ ସାମଗ୍ରୀ ।ସେଭଳି ଏକ ଦୁର୍ଗ ହେଉଛି କୋଲୋନରା ବ୍ଲକ୍ ହାତୀଖମା ମୃଣ୍ମୟ ଦୁର୍ଗ। ରକ୍ଷଣା ବେକ୍ଷଣ ଅଭାବରୁ ବର୍ତ୍ତମାନ ପୁରାତନ ମୂର୍ତ୍ତି ଗୁଡ଼ିକ ପୋତି ହୋଇରହିଛି । ଏହାର ଅଂଶ ଜରାଜୀର୍ଘ ଅବସ୍ଥାରେ ଜଙ୍ଗଲ ପଡ଼ିଛି । ଏହି ଦୁର୍ଗର ପୁନରୁଦ୍ଧାର ପାଇଁ ପ୍ରୟାସ ହୋଇନି। ହାତୀଖମ୍ବା ଗାଁନିକଟ ଏକ ଜଙ୍ଗଲରେ ଏହା ପଡି ରହିଛି। ପୁରାତନ ମୂର୍ତ୍ତି ଗୁଡ଼ିକ ମଟିରେ ଲୀନ ହେବାକୁ ବସିଛି। ଧ୍ୱଂସାବଶେଷ ମଧ୍ୟରୁ କିଛି ମାଟି ଉପରେ ଦୃଶ୍ୟମାନ । ଏହି ଦୁର୍ଗରେ ଏକଦା ଶିବ, ଶକ୍ତି ଓ ବିଷ୍ଣୁଙ୍କ ଭବ୍ୟ ମନ୍ଦିର ଥିଲା । ୩ ଟି ପାହାଡ଼ର ମଧ ଭାଗରେ ରହିଥିବା ଏହି ଦୁର୍ଗ ମାଟି ଓ ଚୂନରେ ନିର୍ମାଣ ହୋଇଥିବା ଜଣାପଡ଼ିଛି। କୋଲନରା ତହ ?ସିଲର ହାତୀଖମ୍ବା ମୌଳା ଅଧୀନ ଖାତା ନଂ ୩୦ ଓ ପ୍ଲଟ୍ ନଂ ୮୬୧ରେ ପ୍ରାୟ ୨୮.୩୫ ଏକର ଜମିରେ ରହିଛି ଏହି ଦୁର୍ଗ । ଅର୍ଥନୈତିକ ଓ ସାମାଜିକ ଦୃଷ୍ଟିରଣରୁ ଏହା ଅତ୍ୟନ୍ତ ପ୍ରଭାବଶାଳୀ ଥିଲା ବୋଲି ଜଣାପଡୁଛି। । ଏହାକୁ ଲାଗି ବର୍ତ୍ତମାନ ବନ ବିଭାଗ ଅଧୀନ ନର୍ସରି ଅବସ୍ଥିତ। ଦୁର୍ଗ ସ୍ଥଳରେ ଥିବା ପୁରାତନ ମନ୍ଦିର ଏହାର ପ୍ରାଚୀନତାକୁ ସ୍ପଷ୍ଟ କରୁଛି। ଶିବ ମନ୍ଦିର କାରୁକାର୍ଯ୍ୟ ବିହୀ ନ ଓ ବିଷ୍ଣୁମନ୍ଦିର କା ?କର୍ଯ୍ୟ ପୂର୍ଣ୍ଣ । ଶିବ ମନ୍ଦିରର ମୁଖ୍ୟ ଲିଙ୍ଗ ନଥିବା ବେଳେ କେବଳ ଚତୁଃପାର୍ଶ୍ୱର ଛୋଟ ଛୋଟ ଲିଙ୍ଗ ଅବସ୍ଥିତି ରହିଛି । ବିଷ୍ଣୁ ମନ୍ଦିରର ପ୍ରତିମା ମଧ ସ୍ଥାନରେ ନାହିଁ । ଯେଉଁ ପଥର ଗୁଡ଼ିକ ବର୍ତ୍ତମାନ ନଜରକୁ ଆସୁଛି ତାହା ବରଳମାଳି ପଥର ବୋଲି ଅଞ୍ଚଳରେ କୁହାଯାଉଛି । ଜନଶ୍ରୁତି ଅନୁଯାୟୀ, ଅନେକ ହାତୀ ଏହି ଦୁର୍ଗକୁ ଆସୁଥିଲେ। ସେହି ସ୍ଥାନରେ ହାତୀଗୁଡ଼ିକୁ ଫାସରେ ଧରି କିଛିଦିନ ରୋଗରେ ରଖାଯାଉଥିରା । ପରେ ମଣିଷ ଦ୍ୱାରା ବଶୀଭୂତ କରାଯାଇ ବଡ଼ ବଡ଼ ଖମ୍ବରେ ବାନ୍ଧି ଦିଆଯାଉଥିଲା। ଏଥିପାଇଁ ଏ ଅଞ୍ଚଳର ନାଁ ହାତୀଖମ୍ବା ବୋଲି ଉଲ୍ଲେଖ ରହିଛି ।୧୩୪୩ରୁ ୧୩୭୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ନନ୍ଦପୁର ରାଜା ବିନାୟକ ଦେବ ଏହି ଦୁର୍ଗକୁ ବ୍ୟବହାର କରୁଥିବା ଗୃହାଯାଉଛି । ଜୟପୁର ରାଜା ବିକ୍ରମଦେବ ମଧ ଏହି ଦୁର୍ଗକୁ ବ୍ୟବହାର କରୁଥିଲେ। ପ୍ରଶାସନ ଦ୍ୱାରା ଖନନ କରାଗଲେ ଆହୁରି ଅନେକ ତଥ୍ୟ ଏହି ସ୍ଥାନରୁ ମିଳିପାରିବ ବୋଲି ବୁଦ୍ଧିଜିବି କହିଛନ୍ତି। ରାଜ୍ୟ ସଂସ୍କୃତି ବିଭାଗ ଏଥିପ୍ରତି ଅଧୁକ ନଜର ଦେବା ଜରୁରି । ଏହାର ସଂରକ୍ଷଣ ପ୍ରତି ଧ୍ୟାନ ଦିଆଗରେ ଅନେକ ପର୍ଯ୍ୟଟକ ଓ ଗବେଷକ ଏହି ସ୍ଥାନକୁ ଆସିବେ । ପରିତାପର ବିଷୟ, ବର୍ତ୍ତମାନ ସୁଦ୍ଧା ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଏହି ସ୍ଥାନ ସମ୍ପର୍କରେ ଜଣି ନାହାନ୍ତି । ଜିଲ୍ଲାର ଯେଉଁ ସବୁ ସ୍ଥାନକୁ ପର୍ଯ୍ୟଟନ ସ୍ଥଳିର ମାନ୍ୟତା ମିଳିଛି, ସେଥିରେ ହାତୀଖମ୍ବା ସ୍ଥିତ ଏହି ଦୁର୍ଗର ନାଁ ଅନ୍ତର୍ଭୁକ୍ତ ହୋଇନି । ଯଦ୍ୱାରା ଏହା ଲୁକ୍କାୟିତ ଅବସ୍ଥାରେ ପଡ଼ିରହିଛି ।ସବୁଠୁ ବଡ଼କଥା, ଏହାର ସଂରକ୍ଷଣ ପ୍ରତି ଧ୍ୟାନ ଦିଆନଯିବା । ସଂସ୍କୃତି ବିଭାଗ ଏଥିପ୍ରତି ମନ ବଳାଉନଥିବା ଅଭିଯୋଗ ହୋଇଛି । ଏହି ପୁରାତନ ଦୁର୍ଗର ପୁନରୁଦ୍ଧାର ଲାଗି ବିଭିନ୍ନ ମହଲରେ ଦାବୀ ହେଉଛି।

## ନରସିଂହପୁର ରେ ମାତିଛନ୍ତି ଚନ୍ଦନ ଗଛ ଚୋର
# ୭ ଦିନରେ ୪ ଚନ୍ଦନ ଗଛ ଚୋରି



ଆଠଗଡ,୧୦/୬(ଅକ୍ଷର ଓଡ଼ିଶା) ଗତ କିଛି ଦିନ ହେଲାଣି ନରସିଂହପୁରରେ ମାତିଛନ୍ତି ଚନ୍ଦନଗଛ ଚୋର। ଗତ ୭ଦିନ ମଧ୍ୟରେ ୪ଟି ସ୍ଥାନରୁ ଚନ୍ଦନ ଗଛ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ ୮ତାରିଖ ବିଳମ୍ବିତ ରାତିରେ ନରସିଂହପୁର ବ୍ଲକ ଅନ୍ତର୍ଗତ ଜେମାଦେଇପୁର ଗ୍ରାମର ମାର୍ଶାଲ ମିଶ୍ରଙ୍କ ବାଡ଼ିରେ ଥିବା ୧୬ବର୍ଷର ଏକ ଚନ୍ଦନ ଗଛ ଯାହାର ଉଚ୍ଚତା ପ୍ରାୟ ୪୦ଫୁଟ, ଗାଲେଇ ପ୍ରାୟ ଅଢେଇ ଫୁଟର ଏହି ଚନ୍ଦନ ଗଛ ଟିକୁ ଦୁର୍ବୃତ୍ତ ମାନେ ମେସିନ ମାଧ୍ୟମରେ କାଟି ଦେଇଥିଲେ। ରାତି ପ୍ରାୟ ସାଢେ ଗୋଟାଏ ସମୟରେ ମାର୍ସଲ ମିଶ୍ର ଙ୍କ ପଡୋଶୀ ସୁଶୀଲ ମହାପାତ୍ରଙ୍କ ପରିବାର ଲୋକେ ଉଠି କବାଟ ଖୋଲିବା ସମୟରେ କବାଟ ଶବ୍ଦ ଶୁଣି ଦୁର୍ବୃତ୍ତ ମାନେ ଗଛ ନେଇ ନ ପାରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ସେହିପରି ୬ତାରିଖ ବିଳମ୍ବିତ ରାତିରେ କୋକୋଳବା ଗୁପ୍ତେଶ୍ୱର ମନ୍ଦିରରେ ଥିବା ୬ ରୁ ୮ବର୍ଷ ର ଚନ୍ଦନ ଗଛ ଯାହାର ଗୋଲେଇ ପ୍ରାୟ ଦୁଇ ଫୁଟ ହେବ ଚନ୍ଦନ ଗଛ ଚୋରି କରି ନେଇଛନ୍ତି। ସେହିପରି ଗତ ୨ତାରିଖ ବିଳମ୍ବିତ ରାତିରେ କେନ୍ଦୁପଲ୍ଲୀରେ ରହିଥିବା ଅବସର ପ୍ରାପ୍ତ ଶିକ୍ଷକ ମହେଶ୍ୱର ମିଶ୍ରଙ୍କ ବାଡିରୁ ପ୍ରାୟ ୮ ବର୍ଷର ଚନ୍ଦନ ଗଛ ଯାହାର ଉଚ୍ଚତା ପ୍ରାୟ ୨୦ ଫୁଟ ଗୋଲେଇ ୨ ଫୁଟ ହେବ ଏହି ଚନ୍ଦନ ଗଛର ମୂଳରୁ କାଟି ଦୁର୍ବୃତ୍ତ ମାନେ ଚୋରି କରି ନେଇଥିବା ଅଭିଯୋଗ ହୋଇଛି ।ସେହିପରି ସେହି ରାତିରେ ନରସିଂହପୁର କଲେଜ ପରିସରରୁ ୧୦ବର୍ଷର ଗଛ ୨୦ ଫୁଟ ଉଚ୍ଚ ୨ ଫୁଟ ଗୋଲେଇର ଚନ୍ଦନ ଗଛଟି କାଟି ନେଇଥିବା ନରସିଂହପୁର କଲେଜ ପକ୍ଷରୁ ଅଭିଯୋଗ ହୋଇଛି ।ନରସିଂହପୁର ଅଞ୍ଚଳର ବିଭିନ୍ନ ସ୍ଥାନରୁ ବାରମ୍ବାର ଚନ୍ଦନ ଗଛ ଚୋରି ହେବା ସହ ପୂର୍ବରୁ ଅନେକ ସ୍ଥାନରୁ ବହୁ ଚନ୍ଦନ ଗଛ ଚୋରି ହୋଇଛି ।ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ସବୁ ଗଛ ମେସିନ ଦ୍ୱାରା କାଟି କିଭଳି ନିର୍ଭୟ ରେ ଚୋରି କରି ନେଉଛନ୍ତି ଦୁର୍ବୃତ୍ତ। ଏପରିକି ନରସିଂହପୁର ମହାବିଦ୍ୟାଳୟ ବାଉଣ୍ଡାରୀ ଭିତରୁ ପୁଣି ଜଗୁଆଳି ଏବଂ ସିସିଟିଭି ଥାଇ କିଭଳି ଚୋରି ହେଲା ତାହାକୁ ନେଇ ଉଠିଛି ବଡ଼ ପ୍ରଶ୍ନ ।ସେହିପରି ତିନି ଦିନ ପୂର୍ବରୁ ବଡମ୍ବା ବ୍ଲକରେ ଗୋଟିଏ ରାତିରେ ୩ଟି ଚନ୍ଦନ ଗଛ ଚୋରି ହୋଇଥିବା ବେଳେ ପୂର୍ବରୁ ଖାରୋଡ଼ ମହାକାଳୀ ପୀଠରୁ ବଡ଼ ବଡ଼ ଚନ୍ଦନ ଗଛ କାଟି ନେଇଥିଲେ ଦୁର୍ବୃତ୍ତ।

## କପାଶିରା ଗ୍ରାମବାସୀଙ୍କୁ କଥା ଦେଇ କଥା ରଖିଲେ ଜିଲ୍ଲାପାଳ



ସୁବର୍ଣ୍ଣପୁର:୧୦।୬(ସଂଗ୍ରାମ ମହାପାତ୍ର ) କଥା ଦେଇ କଥା ରଖିଲେ ଜିଲ୍ଲାପାଳ ଆଜି କପାଶିରା ଗ୍ରାମକୁ ସୁବର୍ଣ୍ଣପୁର ଜିଲ୍ଲାପାଳ ଡଃ ନୃପରାଜ ସାହୁ ମହୋଦୟଙ୍କ ଆଗମନ ଅନେକ ଦୃଷ୍ଟିକୋଣରୁ ଐତିହାସିକ ଓ ଗୁରୁତ୍ୱପୂର୍ଣ୍ଣ ଅଟେ ।ପ୍ରଥମତଃ, ଅତୀତରେ କୌଣସି ଜିଲ୍ଲାପାଳ ଏପରି ଭାବରେ ଆମ ଗ୍ରାମକୁ ପରିଦର୍ଶନ କରିନଥିଲେ। ଗତ ୧୮.୦୫.୨୦୨୬ ତାରିଖରେ ଜିଲ୍ଲାପାଳ କାର୍ଯ୍ୟାଳୟରେ କପାଶିରା ଗ୍ରାମବାସୀମାନେ ତାଙ୍କୁ ସାକ୍ଷାତ କରିବା ସମୟରେ ସେ ଗ୍ରାମକୁ ଆସିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଆଜି ସେହି ପ୍ରତିଶ୍ରୁତି ପାଳନ କରି ସେ ଉକ୍ତ ଗ୍ରାମ କୁ ଆସିଥିଲେ ।ଗ୍ରାମର ଶିକ୍ଷା ବିକାଶ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିମନ୍ତେ ଜମି ଯୋଗାଇବା ସକାଶେ ରାମପୁର ତହସିଲଦାରଙ୍କୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କଲେ। ଜମି ଉପଲବ୍ଧ ହେବା ପରେ ଶୀଘ୍ର ପ୍ରକଳ୍ପ ଅନୁମୋଦନ ଓ ଅର୍ଥ ମଞ୍ଜୁରୀ ପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ ।ପାନୀୟଜଳ ସମସ୍ୟାର ସମାଧାନ ।ଗ୍ରାମବାସୀମାନେ ଗ୍ରାମର ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୌରଚାଳିତ ପମ୍ପ ବ୍ୟବସ୍ଥା କରିବାକୁ ଅନୁରୋଧ କରିବା ସହ ଗୁରାଣ୍ଡି ନାଳା ଉପରେ ନିର୍ମିତ ସେତୁର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଏହାର ଲୋକାର୍ପଣ ପୂର୍ବରୁ ଜମି ଅଧିଗ୍ରହଣ ଓ କ୍ଷତିପୂରଣ ପ୍ରଦାନରେ ହେଉଥିବା ବିଳମ୍ବ ପ୍ରସଙ୍ଗ ଉଠାଯାଇଥିଲା। ଏହା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇ ଘଡଡ ଜାରି କରି ପ୍ରଭାବିତ ଓ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଶୀଘ୍ର ପ୍ରାପ୍ୟ ପ୍ରଦାନ କରିବା ପାଇଁ ରାମପୁର ଅତିରିକ୍ତ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଲେ ।କୁଟାସିଂହା କପାସିରା ନିର୍ମଣାଧିନ ସୁଉଚ୍ଚ ସେତୂ ର ସଂପୂର୍ଣକରଣ, ଜମିଅଧିଗ୍ରହଣ ଓ କ୍ଷତିପୂରଣ ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଗଲା ।ଜିଲ୍ଲାପାଳ ଗ୍ରାମର ଉଭୟ ପ୍ରବେଶ ପଥ ଓ ଗ୍ରାମ ମୁଣ୍ଡର ଶୋଚନୀୟ ପରିସ୍ଥିତି ପରିଦର୍ଶନ କରିବା ସହ ଲୋକମାନଙ୍କୁ ପରିବେଶ ପରିଚ୍ଛନ୍ନତା, କୁଅଭ୍ୟାସ ଓ ଅପବ୍ୟବହାର ପ୍ରତି ସଚେତନ କରିଥିଲେ।। ବହୁ ସଂଖ୍ୟାରେ ଉପସ୍ଥିତ ମାତୃସମାଜ ମଧ ପାନୀୟ ଜଳ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ ।ସେହିପରି କପାଶିରା ଗ୍ରାମପଞ୍ଚାୟତର ଭୌଗୋଳିକ ପରିସୀମା ମଧ୍ୟରେ ଏବଂ ଭାଲୁଡୁଙ୍ଗୁରି ଅଞ୍ଚଳରେ ଶିଳ୍ପ ନିର୍ଗତ ବର୍ଜ୍ୟବସ୍ତୁ ଓ ପାଉଁଶ ପକାଇବାକୁ ଅନୁମତି ନ ଦେବା ପାଇଁ ଶତାଧିକ ମହିଳା ଜିଲ୍ଲାପାଳଙ୍କ ନିକଟରେ ଦାବି ରଖିଥିଲେ। ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ଗୁରୁତ୍ୱର ସହ ବିଚାର କରିବାକୁ ଗ୍ରାମବାସୀ ଅନୁରୋଧ କରିଥିଲେ ।ଜିଲ୍ଲାପାଳ ମହୋଦୟ ତାଙ୍କ ଦେଇଥିବା ପ୍ରତିଶ୍ରୁତିଗୁଡ଼ିକ ପୂରଣ କରିବା ପାଇଁ ସକାରାତ୍ମକ ଆଶ୍ୱାସନା ଦେଇଥିଲେ ।ଏହି ଅବସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଡୁଙ୍ଗୁରିପାଲି, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଡୁଙ୍ଗୁରିପାଲି, ଅତିରିକ୍ତ ତହସିଲଦାର, ରାମପୁର, ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ, କପାଶିରା ଗ୍ରାମପଞ୍ଚାୟତ, କନିଷ୍ଠ ଯନ୍ତ୍ରୀ, ଗ୍ରାମ୍ୟ ଜଳଯୋଗାଣ ବିଭାଗ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଚଳନ୍ତା ଟ୍ରାକ୍ଟରରୁ ଖସି ନାବାଳକର ମୃତ୍ୟୁ

ଦାରିଙ୍ଗବାଡ଼ି :୧୦/୬(ମୃତ୍ୟୁଞ୍ଜୟ ପ୍ରଧାନ) କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀଗାଁ ଥାନା ଅଞ୍ଚଳ ରେ ଘଟିଛି ଏକ ଅଭାବନୀୟ ଘଟଣା ,ବୁଧବାର ଦିନ ଗୋଟିଏ ଚଳନ୍ତା ଟ୍ରାକ୍ଟର ରୁ ଖସି ପଡ଼ି ଜଣେ ନାବାଳକ ର ମୃତ୍ୟୁ ଘଟଣା ଅଞ୍ଚଳ ରେ ଶୋକ ର ଛାୟା ଖେଳିଯାଇଛି। ମୃତ ନାବାଳକ ଜଣକ ହେଲେ ବ୍ରାହ୍ମଣୀଗାଁ ଥାନା ତାଯୁଙ୍ଗିଆ ପଞ୍ଚାୟତ ର ପଦା ସାହି ନିବାସୀ ଅକ୍ଷୟ କୁମାର ମଲ୍ଲିକ ଙ୍କ ପୁଅ ଗ୍ରେସ କୁମାର୍ ମଲ୍ଲିକ (୧୫) । ପ୍ରାପ୍ତ ସୂଚନା ଅନୁଯାୟୀ ଗ୍ରେସ ରତୁଙ୍ଗିଆ ହାଇସ୍କୁଲ ରେ ପାଠ ପଢୁ ଥିଲେ , ସେ ୯ମ ଶ୍ରେଣୀ ପାସ୍ କରି ୧୦ମ ଶ୍ରେଣୀରେ ଜଇନ କରିଥିଲେ , ଖରାଛୁଟି କଟାଇବା ପାଇଁ ଘରକୁ ଆସିଥିଲେ , ବୁଧବାର ଦିନ ବଡିଭୋର୍ ରୁ ବାପା ବିଲରେ ହଳ କରିବାକୁ ଯାଇ ଥିବା ବେଳେ, ମା ଘର କାମ ରେ ବ୍ୟସ୍ତ ଥିଲେ , ସକାଳୁ ନିଜ ନିତ୍ୟ କର୍ମ ସାରି ଗ୍ରେସ୍ ଗାଁ ମୁଣ୍ଡ ରେ ବୁଲାବୁଲି କରୁଥିବା ବେଳେ ତାଯୁଙ୍ଗିଆ ରୁ ଏକ ଟ୍ରାକ୍ଟର ମହାଗୁଡ଼ି ଅଭିମୁଖେ ଯାଉଥିବା ଦେଖି ସେହି ଟ୍ରାକ୍ଟର ରେ ଚଢ଼ି ଯାଇଥିଲେ , ହେଲେ କିଛି ବାଟ ଆସିବା ପରେ ମହାଗୁଡ଼ି ପହଞ୍ଚିବା ପୂର୍ବରୁ ଟୁଙ୍ଗୁଡୁମହା ସାହି ନିକଟ ରେ ଥିବା ହମ୍ପସ ରେ ଗାଡ଼ି ବ୍ରେକ ମାରିବାରୁ ସେ ଟ୍ରାକ୍ଟର ରୁ ଛିଟିକି ପଡ଼ି ଯାଇ ଥିଲେ , ରକ୍ତ ଜୁଡୁବୁଡୁ ଅବସ୍ଥାରେ ୧୦୮ଆମ୍ବୁଲାନ୍ସ ଯୋଗେ ତାଙ୍କୁ ବ୍ରାହ୍ମଣୀଗାଁ ମେଡିକାଲ୍ ରେ ଭର୍ତ୍ତି କରାଯାଇ ଥିଲା, ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବର ପାଇ ବ୍ରାହ୍ମଣୀଗାଁ ଥାନା ଉପ ଆରକ୍ଷୀ ଅଧିକାରୀ ଭୋଳାନାଥ ପଣ୍ଡା ମେଡିକାଲ ରେ ଉକ୍ତ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଥିବା ବେଳେ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡିଛି।

## କାଳବୈଶାଖୀ ପ୍ରଭାବରେ ତାତିରୁ ମିଳିଲା ଆଶ୍ୱସ୍ତି
# ଟିଣ ଆଜବେଷ୍ଟ ଉଡ଼ିଲା

ପାପଡାହାଣ୍ଡି,ତା୧୦।୬(ଅକ୍ଷର ଓଡ଼ିଶା) ନବରଙ୍ଗପୁର ଜିଲ୍ଲା ମୈଦଳପୁର ଅଞ୍ଚଳରେ ଦୀର୍ଘ ଦିନ ପରେ ବର୍ଷା ଫେରିବାରୁ ସମସ୍ତଙ୍କୁ ପ୍ରଚଣ୍ଡ ତାତିରୁ ଆଶ୍ୱସ୍ତି ମିଳିଛି ।ହେଲେ ଅଞ୍ଚଳରେ କାଳବୈଶାଖୀର କରାଳ ରୂପ ଦେଖିବାକୁ ମିଳିଛି । ଅନେକ ଲୋକଙ୍କ ଘର ଦ୍ୱାର ଭାଙ୍ଗି ବାସହରା ହୋଇ ପଡିଛନ୍ତି । ଟିଣ ଆଜବେଷ୍ଟ ଉଡିଯାଇ ଅନେକ ଘର ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି ।ବିଭିନ୍ନ ସ୍ଥାନରେ ଗଛ ଉପୁଡି ପଡିଥିବା ବେଳେ ରାସ୍ତା ଅବରୋଧ ହୋଇଛି । ଲୋକଙ୍କ ଘର ଉପରେ ଗଛ ମାଡି ବସିବାରୁ ଘର ଦ୍ୱାର ଭାଙ୍ଗି ଯାଇଛି ।ମୈଦଳପୁରର ବିଭିନ୍ନ ଅଂଚଳରେ କାଳବୈଶାଖୀ ଜନିତ କ୍ଷୟକ୍ଷତି ହୋଇଛି । ପ୍ରବଳ ବେଗରେ ହଠାତ ପବନ ଆସିବାରୁ ମୈଦଳପୁର ପଂଚାୟତ ଅଧିନ ଗୋପିଗୁଡ଼ା ଗାଁର ଫଗୁନୁ ମାଝୀ ଓ ପଦନ ମାଝୀଙ୍କ ଘର ଉପରେ ବିରାଟକାୟ ତେନ୍ତୁଳି ଗଛ ପଡିଯିବାରୁ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ।ସେହିପରି ମାଝୀଗୁଡା ପଂଚାୟତ ସଦର ମହକୁମା ର ସୁନ୍ଦର ଦାସ ବିଷୋୟୀ ଆଜବେଷ୍ଟ ଉଡେଇ ନେଇଥିବା ବେଳେ ଓ ଚାରିଖୁଟିଆଗୁଡା ଗାଁର କମଲୋଚନ ଜାନୀଙ୍କ ଘରର ଆଜବେଷ୍ଟ ଛାତ ସମ୍ପୁର୍ଣ୍ଣ ଉଡିଯାଇଥିବା ଯାଇଛି। ରାତିରେ କେଉଁଠି ବାସ କରିବେ ଚିନ୍ତାରେ ପଡି ଯାଇଛନ୍ତି । ଚାଳ ଛପର ଘର ଭାଙ୍ଗି ଯିବା ସହିତ ଆସବାବ ପତ୍ର ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି ।

## ୯ ଦିନ ଧରି ମହେନ୍ଦ୍ରଗିରି ଠାରେ ଆୟୋଜିତ ମହେନ୍ଦ୍ରମେଳା ଉଦ୍‌ଯାପିତ

ପାରଳାଖେମୁଣ୍ଡି, ୧୦/୬(ତାରିଣୀ ପ୍ରସାଦ ପଣ୍ଡା): ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି ପର୍ବତ ଶିଖରରେ ଆୟୋଜିତ ମହେନ୍ଦ୍ର ମେଳା ଗତକାଲି ଉଦଯାପିତ ହୋଇଯାଇଛି। ଗତ ଜୁନ ୧ ତାରିଖ ଠାରୁ ଗତକାଲି ୯ ତାରିଖ ପର୍ଯ୍ୟନ୍ତ ନଅ ଦିନ ଧରି ଚାଲିଥିବା ଏହି ଆଧାତ୍ମିକ ମହୋତ୍ସବ ପୂର୍ଣ୍ଣାହୁତି ହୋଇଛି। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସମାଗମରେ ମହେନ୍ଦ୍ରମେଳା ମହାସମାରୋହରେ ଉଦଯାପିତ ହୋଇଯାଇଛି । ଆଞ୍ଚଳିକ ପର୍ଯ୍ୟଟନ ଓ ସଂସ୍କୃତିକୁ ଏକ ନୂଆ ପରିଚୟ ଦେଇଛି ଏହି ମେଳା। ମେଳାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଦର୍ଶନୀ ଏବଂ ପାରମ୍ପରିକ ଷ୍ଟଲ୍ ଗୁଡ଼ିକ ଶ୍ରଦ୍ଧାଳୁଙ୍କ ପାଇଁ ମୁଖ୍ୟ ଆକର୍ଷଣ ସାଜିଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟ ଜଳ, ମାଗଣା ସ୍ୱାସ୍ଥ୍ୟ ଶିବିର ଏବଂ ବିଶ୍ରାମ ଗୃହର ସୁବିଧା କରାଯାଇଥିଲା। ପରବର୍ତ୍ତୀ ତିଥି ନକ୍ଷତ୍ରରେ ଆୟୋଜିତ ହେବାକୁ ଥିବା ଏହି ମେଳା ଏକ ପରମ୍ପରା ସୃଷ୍ଟି କରିବା ସହ ମହେନ୍ଦ୍ରଗିରି ଠାରେ ଆହୁରି ଅଧ ?କ ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ମହେନ୍ଦ୍ର ମେଳା ଆୟୋଜକ କମିଟି ପକ୍ଷରୁ କୁହାଯାଇଛି। ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ତତ୍ତ୍ୱାବଧାନରେ ହୋଇଥିବା ମହେନ୍ଦ୍ର ମେଳାର ଶେଷ ଦିନରେ ପରିବହନ କମିଶନର ଅମିତାର ଠାକୁର, ଗଞ୍ଜାମ ଜିଲ୍ଲାପାଳ କୀର୍ତି ଭାସନ, ଗଜପତି ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଗଜପତି ଏସପି, ପ୍ରହଲ୍ଲାଦ ସହାୟ ମିନା, ବିଶ୍ୱହିନ୍ଦୁ ପରିଷଦ ପୂର୍ବପ୍ରାନ୍ତ ସଂଗଠନ ମହାମନ୍ତ୍ରୀ ପଣ୍ଡିତ ମହେଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ପରିଚାଳନା କମିଟି ସଭାପତି ଜୁରିଆ ଜାନି, ସମ୍ପାଦକ ତଥା ଏଡିସି ଅଧ୍ୟକ୍ଷ କାମଦେବ ବଡ଼ନାୟକ, ମହେନ୍ଦ୍ର ଆଶ୍ରମର ମୁଖ୍ୟ ଭାସ୍କର ତୀର୍ଥ(ଲକ୍ଷ୍ମୀ ବାବା ),ବରିଷ୍ଠ ସମାଜସେବୀ ଅନ୍ତର୍ଯ୍ୟାମୀ ଗମାଙ୍ଗ, ଶବର ସମାଜ ସଭାପତି ଦଳପତି ମଣ୍ଡଳ, ସମ୍ପାଦକ କୃଷ୍ଣଚନ୍ଦ୍ର ଗମାଙ୍ଗ ଓ ପ୍ରମୁଖ ସହଯୋଗୀଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ୯ ଦିନିଆ ମହେନ୍ଦ୍ରମେଳା ସମ୍ପୂର୍ଣ୍ଣ ସଫଳତା ହାସଲ କରିଛି।

## ଆଦିବାସୀ ଉନ୍ନୟନ ବିଭାଗ ପ୍ରକଳ୍ପ ପ୍ରଶାସକଙ୍କ ପନିପରିବା ଚାଷ ପ୍ରଦର୍ଶନ



ଫିରିଙ୍ଗିଆ ୧୦/୦୬(ଅକ୍ଷର ଓଡ଼ିଶା)କନ୍ଧମାଳ ଜିଲ୍ଲା ଫୁଲବାଣୀ ସମନ୍ୱୟ ଆଦିବାସୀ ଉନ୍ନୟନ ବିଭାଗ ର ପ୍ରକଳ୍ପ ପ୍ରଶାସକ ଯୁଧିଷ୍ଠିର ମେହେର ଦିନିକିଆ ଫିରିଙ୍ଗିଆ ଗସ୍ତରେ ଆସି ବିଭିନ୍ନ ପଞ୍ଚାୟତ ମାନଙ୍କରେ ହୋଇଥିବା ପାରିବା ଚାଷ ବୁଲି ଦେଖିଛନ୍ତି ତେବେ କିଛିମାସ ଆଗରୁ ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ବିଭିନ୍ନ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠି ମାନଙ୍କୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଦ୍ୱାରା ଜୈବିକ ଖତ, ବିଭିନ୍ନ ପାଣିରିବା ମଞ୍ଜି, ଜଳ ସେଚନ ପାଇଁ ସୋଲାର ପମ୍ପ ଓ ବୋରୱେଲ, ଚାଷ କରିବା ପାଇଁ ପାୱାର ଟିଲର ଜୋ ଗାଇ ଦିଆଯାଇଥିଲା ଏହି ଯୋଜନାରେ ଚାଷୀ ମନେ ପାରିବା ଚାଷ କରି ବେଶ ଲାଭବାନ ମଧ ହୋଇପାରିଛନ୍ତି ଓ ତେବେ ବିଶେଷ କରି ଏହି ଫିରିଙ୍ଗିଆ ବ୍ଲକ ର ଡିଣ୍ଡିରା ଗାଁ ପଞ୍ଚାୟତ ଅଧୀନରେ ଥିବା କୁଡୁକି ଗାଁ ଓ ବନ୍ଧଗଡ଼ ପଞ୍ଚାୟତ ଅଧୀନରେ ଥିବା ମଣି ପଦର ଠାରେ ଚାଷୀ ମନେ ଭେଣ୍ଡି, ମିଠା ମକା, ବାଇଗଣ, କଖାରୁ ଚାଷ କରି ଲାଭବାନ ହୋଇଛନ୍ତି ତେବେ ପ୍ରକଳ୍ପ ପ୍ରଶାସକ ଏହି ଚାଷ ଗୁଡିକର କ୍ଷେତ୍ର ପ୍ରଦର୍ଶନ କରି ଚାଷୀ ମାନଙ୍କ ସହ କଥା ହେବା ସହ ପନିପରିବାର କିଭଳି ଭାବରେ ଉଚିତ ବିକ୍ରିବଟା ହୋଇପାରିବ ସେନେଇ ଆଲୋଚନା କରିଛନ୍ତି ଏହାସହ ଆଗାମୀ ଦିନରେ ଆହୁରି ଅନେକ ଚାଷୀ ମାନଙ୍କୁ ବିଭାଗ ତରଫରୁ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଛନ୍ତି ତେବେ ପ୍ରକଳ୍ପ ପ୍ରଶାସକ ଙ୍କ ଏହି କ୍ଷେତ୍ର ପରିଦର୍ଶନ ସମୟରେ ବିଭାଗ ର ପ୍ରକଳ୍ପ ମ୍ୟାନେଜର ପି ମୁରଲୀ ମୋହନ,ଉଦ୍ୟାନ ବିଭାଗ ର ମହିଳା କର୍ମଚାରୀ ଶୁଭଶ୍ରୀ ମହାନ୍ତି, ବ୍ଲକ ଜୀବିକା ବିଶେଷଜ୍ଞ ଶ୍ରୀପତି ପାତ୍ର,ଅଂଚଳର ବିଶିଷ୍ଟ ଚାଷୀ ନେତା ବଡଣା କହଁର ଙ୍କ ସହ ଚାଷୀ ମନେ ଉପସ୍ଥିତ ଥିଲେ ।

## ଗଜପତିରେ ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ପଦଯାତ୍ରା




ପାରଳାଖେମୁଣ୍ଡି,୧୦.୦୬.(ତାରିଣୀ ପ୍ରସାଦ ପଣ୍ଡା ): ଆଜି ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ମହାରାଜା ପ୍ୟାଲେସ୍ ? ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପଦଯାତ୍ରାରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଚେତନତା ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଗଜପତି ଜିଲ୍ଲାର ସମସ୍ତ ଯୋଗ୍ୟ ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ଅଯୋଗ୍ୟ ଭୋଟରଙ୍କ ନାମ ବାଦ, ମୃତ ବ୍ୟକ୍ତିଙ୍କ ନାମ ବିଲୋପ, ନକଲି ନାମ ଚିହ୍ନଟ ଏବଂ ଭୋଟର ତାଲିକାର ତ୍ରୁଟି ସଂଶୋଧନ କାର୍ଯ୍ୟରେ ବିଏଲଓମାନଙ୍କୁ ସହଯୋଗ କରିବା ପାଇଁ ସାଧାରଣ ଜନତାଙ୍କୁ ସଚେତନ କରାଯାଇଥିଲା। ବିଏଲଓମାନେ ଘରକୁ ଘର ବୁଲି ଯାଞ୍ଚ କାର୍ଯ୍ୟ କରିବେ ବୋଲି ମଧ ଅବଗତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ଡେପୁଟି କଲେକ୍ଟର ସୁଚିସ୍ମିତା ମାଝୀ, ସହାୟକ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ପଟ୍ଟନାୟକ, ପାରଳା ସହରର ବିଏଲଓମାନେ, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ ।ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଶେଷ ହେବା ପରେ ଏକ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ଗତ ୩୦ ମେ ଠାରୁ ୨୮ ଜୁନ୍ ପର୍ଯ୍ୟନ୍ତ ବିଏଲଓମାନେ ଘରକୁ ଘର ବୁଲି ତଥ୍ୟ ଯାଞ୍ଚ କରିବେ। ୫ ଜୁଲାଇରେ ଖସଡ଼ା ଭୋଟର ତାଲିକା ପ୍ରକାଶ ପାଇବ ଏବଂ ୫ ଜୁଲାଇରୁ ୪ ଅଗଷ୍ଟ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯିବ। ପରବର୍ତ୍ତୀ ନୋଟିସ୍ ପର୍ଯ୍ୟାୟ ୫ ଜୁଲାଇରୁ ୨ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବ ଏବଂ ୬ ସେପ୍ଟେମ୍ବରରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଜନସାଧାରଣ ଏ ସମ୍ପର୍କରେ ଅଧିକ ସୂଚନା ଓ ସହାୟତା ପାଇଁ ଟୋଲ୍ ଫ୍ରି ନମ୍ବର ୧୯୫୦ ରେ ଯୋଗାଯୋଗ କରିପାରିବେ ।ଆଜିର ସଚେତନତା ପଦଯାତ୍ରାରେ ପାରଳା ସହରର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବଜ୍ରପାତରେ ୯ ଗୋରୁ ମୃତ

ପାପଡ଼ାହାଣ୍ଡି,ତା୧୦।୬(ଅକ୍ଷର ଓଡ଼ିଶା):ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ମୈଦଳପୁର ଥାନା ଅଞ୍ଚଳ ସାନବାର୍ଲି ପଞ୍ଚାୟତ ଅଧୀନ ବଡବାର୍ଲି ଗ୍ରାମରେ ଆଜି ଅପରାହ୍ନରେ ବଜ୍ରପାତ ରେ ୫ଜଣ ଚାଷୀଙ୍କ ୯ଟି ଗୋରୁ ପ୍ରାଣ ହରାଇଛନ୍ତି ।ଅପରାହ୍ନରେ କାଳବୈଶାଖୀ ବର୍ଷା ଓ ବଜ୍ରପାତ ସମୟରେ ଗୁରୁ ଗୁଡିକ ଗ୍ରାମ ନିକଟ ପଡ଼ିଆରେ ଚରୁଥିଲେ ।ଏହି ସମୟରେ ବଜ୍ରପାତ ହୋଇଥିଲା ।ଏଥିରେ ଗ୍ରାମର ଡମ୍ବୁ ଜାନୀଙ୍କ ଦୁଇଟି,ଜୟ ଜାନୀଙ୍କ ଦୁଇଗୋଟେ,ଦଶରଥ ଜାନୀଙ୍କ ଦୁଇଟି, ଟିବୁ ଜାନୀଙ୍କ ଦୁଇଟି ଓ ଲକି ଜାନୀ ଙ୍କର ଗୋଟିଏ ଗୋରୁ ବଜ୍ରପାତ ରେ ମୃତ୍ୟୁ ବରଣ କରିଛନ୍ତି। ଗୋରୁ ମୃତୁ ହେବା ପରେ ଚାଷ କାମ ଅସୁବିଧା ଭୋଗିବା ସହ ଚାଷୀ ମାନେ ଅତ୍ୟନ୍ତ ଗରିବ ଶ୍ରେଣୀର । ସେମାନଙ୍କ ପାଖେ ଆର୍ଥିକ ସ୍ଥିତି ଠିକ୍ ନଥିବା ରୁ ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ସହରାଞ୍ଚଳ ଜନ ସମ୍ପର୍କ ଏବଂ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ



ଆସିକା ୧୦/୦୬(ଅକ୍ଷର ଓଡ଼ିଶା)ଆସିକା ପୌର ପରିଷଦ ପକ୍ଷରୁ ପୁଡୁଗେଶ୍ୱର ପଲ୍ଲୀ କଲ୍ୟାଣ ମଣ୍ଡପ ଏବଂ ରାମେଶ୍ୱର କଲ୍ୟାଣ ମଣ୍ଡପ ଠାରେ ସହରାଞ୍ଚଳ ଜନ ସମ୍ପର୍କ ଏବଂ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କ୍ଷ ଏହି କାର୍ଯ୍ୟକ୍ରମ ରେ ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର,କାଉନସିଲର,ସତ୍ୟ ନାରାୟଣ ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ଇ. ରଶ୍ମି ରାଣୀ ନାହାକ, ଦୀପ୍ତି ରାଣୀ ସାହୁ, ଶୁଚିସ୍ମିତା ତ୍ରିପାଠୀ, ମାନସୀ ରାଣୀ ସାହୁ,ପ୍ରମୁଖ ଉପସ୍ଥିତ ରହିଥିଲେ କ୍ଷ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଘର କର, ଜଳ କର,ବ୍ୟବସାୟ ଅନୁମତି ପତ୍ର,ସହଯୋଗ କାର୍ଯ୍ୟକ୍ରମ ରେ ନାମକୁ ପଞ୍ଜିକରଣ,ନାଗରିକ ମାନଙ୍କ ଅଭିଯୋଗ,ପରାମର୍ଶ ଓ ମତାମତ ଗ୍ରହଣ,ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହ ମିଶି ଜନ୍ମ ମୃତ୍ୟୁ ପ୍ରମାଣ ପତ୍ର ପ୍ରଦାନ ସେବାକୁ ସୁଗମ କରିବା,ଗୃହ ନିର୍ମାଣ ଯୋଜନାର ଅନୁମୋଦନ ସମ୍ବନ୍ଧୀୟ ସେବା ,ପ୍ରଧାନମନ୍ତ୍ରୀ ଆବାସ ଯୋଜନା ର ସହାୟତା କାଉଣ୍ଟର ରେ ସେବା ପ୍ରଦାନ ଉପରେ ଉପସ୍ଥିତ ନାଗରିକ ମାନଙ୍କୁ ସୂଚନା ପ୍ରଦାନ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମ ରେ ୱାର୍ଡ ର ପୁରୁଷ, ମହିଳା ନାଗରିକ, ସ୍ୱଚ୍ଛ କର୍ମଚାରୀ, ଜଳ ସାଥି, ସିଆରପି, ଆଶା କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ ।

## ବାଲୁକା ସ୍ଥାପତ୍ୟରେ ଫିଫା ବିଶ୍ୱକପ୍ ଖେଳାଳିଙ୍କୁ ଶୁଭେଚ୍ଛା



ପୁରୀ,୧୦।୬(ଅକ୍ଷର ଓଡ଼ିଶା):ବିଶ୍ୱର ସର୍ବବୃହତ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଫିଫା ବିଶ୍ୱକପ୍ ୨୦୨୬ରେ ଅଂଶଗ୍ରହଣ କରୁଥିବା ସମସ୍ତ ଦଳ ଓ ଖେଳାଳିମାନଙ୍କୁ ବାଲୁକା ସ୍ଥାପତ୍ୟରେ ଶୁଭେଚ୍ଛା ଜଣାଇଛନ୍ତି ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ କୁମାର ସାହୁ। ଶିଳ୍ପୀ ମାନସ ତାଙ୍କ ବାଲୁକା ସ୍ଥାପତ୍ୟରେ ଗୋଟିଏ ଖେଳ, ଗୋଟିଏ ବିଶ୍ୱ, ଗୋଟିଏ ସ୍ୱପ୍ନର ବାର୍ତ୍ତା ଦେଇଛନ୍ତି। ଫୁଟବଲ୍ କିପରି ଦେଶ, ସଂସ୍କୃତି,ସମ୍ପ୍ରଦାୟର ଲୋକଙ୍କୁ ଏକାଠି କରେ । ଶାନ୍ତି, ଦଳଗତ କାର୍ଯ୍ୟ ଏବଂ ପାରସ୍ପରିକ ସମ୍ମାନକୁ ପ୍ରୋତ୍ସାହିତ କରେ ବୋଲି ଶିଳ୍ପୀ ତାଙ୍କର ଏହି ବାଲୁକା ସ୍ଥାପତ୍ୟରେ ଦର୍ଶାଇଛନ୍ତି ।ଏହି ପ୍ରତିଯୋଗିତା ବିଶ୍ୱର ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଦେବା ସହିତ କ୍ରୀଡାପ୍ରେମୀ,ଉତ୍କର୍ଷତା ଓ ବିଶ୍ୱ ଏକତାର ପ୍ରକୃତ ଭାବନା ପ୍ରଦର୍ଶନ କରିବ ବୋଲି ଶିଳ୍ପୀ ଏହି ଅବସରରେ ଆଶା ବ୍ୟକ୍ତ କରିଛନ୍ତି। ଏହି ସ୍ଥାପତ୍ୟ ନିର୍ମାଣ ଲାଗି ପ୍ରାୟଦୁଇ ଘଣ୍ଟା ସମୟ ଲାଗିଥିଲା ବୋଲି ଶିଳ୍ପୀ ମାନସ କହିଛନ୍ତି।

# ପେଟ୍ରୋଲିୟମ ସାମଗ୍ରୀ ଯୋଗାଣ ଓ ଉପଲବ୍ଧତା ନେଇ ଜିଲ୍ଲାପାଳଙ୍କ ସମୀକ୍ଷା



କେନ୍ଦୁଝର:୧୦/୦୬(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲ୍ଲାରେ ପେଟ୍ରୋଲିୟମ ସାମଗ୍ରୀର ନିରବଚ୍ଛିନ୍ନ ଯୋଗାଣ, ବଣ୍ଟନ ଏବଂ କଳାବଜାରୀ ରୋକିବା ଲକ୍ଷ୍ୟରେ ଆଜି ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ 'ଜିଲ୍ଲା ସଙ୍କଟ ପରିଚାଳନା ଗୋଷ୍ଠୀ'ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାରେ ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସ୍ ଭଳି ଜରୁରୀ ପେଟ୍ରୋଲିୟମ ସାମଗ୍ରୀର ସାମ୍ପ୍ରତିକ ସ୍ଥିତି ଓ ଉପଲବ୍ଧତା ସମ୍ପର୍କରେ ସବିଶେଷ ସମୀକ୍ଷା କରାଯାଇଥିଲା । ବଜାରରେ ଏହି ସବୁ ସାମଗ୍ରୀର ଯେପରି କୌଣସି କୃତ୍ରିମ ଅଭାବ ସୃଷ୍ଟି ନହୁଏ ଏବଂ ଗ୍ରାହକମାନେ ଯେପରି ସହଜରେ ପେଟ୍ରୋଲିୟମ ସାମଗ୍ରୀ ପାଇପାରିବେ, ସେଥିପାଇଁ ବିଭିନ୍ନ ତୈଳ କମ୍ପାନୀର ପ୍ରତିନିଧିମାନଙ୍କୁ ନିରବଚ୍ଛିନ୍ନ ଯୋଗାଣ ବଜାୟ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାରେ ପେଟ୍ରୋଲିୟମ ସାମଗ୍ରୀର ସଠିକ୍ ଉପଲବ୍ଧତା ନିଶ୍ଚିତ କରିବା ଏବଂ କଳାବଜାରୀ କିମ୍ବା ବେଆଇନ ମହଜୁଦ ରୋକିବା ପାଇଁ ପ୍ରଶାସନ ସର୍ବଦା ସତର୍କ ରହିଛି । ଯଦି କୌଣସି ଅଞ୍ଚଳରେ ଏହି ସାମଗ୍ରୀର ଅଭାବ ଦେଖାଦିଏ କିମ୍ବା କଳାବଜାରୀ ହେଉଥିବାର ସୂଚନା ମିଳେ, ତେବେ ତୁରନ୍ତ ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ କିମ୍ବା ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅବଗତ କରାଇବା ପାଇଁ ନିବେଦନ କରାଯାଇଛି । ବୈଠକରେ ବିଶେଷ ଭାବେ ହରିଚନ୍ଦନପୁର, ବାଂଶପାଳ ଏବଂ ତେଲକୋଇ ବ୍ଲକରେ ପେଟ୍ରୋଲିୟମ ସାମଗ୍ରୀର ସୁବିଧାଜନକ ବଣ୍ଟନ ଉପରେ ଅଧିକ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ, ପୋଲିସ ବିଭାଗ, ସିଭିଲ୍ ସପ୍ଲାଇ ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ଓ ଶିକ୍ଷା ବିଭାଗର ପ୍ରତିନିଧି ଏବଂ ତେଲ କମ୍ପାନୀ (ଆଇଓସିଏଲ, ବିପିସିଏଲ, ଏଚପିସିଏଲ)ର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ସାଧାରଣ ଜନତାଙ୍କ ସ୍ୱାର୍ଥ ଦୃଷ୍ଟିରୁ ପେଟ୍ରୋଲିୟମ ସାମଗ୍ରୀର ସୁବିଧାଜନକ ବଣ୍ଟନକୁ ସୁନିଶ୍ଚିତ କରିବା ପାଇଁ ଏହି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।

# ବଡ଼ପଲାସପାଳ ପଞ୍ଚାୟତ ପ୍ରତିଶ୍ରୁତି ନୁହେଁ, ବିକାଶକୁ ବଜାଇବେ ମୋହର

ହରିଚନ୍ଦନପୁର,୧୦/୬( ଶୂନ୍ୟରଞ୍ଜନ ଘଣା ): କେନ୍ଦୁଝର ଜିଲ୍ଲା ତେଲକୋଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ହରିଚନ୍ଦନପୁର ବ୍ଲକ୍‌ର ରାଜନୀତି ସଦାସର୍ବଦା ଚର୍ଚ୍ଚାରେ । କିଛି ନା କିଛି ଘଟଣାକୁ ନେଇ ସବୁବେଳେ ଏହି ବ୍ଲକରେ ଚର୍ଚ୍ଚାର ପରିଧି ଭିତରେ ପ୍ରବେଶ କରିଥାଏ । ତେବେ ଏହି ବ୍ଲକ୍‌ର ୩୨ ନଂ ଜିଲ୍ଲା ପରିଷଦ ଜୋନ ଅନ୍ତର୍ଗତ ବଡପଲାଶପାଳ ପଞ୍ଚାୟତରେ ଏବେ ଠାରୁ ଆରମ୍ଭ ହୋଇଗଲାଣି ଆଗାମୀ ପଞ୍ଚାୟତ ନିର୍ବାଚନର ରାଜନୈତିକ ଗଣିତ । ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇ ନଥିଲେ ବି ଗାଁ ଦାଣ୍ଡରୁ ଆରମ୍ଭ କରି ହାଟ ବଜାର ପର୍ଯ୍ୟନ୍ତ ଗୋଟିଏ ଚର୍ଚ୍ଚା ସରପଞ୍ଚ ଆସନରେ କିଏ ସେ ବସିବ ପୂର୍ବ ଅପେକ୍ଷା ଏଥର ପଞ୍ଚାୟତ ନିର୍ବାଚନର ଚିତ୍ର କିଛି ଅଲଗା ।ଗ୍ରାମବାସୀଙ୍କ କହିବା କଥା କେବଳ ନିର୍ବାଚନ ସମୟରେ ହାତ ଯୋଡି ଭୋଟ ମାଗୁଥିବା ନେତା ନୁହେଁ, ବରଂ ପାଞ୍ଚ ବର୍ଷ ଧରି ଲୋକଙ୍କ ସହ ସୁଖ ଦୁଃଖରେ ଛିଡା ହୋଇଥିବା ଲୋକଙ୍କୁ ହିଁ ଜନତା ଆଗକୁ ଆଣିବାକୁ ଚାହୁଁଛନ୍ତି । ପଞ୍ଚାୟତରେ ରାସ୍ତା, ପାନୀୟ ଜଳ, ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା ଓ ଯୁବକ ମାନଙ୍କ ପାଇଁ ନିଯୁକ୍ତି ଭଳି ଅନେକ ପ୍ରସଙ୍ଗ ଏବେ ଜନତାଙ୍କ ପାଇଁ ମୁଖ୍ୟ ପ୍ରସଙ୍ଗ । ଏଥର ପ୍ରାର୍ଥୀଙ୍କ ଭାଷଣ ନୁହେଁ, ପୂର୍ବ କାର୍ଯ୍ୟକଳାପକୁ ନେଇ ହେବ ଅଙ୍କକଷା । ୧୬ ଗୋଟି ୱାର୍ଡ ବିଶିଷ୍ଟ ବଡପଲାଶପାଳ ପଞ୍ଚାୟତରେ ରହିଛି ଆଉ କିଛି ପଡା । ସେହି ପଡା ଗୁଡିକ ମଧ୍ୟରେ ରହିଛି ନାକଟିପଶି ସାହି, କୁମୁଦର ପଡା, କିଶାନସାହି, ଚଡକମରା ସାହି, ଭୋକାମାଝୀ ସାହି, ଜୁଆଙ୍ଗ ସାହି, ଲାଇନ ସାହି । ଏହି ସବୁ ପଡାକୁ ନିତିଦିନିଆ ରାସ୍ତା ନାହିଁ । ବିଶେଷ କରି ବର୍ଷା ଦିନେ ଏହି ସବୁ ପଡାର ଜନସାଧାରଣ ନାହିଁ ନ ଥିବାଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ୨୦୨୨ ପଞ୍ଚାୟତ ନିର୍ବାଚନରେ ନଳିନୀ ନାୟକ ସରପଞ୍ଚରେ ଜିତିବା ପରେ ପଞ୍ଚାୟତର କିଛି ବିକାଶମୂଳକ କାମ କରିଛନ୍ତି ସତ କିନ୍ତୁ ବିକାଶକୁ ବଳିଯାଇଛି ସରକାରୀ ଯୋଜନାଅନୁଦାନରାଶିର ସିଂହଭାଗ ହଡପ । କାଁ ଭାଁ କାମ କରି ଅନୁଦାନରାଶି ବାଟମାରଣ ହୋଇଥିବା ପଞ୍ଚାୟତବାସୀ କହୁଛନ୍ତି ।ବଡପଲାଶପାଳ ପଞ୍ଚାୟତ ଆଜି ପାରମ୍ପରିକତା ଓ ଆଧୁନିକ ବିକାଶର ଏକ ସୁନ୍ଦର ସମନ୍ୱୟ ଭାବେ ପରିଚିତ । କୃଷିପ୍ରଧାନ ଏହି ପଞ୍ଚାୟତର ଅଧିକାଂଶ ଲୋକ ଚାଷବାସ ଉପରେ ନିର୍ଭରଶୀଳ । ନୂତନ ପିଢି ଶିକ୍ଷା ଓ ଚାକିରି କ୍ଷେତ୍ରରେ ମଧ୍ୟ ନିଜର ସ୍ଥାନ ସୃଷ୍ଟି କରିଛନ୍ତି । କିଛି ବର୍ଷ ମଧ୍ୟରେ ପାନୀୟ ଜଳ, ବିଦ୍ୟୁତ୍ ସେବା ଓ ସରକାରୀ ଯୋଜନାର କାର୍ଯ୍ୟକାରିତା କ୍ଷେତ୍ରରେ ଉନ୍ନତି ହୋଇଥିଲେ ମଧ୍ୟ କିଛି ସମସ୍ୟା ଏବେ ମଧ୍ୟ ଲୋକଙ୍କ ଚିନ୍ତାର କାରଣ ପାଲଟିଛି । ବିଶେଷ କରି ଯୁବକ ମାନଙ୍କ ପାଇଁ ରୋଜଗାର, କୃଷକ ମାନଙ୍କ ପାଇଁଜଳ ସେଚନ ବ୍ୟବସ୍ଥା, ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟସେବା ଓ ଶିକ୍ଷାର ଗୁଣାତ୍ମକ ବିକାଶ ଭଳି ପ୍ରସଙ୍ଗ ଆଜି ମଧ୍ୟ ଆଲୋଚନାର କେନ୍ଦ୍ରବିନ୍ଦୁ ହୋଇ ରହିଛି ।ଏହି ପଞ୍ଚାୟତର ଆଉ ଏକ ବଡ ପରିଚୟ ହେଉଛି ଏହାର ସାମାଜିକ ଏକତା ଓ ସାଂସ୍କୃତିକ ପରମ୍ପରା । ବିଭିନ୍ନ ପର୍ବପର୍ବାଣୀ, ଦୋଳଯାତ୍ରା, ମେଳା ଓ ସାମାଜିକ କାର୍ଯ୍ୟକ୍ରମ ଗ୍ରାମବାସୀଙ୍କ ମଧ୍ୟରେ ଭାଇଚାରାର ସମ୍ପର୍କକୁ ମଜବୁତ କରିଆସିଛି । ତେବେ ବଡପଲାଶପାଳ ପଞ୍ଚାୟତକୁ ପଞ୍ଚାୟତ ପରିକ୍ରମା ସମ୍ପର୍କିତ ଖବର ଆଣିବା ପାଇଁ ଯାଇଥିବା ବେଳେ ଅଧିକାଂଶ ଭୋଟରଙ୍କ ପସନ୍ଦ ଥିଲେ ଯୁବ ଦକ୍ଷ ବ୍ୟକ୍ତିତ୍ୱ । ଦକ୍ଷତା ସମ୍ପନ୍ନ ଶିକ୍ଷିତ ବ୍ୟକ୍ତିଙ୍କୁ ପଞ୍ଚାୟତ ଦାୟିତ୍ୱ ଦେବା ଉଚିତ ବୋଲି ଭୋଟର ମତ ପ୍ରକାଶ କରିଛନ୍ତି ।

# ଏନସିସି କ୍ୟାଡେଟ ମାନଙ୍କୁ ମହିଳା ଓ ନ୍ୟାୟ ବ୍ୟବସ୍ଥା ସମ୍ପର୍କରେ ତାଲିମ ପ୍ରଦାନ



କେନ୍ଦୁଝର:୧୦/୦୬- (ଦିଲ୍ଲୀପ କୁମାର ସାହୁ) - ଗତ ଜୁନ ୧ ତାରିଖରୁ ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଥିବା ଏନସିସି କ୍ୟାମ୍ପ ଶିବିରର ସପ୍ତମ ଦିନରେ ପ୍ରକଳ୍ପର ପ୍ରତିଷ୍ଠାତା ବିପ୍ଳବ ମିଶ୍ର ଏବଂ ସଖୀ-ୱାନ ରୂପ ସେଣ୍ଟରର କେଶ ୱାର୍କର ତବାସୁମ ବେଗମ ଯୋଗଦେଇ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନ ଏବଂ ଯୋଜନା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । କେନ୍ଦୁଝର ସଦର ମହକୁମା ଡାକ୍ତରଖାନା ପରିସରରେ ଅବସ୍ଥିତ ସଖୀ-ୱାନ ରୂପ ସେଣ୍ଟରର ତରଫରୁ ଦିଆ ଯାଉଥିବା ସମସ୍ତ ସୁବିଧା ସୁଯୋଗ ସମ୍ପର୍କରେ ଅବଗତ କରିବା ସଙ୍ଗେ ସଙ୍ଗେ ସାମାଜିକ ଜୀବନରେ ମହିଳା ମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସେମାନେ ଆଲୋଚନା କରିଥିଲେ । ଘରୋଇ ହିଂସା, ଧର୍ଷଣ, ଯୌନ ନିର୍ଯ୍ୟାତନା, ନିଖୋଜ, ଏସିଡ଼ ଆକ୍ରମଣ,ଶିଶୁ ଯୌନ ନିର୍ଯ୍ୟାତନା, ବାଲ୍ୟ ବିବାହ, ସାଇବର ଅପରାଧ, ଯୌତୁକ ନିର୍ଯାତନା ଆଦି ଉପରେ ଆଲୋଚନା ହୋଇ ଏହି ସମ୍ପର୍କରେ ଥିବା ଆଇନଗତ ସୁରକ୍ଷା ବିଧବ୍ୟବସ୍ଥା ଉପରେ ବିଶେଷ ଆଲୋଚନା ହୋଇଥିଲା । ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାରେ ବିପ୍ଲବ ମିଶ୍ର ମହିଳା ମାନଙ୍କ ପାଇଁ ଉପଲବ୍ଧ ସାମ୍ବିଧାନିକ ସୁରକ୍ଷା ଓ ଅନ୍ୟାନ୍ୟ ଆଇନଗତ ବ୍ୟବସ୍ଥା ସମ୍ପର୍କର ବିଭିନ୍ନ ଉଦାହରଣ ସହ ବିଶଦ ଭାବରେ ଆଲୋଚନା କରିଥିଲେ ।ସମ୍ବିଧାନର ଧାରା ୧୪, ୧୫, ୧୫(୩), ୧୬, ୩୯(ଏ) ଏବଂ (ଡି)କୁ ତର୍ଜମା କରି ଏହା କିପରି ମହିଳା ମାନଙ୍କୁ ସହାୟତା କରୁଛି ଆଲୋଚନା କରାଯାଇଥିଲା । ଅନ୍ୟାନ୍ୟ ମୁଖ୍ୟ ଆଇନ ଯଥା ଯୌତୁକ ନିରୋଧ ଆଇନ, ୧୯୬୧, ଘରୋଇ ହିଂସା ସୁରକ୍ଷା ଆଇନ, ୨୦୦୫, କାର୍ଯ୍ୟ କ୍ଷେତ୍ରରେ ଯୌନ ନିର୍ଯ୍ୟାତନା ଆଇନ, ୨୦୧୩, ସମାନ ମଜୁରୀ ଆଇନ ୧୯୭୬, ପ୍ରସବକାଳୀନ ସୁବିଧା ଆଇନ ୧୯୬୧ ଏବଂ ୨୦୧୭ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ କମାଣ୍ଡର କର୍ଣ୍ଣେଲ ଜୟନ୍ତ ମୋହନ ଯୋଶୀ, ଲେଫ୍ଟନାଣ୍ଟ କର୍ନେଲ ମୟୁର ଘାଡଗେ ଏବଂ ସୁବେଦାର ମହମ୍ମଦ ସାହିଦଙ୍କ ନେତୃତ୍ୱରେ ସୁନ୍ଦର ଭାବେ ଆୟୋଜିତ ହୋଇଥିଲା । କେଶ ୱାର୍କର ଜ୍ୟୋତିର୍ମୟୀ ରଣା ଏଥିରେ ସହଯୋଗ କରିଥିଲେ । ଏହି ଶିବିରରେ କେନ୍ଦୁଝର ଓ ମୟୁରଭଞ୍ଜ ଜିଲ୍ଲାରୁ ୬୦୦ ଏନସିସି କ୍ୟାଡେଟ ଯୋଗ ଦେଇଥିଲେ ।

# ଝାଡଖଣ୍ଡରୁ ୬ ଆନ୍ତଃରାଜ୍ୟ ଡକାୟତ ଗିରଫ



କେନ୍ଦୁଝର:୧୦/୦୬ (ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର କେନ୍ଦୁ ଜିଲ୍ଲାରେ ଘଟିଥିବା ବିଭିନ୍ନ ଡକାୟତି ଓ ଲୁଟପାଟ ଘଟଣାର ତଦନ୍ତ କରୁଥିବା କେନ୍ଦୁଝର ପୋଲିସକୁ ଏକ ବଡ଼ ସଫଳତା ମିଳିଛି । ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଘଟିଥିବା ଏକାଧୂକ ମାମଲାରେ ସମ୍ପୃକ୍ତ ଥିବା ୬ ଜଣ ଆନ୍ତଃରାଜ୍ୟ ଡକାୟତଙ୍କୁ ପଡ଼ୋଶୀ ଝାଡଖଣ୍ଡ ରାଜ୍ୟର ମଝିଗାଁ ଅଞ୍ଚଳରୁ ଗିରଫ କରିଛି କେନ୍ଦୁଝର ପୋଲିସ । ସୂଚନା ଅନୁଯାୟୀ, ଜିଲ୍ଲାର ଚମ୍ପୁଆ, ତୁରୁମୁଙ୍ଗା ଓ ଅନ୍ୟାନ୍ୟ ଥାନା ଅଞ୍ଚଳରେ ଗତ କିଛି ଦିନ ଧରି ଘଟିଥିବା ଡକାୟତି ଓ ଲୁଟ ଘଟଣାରେ ଏହି ଗ୍ୟାଙ୍ଗର ସମ୍ପୃକ୍ତି ଥିବା ନେଇ ପୋଲିସ ସନ୍ଦେହ କରୁଥିଲା । ଘଟଣା ଗୁଡ଼ିକର ତଦନ୍ତ ସମୟରେ ପୋଲିସକୁ ଗୁରୁତ୍ୱପୂର୍ଣ୍ଣ ସୁରାକ ମିଳିଥିଲା, ଯାହା ଆଧାରରେ ଅଭିଯୁକ୍ତ ମାନେ ଝାଡଖଣ୍ଡ ଅଞ୍ଚଳରେ ଲୁଚି ରହିଥିବା ଜଣା ପଡ଼ିଥିଲା ।ଚମ୍ପୁଆ ଓ ତୁରୁମୁଙ୍ଗା ଥାନା ପୋଲିସ ସହ କେନ୍ଦୁଝର ଜିଲ୍ଲାର ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍ ଗୁପ୍ତ ସୂଚନା ଆଧାରରେ ଝାଡଖଣ୍ଡର ମଝିଗାଁ ଅଞ୍ଚଳରେ ଅତର୍କିତ ଚଢ଼ାଉ କରିଥିଲା । ପୋଲିସର ଏହି ଅପରେସନ ସମୟରେ ୬ ଜଣ ଅଭିଯୁକ୍ତଙ୍କୁ କାବୁ କରାଯାଇଥିଲା । ପ୍ରାଥମିକ ତଦନ୍ତରୁ ଏହି ଗ୍ୟାଙ୍ଗ ଓଡ଼ିଶା ଓ ଝାଡଖଣ୍ଡର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ସକ୍ରିୟ ଥିବା ଜଣା ପଡ଼ିଛି । ପୋଲିସ ଏବେ ଗିରଫ ଅଭିଯୁକ୍ତମାନଙ୍କୁ ଜେରା କରୁଥିବା ବେଳେ, କେନ୍ଦୁଝର ଜିଲ୍ଲାରେ ଘଟିଥିବା ଅନ୍ୟାନ୍ୟ ଅମିମାଂସିତ ଡକାୟତି ମାମଲା ସହ ସେମାନଙ୍କର ସମ୍ପୃକ୍ତି ରହିଛି କି ନାହିଁ ସେ ଦିଗରେ ଖୋଳତାଡ଼ ଜାରି ରହିଛି । ତଦନ୍ତ ଆଗକୁ ବଢ଼ିଲେ ଆହୁରି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିପାରେ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି । ଏହି ଗିରଫଦାରୀକୁ କେନ୍ଦୁଝର ପୋଲିସର ଏକ ବଡ଼ ସଫଳତା ବୋଲି କୁହାଯାଉଛି । ଜିଲ୍ଲାରେ ବଢୁଥିବା ଅପରାଧିକ କାର୍ଯ୍ୟକଳାପ ଉପରେ ଅଙ୍କୁଶ ଲଗାଇବା ସହ ଆଇନଶୃଙ୍ଖଳା ବଜାୟ ରଖିବା ଦିଗରେ ଏହି ଅପରେସନ ଗୁରୁତ୍ୱପୂର୍ଣ୍ଣ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ସର୍ପାଘାତରେ ଯୁବକ ମୃତ

ଝୁମ୍ପୁରା:୧୦/୦୬(ସନ୍ତୋଷ କୁମାର ସାହୁ) - ସ୍ଥାନୀୟ ଝୁମ୍ପୁରା ବଜାର ସନ୍ନିକଟ ଝୁମ୍ପୁରା ଥାନା ଅଧୀନ ନୂଆବେଡା ପଞ୍ଚାୟତ ନୂଆବେଡା ଗ୍ରାମରେ ଘଟି ଯାଇଛି ଏକ ଅଭାବନୀୟ ଘଟଣା । ଗ୍ରାମର ଘନଶ୍ୟାମ ମହାନ୍ତଙ୍କ ପୁଅ ଅଭିଜିତ ମହାନ୍ତ (୨୭) ରାତିରେ ଶୋଇଥିବା ଅବସ୍ଥାରେ ଏକ ବିଷଧର ସାପ କାମୁଡ଼ି ଦେବାରୁ ଚିକିତ୍ସାଧିନ ଅବସ୍ଥାରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ମୃତ୍ୟୁ ହୋଇଛି ।ପ୍ରାପ୍ତ ସୂଚନା ମୁତାବକ, ସର୍ପାଘାତରେ ମୃତ ଅଭିଜିତ ଗତ ମଙ୍ଗଳବାର ରାତ୍ରୀ ଭୋଜନ ସାରି ଶୋଇଥିବା ବେଳେ ରାତି ପ୍ରାୟ ୧୨ ଟା ସମୟରେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା । ଏହା ଜଣା ପଡିବା ପରେ ପରିବାର ଲୋକେ କାମୁଡ଼ିଥିବା ସାପକୁ ସୁରକ୍ଷିତ ଭାବେ ଉଦ୍ଧାର କରି ଏକ ବାଲଟିରେ ରଖି ସ୍ଥାନୀୟ ବନପାଳଙ୍କୁ ସୂଚନା ଦେଇ ଅଭିଜିତକୁ ସ୍ଥାନୀୟ ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟଧିକ ଗୁରୁତର ହେବାରୁ ତାଙ୍କୁ କେନ୍ଦୁଝର ସହରସ୍ଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ସେ ଚିକିତ୍ସାଧିନ ଥିବାବେଳେ ଭୋର ପ୍ରାୟ ୫ ଟାରେ ଅଭିଜିତ କଳା ରଙ୍ଗର ବାନ୍ତି କରିଥଲେ ଏବଂ ପରେ ତାଙ୍କ ପ୍ରାଣବାୟୁ ଉଡି ଯାଇଥିଲା । ଝୁମ୍ପୁରା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ପରିବାର ଲୋକେ ଏବଂ ଗ୍ରାମବାସୀ ଅଭିଜିତର ମର ଶରୀରକୁ ଗ୍ରାମ ଶ୍ମଶାନରେ ଦାହ ସଂସ୍କାର କରିଛନ୍ତି । ଏହି ଘଟଣାରେ ନୂଆବେଡ଼ା ଗ୍ରାମରେ ଶୋକର ଛାୟା ଖେଳିଯାଇଛି । ଅଭିଜିତଙ୍କୁ କାମୁଡିଥିବା ସାପଟି ଚିତି ସାପ ବୋଲି ଚିହ୍ନଟ କରାଯାଇଛି । ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରି ଏକ ବାଲଟିରେ ରଖାଯାଇ ସ୍ଥାନୀୟ ବନପାଳଙ୍କୁ ସୂଚନା ଦିଆଯାଇଥିଲେ ମଧ୍ୟ ଖବର ଲେଖାଯିବା ପର୍ଯ୍ୟନ୍ତ ବନବିଭାଗ ପକ୍ଷରୁ କେହି ସାପଟିକୁ ନେବାକୁ ଆସିନଥିବା ଜଣାପଡିଛି ।

# ହାତୀ ଆକ୍ରମଣରେ ଚାଲିଗଲେ ସ୍ୱାମୀ ଛଅ ଶିଶୁଙ୍କ ଭବିଷ୍ୟତ ଚିନ୍ତାରେ ମା'



ବାଂଶପାଳ,୧୦ /୬(ଶୂନ୍ୟରଞ୍ଜନ ଘଣା ) : କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଅନ୍ତର୍ଗତ ସହାରପୁର ଗ୍ରାମ ପଞ୍ଚାୟତ କସଡ଼ା ଗ୍ରାମ ନୀଳାମୁଣ୍ଡି ସାହିରେ ଗତ ଶୁକ୍ରବାର ସନ୍ଧ୍ୟାରେ ହାତୀ ଆକ୍ରମଣରେ ଶ୍ରମିକ ଦୁର୍ଯ୍ୟୋଧନ ପ୍ରଧାନଙ୍କ ଅକାଳ ମୃତ୍ୟୁ ଘଟିଛି । ନିଜ ବ୍ୟକ୍ତି ଗତ କାମସାରି ଶୁଆକାଟିରୁ ଘରକୁ ଫେରୁଥିବା ବେଳେ ସେ ହାତୀ ଆକ୍ରମଣର ଶିକାର ହୋଇଥିଲେ । ଦୁର୍ଯ୍ୟୋଧନଙ୍କ ଅକାଳ ବିୟୋଗ ପରେ ୬ ଜଣ କୋମଳମତି ଶିଶୁ ଅସହାୟ ହୋଇ ପଡ଼ିଛନ୍ତି । । ପରିବାରର ଆର୍ଥିକ ସ୍ଥିତି ଦୁର୍ବଳ ଥିବାରୁ ଶିଶୁମାନଙ୍କ ଭବିଷ୍ୟତକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି । ଖବର ପାଇ ପ୍ରଶାସନ, ବନ ବିଭାଗ ଓ ପୁଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ।ବନ ବିଭାଗ ପକ୍ଷରୁ ପରିବାରକୁ ତୁରନ୍ତ ଅନୁକମ୍ପାମୂଳକ ସହାୟତା ପ୍ରଦାନକରାଯାଇଛି । କିନ୍ତୁ ତାଙ୍କ ଘରେ ଆଉ କେହି ରୋଜଗାରିଆ ଲୋକ ନଥିବାରୁ ଚିନ୍ତାରେ ପଡିଛନ୍ତି ପତ୍ନୀ ଧନୁମତି ପ୍ରଧାନ । ଶିଶୁମାନଙ୍କ ପାଇଁ ଅନାଥ ଭତ୍ତା, ମାଗଣା ଶିକ୍ଷା ଓ ମାଗଣା ଚାଉଳ ଆଦି ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ତ୍ରୀ ଆକୁଳ ନିବେଦନ କରୁଛନ୍ତି । ଏହା ସହ ଅଞ୍ଚଳରେ ବଢୁଥିବା ହାତୀ ଉପଦ୍ରବ ରୋକି ରାକିବା ପାଇଁ ସ୍ଥାୟୀ ପଦକ୍ଷେପ ନେବାକୁ ଗ୍ରାମବାସ ଗ୍ରାମବାସୀ ଦାବି କରିଛନ୍ତି ।

# ପ୍ରଧାନ ଶିକ୍ଷକ ରୋହିତ କୁମାର ବେହେରାଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର



କେନ୍ଦୁଝର/ଘଟଗାଁ:୧୦/୦୫(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲ୍ଲା ବନଖଣ୍ଡ ବିଭାଗ ଓ ସ୍ଥାନୀୟ ନେଟିଭ ଭଏସ ତରଫରୁ ବଡବିଲ ରୁଙ୍ଗଟା ଟାଉନ ହଲ ଠାରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଆଦର୍ଶ ପ୍ରଧାନ ଶିକ୍ଷକ ରୋହିତ କୁମାର ବେହେରାଙ୍କୁ 'ପ୍ରକୃତି ବନ୍ଧୁ' ପୁରସ୍କାର ପ୍ରଦାନ କରାଯାଇଛି କ୍ଷ ଉକ୍ତ ଉତ୍ସବରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷକ ଶ୍ରୀ ବେହେରାଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଦଶ ହଜାର ଟଙ୍କା ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିଛନ୍ତି କ୍ଷ ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ଡି ଏଫ୍ ଓ ଏଚ ଡି ଧନରାଜ୍, ଆଇ ଏମ୍ ସି ଟି ଏଫ୍ ରାଜ୍ୟ ସଭାପତି ମୂରଲୀ ମନୋହର ଶର୍ମା, ଏନ ସି ସି କାମାଣ୍ଡାଣ୍ଟ କର୍ଣ୍ଣେଲ ଜେ ଏମ୍ ଯୋଶୀ , ଯୋଡ଼ା ବ୍ଲକ ଚେୟାରମ୍ୟାନ୍ କବିନ୍ଦ୍ର ନାଏକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଶ୍ରୀ ବେହେରା ଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପରିବେଶ ସୁରକ୍ଷା ତଥା ମା ପାଇଁ ଗଛ ଟିଏ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ପାଇଁ ତାଙ୍କୁ ଉକ୍ତ ପୁରସ୍କାର ମିଳିଥିବା ଜଣା ପଡ଼ିଛି । ଏଥି ପାଇଁ ତାଙ୍କୁ ବାରହାଟିପୁରା ଜନତା ଯୁବକ ସଂଘ ପକ୍ଷରୁ କୃଷକ ସାଥୀ ରବୀନ୍ଦ୍ର ପଲେଇ, ପି ଇ ଓ ସାରଙ୍ଗ ଧର ରଣକ୍ଷ, ସମାଜ ସେବୀ ଚିତ୍ତରଞ୍ଜନ ପଣ୍ଡା, ପ୍ରକୃତି ବନ୍ଧୁ ରମାକାନ୍ତ ପ୍ରଧାନ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

# ପ୍ରସ୍ତାବିତ ମେଗା ଷ୍ଟିଲ ପ୍ଲାଣ୍ଟ ପାଇଁ ନବମ ଗ୍ରାମସଭା ସଫଳ




କେନ୍ଦୁଝର:୧୦/୦୬(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲ୍ଲାରେ ଜିନ୍ଦଲ ଏଣ୍ଡ ପୋସ୍କୋ ମିଳିତ ସହଯୋଗରେ ହେବାକୁ ଥିବା ମେଗା ଷ୍ଟିଲ ପ୍ଲାଣ୍ଟ ପାଇଁ ଆଜି ପାଟଣା ବ୍ଲକ ଜମୁନାପଶି ପଞ୍ଚାୟତ କୋଡଖମଣ ଗ୍ରାମରେ ନବମ ଗ୍ରାମସଭା ଶାନ୍ତିଶୃଙ୍ଖଳା ଏଣ୍ଡ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଗ୍ରାମସଭାରେ ସହସ୍ରାଧିକ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ । ସେମାନେ କହିଥିଲେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ସୁନାର କେନ୍ଦୁଝର ଗଠନ କରିବାର ନିଷ୍ପତି ସ୍ୱାଗତଯୋଗ୍ୟ ନିଶ୍ଚୟ । ଏଠାରେ ବୃହଦ୍ ଇସ୍ପାତ କାରଖାନା ପ୍ରତିଷ୍ଠା ହେଲେ ଆମକୁ ଦାଦନ ସମସ୍ୟାରୁ ମୁକ୍ତି ମିଳିବ ବୋଲି କହିଛନ୍ତି ଏଣ୍ଡ ୨୦୨୫ - ୨୬ ବିସ୍ଥାପିତ ନିୟମ ଅନୁଯାୟୀ ପାଉଣା ଦେବାପାଇଁ ସେମାନେ ଅନୁରୋଧ କରିଛନ୍ତି । କିପରି ସେମାନଙ୍କ ପିଲାମାନେ ନିଯୁକ୍ତି ପାଇବେ, ଗ୍ରାମରେ ସ୍କୁଲ କଲେଜ ହେବା ସହିତ ଯେଉଁମାନେ ଅଣକୁଶଳୀ ସେମାନଙ୍କୁ ଉପଯୁକ୍ତ ତାଲିମ ସହାୟତା ଦିଆଯାଇ କମ୍ପାନୀରେ ନିଯୁକ୍ତି, ଭତ୍ତା ପ୍ରଦାନ, ଉପଯୁକ୍ତ ମେଡ଼ିକାଲ ସହାୟତା, ପାଣି ଓ ବିଜୁଳି ପ୍ରଦାନ ଏଣ୍ଡ ଜମିର ସଠିକ ମୂଲ୍ୟ ଦେଲେ ଆମର ଜମି ଦେବାରେ କୌଣସି ଅସୁବିଧା ନାହିଁ ବୋଲି ଗ୍ରାମବାସୀ କହିଥିଲେ । ଏହି କାର୍ଯକ୍ରମରେ କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ (ରାଜସ୍ୱ), ସଦର ଉପ ଜିଲ୍ଲାପାଳ ଉମାଶଙ୍କର ଦଳେଇ, ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାୟକ, ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସ କୁମାର ଦଣ୍ଡପାଟ, କେନ୍ଦୁଝର ଜିଲ୍ଲା ପୋଲିସ ସହିତ ତୁରୁମୁଙ୍ଗା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ ଏଣ୍ଡ ଜମୁନାପୋଷି ଗ୍ରାମ ପଞ୍ଚାୟତର ସରପଞ୍ଚ ଶଶୀ ଭୂଷଣ ନାଏକ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ଶାନ୍ତି ଶୃଙ୍ଖଳାର ସହ ସଫଳ କରିଥିଲେ । ୧୫୦ ଏକର ଜମି ଉପରେ ଏହି ବୈଠକ ହୋଇଥିଲା ।

# ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ କେନ୍ଦୁଝର ଶାଖାର କାର୍ଯ୍ୟକାରିଣୀ ବୈଠକ

କେନ୍ଦୁଝର:୧୦/୦୬(ଦିଲ୍ଲୀପ କୁମାର ସାହୁ) - ଗତ ସୋମବାର ଦିନ ଓଡିଶା ପ୍ରାଥମିକ ଶିକ୍ଷକ ସଂଘ, କେନ୍ଦୁଝର ଜିଲ୍ଲା ଶାଖାର ୫୬ତମ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ହଳଦିଆଟାଙ୍ଗିରି, କେନ୍ଦୁଝର ଠାରେ ସଂଘର ସ୍ଥାୟୀ ସଭାପତି ଦିଲ୍ଲୀପ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ସଂଘର ସମସ୍ତ ସଦସ୍ୟ ମାନଙ୍କ ସହ ଜିଲ୍ଲାର ୧୩ଟି ବ୍ଲକର କର୍ମକର୍ତ୍ତା ଓ ଶିକ୍ଷକ ପ୍ରତିନିଧି ଯୋଗଦେଇଥିଲେ । ଅତିଥି ଭାବରେ ରାଜ୍ୟ ସଂଘର ଉପସଭାପତି ମନୋଜ କୁମାର ମହାନ୍ତ ଯୋଗଦାନ କରିଥିଲେ । ସମ୍ପାଦକ ଉମାଶଙ୍କର ମିଶ୍ର ବିବରଣୀ ପଠନ କରିବା ପରେ ସମସ୍ତ ପ୍ରସଙ୍ଗ ଗୁଡିକ ଉପରେ ବିଷଦ ଭାବରେ ଆଲୋଚନା ହୋଇଥିଲା । ବିଶେଷ କରି ଜିଲ୍ଲାରେ ଅଧିକରୁ ଅଧିକ ପିଲା କିପରି ପ୍ରମୋସନ ସୁବିଧା ପାଇବେ, ରାଜ୍ୟ ସରକାରଙ୍କ ପ୍ରାଥମିକ ଶିକ୍ଷକ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ କମିଟିର ରିପୋର୍ଟ ପ୍ରଦାନରେ ଅହେତୁକ ବିଳମ୍ବ, ରାଜ୍ୟ ସ୍ତରୀୟ ଆନ୍ଦୋଳନର ତର୍ଜମା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ନିଷ୍ପତ୍ତି ଗ୍ରହଣ କରାଗଲା । ସଂଘର ବରିଷ୍ଠ ସଦସ୍ୟ ଲୁଲୁ ବାରିକ୍,ବିଜୟ ମିଶ୍ର, ପ୍ରଦୀପ ସାହୁ, ବିରେନ୍ଦ୍ର ସାହୁ,ବିଦ୍ୟାଧର ମହାନ୍ତ,ପ୍ରମୋଦ ମହାନ୍ତ ପ୍ରମୁଖ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।

# ପୁଅର ଆକ୍ରମଣରେ ବାପା ନିହତ

କେନ୍ଦୁଝର/ପାଟଣା:୧୦/୦୬(ଦିଲ୍ଲୀପ କୁମାର ସାହୁ) - ଗତ ସୋମବାର ପ୍ରତ୍ୟୁଷରେ ପାଟଣା ଥାନା ଅଧୀନ ସାହାରପଡ଼ା ବ୍ଲକ ଟଭାସରୁଆ ଗ୍ରାମରେ ଘଟିଯାଇଛି ଏକ ଅଭାବନୀୟ ଘଟଣା । ପୁତ୍ରର ଆକ୍ରମଣରେ ପିତାର ଜୀବନ ଯାଇଛି । ଗ୍ରାମର ଜଣେ ୪୫ ବର୍ଷୀୟ ଯୁବକ ନିଜ ୭୦ ବର୍ଷୀୟ ବୃଦ୍ଧ ପିତାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି । ମୃତକଙ୍କ ନାମ ଧ୍ରୁବ ନାଏକ ବୋଲି ଜଣା ପଡ଼ିଥିବା ବେଳେ ଅଭିଯୁକ୍ତ ଉଦ୍ଧବଙ୍କୁ ଗିରଫ ପାଟଣା ଥାନା ପୋଲିସ ଗିରଫ କରିଛି ।ପ୍ରାପ୍ତ ସୂଚନା ଅନୁଯାୟୀ ଉଦ୍ଧବ ପ୍ରତିଦିନ ବିଳମ୍ବିତ ରାତିରେ ଘରକୁ ଫେରିବାକୁ ନେଇ ବାପ ପୁଅଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ଏବଂ ଉଗ୍ରରୂପ ନେଇଥିଲା । ଏହି ସମୟରେ ଅଭିଯୁକ୍ତ ଉଦ୍ଧବ ତାଙ୍କ ବାପାଙ୍କୁ ଏକ ଲୁହା ରଡରେ ଆକ୍ରମଣ କରିଥିଲା, ଫଳରେ ଘଟଣାସ୍ଥଳେ ଧ୍ରୁବଙ୍କର ମୃତ୍ୟୁ ହୋଇଥିଲା ।

# ଖୋଲା କୂଅ ଉପରେ ପ୍ରଶାସନର ଦୃଷ୍ଟି ପଡିବ କେବେ

ପଣ୍ଡାପଡା ୧୦/୦୬ (ପୁରୁଷୋତ୍ତମ ମହାନ୍ତ )କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ସୁନାଟାଙ୍ଗିରି ଗ୍ରାମ ପଞ୍ଚାୟତ ସୁନାଟାଙ୍ଗୀରି ଖଳାପଶି ସାହି ନାଳ ନିକଟରେ ଥିବା ଏକ ବହୁ ପୁରାତନ କାଳରୁ ଏକ ପଥର ବନ୍ଧା କୂଅ ନିର୍ମାଣ ହୋଇଛି ହେଲେ ସମ୍ପୂର୍ଣ୍ଣ ଖୋଲା ଥିବାରୁ ପ୍ରତିଦିନ ଗାଇ ବଳଦ ପଡି ଏହି କୂଅରେ ପ୍ରାଣ ହରାଉଥିବା ସ୍ଥାନୀୟ ଲୋକ ଗୁପ ଖଣ୍ଡେଇ, ରାହାସ ନାଏକ, ଶତ୍ରୁଘନ ନାଏକ, ଭଜ ନାଏକ, ସଙ୍କରଷଣ ଖଣ୍ଡେଇ, ଚତୃରଭୁଜ ନାଏକ,ପରମାନନ୍ଦ ଖାଟୁଆ, ପହଲା ନାଏକ, ଗିନା ନାଏକ, ବ୍ରଜକିସର ନାଏକ ବାରମ୍ବାର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚଙ୍କ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା ଏହି ଖୋଲା କୂଅ ପ୍ରତି କାହାରି ଦୃଷ୍ଟି ପଡୁନି ବୋଲି ସାଧାରଣ ଚର୍ଚ୍ଚା ହେଉଛି ।

# ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର ସଂଘବଦ୍ଧଭାବେ ହତ୍ୟା ସନ୍ଦେହ

ବଡ଼ବିଲ:୧୦/୬:( ସରୋଜ କୁମାର ମହାପାତ୍ର): କେନ୍ଦୁଝରଜିଲ୍ଲା ବଡ଼ବିଲ ଥାନା ଅନ୍ତର୍ଗତରେ କ୍ଷତବିକ୍ଷତ ଅବସ୍ଥାରେ ଜଙ୍ଗଲ ମଧ୍ୟରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ବଡ଼ବିଲ ପୋଲିସ୍ । କେନ୍ଦୁଝରଜିଲ୍ଲା ବଡ଼ବିଲ ଥାନା ଅନ୍ତର୍ଗତ ଭଦ୍ରାସାହି ପଞ୍ଚାୟତ ଫୁଲୱାଡ଼ି ମୁଣ୍ଡାସାହି ଖେଳ ପଡ଼ିଆ ନିକଟ ଜଙ୍ଗଲରେ ଜଣେ ଯୁବକର କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରିଛି ପୋଲିସ । ଖେଳ ପଡ଼ିଆରେ ହତ୍ୟା କରାଯାଇ ପରେ ମୃତଦେହକୁ ଘୋଷାଡ଼ି ଜଙ୍ଗଲ ଭିତରକୁ ଫିଙ୍ଗିଥିବା ସନ୍ଦେହ କରାଯାଉଛି । ଘଟଣାସ୍ଥଳରେ ବଡବିଲ ଥାନା ଅଧିକାରୀ ଅଶୋକ କୁମାର ନାୟକ ସଦଳବଳେ ପହଞ୍ଚି ପାରିପାର୍ଶ୍ୱିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ମୃତକର କୌଣସି ପରିଚୟ ମିଳିପାରିନାହିଁ । ପୋଲିସ୍ ମୃତ ଯୁବକର ଶରୀରକୁ ଜବତ୍ କରି ଶବ ସଂରକ୍ଷଣ ଗୃହକୁ ପଠାଇଥିବା ବେଳେ ଘଟଣା ସମ୍ପର୍କରେ ବଡ଼ବିଲ ପୋଲିସ୍ ଅଧିକ ତଦନ୍ତ ଚଳାଇଥିବା ନେଇ ସୂଚନା ।

# ବୋଲେରୋ ଭିତରୁ ମୁମୂର୍ଷୁ ଅବସ୍ଥାରେ ୬ ଗୋରୁ ଉଦ୍ଧାର



କେନ୍ଦୁଝର/ଘଟଗାଁ:୧୦/୦୬(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ପିପିଳିଆ ପୋଇପାଣି ରାସ୍ତାରେ ପିପିଳିଆ ଠାରୁ ମାତ୍ର ୧ କିମି ଗଲାପରେ ରାସ୍ତାକଡରେ ଛିଡା ହୋଇଥିବା ଏକ ବୋଲେରୋ ଭିତରୁ ଅତି ମୁମୂର୍ଷୁ ଅବସ୍ଥାରେ ୬ ଟି ଗୋରୁଙ୍କୁ ଘଟଗାଁ ଥାନା ପୋଲିସ ଉଦ୍ଧାର କରିଛି କ୍ଷ ତେବେ ଗତକାଲି ଭୋର ସମୟରେ ବୋଲେରୋ ନମ୍ବର ଓଆର୦୫ଏଜି ୫୮୯୯ ଯୋଗେ ଗେକ୍ଷ ମାଫିଆ ମାନେ ଗୋରୁନେଇ ତୁରୁମୁଁଙ୍ଗା ଅଭିମୁଖେ ଯାଉଥିବା ବେଳେ ଉକ୍ତ ସ୍ଥାନରେ ବୋଲେରୋ ଗାଡ଼ିଟିର ପଛଚକା ଫାଟି ଯାଇଥିଲା କ୍ଷ ସେହି ସମୟରେ ଘଟଗାଁ ଥାନା ଅଧିକାରୀ ଶୁଭ୍ରାଂଶୁ କୁମାର ଜେନା ସେହି ରାସ୍ତାଦେଇ ଯାଉଥିବା ବେଳେ ମାଫିଆମାନେ ପୋଲିସକୁ ଦେଖି ଦୌଡ଼ି ପଳାଇ ଯାଇଥିଲେ କ୍ଷ ଥାନା ଅଧିକାରୀ ଦୟନୀୟ ଅବସ୍ଥାରେ ଗୋରୁ ମାନଙ୍କୁ ବନ୍ଧା ହୋଇଥିବାର ଦେଖିଥିଲେ କ୍ଷ ଘଟଗାଁ ଥାନା ପୋଲିସ ଗୋରୁ ମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାରକରି ପଡ଼ୋଶୀ ଜିଲ୍ଲାର କରଞ୍ଜିଆ ଠାରେ ଥିବା ଗୋଶାଳକ୍ଷକୁ ପଠାଇଛନ୍ତି କ୍ଷ ବୋଲେରୋ ଗାଡ଼ିଟିକୁ ଢେଙ୍କିକୋଟ ଫାଣ୍ଡିକୁ ନିଆଯାଇ ସେଠାରେ ରଖାଯାଇଥିବା ଜଣା ପଡିଛି ।

# ବିର୍ସା ମୁଣ୍ଡାଙ୍କ ସହିଦ ଦିବସ

ବାଂଶପାଳ, ୧୦/୬(ଶୂନ୍ୟରଞ୍ଜନ ଘଣା ): ବାଂଶପାଳ ବ୍ଲକ୍ ତଳଚମ୍ପେଇ ପଞ୍ଚାୟତ କଣ୍ଟାକୋଳିଠାରେ ସଂଗ୍ରାମୀ ତଥା ଆଦିବାସୀ ଜନନାୟକ ବିର୍ସା ମୁଣ୍ଡାଙ୍କ ୧୨୬ତମ ସହିଦ ଦିବସ ପାଳନ ହୋଇଛି । ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଦିବାସୀ ହୋ' ସମାଜର ଜିଲ୍ଲା ସଭାପତି ଗୌରଚନ୍ଦ୍ର ମୁଣ୍ଡା ଯୋଗଦେଇ ବିର୍ସା ମୁଣ୍ଡାଙ୍କ ଆତ୍ମଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥିଭାବେ ତଳଚମ୍ପେଇ ସରପଞ୍ଚ ସୁଜାତା ମୁଣ୍ଡା ଯୋଗଦେଇ ଏହି ଜନନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ କରିଥିଲେ । ଶିକ୍ଷାକୁ ଗୁରୁତ୍ୱ ଦେବାସହ ଆଦିବାସୀ ଭାଇଭଉଣୀମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଆହ୍ୱାନ କରିଥିଲେ । ହୋ' ସମାଜର ବରିଷ୍ଠ ସଦସ୍ୟ ରମେଶ ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗମିୟା ମୁଣ୍ଡା, ଶଙ୍କରା ମୁଣ୍ଡା, ବରଜୁ ମୁଣ୍ଡା, ରୀନା ମୁଣ୍ଡା, ମିନତି ମୁଣ୍ଡା, ବୁଧୁନି ମୁଣ୍ଡା, ଏସ୍‌ଏଚ୍‌ଜି ସଦସ୍ୟା, ଗ୍ରାମବାସୀ ସାମିଲ ହୋଇଥିଲେ ।

ଅକ୍ଷର

AKHYARA ODISHA ଓଡ଼ିଶା

## ବିଦ୍ୟୁତ ସଂସ୍ପର୍ଶରେ ଆସି ଦୁଇ ମଇଁଷି ମୃତ

ବାଲିଗୁଡା ୧୦।୦୬(ବିଭୂତି ଲହରିଆ )ବାଲିଗୁଡା ଥାନା କତେରଭଟା ଅଂଚଳ ରେ ଏକ ଅଭାବନୀୟ ଘଟଣା ଘଟିଛି ।ତଳେ ଛିଣ୍ଡି ପଡ଼ିଥିବା ତେତିଶି କେଭି ବିଦ୍ୟୁତ ତାର ସଂସ୍ପର୍ଶ ରେ ଆସି ଦୁଇ ମଇଁଷି ର ମୃତ୍ୟୁ ହୋଇଛି କ୍ଷ ବାଲିଗୁଡା ଥାନା କତେରୀଭଟା ଗାଁ ନିକଟସ୍ଥ ଡାବୁଡାକା ଘାଟି ରେ ମଇଁଷି ଚରୁଥିବା ବେଳେ ବିଦ୍ୟୁତ ଆଘାତ ଲାଗିଥିଲା କ୍ଷ କତେରୀଭଟା ଗାଁ ର ବିଜେନ୍ଦର ମଲିକ ଙ୍କ ଦୁଇ ଗୋଟି ମଇଁଷି ଘଟଣା ସ୍ଥଳରେ ହିଁ ପ୍ରାଣ ହରେଇଛନ୍ତି କ୍ଷ ତେବେ ଅଘଟଣ ଘଟିବା ପରେ ବିଦ୍ୟୁତ ବିଭାଗ ର କର୍ମଚାରୀ ପହଂଚି ୩୩କେଭି ବିଦ୍ୟୁତ ତାର ହଟେଇଥିବା ଜଣା ପଡିଛି କ୍ଷ ତେବେ ବିଦ୍ୟୁତ ଆଘାତ ରେ ମୃତ ଦୁଇ ମଇଁଷି ର କ୍ଷତି ପୂରଣ ଯୋଗାଇଦେବା କୁ ଦାବି କରିଛନ୍ତି ଗ୍ରାମବାସୀ ଦାବୀ କରିଛନ୍ତି ।

## ବଡରମା ବନ ବିଭାଗକୁ ବଡ ସଫଳତା

### ଅଭୟାରଣ୍ୟରେ ବନ୍ୟଜନ୍ତୁ ଶିକାର, ଦେଶୀ ବନ୍ଧୁକ ଜବତ

ଜମନକିରା, ୧୦ ।୬ (ଚତୁର୍ଭୁଜ ଜୟପୁରିଆ ) ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ବଡରମା ଅଭୟାରଣ୍ୟରେ ବନ୍ୟଜନ୍ତୁ ଶିକାର ରୋକିବା ଓ ଶିକାରୀଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ବନ ବିଭାଗ ପକ୍ଷରୁ ଲଗାଯାଇଥିବା ଟ୍ରାପ୍ କ୍ୟାମେରାରେ ଏକ ବଡ଼ ଶିକାର ଘଟଣାର ପ୍ରମାଣ ମିଳିବା ପରେ କ୍ୟାମେରାରେ କଏଦ ହୋଇଥିବା କିଛି ବ୍ୟକ୍ତିଙ୍କୁ ବନ୍ୟ ବରାହର ମୃତଦେହ ଏବଂ ଦେଶୀ ବନ୍ଧୁକ ସହ ଦେଖିବାକୁ ମିଳିଥିଲା ।ଏହି ଫଟୋ ଆଧାରରେ ବନ ବିଭାଗ ତଦନ୍ତ କରି ଅଭିଯୁକ୍ତମାନଙ୍କ ପରିଚୟ ନିଶ୍ଚିତ କରିଥିଲା । ବାମରା ବନ୍ୟଜନ୍ତୁ ବିଭାଗର ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ୍ ଆଲୋକ କୁମାର ସାରଙ୍ଗୀ ଏବଂ ବଡରମା ବନ୍ୟଜନ୍ତୁ ରେଞ୍ଜ ଅଧିକାରୀ ଗିରିଧାରୀ ପାଧାନଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଅଭିଯାନ ଚାଲାଯାଇଥିଲା ।ଏହି ଅଭିଯାନରେ ୮ ଜୁନ ୨୦୨୬ ତାରିଖରେ ଉଡସୁଙ୍ଗ ଓ ଲାଇଝାର ଗ୍ରାମରୁ ମୋଟ ୬ ଜଣଙ୍କୁ ଗିରଫ କରାଯାଇଥିଲା । ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଉଡସୁଙ୍ଗ ଗ୍ରାମର ଅରୁଣ ମାଝୀ, ଅଭୟ ମାଝୀ, ଗଣେଶ ପଟ୍ଟା, ସୁରେନ୍ଦ୍ର ପାଢ଼ାନ ଓ କୁବେର ଖଣ୍ଡା ଏବଂ ଲାଇଝାର ଗ୍ରାମର ମନୋଜ କୁଆଁର ।ଅଭିଯୁକ୍ତମାନଙ୍କ ବିରୋଧରେ ବନ୍ୟପ୍ରାଣୀ ସୁରକ୍ଷା ଆଇନ-୧୯୭୨ ଅନୁଯାୟୀ ଓଆର୍ କେସ୍ ନଂ-୨୦ (ବିଡି), ୨୦୨୬-୨୭ ରୁଜୁ କରାଯାଇଛି । ସମସ୍ତ ଅଭିଯୁକ୍ତଙ୍କୁ କୁଚିଣ୍ଡା ଏସ୍‌ଡିଜେଏମ୍ ଅଦାଲତରେ ହାଜର କରାଯିବ ବୋଲି ବନ ବିଭାଗ ସୂଚନା ଦେଇଛି ।ବନ୍ୟଜନ୍ତୁ ଶିକାର ବିରୋଧରେ ବନ ବିଭାଗର ଏହି କଡ଼ା କାର୍ଯ୍ୟାନୁଷ୍ଠାନ ଅଭୟାରଣ୍ୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଅନ୍ୟ ପକ୍ଷରେ ବନ ବିଭାଗ ପକ୍ଷରୁ ଏହି ଅଭିଯାନ ପରେ ଅଞ୍ଚଳରେ ଥିବା ଶିକାରୀ ଏବଂ ବେ ଆଇନ ବନ୍ଧୁକ ଧାରିଙ୍କ ମନରେ ଛନକା ପଶିଥିବା କୁହା ଯାଉଛି । ଅଭିଯୁକ୍ତଙ୍କୁ ମେଡିକାଲ ଯାଞ୍ଚ ପରେ ହାଜତ କୁ ପଠାଇ ଦିଆଯାଇଥିଲା ।

## ସଂପୁର ପ୍ରସିଦ୍ଧ ରଜ ମହୋତ୍ସବ ୧୩ରୁ ଆରମ୍ଭ



ବୋଲଗଡ ୧୦।୦୬ (ଯଦୁନାଥ ସାମନ୍ତରାୟ ) ବୋଲଗଡ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମର ପ୍ରସିଦ୍ଧ ରଜ ମହୋତ୍ସବ ୬ ଦିନ ଧରି ମହା ଆଡମ୍ବର ସହକାରେ ଅନୁଷ୍ଠିତ ହେବ । ପୁରୁଷନୁକ୍ରମେ ଗଣ ପର୍ବ ରଜ ଉତ୍ସବକୁ ସଂପୁର ଗ୍ରାମବାସୀମାନେ ଆଜି ପର୍ଯ୍ୟନ୍ତ ବଜାୟ ରଖି ଅଛନ୍ତି୍‌ଧି ପରମ୍ପରା ଅନୁସାରେ ଚାରିଦିନ ଧରି ସନ୍ଧ୍ୟା ସମୟରେ ଗ୍ରାମର ଇଷ୍ଟ ଦେବୀ ବିରମାଳା ଠାକୁରାଣୀଙ୍କ ତ୍ରିଶୁଳ ନିମନ୍ତ୍ରଣରେ ମା' ବାଉତି ଠାକୁରାଣୀଙ୍କୁ ସୁସଜ୍ଜିତ ଦୋଳ ମେଢ଼ରେ ବସାଇ ବିରାଟ ପଟୁଆରରେ ଗ୍ରାମ ପରିକ୍ରମା କରି ରଜ ପଡିଆ ମଣ୍ଡପରେ ବିରାଜମାନ କରିବେ କ୍ଷ ସଂପୁର ଗ୍ରାମର ପ୍ରସିଦ୍ଧ ରଜ ପର୍ବକୁ ଗ୍ରାମବାସୀମାନେ ମିଳିତ ଭାଇଚାରା ଭାବରେ ପାଳନ କରିଆସୁଛନ୍ତି । ରଜ ପର୍ବ ଆରମ୍ଭ ଦିବସ ରୁ ପ୍ରତିଦିନ ଗ୍ରାମବାସୀମାନେ କୁଟୁମ୍ବ ଓ ପରିବାର ସହିତ ମିଳିତ ଭାବେ ପିଠା,ମିଠା ଓ ବିଭିନ୍ନ ବ୍ୟଞ୍ଜନ ଆଦି ସମସ୍ତେ ଏକାଠି ବସି ଭୋଜନ କରନ୍ତି କ୍ଷ ରଜପାନ, ରଜଦୋଳି ଖେଳି ଖୁସି ମନାଇବା ଥାନ୍ତି । ଚଳିତ ବର୍ଷ ରଜ ମହୋତ୍ସବ ରାତ୍ରିରେ ୬ ଦିନ ଧରି ଗ୍ରାମର ଯୁବକମାନଙ୍କ ଦ୍ୱାରା ସାମାଜିକ ନାଟକ ପରିବେଷଣ କରାଯିବ । ତେ୍ୱ ନାଟକ ପରିବେଷଣ ପାଇଁ ଗ୍ରାମର ଯୁବକମାନଙ୍କ ଦ୍ୱାରା ପ୍ରସ୍ତୁତି ଜୋରସୋର ଚାଲିଛି । ସନ୍ଧ୍ୟା ହେଲେ ଅଭିଜ୍ଞ ନାଟ୍ୟ ନିର୍ଦେଶକଙ୍କ ନିର୍ଦେଶନାରେ ୬ ଗୋଟି ସାହି କୋଠ ଘରେ ଆଖଡ଼ାରେ କମ୍ପୁଛି ।୧୩ତାରିଖରେ ମହାନ୍ତିସାହି ସାଂସ୍କୃତିକ ସଂଘ ପକ୍ଷରୁ ରଜ ପୂର୍ବ ରାତ୍ରିରେ 'ସ୍ୱାମୀ ପାଇଁ ପଛେ ନର୍କକୁ ଯିବି ' ସାମାଜିକ ନାଟକ ପରିବେଷଣ ହେବାକୁ ଥିବାବେଳେ ୧୪ତାରିଖରେ ପ୍ରଥମ ରଜ ଉଦ୍ ଘାଟନୀ ଶୁଭ ସନ୍ଧ୍ୟାରେ ରଜ ପଡିଆରେ ସୁନାମ ଧନ୍ୟ କଳାକାରମାନଙ୍କ ଦ୍ୱାରା ପୌରାଣିକ ନାଟକ ଓ ବାଉତି ଯୁବକ ସଂଘ ପକ୍ଷରୁ 'ଛାତିର କୋହକୁ ଦେଖିଛି କିଏ ', ୧୫ତାରିଖରେ ବ୍ରାହ୍ମଣ ସାହି ଶ୍ରୀ ଶ୍ରୀ ଗୋପୀନାଥ ଜୀଉଙ୍କ କଳାପରିଷଦ ପକ୍ଷରୁ 'ସବୁ ଅଙ୍କ ଭୁଲ ହୋଇଗଲା ୧୬ ତାରିଖରେ ମା' ବିମଳାଇ ନାଟ୍ୟ ପରିଷଦ ପକ୍ଷରୁ 'ସିନ୍ଦୁର ହଜିଲା ଶୁଭ ରାତିରେ ',ଓ ୧୮ତାରିଖ ଉଦଯାପନୀ ସନ୍ଧ୍ୟାରେ ଶ୍ରୀ ଶ୍ରୀ ଜଗନ୍ନାଥ ନୃତ୍ୟ କଳା ପରିଷଦ ପକ୍ଷରୁ 'ବ୍ରହ୍ମପୁର ପ୍ରସିଦ୍ଧ ମଡ଼ର୍ନ' ଡ୍ୟାନ୍ସ' ଓ ବିଳମ୍ବତ ରାତ୍ରିରେ ଗୋପବନ୍ଧୁ କ୍ଲବ ପକ୍ଷ ରୁ' ଯେତେ କାନ୍ଦିଲେ ବି ଲୁହ ସରୁନି ଆଦି' ସମାଜିକ ନାଟକ ପରିବେଷଣ ହେବାକୁ ଥିବାବେଳେ ଓଡ଼ିଶାର ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ।

## ନରସିଂହପୁରରେ ଅବକାରୀ ଚଢଉ ଦେଶୀ ମଦ ଜବତ ୩ ଗିରଫ

ଆଠଗଡ଼୧୦।୦୬(ଅକ୍ଷର ଓଡ଼ିଶା) ନରସିଂହପୁର ଅବକାରୀ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢଉ କରି ୩୯ ଲିଟର ଚୋରା ଦେଶୀ ମଦ ଜବତ କରାଯିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି ।ନରସିଂହପୁର ଅବକାରୀ ଅଧିକାରୀ ସୌମ୍ୟରଞ୍ଜନ ବେହେରାଙ୍କ ନେତୃତ୍ୱରେ ଅବକାରୀ ବିଭାଗ କର୍ମଚାରୀ ଶାଶ୍ୱତୀ ମହାନ୍ତି,ଗଜାନନ ବେହେରା ପ୍ରମୁଖ ନୂଆପଲ୍ଲି ଗ୍ରାମ ରେ ଚଢ଼ଉ କରି ଅଶୋକ କୁମାର ବେହେରା(୪୪)ଙ୍କ ଠାରୁ ୧୬ ଲିଟର ଦେଶୀ ମଦ ଜବତ କରିବା ସହ ଗିରଫ କରାଯାଇଥିଲା ।ଘୋରାଡ଼ିଆ ଗ୍ରାମରେ ଚଢ଼ଉ କରି ଶୈଳ ବେହେରା(୬୦) ୮ଲିଟର ଦେଶୀ ମଦ ଜବତ କରିବା ସହ ଗିରଫ କରିଥିବା ବେଳେ କାନପୁର ଥାନା ଅନ୍ତର୍ଗତ ପାଇକ ବାରବାଟୀ ଗ୍ରାମର ଗିରିଧାରୀ ଭୋଳ (୫୦)ଙ୍କ ଠାରୁ ୧୫ ଲିଟର ଦେଶୀ ମଦ ଜବତ କରିବା ସହ ଗିରଫ କରିଛି ।

## ୪୨ ମୌଜା ବିକାଶ ପରିଷଦର ରୌପ୍ୟ ଜୟନ୍ତୀ ସମାରୋହ ଉଦ୍‌ଯାପିତ

କଟକ ସଦର ୧୦।୦୬(ଅକ୍ଷର ଓଡ଼ିଶା) : କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜା ବିକାଶ ପରିଷଦ ଦ୍ୱାରା ଦୁଇ ଦିନ ଧରି ପାଳିତ ହେଉଥିବା ରୌପ୍ୟ ଜୟନ୍ତୀ ଉତ୍ସବ ମହାସମାରୋହରେ ଉଦଯାପିତ ହୋଇଯାଇଛି । ଏହି ଅବସରରେ ପରିଷଦର ସଭାପତି ଆଇନଜୀବୀ କେଶବ ଚନ୍ଦ୍ର କରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ, ମାନବାଧିକାର କମିସନର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ଶତ୍ରୁଘ୍ନ ପୂଜାରୀ ମୁଖ୍ୟ ଅତିଥି ଭାବରେ ଯୋଗେ ଦେଇଥିବା ବେଳେ, ପ୍ରଫେସର ଡଃ ହରେକୃଷ୍ଣ ଶତପଥୀ ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରିଥିଲେ ।ସମ୍ମାନିତ ଅତିଥି ଭାବରେ, ବିଶିଷ୍ଟ କଣ୍ଠଶିଳ୍ପୀ ତଥା ଅଭିନେତା ଶ୍ରୀକାନ୍ତ ଗୌତମ ଏବଂ ଅସିତ୍ ଜେନା (ଭାଇରାଲ୍ ବାବା)ଯୋଗଦାନ କରିଥିଲେ ।ଡଃ ବନପ୍ରଭା ପରିଡା ସଭା ସଞ୍ଚାଳନ କରିଥିଲେ ।ଏହି ଉତ୍ସବରେ ବୟାଳିଶ ମୌଜା ଅଞ୍ଚଳର ବିଭିନ୍ନ ସ୍କୁଲରେ ସର୍ବୋଚ୍ଚ ନମ୍ବର ରଖିଥିବା ୯୬ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହିତ ଯୁକ୍ତ ୨ ଓ ଯୁକ୍ତ ୩ କଳା ଓ ବିଜ୍ଞାନ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଛାତ୍ରୀ ମାନଙ୍କ ପାଇଁ ପୁରସ୍କାର ରାଶି ଓ ଟ୍ରଫି ପ୍ରଦାନ କରାଯାଇଥିଲା ।ଏଥିସହିତ କଟକ ସଦର ଅଞ୍ଚଳରେ ଥିବା ସମସ୍ତ ସ୍କୁଲ ମାନଙ୍କ ରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଛାତ୍ରୀ ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।ସନ୍ଧ୍ୟାରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଭାଷଣ ଓ ନୃତ୍ୟ କାର୍ଯ୍ୟକ୍ରମ ରଖାଯାଇଥିଲା ।ପରେ ପରେ, କନ୍ଦରପୁର ସ୍ଥିତ ସରସ୍ୱତୀ କଳା ପରିଷଦର କଳାକାର ମାନଙ୍କ ଦ୍ୱାରା, ନୃତ୍ୟ ଗୁରୁ ଅଶୋକ ପଟ୍ଟନାୟକଙ୍କ ପ୍ରେରଣା କ୍ରମେ ନୃତ୍ୟ ପରିବେଷଣ କରାଯାଇଥିଲା ।ବରିଷ୍ଠ ସଭ୍ୟ ରବିନ୍ଦ୍ର ଦେବତା ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ସରତ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଅବସରରେ, ବିକାଶ ପରିଷଦର ଉପସଭାପତି ଗୌତମ ଚରଣ ପରିଡା, ସହସମ୍ପାଦକ ସୁରେଶ ଚନ୍ଦ୍ର ଦେବତା, କୋଷାଧ୍ୟକ୍ଷ ଭଜକୃଷ୍ଣ ଲେଙ୍କା, ସଂଯୋଜକ ନିକୁଞ୍ଜ ସ୍ୱାଇଁ, ଉପଦେଷ୍ଟା ସେକ୍ କଲିମୁଲ୍ଲକ୍ଷ,ଇଂ ଅଶୋକ କୁମାର ବିଶ୍ୱାଳ, ପ୍ରସନ୍ନ ଦଳେଇ, ଧୀରେନ୍ଦ୍ର ଦେବତା, ସାଗର କାନୁନଗୋ, ସୃଜନ ରାଉତ, କୃଷ୍ଣ ଚନ୍ଦ୍ର ଦାସ, ପ୍ରାଧ୍ୟାପକ ବିଜୟ କୁମାର ଦାସ, ବିକ୍ରମ କିଶୋର ପତି, ସୁନିତ କୁମାର ପତି, ବସନ୍ତ ଦେବତା, ଅକ୍ଷୟ ମୁଦୁଲି, ସ୍ୱାର୍ଥମୁକ୍ତ ସେଠୀ, ହେମନ୍ତ ପାତ୍ର, ଅଶୋକ କୁମାର ସେଠୀ, ବିଶ୍ୱଜିତ ପତି, ସୁଶାନ୍ତ ସ୍ୱାଇଁ, ସତ୍ୟବ୍ରତ ମହାନ୍ତି, ଶୁକଦେବ ମହାରଣା, ନାରାୟଣ ଭୋଇ, ତ୍ରିଲୋଚନ ଦଳେଇ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ କୁ ସୁଚାରୁରୂପେ ପରିଚାଳନା କରିଥିଲେ ବୋଲି ସମ୍ପାଦକ ସନ୍ତୋଷ କୁମାର ପତି ଙ୍କ ଠାରୁ ଜାଣିବାକୁ ମିଳିଛି ।

## ବିଭିନ୍ନ ସମସ୍ୟା ନେଇ ବିଧାୟକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ଫିରିଙ୍ଗିଆ,୧୦।୦୬ (ମନୋଜ ସାହୁ): କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ସୁମେରବନ୍ଧ ପଞ୍ଚାୟତର ବିଭିନ୍ନ ଜନସମସ୍ୟାର ସମାଧାନ ଦାବି କରି ଗ୍ରାମବାସୀମାନେ ବିଧାୟକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ବିଧାୟକ ପ୍ରତିନିଧି ଶ୍ରୀ ପ୍ରଶାନ୍ତ କୁମାର କର୍ମ ଙ୍କ ଜରିଆରେ ଏହି ଦାବିପତ୍ର ହସ୍ତାନ୍ତର କରାଯାଇଥିଲା ।ସୂଚନା ଅନୁଯାୟୀ, ସୁମେରବନ୍ଧ ପଞ୍ଚାୟତର ବଜଡି ଗ୍ରାମରେ ଦୀର୍ଘଦିନ ଧରି ଅନେକ ମୌଳିକ ସମସ୍ୟା ଲାଗି ରହିଛି । ବିଶେଷକରି ରବିଲାଦାରୁ ତେମାଙ୍ଗି ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ଦାବି ଜୋର ଧରିଛି । ସେହିପରି ବଜଡି ପ୍ରାଥମିକ ବିଦ୍ୟାଳୟ ବନ୍ଦ ହୋଇଯିବା ପରେ ନିକଟବର୍ତ୍ତୀ ଅଞ୍ଚଳରେ ଅନ୍ୟ କୌଣସି ବିଦ୍ୟାଳୟ ନଥିବାରୁ ଛାତ୍ରଛାତ୍ରୀମାନଙ୍କୁ ପ୍ରାୟ ୬ କିଲୋମିଟର ଦୂରକୁ ଯାଇ ପାଠପଢ଼ିବାକୁ ପଡୁଛି । ଫଳରେ ଶିକ୍ଷାଗ୍ରହଣରେ ବହୁ ଅସୁବିଧା ସୃଷ୍ଟି ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।ଏହି ସମସ୍ତ ସମସ୍ୟାର ଶୀଘ୍ର ସମାଧାନ ଦାବି କରି ଗ୍ରାମବାସୀମାନେ ବିଧାୟକ ପ୍ରତିନିଧି ଶ୍ରୀ ପ୍ରଶାନ୍ତ କୁମାର କର୍ମ ଙ୍କୁ ଗ୍ରାମକୁ ଆମନ୍ତ୍ରଣ କରିଥିଲେ । ସେ ଗ୍ରାମ ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ଅଭିଯୋଗ ଶୁଣିବା ସହ ବିଧାୟକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଗ୍ରହଣ କରିଥିଲେ ।ଏହି ଅବସରରେ ଗ୍ରାମର ମୁଖିଆ ଚକ୍ର ପ୍ରଧାନ, ଚିତ୍ରସେନ ପ୍ରଧାନ, ରବିଦଳ ବେହେରା, ଇରାନ ପ୍ରଧାନ, ଯୁବ ସମାଜସେବୀ ଚିତ୍ରସେନ ଦଳବେହେରାଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ । ଦାବିପତ୍ରରେ ଉଲ୍ଲେଖିତ ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ଓ ଜନପ୍ରତିନିଧିଙ୍କ ହସ୍ତକ୍ଷେପ ଦାବି କରାଯାଇଛି ।

## ସଫଳ ପିଢ଼ିଙ୍କୁ ଭବ୍ୟ ସମ୍ବର୍ଦ୍ଧନା

### ବିଞ୍ଝାରପୁରର ଗୌରବ ବଢ଼ାଇଥିବା ପ୍ରତିଭାଙ୍କୁ ସମ୍ମାନ

ବିଞ୍ଝାରପୁର,୧୦।୬ (ଅକ୍ଷର ଓଡିଶା ): ନବ ଅନ୍ୱେଷ ପ୍ରତିଭା ଅନ୍ୱେଷଣ ସଂସଦ ପକ୍ଷରୁ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ) ଓ ଯୁକ୍ତଦୁଇ ପରୀକ୍ଷାରେ ସଫଳତା ହାସଲ କରି ବିଞ୍ଝାରପୁର



ଅଞ୍ଚଳକୁ ଗୌରବାନ୍ୱିତ କରିଥିବା ପ୍ରତିଭାମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଯାଇଛି । ଅରେଇସ୍ଥିତ ବାବା ବରୁଣେଶ୍ୱର କଲ୍ୟାଣ ମଣ୍ଡପରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିରୋଧୀ ଦଳର ମୁଖ୍ୟ ସଚେତକ ତଥା ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇ ସଫଳ ପ୍ରତିଭାମାନଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରିଥିଲେ । ସେ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତରେ ଅଧିକ ସଫଳତା ହାସଲ କରିବା ପାଇଁ ଶୁଭେଚ୍ଛା ଜଣାଇଥିଲେ କାର୍ଯ୍ୟକ୍ରମରେ ବିଞ୍ଝାରପୁର ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଉପାଧ୍ୟକ୍ଷ ସେଖ ଏରସାଦ, ସମାଜସେବୀ ରବୀନ୍ଦ୍ର ପରିଡ଼ା, ପ୍ରଦୀପ ମହାନ୍ତି ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଆହୁରି ଉଚ୍ଚ ଶିଖର ଛୁଇଁବା ପାଇଁ ପ୍ରେରଣା ଦେଇଥିଲେ ।ସୂଚନା ଅନୁଯାୟୀ, ଚଳିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ସ୍ୱାଗତିକା ଧଳ, ଅନ୍ୱେଷା ରାଉତ ଓ ପିଆର୍ ପ୍ରୟାସ ସଫଳତା ଅର୍ଜନ କରିଥିବାବେଳେ କ୍ରୀଡ଼ା କ୍ଷେତ୍ରରେ ସତ୍ୟଜିତ ସାହୁ ଅନ୍ତର୍ଜାତୀୟ ସ୍ତରରେ କୃତିତ୍ୱ ହାସଲ କରି ବିଞ୍ଝାରପୁର ପାଇଁ ଗୌରବ ଆଣିଛନ୍ତି ।ଅନ୍ୟପକ୍ଷରେ, ଚଳିତ ବର୍ଷ ଯୁକ୍ତଦୁଇ ପରୀକ୍ଷାରେ ବିଞ୍ଝାରପୁର ଅଞ୍ଚଳର ପ୍ରାୟ ୧୦ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ସଫଳତା ପାଇଛନ୍ତି । ସେମାନଙ୍କ ମଧ୍ୟରେ ଶୁଭଶ୍ରୀ ଦାସ, ପ୍ରିୟମ୍ବଦା ସାହୁ, ସତ୍ୟଜିତ ଦାସ, ସ୍ନେହା ପ୍ରିୟଦର୍ଶିନୀ ବାରିକ, ଦୀପ୍ତିପ୍ରଭା ପାତ୍ର, ଅନିତେଶ ରାଉଳ, ସ୍ୱାତୀ ସୁମନ ମଲ୍ଲିକ, ମୌସୁମୀ ପ୍ରିୟଦର୍ଶିନୀ, ଆଦ୍ୟାଶା ଭୂୟାଁ ଓ ସାଇ ପ୍ରକାଶ ବେଉରିଆ ପ୍ରମୁଖ ରହିଛନ୍ତି । ଏହି ସମସ୍ତ ସଫଳ ପ୍ରତିଭାଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା ।

## ତରଭା ବାର୍ଷିକ ଉତ୍ସବ ପାଇଁ ମାହେଶ୍ୱରୀ ସାମାଜିକ ସଙ୍ଗଠନର ଜିଲ୍ଲାପାଳଙ୍କୁ ନିମନ୍ତ୍ରଣ



ସୁବର୍ଣ୍ଣପୁର:୧୦।୦୬(ସଂଗ୍ରାମ ମହାପାତ୍ର) ପ୍ରତିଷ୍ଠାତା ସ୍ୱର୍ଗୀୟ ଲଳିତ ନାୟକଙ୍କ ବଲାଙ୍ଗିର ର ମାହେଶ୍ୱରୀ ସାମାଜିକ ସଙ୍ଗଠନ ର ବଲାଙ୍ଗିର ଜିଲ୍ଲା କର୍ମକର୍ତ୍ତା ଓ ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ କର୍ମକର୍ତ୍ତା ଆଜି ପହଞ୍ଚି ସୁବ ର୍ଣ୍ଣପୁର ଜିଲ୍ଲାପାଳ ଓ ଏସପି ଙ୍କ ସମେତ ସ୍ୱଚ୍ଛ ଭାରତ ସଙ୍ଗଠନ ଓ ସହର ର ପ୍ରମୁଖ ସଙ୍ଗଠନ କର୍ମକର୍ତ୍ତା , ବୁଦ୍ଧିଜୀବି, ମିଡିଆ ଙ୍କୁ ଆସନ୍ତା ୧୩ ତାରିଖ ସନ୍ଧ୍ୟା ରେ ହେବାକୁ ଥିବା ତରଭା ବାର୍ଷିକ ଉତ୍ସବ ପାଇଁ ନିମନ୍ତ୍ରଣ କରିଥିଲେ କ୍ଷ ମାହେଶ୍ୱରୀ ସଙ୍ଗଠନ ର କର୍ମକର୍ତ୍ତା ଙ୍କୁ ମଧ୍ୟ ସ୍ୱଚ୍ଛ ଭାରତ ସଙ୍ଗଠନ, ଭାରତ ବିକାଶ ପରିଷଦ, ଯୋଗାଳୟ, ଚାଷୀ ସଂଗଠନ, ଶ୍ରୀ ସତ୍ୟସାଇ ସେବା ସମିତି, ପର୍ଏଁରୀ, କଳାକାର ସଂଘ, ଓକିଲ ସଂଘ, ରକ୍ତ ଦାତା ସଂଘ, ସାମ୍ବାଦିକ, ଶିକ୍ଷକ, ଅଧ୍ୟାପକ, ଓ ବିଭିନ୍ନ ସମାଜ ସେବୀ ଓ ଶିକ୍ଷାନୁଷ୍ଠାନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରି ଆତିଥ୍ୟ ସତ୍କାର କରାଯାଇଥିଲା କ୍ଷ ଜିଲ୍ଲା ପ୍ରଶାସନ ର ରେସ୍ପେକ୍ଟ ସୋନପୁର ଲୋକ ଙ୍କ ଆଦର ବ୍ୟବହାର ଓ ଆତିଥ୍ୟ ସତ୍କାର ରେ ମାହେଶ୍ୱରୀ ସ୍ୱେଚ୍ଛାସେବୀ ବହୁତ୍ ଖୁସି ଓ କୃତଜ୍ଞ ବୋଲି ଫୋନ ରେ ଜଣାଇଛନ୍ତି ।

## ବିଶ୍ରାମ କରିବାକୁ ଛାତ ନାହିଁ, ଗ୍ରାମବାସୀ ତରଫରୁ ସରକାରୀ ସହାୟତା ଦାବୀ

ବୋଡ଼େନ୧୦।୦୬(ଅକ୍ଷର ଓଡ଼ିଶା) :ନୂଆପଡା ଜିଲ୍ଲାର ବୋଡ଼େନ ବ୍ଲକ ର ଖଇରା ଗ୍ରାମ ଅଧିନସ୍ତ ମଶାଣ୍ଡୁଣ୍ଡା ରେ ବଡ କଷ୍ଟରେ ଏକ ଶିବ ମନ୍ଦିର ତିଆରି ହେଇଛି କ୍ଷ ହେଲେ ଏକ ଛାତ୍ ଥିବାରୁ ଶ୍ରଦ୍ଧାଳୁ ମାନେ ଖରା ବର୍ଷାରେ ଆଶ୍ରୟ ନେବାକୁ ବଡ଼ ଅସୁବିଧା ହେଉଛି



କ୍ଷ ଏଣୁ ଗ୍ରାମବାସୀ ମନ୍ଦିର କୁ ଲାଗି ଏକ ସ୍ୱତୀକ ପାଇଁ ସରକାର ସହାୟତା କଲେ ଭଲ ହୁଅନ୍ତା ବୋଲି ଦାବୀ କରିଛନ୍ତି କ୍ଷ ଏଣୁ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣ ରେ ଦୃଢ ଦାବୀ ହେଉଛି ।

## ନୂଆପଡ଼ା ଖରିଆର ରୋଡ଼ ଏନ୍‌ଏସିରେ ସହରାଞ୍ଚଳ ଜନସମ୍ପର୍କ କାର୍ଯ୍ୟକ୍ରମ ଆରମ୍ଭ

### ନାଗରିକଙ୍କ ସହଭାଗିତା, ସଚେତନତା ଓ ସୁଶାସନ ଉପରେ ଗୁରୁତ୍ୱ

ଖରିଆର ରୋଡ଼ ୧୦।୦୬(ଅକ୍ଷର ଓଡ଼ିଶା) : ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି), ଖରିଆର ରୋଡ଼ ପକ୍ଷରୁ ୱାର୍ଡ ନମ୍ବର-୦୧ ଅନ୍ତର୍ଗତ ବନକାଠା ଠାରେ ସହରାଞ୍ଚଳ ଜନସମ୍ପର୍କ ଏବଂ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ସହରାଞ୍ଚଳ ବିକାଶ ପ୍ରକ୍ରିୟାରେ ନାଗରିକଙ୍କ ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବା, ସରକାରୀ ଯୋଜନା ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା ହି ଅବସରରେ ଏନ୍‌ଏସି ଅଧକ୍ଷା ଡ଼. ସୋନିଆ ଜୈନ, ଉପାଧକ୍ଷ ନିଶାନ୍ତ ଦାଗା, ସମସ୍ତ ୱାର୍ଡ ସଭ୍ୟ ଓ ସଭ୍ୟା, କାର୍ଯ୍ୟନିର୍ବାହୀ ଅଧିକାରୀ କମଳାସନ ରଥ, ବିଭିନ୍ନ ବିଭାଗର ଅଧିକାରୀବୃନ୍ଦ ଏବଂ ବହୁ ସଂଖ୍ୟକ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ । ଜନସାଧାରଣଙ୍କ ସହ ସିଧାସଳଖ ଆଲୋଚନା କରାଯାଇ ସେମାନଙ୍କର ସମସ୍ୟା, ଅଭିଯୋଗ, ମତାମତ ଓ ବିକାଶ ସମ୍ପର୍କିତ ପ୍ରସ୍ତାବଗୁଡ଼ିକ ସଂଗ୍ରହ କରାଯାଇଥିଲା ।କାର୍ଯ୍ୟକ୍ରମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା, ସହରାଞ୍ଚଳ ବିକାଶ କାର୍ଯ୍ୟକ୍ରମ, ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା, ପରିବେଶ ସୁରକ୍ଷା, ନାଗରିକ ସେବା ଏବଂ ସରକାରଙ୍କ ପ୍ରମୁଖ ଫ୍ଲାଗସିପ୍ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା । ସେହିପରି ନାଗରିକଙ୍କ




ଅଭିଯୋଗ ଶୁଣାଣି, ଜନସଚେତନତା ଅଭିଯାନ, ସମୁଦାୟ ଭିତ୍ତିକ କାର୍ଯ୍ୟକଳାପ ଓ ନଗର ବିକାଶରେ ଜନଭାଗିଦାରୀ ବୃଦ୍ଧି ସମ୍ପର୍କରେ ଆଲୋଚନା କରାଯାଇଥିଲା ।ଉଲ୍ଲେଖଯୋଗ୍ୟ ଯେ, ଖରିଆର ରୋଡ଼ ଏନ୍‌ଏସି ଅଞ୍ଚଳର ବିଭିନ୍ନ ୱାର୍ଡରେ ୯ ଜୁନ୍ ଠାରୁ ୨୧ ଜୁନ୍ ୨୦୨୬ ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ଏଭଳି ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ ଆୟୋଜିତ ହେବ ।

## ବଜ୍ରପାତରେ ମୃତ୍ୟୁ ଅଭିଯୋଗ

ଆଠଗଡ଼,୧୦।୦୬(ଅକ୍ଷର ଓଡ଼ିଶା) ତିଗିରିଆ ବ୍ଲକ ଅନ୍ତର୍ଗତ ଭିରୁଡ଼ା ପଞ୍ଚାୟତ ଗୋଡ଼ିଝରିଆ ଗ୍ରାମ ସାରିଆପଦା ବାସିନ୍ଦା ବୁଲା ପ୍ରଧାନ(୬୦) ଅପରାହ୍ନରେ ଜଙ୍ଗଲକୁ କାଠ ଗୋଟାଇବାକୁ ଯାଇଥିବା ବେଳେ ବଜ୍ରପାତରେ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି ।କାଠ ଗୋଟାଇବାକୁ ଯାଇଥିବା ବେଳେ ଘରକୁ ଫେରିବା ବିଳମ୍ବ ହେବାରୁ ଘର ଲୋକ ଜଙ୍ଗଲକୁ ଯାଇ ଖୋଜାଖୋଜି କରିଥିଲେ ।ବହୁ ଖୋଜାଖୋଜି ପରେ ଏକ ଖଜୁରୀ ଗଛ ମୂଳରେ ବୁଲା ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖିଥିଲେ ।ପରିବାର ପକ୍ଷରୁ ବୁଲାଙ୍କୁ ଚିକିତ୍ସା ପାଇଁ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ ।

## ଚାଷୀଙ୍କୁ ଠିକ୍ ସମୟରେ ସାର ଯୋଗାଣ ନହେଲେ ଜିଲ୍ଲାବ୍ୟାପୀ ଆନ୍ଦୋଳନ

### ସରକାରଙ୍କ କୃଷି ନୀତିକୁ ଜିଲ୍ଲା ବିଜେଡିର ସମାଲୋଚନା



ନବରଙ୍ଗପୁର, ୧୦।୦୬ ( ଅନୁପ ) ଖରିଫ ଚାଷ ଋତୁ ଆରମ୍ଭ ହୋଇଥିବା ବେଳେ ସରକାରଙ୍କ ନୂତନ ସାର ଆବଣ୍ଟନ ନୀତିକୁ ନେଇ ନବରଙ୍ଗପୁର ଜିଲ୍ଲାରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବା ଅଭିଯୋଗ କରିଛି ଜିଲ୍ଲା ବିଜେଡି । ଏହାକୁ ନେଇ ମଙ୍ଗଳବାର ଜିଲ୍ଲା ବିଜେଡି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସରକାରଙ୍କ କୃଷି ଓ ସାର ବଣ୍ଟନ ବ୍ୟବସ୍ଥା ଉପରେ କଡ଼ା ସମାଲୋଚନା କରାଯାଇଛି ।ଦଳର ନେତୃବୃନ୍ଦ କହିଛନ୍ତି ଯେ, ଉମରକୋଟ, ରାଇଘର, ଝରୀଗାଁ ଓ ଡାବୁଗାଁ ଅଞ୍ଚଳରେ ଖରିଫ ଚାଷ ପାଇଁ ବର୍ତ୍ତମାନ ସାରର ଚାହିଦା ସର୍ବାଧିକ ଥିବା ସତ୍ତ୍ୱେ ଅନେକ ସମବାୟ ସମିତି ଓ ସାର ବିକ୍ରୟ କେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର ସାର ଉପଲବ୍ଧ ନାହିଁ । ଏହା ଫଳରେ ଚାଷୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଆଗାମୀ ଦିନରେ ସାର ସଙ୍କଟ ଆହୁରି ଗଭୀର ହେବାର ଆଶଙ୍କା ରହିଛି ।ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଚାଷୀଙ୍କ ସମସ୍ୟା ପ୍ରତି ସରକାର ଉଦାସୀନ ମନୋଭାବ ପୋଷଣ କରୁଛନ୍ତି ଏବଂ ସମୟୋପଯୋଗୀ ପଦକ୍ଷେପ ନେବାରେ ବିଫଳ ହୋଇଛନ୍ତି । କୃଷି ଉପରେ ନିର୍ଭରଶୀଳ ନବରଙ୍ଗପୁର ଜିଲ୍ଲାର ଅର୍ଥନୀତି ଉପରେ ଏହାର ଗୁରୁତର ପ୍ରଭାବ ପଡ଼ିପାରେ ବୋଲି ଦଳ ମତ ପ୍ରକାଶ କରିଛି ।ଦଳ ଦାବି କରିଛି ଯେ, ଜିଲ୍ଲାର ସମସ୍ତ ବ୍ଲକ ଓ ପଞ୍ଚାୟତ ସ୍ତରରେ ତୁରନ୍ତ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ରଖାଯାଇ ଚାଷୀଙ୍କୁ ସୁବିଧାରେ ଯୋଗାଇ ଦିଆଯାଉ । ଚାଷୀଙ୍କୁ ଠିକ୍ ସମୟରେ ସାର ଯୋଗାଣ ନ କରାଗଲେ ଆଗାମୀ ଦିନରେ ଜିଲ୍ଲାବ୍ୟାପୀ ବଡ଼ ଧରଣର ଆନ୍ଦୋଳନ, ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ବିଜେଡି ଚେତାବନୀ ଦେଇଛି ।ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ସାଂସଦ ପ୍ରଦୀପ ମାଝୀ , ଜିଲ୍ଲା ବିଜେଡି ସଭାପତି ଓ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ , ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ , ରାଇଘର ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝଙ୍କର, ଟାଉନ ବିଜେଡି ସଭାପତି ଚନ୍ଦନ ବେହେରା, ବରିଷ୍ଠ ନେତା ତପନ ଦେବେନାଥଙ୍କ ସମେତ ଦଳର ବହୁ କର୍ମୀ ଉପସ୍ଥିତ ଥିଲେ ।

## ଅସ୍ତରଙ୍ଗ ଅଞ୍ଚଳରେ କମିବାର ନାଧରୁନି ଚୋରି ଡକାୟତି

### ପ୍ରଶାସନ ଉପରୁ ଆସ୍ଥା ହରାଉଛନ୍ତି ଅଞ୍ଚଳ ବାସୀ,କେବେ ଧରା ହେବେ ଲୁଟେରା ଗ୍ୟାଙ୍ଗ

ଅସ୍ତରଙ୍ଗ ୧୦।୬ (ଅକ୍ଷର ଓଡ଼ିଶା) ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ଏବେ ଚୋର ଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ଦିନକୁ ଦିନ ଏଠି ଲୁଟେରା ଙ୍କ ପାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି ମଠ ମନ୍ଦିର ବିଦ୍ୟାଳୟ ଅଙ୍ଗନବାଡି କେନ୍ଦ୍ର ସବୁଠୁ ହେଉଚି ଚୋରି ରାତି ପାହିଲେ କେଉଁଠୁ ନା କେଉଁଠୁ ଖବର ଆସୁଛି ଅସ୍ତରଙ୍ଗ ରେ ଚୋରୀ । କୌଣସି ମନ୍ଦିର ଛାଡୁ ନାହାନ୍ତି, ଜଗନ୍ନାଥ ମନ୍ଦିର, ଶିବ ମନ୍ଦିର ହନୁମାନ ମନ୍ଦିର ପରେ ଏବେ ସରିପୁର ପଞ୍ଚାୟତ ଭେଡ଼ାବନ୍ଧ ଗ୍ରାମ ର ମା ଅମ୍ବିକା ଙ୍କ ମନ୍ଦିର ରୁ ଲକ୍ଷାଧିକ ଟଙ୍କା ର ସୁନା ରୁପା ପିତଳ ସାମଗ୍ରୀ ଚୋରୀ ହୋଇଛି ବୋଲି ପୂଜକ ଅଭିଯୋଗ ଆଣିଛନ୍ତି । ଏହି ଘଟଣା ପରେ ସମ୍ପୂର୍ଣ୍ଣ ଅଞ୍ଚଳ ରେ ଭୟ ର ବାତାବରଣ ସୃଷ୍ଟି ହେବାରେ



ଲାଗିଛି, ଉକ୍ତ ଗ୍ରାମ ର ଶେଷ ରେ ମା ଅମ୍ବିକା ଙ୍କ ମନ୍ଦିର ରବିବାର ସକାଳ ୬ ଘଟିକା ସମୟ ରେ ପୂଜକ ରଜତ ମିଶ୍ର ଚାବି ଆଣି ମା ଙ୍କ ଦ୍ୱାର ଫିଟାଇଲା ବେଳେ ଦେଖିବାକୁ ପାଇଥିଲେ କବାଟ ର ତାଲା ତଳେ ପଡିଛି ଆଉ ଦ୍ୱାର ର ପିତଳ ଖିଡ଼ିକି କୁନ୍ଦା ଭଙ୍ଗା ହୋଇ ତଳେ ପଡିଛି ପୂଜକ ମା ଙ୍କ ଦ୍ୱାର ଫିଟାଇ ଗର୍ଭ ଗୃହ ରେ ପ୍ରବେଶ କରିବା ପରେ ଦେଖିଥିଲେ ମା ଙ୍କର ରୁପା ମୁକୁଟ, ସୁନା ର ଟିକା ଓ ପିତଳ ଘଣ୍ଟ ୫ ଟି ମନ୍ଦିର ରେ ନାହିଁ, ସେ ଜାଣିପାରିଲେ ଯେ ମା ଙ୍କ ଗର୍ଭ ଗୃହ କୁ ଦୁର୍ବୃତ୍ତ ମାନେ ବିଳମ୍ବିତ ରାତ୍ର ରେ ଆସି ଏହି କାଣ୍ଡ ଘଟାଇ ଛନ୍ତି । ଚୋରି ହୋଇଛି ଜାଣି ସଙ୍ଗେ ସଙ୍ଗେ ଗ୍ରାମ ରେ ମୁରବି ମାନେ ଏକାଠି ହୋଇ ସିଧା ସଳଖ ପୋଲିସ ପ୍ରଶାସନ କୁ ଦାୟୀ କରି ସୁରକ୍ଷା ବ୍ୟବସ୍ଥା ଢିଲାକାରଣ ରୁ ଗ୍ରାମାଞ୍ଚଳ ରେ ଚୋରୀ ହେଉଛି । ରାତ୍ରି ପେଟ୍ରୋଲିଙ୍ଗ ହେଉନଥିବାରୁ ବ୍ରାଉନସୁଗାର ସହିତ ଅନ୍ୟ ନିଶା କାରବାର ଏତେ ପରିମାଣ ରେ ବୃଦ୍ଧି ପାଉଛି ଯାହାକୁ ସେବନ କରି ଏହିପରି କାଣ୍ଡ ଘଟାଉଛନ୍ତି । ଅଞ୍ଚଳ ର ଅନେକ ମନ୍ଦିର ରୁ ଚୋରି ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ କୌଣସି ଲୁଟେରା କୁ ଧରିବାରେ ସକ୍ଷମ ହୋଇନି ।



### ତାଳଚେର ମେଡ଼ିକାଲ କଲେଜ ପ୍ରସଙ୍ଗ

# ଜାଲ ପ୍ରମାଣପତ୍ର ନିଯୁକ୍ତିକୁ ନେଇ ଭିଜିଲାନ୍ସ ଟିମ୍ ତନାଘନା

ତାଳଚେର ୧୦/୦୬(ଅକ୍ଷର ଓଡ଼ିଶା) ତାଳଚେର ମେଡ଼ିକାଲ କଲେଜ ସରକାରୀ ଚିକିତ୍ସାଳୟରେ (ପିଏମପିଜିଏଚ୍ ?)ରେ ଷ୍ଟାପନର୍ସ ନିଯୁକ୍ତିର କେଳେଙ୍କାରୀ ସଂଖ୍ୟା ୨୪ରୁ ବୃଦ୍ଧି ପାଇ ପ୍ରାୟ ଶହେ ଜଣ ଜାଲ ପ୍ରମାଣପତ୍ର ଦେଇ ଷ୍ଟାପନର୍ସ ନିଯୁକ୍ତି ପାଇଥିବା କୁହାଯଉଥିବା ବେଳେ ଆଜି ଓଡ଼ିଶା ସରକାର ଅନୁଗୋଳ ଭିଜିଲାନ୍ସ ଏକ ଟିମ୍ ଓ ଏମସିଏଲର ଭିଜିଲାନ୍ସ ଟିମ ଅନୁଗୋଳ ଓ ତାଳଚେରରେ ପଂହଚି କାଗଜପତ୍ର ତନାଘନା କରିବା ସହିତ ନିଯୁକ୍ତି ପାଇଥିବା ଷ୍ଟାପନର୍ସ ମାନଙ୍କର ସମସ୍ତ ସାର୍ଟିଫିକେଟ ଯାଂଚ କରାଯାଉଥିବା ଘଟଣା କର୍ତ୍ତୃପକ୍ଷଙ୍କ ମହଲରେ ଚିନ୍ତା ବଢ଼ାଇ ଦେଇଥିବା -କୁହାଯାଉଛି । ଏହି ପ୍ରକ୍ରିୟାରେ ଏମସିଏଲର କିଛି ଅସାଧୁ ଅଧିକାରୀ ଏବଂ ଦଲାଲଙ୍କ ସହାୟତାରେ ଏଭଳି ସଙ୍ଗୀନ ଘଟଣାକୁ ୪ଦିନ ହେବ ଅଂଚଳରେ ଚହଳ ପକାଇ ଦେଇଛି । ଉକ୍ତ ଚିକିତ୍ସାଳୟରେ ନର୍ସ ଅଭାବରୁ ରୋଗୀସେବା ବର୍ତମାନ ବ୍ୟାହତ ହୋଇଛି । ଆଜି ଉକ୍ତ ଭିଜିଲାନ୍ସ ଟିମ ଦିନ ୧୨ଘଟିକା ସମୟରେ ପରୋକ୍ଷ ଭାବରେ ଅନୁଗୋଳ ଏବଂ ତାଳଚେରରେ ପଂହଚି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରକୁ ଜବତ କରିଛନ୍ତି । ଏପରିକି, କିଛି ଅସାଧୁକର୍ମଚାରୀ ବାୟୋମେଟ୍ରିକ ଟିପ୍ ଚିହ୍ନରୁ ଧରାପଡ଼ିଯିବା ଆଳରେ ସେଥିରୁ ସମସ୍ତ ଡ଼ାଟାକୁ ଗାଏବ କରି ଦେଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି ।ସୂଚନା ମୂତାବକ, ୨୦୨୩ ମସିହାରେ ଏହି ମେଡ଼ିକାଲରେ ଷ୍ଟାଫନର୍ସ ଓ ବିଭିନ୍ନ ପଦପଦବୀ ପାଇଁ ଏକ ଘରୋଇ କମ୍ପାନୀକୁ ଏମସିଏଲ ପକ୍ଷରୁ ଟେଣ୍ଡର ଡ଼କାଯାଇଥିବା ବେଳେ ୨୦୨୫-୨୬ରେ ଆଉ ଏକ ଘରୋଇ ସଂସ୍ଥାକୁ ଏହି ଦାୟୀତ୍ୱ ଦିଆଯାଇଥିଲା । ତେବେ ୨୦୨୩ରେ ସମ୍ପୃକ୍ତ ଠିକାଂାନୀ ୮୦% ପଦବୀ ପୂରଣ କରିଥିବା ବେଳେ ୨୦୨୫-୨୬ରେ




ଅନ୍ୟ ଘରୋଇ କମ୍ପାନୀ ଅବଶିଷ୍ଟ ପଦପଦବୀ ପୂରଣ କରିଥିଲା । ସେହି ସମୟରେ ଏହି ଷ୍ଟାପମାନଙ୍କ ଠାରୁ ଏକାଧିକ ପ୍ରଭାବଶାଳୀ ଓ ବାହୁବଳୀ ବ୍ୟକ୍ତି ଏମାନଙ୍କ ଠାରୁ ୨ରୁ ୩ଲକ୍ଷ ଟଙ୍କା ନେଇ ଅତି ତରିବରିଆଭାବେ ନିଯୁକ୍ତି ପ୍ରଦାନ କରିଥିବା ଘଟଣା ସେହି ସମୟରେ ଆଲୋଚନାର ମୁଖ୍ୟପ୍ରସଙ୍ଗ ହୋଇଥିଲା । ଏହି ନିଯୁକ୍ତିକି ପ୍ରଥମେ ତାଳଚେରର ଶିକ୍ଷିତ ଯୁବକ, ଯୁବତୀଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଅଗ୍ରାଧିକାରରେ ସ୍ଥାନୀୟ ଯୁବପିଢ଼ୀଙ୍କୁ ନିଯୁକ୍ତି ଦେବାକୁ ତାଳଚେର ଜନବିକାଶ କଲ୍ୟାଣ ସଂଘ ଆଉଟ ସୋସିଙ୍ଗ ସଂସ୍ଥାକୁ ବିରୋଧ କରିଥିଲେ ଏବଂ ଏହା ଗଣମାଧ୍ୟମରେ ମଧ୍ୟ ଖବର ପ୍ରକାଶ ପାଇଥିଲା । କିନ୍ତୁ କେଳେଙ୍କାରୀରେ ସ୍ଥାନୀୟ ଦଲାଲଙ୍କ ସମ୍ପୃକ୍ତି ଥିବା ହେତୁ କେହି ମୁହଁ ଖୋଲିନଥିଲେ । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଓଡ଼ିଶାର ଅନ୍ୟ ଜିଲ୍ଲାରେ ଗଢ଼ି ଉଠିଥିବା ମେଡ଼ିକାଲ କଲେଜ ଗୁଡ଼ିକରେ ଓଏସ୍ ?ଏସ୍ (ସରକାରୀ) ଜରିଆରେ ନିଯୁକ୍ତି ଦିଆଯାଉଥିବା ପରିବର୍ତେ କିପର ତାଳଚେର ମେଡ଼ିକାଲକଲେଜରେ ଏମସିଏଲ ପକ୍ଷରୁ ଝାଡ଼ଖଣ୍ଡ ସ୍ଥିତ କମାଣ୍ଡୋ ଇଣ୍ଡଷ୍ଟ୍ରିଆଲ ଫୋର୍ସ ନାମକ ଏକ ଘରୋଇ କମ୍ପାନୀ ଆଉଟ ସୋର୍ସିଙ୍ଗ ଷ୍ଟାପନର୍ସଙ୍କୁ ନିଯୁକ୍ତି କରିଥିଲା । ତେବେ ଏହି ଘଟଣାକୁ କେନ୍ଦ୍ରକରି ନେଇ ଆଜି ଭିଜିଲାନ୍ସ ଟିମ ପଂହଚି ତନାଘନା ଚଳାଇଥିବା ଜଣାପଡ଼ିଛି ।

## ଶିକ୍ଷା ସମ୍ମାନରେ ବିଶ୍ୱବିଦ୍ୟାଳୟ ଟପ୍ପର ହେଲେ ସିଦ୍ଧାର୍ଥ ମହାବିଦ୍ୟାଳୟର ଛାତ୍ର ସତ୍ୟନାରାୟଣ ଭୁଏ



ବିନିକା.୦୯ ।୦୬.(ପ୍ରତାପ ରୁଦ୍ର କର୍ଣ୍ଣ ) ସୁବର୍ଣ୍ଣପୁର ଜିଲ୍ଲା ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜର ଛାତ୍ର ସତ୍ୟନାରାୟଣ ଭୁଏ ଚଳିତ ବର୍ଷ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଦ୍ୱାରା ଶୁକ୍ରବାର ପ୍ରକାଶିତ ସ୍ନାତକ ପରୀକ୍ଷା ଫଳରେଶିକ୍ଷା ସମ୍ମାନରେ ୮.୬୯ ସିଜିପିଏ ହାସଲ କରି ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। ତାଙ୍କର ଏହି ସଫଳତା କଲେଜ ସହ ବିନିକା ନୁଆଁପାଲି ଅଞ୍ଚଳ ପାଇଁ ଗୌରବ ଆଣିଛି ।ଅନୁସୂଚିତ ଜନଜାତି ସମ୍ପ୍ରଦାୟର ସତ୍ୟନାରାୟଣଙ୍କ ବାପା ବରୁଣ ଭୁଏ ଜଣେ କୃଷକ। ଆର୍ଥିକ ସଂଘର୍ଷ ଭିତରେ ବି ସେ ପାଠପଢା ଜାରି ରଖି ଏହି ସଫଳତା ପାହାଚ ହାସଲ କରିଛନ୍ତି। ଭବିଷ୍ୟତରେ ସେ ଜଣେ ଅଧ୍ୟାପକ ହେବା ର ଲକ୍ଷ୍ୟନେଇ ପାଠ ପଢା ଆରମ୍ଭ କରିଥିଲେ କ୍ଷତାଙ୍କ ସଫଳତା ପଛରେ ଶିକ୍ଷା ବିଭାଗୀୟ ମୁଖ୍ୟ ଅଧ୍ୟାପିକା ବିଘ୍ନେଶ୍ୱରୀ ପୂଜାରୀଙ୍କ ନିରନ୍ତର ମାର୍ଗଦର୍ଶନ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଧୀରେନ୍ଦ୍ର କୁମାର ନାୟକ, ସମସ୍ତ ଅଧ୍ୟାପକ-ଅଧ୍ୟାପିକା ଙ୍କ ସହ ନିଜ ପରିବାର ବର୍ଗଙ୍କୁ ଏହି ସଫଳତାର ସହଯୋଗ ଯୋଗୁଁ ଆଜି ମୁଁ ନିଜକୁ ଗର୍ବିତ ମନେ କରୁଛି ବୋଲି କହିଛନ୍ତି କ୍ଷ "ବିଶ୍ୱବିଦ୍ୟାଳୟ ସ୍ତରରେ ଟପ୍ପର ହେବା ସହଜ ନୁହେଁ। କଠିନ ପରିଶ୍ରମ ଓ ଗୁରୁଜନଙ୍କ ମାର୍ଗଦର୍ଶନରେ ନିୟମିତ ପାଠ ପଢ଼ିଲେ ନିଶ୍ଚିତ ସଫଳତା ମିଳେ", ବୋଲି ସତ୍ୟନାରାୟଣ ପ୍ରତିକ୍ରିୟାରେ କହିଛନ୍ତି ।ସତ୍ୟନାରାୟଣଙ୍କ ଏହି ଉଲ୍ଲେଖନୀୟ ସଫଳତା ପାଇଁ କଲେଜ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଅଧ୍ୟକ୍ଷ ଡ଼କ୍ଟର ଧୀରନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

### ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ

## ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ପାଳନ

ଦେବଗଡ ୧୦/୦୬(ଅକ୍ଷର ଓଡ଼ିଶା) ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜିଲ୍ଲା ର ସମସ୍ତ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରଧାନ ମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ସ୍ୱତନ୍ତ୍ର ଚଗଝଗଇ ( ପ୍ରଧାନ ମନ୍ତ୍ରୀ ସୁରକ୍ଷିତ



ମାତୃତ୍ୱ ଅଭିଯାନ ) ପାଳନ କରାଯାଉଅଛି, କାର୍ଯ୍ୟକ୍ରମରେ ଦେବଗଡ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ , ମାନ୍ୟବର ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ,ପୂର୍ବତନ ବିଧାୟକ ତଥା ସମ୍ବଲପୁର ସାଂସଦ ଙ୍କ ପ୍ରତିନିଧି ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ସଂଘମିତ୍ର ପଣ୍ଡା , ଯୋଗଦେଇ କାର୍ଯ୍ୟକ୍ରମକୁ ଫିତା କାଟି ଶୁଭାରମ୍ଭ କରିଥିଲେ ।ଦେବଗଡ ଜିଲ୍ଲା ର ସମସ୍ତ ଗର୍ଭବତୀ ମହିଳା ମାନଙ୍କ ଉତ୍ତମ ରୂପେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷ ସହିତ ରକ୍ତ ଏବଂ ପରିସ୍ରା ନମୁନା ପରୀକ୍ଷଣ କରାଯାଇ ଥିଲା ।କାର୍ଯ୍ୟ କ୍ରମରେ ଦେବଗଡ ଜିଲ୍ଲା ର ହାରାହାରି ୫୦୦ ରୁ ଉର୍ଦ୍ଧ ଗର୍ଭବତି ମା ମାନେ ସେବା ପାଇପାରିଛନ୍ତି ଓ କିପରି ଭାବରେ ତାଙ୍କର ସୁରକ୍ଷିତ ମାତୃତ୍ୱ ଲାଭ କରିପାରିବେ ସେ ଦୃଷ୍ଟି ଗୋଚର କରାଯାଇ ଅଛି । ଏହି କାର୍ଯ୍ୟକ୍ରମରେ ଡ଼କ୍ଟର ମନୋରଞ୍ଜନ ସାମଲ ଓ ଡ଼କ୍ଟର ପ୍ରଭାତ କୁମାର ଓଝା, ଡା ମସଙ୍ଗ ମୁର୍ମୁ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଶ୍ରୀ ସୁଶାନ୍ତ କୁମାର ପ୍ରହରାଜ, ଉପ କାର୍ଯ୍ୟକ୍ରମ ପରିଚାଳକ ମାତୃ ଏବଂ ଶିଶୁ ସ୍ୱସ୍ଥ୍ୟ ଶ୍ରୀ ଦୁଷ୍ମନ୍ତ କୁମାର ସୁତାର, ଡାକ୍ତରଖାନା ପରିଚାଳକ ଜାତୀନ କୁମାର ଭାଇଂସା ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇ କାର୍ଯ୍ୟକ୍ରମ କୁ ସୁଚାରୁ ରୂପେ ପରିଚାଳନା କରିଥିଲେ ।

### ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ବଳିଦାନ ଦିବସ ପାଳିତ

# ବିଜେପି ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା



ଉମରକୋଟ ୧୦/୦୬(ଅକ୍ଷର ଓଡ଼ିଶା) ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ବଳିଦାନ ଦିବସ ଅବସରରେ ଆଜି ଉମରକୋଟ ସ୍ଥିତ ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ଏହି ଅବସରରେ ମାନ୍ୟବର ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଦଳର କର୍ମକର୍ତ୍ତା, ସଦସ୍ୟ ଏବଂ ବହୁ ସମର୍ଥକ ଏକତ୍ରିତ ହୋଇ ଭଗବାନ ବିର୍ସା ମୁଣ୍ଡାଙ୍କ ମହାନ ଅବଦାନ ଓ ବଳିଦାନକୁ ସ୍ମରଣ କରି ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।ବକ୍ତାମାନେ କହିଥିଲେ ଯେ, ବ୍ରିଟିଶ ଶାସନ କାଳରେ ଆଦିବାସୀ ସମାଜ ଉପରେ ଅତ୍ୟାଚାର, ଶୋଷଣ ଏବଂ ଜଙ୍ଗଲ-ଜମିରୁ ବଞ୍ଚିତ କରାଯାଉଥିବା ବେଳେ ବିର୍ସା ମୁଣ୍ଡା ଆଦିବାସୀ ଅଧିକାର ଓ ସ୍ୱାଭିମାନର ସୁରକ୍ଷା ପାଇଁ ସଂଗ୍ରାମର ନେତୃତ୍ୱ ନେଇଥିଲେ। ତାଙ୍କ ନେତୃତ୍ୱରେ ଆଦିବାସୀମାନେ ବ୍ରିଟିଶ ଶାସନ ବିରୋଧରେ ସଂଘବଦ୍ଧ ହୋଇ ଅନ୍ୟାୟ ବିରୋଧରେ ଆବାଜ ଉଠାଇଥିଲେ ।ସେମାନେ ଆହୁରି କହିଥିଲେ ଯେ, ୧୯୦୦ ମସିହାରେ ଆଜିର ଦିନରେ ମାତ୍ର ୨୫ ବର୍ଷ ବୟସରେ ବ୍ରିଟିଶ କାରାଗାରରେ ଭଗବାନ ବିର୍ସା ମୁଣ୍ଡାଙ୍କର ପରଲୋକ ଘଟିଥିଲା। ମାତ୍ର ସ୍ୱଳ୍ପ ବୟସରେ ସେ ଆଦିବାସୀ ସମାଜର ଅଧିକାର, ସ୍ୱାଭିମାନ ଏବଂ ସ୍ୱାଧୀନତା ପାଇଁ ଯେଉଁ ଐତିହାସିକ ସଂଗ୍ରାମ କରିଥିଲେ, ତାହା ଆଜି ମଧ୍ୟ ଦେଶବାସୀଙ୍କୁ ପ୍ରେରଣା ଯୋଗାଇ ଆସୁଛି ।ସଭାରେ ଉପସ୍ଥିତ ସମସ୍ତେ ଭଗବାନ ବିର୍ସା ମୁଣ୍ଡାଙ୍କ ଆଦର୍ଶକୁ ଅନୁସରଣ କରି ସମାଜର ଉନ୍ନତି ଓ ବଞ୍ଚିତ ବର୍ଗଙ୍କ ଅଧିକାର ସୁରକ୍ଷା ପାଇଁ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ। ଶେଷରେ ତାଙ୍କ ଅମର ବଳିଦାନ ପ୍ରତି ଗଭୀର ଶ୍ରଦ୍ଧା ଜଣାଇ ସଭାର ସମାପ୍ତି କରାଯାଇଥିଲା ।

## ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ



ଖଣ୍ଡପଡ଼ା ୧୦।୬ (ଅକ୍ଷର ଓଡ଼ିଶା) ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନର ୧୦ ବର୍ଷ ପୂର୍ତ୍ତି ଅବସରରେ ଖଣ୍ଡପଡ଼ା ଓ ନୂଆ ଗଡ଼ିଆସାହି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ମଙ୍ଗଳବାର ଆୟୋଜିତ କାର୍ଯ୍ୟକ୍ରମରେ ମହିଳାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କ ସ୍ୱାସ୍ଥ୍ୟଜନିତ ସମସ୍ୟା ନେଇ ଆବଶ୍ୟକ ପରାମର୍ଶ ପ୍ରଦାନ କରାଯାଇଥିବା ଜଣାଯାଇଛି ।ବରିଷ୍ଠ ଡାକ୍ତର ଅଭିସାର ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଭିଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ମହିଳାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ।ସେହିପରି ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ଅବସ୍ଥିତ ପ୍ରତ୍ୟେକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ତତ୍ପରତାର ସହ ଏହି ଦିବସ ପାଳନ କରାଯାଇଥିବା ଜଣାପଡିଛି ।ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଖଣ୍ଡପଡ଼ା ଅଞ୍ଚଳରେ ସର୍ବମୋଟ ୮୫ ଜଣ ଗର୍ଭବତୀ ମହିଳାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୯ ଜଣଙ୍କୁ ବିପଦସଙ୍କୁଳ ଚିହ୍ନଟ କରାଯାଇ ସେମାନଙ୍କୁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ନିମନ୍ତେ ବ୍ୟବସ୍ଥା ସହ ୧୩ ଜଣ ଗର୍ଭବତୀ ମହିଳାଙ୍କ ନିମନ୍ତେ ନିଶୁଳ୍କ ଅଲଟ୍ରାସାଉଣ୍ଡର ବ୍ୟବସ୍ଥା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କରାଯାଇଥିବା ଜଣାପଡିଛି।

## ଚୋରି ମୋଟରସାଇକେଲ ଓ ମୋବାଇଲ ଫୋନ ଜବତ, ଜଣେ ଗିରଫ

ଉମରକୋଟ ୧୦/୦୬(ଅକ୍ଷର ଓଡ଼ିଶା) ଉମରକୋଟ ଥାନା ପୋଲିସ ଏକ ଚୋରି ମାମଲାର ତଦନ୍ତ କରି ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୪ଟି ଚୋରି



ମୋଟରସାଇକେଲ ଓ ୩ଟି ଆଣ୍ଡ୍ରଏଡ୍ ମୋବାଇଲ ଫୋନ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଉମରକୋଟ ଥାନା ଅନ୍ତର୍ଗତ ନୂଆଗୁଡ଼ା ଗ୍ରାମର ଛୋଟୁ ହରିଜନ (୨୩) ।ପୋଲିସ ସୂଚନା ଅନୁଯାୟୀ, ଗତ ୮ ଜୁନରେ ମାଝିଆ ଗ୍ରାମର ମାଧବ ଭତରା ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗରେ ଦର୍ଶାଯାଇଥିଲା ଯେ, ଗତ ୨୩ ମାର୍ଚ୍ଚରେ ଅଭିଯୁକ୍ତ କୃଷ୍ଣ ଭତରା ଓ ହସ୍ତୁରାମ ଭତରାଙ୍କ ସହ ପରିଚୟ ସ୍ଥାପନ କରି ବିଶ୍ୱାସ ଜିତିଥିଲେ। ପରେ ସେମାନଙ୍କର ହିରୋ ଏଚଏଫ୍ ଡିଲକ୍ସ ମୋଟରସାଇକେଲ ଏବଂ ଏକ ଭିଭୋ ମୋବାଇଲ ଫୋନ ନେଇ ଫେରାର ହୋଇଯାଇଥିଲେ ।ତଦନ୍ତ ସମୟରେ ପୋଲିସ ସ୍ଥାନୀୟ ସୂଚନା ଆଧାରରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପଚରାଉଚରା ବେଳେ ସେ ଚୋରି କରିଥିବା ସ୍ୱୀକାର କରିଥିଲେ। ତାଙ୍କ ନିକଟରୁ ୪ଟି ମୋଟରସାଇକେଲ ଓ ୩ଟି ଆଣ୍ଡ୍ରଏଡ୍ ମୋବାଇଲ ଫୋନ ଜବତ କରାଯାଇଛି ।ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଅଦାଲତକୁ ଚାଲାଣ କରିଥିବା ଜଣାପଡ଼ିଛି।

# ବାଲ୍ୟବିବାହ ମୁକ୍ତ ନିମିତ୍ତ ସଚେତନତା କାର୍ଯ୍ୟକ୍ରମ



ଭଦ୍ରକ ୧୦/୦୬(ଅକ୍ଷର ଓଡ଼ିଶା): ବାଲ୍ୟବିବାହ ଭଳି କୁପ୍ରଥାର ଉଚ୍ଛେଦ ନିମନ୍ତେ ଆସିୟାନା, (ସୋସାଇଟୀ ଫର ଓ୍ୱିକର କମ୍ୟୁନିଟି) , ଭଦ୍ରକ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଲୋକ ରଥ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବାଲ୍ୟବିବାହ ଆଇନଗତ ଅପରାଧ ବୋଲି ଉଲ୍ଲେଖ କରିବା ସହିତ ଶିଶୁଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଭବିଷ୍ୟତ ଉପରେ ବାଲ୍ୟବିବାହର କୁପ୍ରଭାବ ସମ୍ପର୍କରେ ଗଭୀର ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ସୁବ୍ରତ ବିଶ୍ୱାଳ ଶିଶୁ ସୁରକ୍ଷା ପ୍ରତ୍ୟେକ ପରିବାର ଓ ସମାଜର ସାମୂହିକ ଦାୟିତ୍ୱ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଭାବେ ଶିଶୁ ମଙ୍ଗଳ କମିଟିର ସଦସ୍ୟ, ପ୍ରଦୀପ୍ତ କୁମାର କର, ସଦସ୍ୟ (ଶିଶୁ ବିକାଶ ସୁରକ୍ଷା ଅଧିକାରୀ ), ଭଦ୍ରକ, ଉର୍ବଶୀ ମହାନ୍ତି, ବହ୍ନିଶିଖା ବିଶ୍ୱାଳ, ପ୍ରତିପକ୍ଷ ଓକିଲ ଏବଂ ନ୍ୟାୟ ରକ୍ଷକ, ଭଦ୍ରକ, ଆସିୟାନା, ଭଦ୍ରକ, ସମ୍ପାଦିକା, ସୋଫିଆ ସେକ, ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ର କର୍ମୀ ଗଣ ପରିଚାଳନା ରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବାଲ୍ୟବିବାହ ନିଷେଧ ଆଇନ, ଶିଶୁ ଅଧିକାର ଓ ସହାୟତା ବ୍ୟବସ୍ଥା ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରିଥିଲେ। ସମସ୍ୟା ଦେଖିଲେ କିମ୍ବା ଅନୁଭବ କଲେ (୧୦୯୮) ନିଃଶୁଳ୍କ ନମ୍ବରରେ ଅଭିଯୋଗ କରିବାକୁ ଏବଂ ନାଲସା ଦ୍ୱାରା ଜାରି ହୋଇଥିବା ୧୫୧୦୦(ଦେୟ ମୁକ୍ତ) ନମ୍ବରରେ ମାଗଣା ଆଇନ ସେବା ସମ୍ବନ୍ଧରେ ଜାଣିବା ନିମିତ୍ତ ଆହ୍ୱାନ କରାଯାଇଥିଲା । ଏହି ସଚେତନ କାର୍ଯ୍ୟକ୍ରମରେ ପିଲାମାନଙ୍କ ଦ୍ୱାରା ଅଭିନୀତ ଏକ ସୁନ୍ଦର ନାଟକ ପରିବେଷଣ କରାଯାଇଥିଲା ଏବଂ ଏହିଭଳି ସଚେତନତା ଅତ୍ୟନ୍ତ ଆବଶ୍ୟକ ବୋଲି ସମସ୍ତେ ଉଲ୍ଲେଖ କରିଥିଲେ । ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ପରିଶେଷରେ ଆସିୟାନା ସମ୍ପାଦିକା, ସୋଫିଆ ସେକ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବଡ଼ଛାପଲ ପଞ୍ଚାୟତକୁ ପୋଲ ସଂଯୋଗ ପାଇଁ ସ୍ଥଳ ପରିଦର୍ଶନ



ଦେବଗଡ ୧୦।୦୬(ଅକ୍ଷର ଓଡ଼ିଶା): ଆଜି ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ରାଇତାବାହାଳ ପଞ୍ଚାୟତ ଠାରୁ ତିଳେଇବେଣି ବ୍ଲକ ବଡ଼ଛାପଲ ପଞ୍ଚାୟତ କୁ ପୋଲ ସଂଯୋଗ ପାଇଁ ସ୍ଥଳ ପରିଦର୍ଶନ କରାଗଲା। ଏହି ପରିଦର୍ଶନ ସମୟରେ ଦେବଗଡ଼ ଜଳଇ ବିଭାଗର ଝଙ୍କକ୍ତ୍ରରକ୍ସଭଗ୍ବରଭୟସଭଶ ରଭଶସ-ଭରରକ୍ସ ଓ ଝଙ୍କଭ-ଉସଙ୍ଗସଗ୍ବସକ୍ଟଭବକ୍ଷ ଙଲଲସମରକ୍ସ ଉପସ୍ଥିତ ରହି ପ୍ରସ୍ତାବିତ ପୋଲ ଓ ସଂଯୋଗ ରାସ୍ତାର ସମ୍ଭାବନା ବିଷୟରେ ଆଲୋଚନା ବିଧାୟକ ଆଲୋଚନା କରିଥିଲେ ।ଏହି ପୋଲ ନିର୍ମାଣ ହେଲେ ଅଞ୍ଚଳବାସୀଙ୍କ ପାଇଁ ଯାତାୟାତ ବ୍ୟବସ୍ଥା ଅଧିକ ସୁଗମ ହେବା ସହିତ ରାଇତାବାହାଳ ପଞ୍ଚାୟତରୁ ରିଆମାଳ, ଦେବଗଡ଼ ଓ ତିଳେଇବେଣି ଅଞ୍ଚଳକୁ ଅଳ୍ପ ଦୂରତାରେ ସଂଯୋଗ ସ୍ଥାପିତ ହେବ। ଏହା ଦ୍ୱାରା ସାଧାରଣ ଲୋକଙ୍କ ସମୟ ସଞ୍ଚୟ ହେବା ସହ ଜରୁରୀକାଳୀନ ସେବା, ଶିକ୍ଷା, ସ୍ୱାସ୍ଥ୍ୟ ଓ ବ୍ୟବସାୟ କ୍ଷେତ୍ରରେ ମଧ୍ୟ ବଡ଼ ସୁବିଧା ମିଳିବ।

## ବିଜେପି ପକ୍ଷରୁ ଜନ ଆକ୍ରୋଶ ମହିଳା ସମାବେଶ ନେଇ ପ୍ରତିବାଦ ଶୋଭାଯାତ୍ରା

ରାୟଗଡା ,୧୦/୬ :(କୈଳାସ ସ୍ୱାଇଁ )କୋଲନରା ବ୍ଲକ ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମରେ ଜିଲ୍ଲା ବିଜେପି ପକ୍ଷରୁ ଜନ ଆକ୍ରୋଶ ମହିଳା ସମାବେଶ ଅବସରରେ ଏକ ବିଶାଳ



ପ୍ରତିବାଦ ଶୋଭାଯାତ୍ରା ଓ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମୁକୁନ୍ଦପୁର ମଣ୍ଡଳ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ମହିଳା ଓ ଦଳୀୟ କର୍ମୀ ଯୋଗଦେଇ ମହିଳା ସୁରକ୍ଷା, ସଶକ୍ତିକରଣ ଓ ସାମାଜିକ ନ୍ୟାୟ ପ୍ରସଙ୍ଗରେ ସ୍ୱର ଉଠାଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଅଶ୍ୱିନୀ କଞ୍ଚଡା, କୋରାପୁଟ ଲୋକସଭା ସାଂସଦ ପ୍ରାର୍ଥୀ କାଳୀରାମ ମାଝୀ, ବରିଷ୍ଠ କାର୍ଯ୍ୟକର୍ତ୍ତା ହଳଧର ମିଶ୍ର, ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ଉମେଶ ଖୋସଲା, ଜିଲ୍ଲା ବିଜେପି ସମ୍ପାଦକ ତରୁଣ ଗରଡ଼ିଆ ଓ ରଜିତା କରଡ଼ା ପ୍ରମୁଖ ଉପସ୍ଥିତ ରହି ଉଦ୍ ?ବୋଧନ ଦେଇଥିଲେ। ବକ୍ତାମାନେ ମହିଳାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସ୍ୱାବଲମ୍ବନ ଓ ରୋଜଗାର କ୍ଷେତ୍ରରେ ସର୍ବଦା ବିଜେପି ସରକାର ଅଧିକ ସୁଯୋଗ ସୃଷ୍ଟି କରୁଥିବା ଉପରେ ଗୁରୁତ୍ୱାରୋପ କରିଥିଲେ ।ସେମାନେ କହିଥିଲେ ଯେ ମହିଳା ସଶକ୍ତିକରଣ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ସରକାର କାର୍ଯ୍ୟ କରୁଥିବା ବେଳେ ବିରୋଧୀ ଦଳ ଏହାକୁ ସମର୍ଥନ କରୁନଥିବା ଦୁର୍ଭାଗ୍ୟଜନକ। ମହିଳାଙ୍କ ଅଧିକାର ଓ ସୁରକ୍ଷା ପ୍ରସଙ୍ଗରେ ସଚେତନତା ସୃଷ୍ଟି କରିବା ଏହି ସମାବେଶର ମୂଳ ଉଦ୍ଦେଶ୍ୟ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ମୁକୁନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ ହୋଇଥିବା ଶୋଭାଯାତ୍ରା ବ୍ୟାଙ୍କ ଛକ, ମୁଖ୍ୟ ବଜାର ଦେଇ ହାଟପଦା ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ମହିଳାମାନେ ବିଭିନ୍ନ ସ୍ଲୋଗାନ ଦେବା ସହ ନିଜ ଦାବି ଉପସ୍ଥାପନ କରିଥିଲେ। ମଣ୍ଡଳ ସଭାପତି ଶ୍ରୀ ମନୋଜ ନାଲ୍ଲ ଙ୍କ ନେତୃତ୍ୱରେ ବିଜେପି କର୍ମୀ ମନୋରମା ଅରୁଗୁଲା, ଆଲଜିଙ୍ଗ ପ୍ରସାଦ, ମାନସ ଦାସ ,ରଘୁନାଥ ଦେହୁରୀ, ଚମ୍ପା ତାଡ଼ିଙ୍ଗି,ହରିଶ୍ଚନ୍ଦ୍ର ପୀବିକା,କୃଷ୍ଣ ପାଣିଗ୍ରାହୀ ନେତୃବୃନ୍ଦଙ୍କ ସକ୍ରିୟ ସହଯୋଗରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ଶେଷରେ ଆୟୋଜକମାନଙ୍କ ପକ୍ଷରୁ ସମସ୍ତ ଉପସ୍ଥିତ ମହିଳା ଓ ଅତିଥିମାନଙ୍କୁ ଧନ୍ୟବାଦ ଜଣାଯାଇଥିଲା।

## ଗଜପତିରେ ଲିନସି ଫାଉଣ୍ଡେସନର ଦ୍ୱାରା ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ

ପାରଳାଖେମୁଣ୍ଡି, ୧୦/୬(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲା ମୃତ୍ତିକା ସଂରକ୍ଷଣ ଭବନରେ ଆଜି ଲିନସି ଫାଉଣ୍ଡେସନର ସହଯୋଗରେ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ପ୍ରକଳ୍ପ ପରାମର୍ଶଦାତା ଡଃ ସୌରଭ ବର୍ମନ, ମୃତ୍ତିକା ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପକ ଡଃ ଅରୁଣାଭ ପାଲ ଏବଂ ସିସିଡିର ନିର୍ଦ୍ଦେଶକ ଜଗନ୍ନାଥ ରାଜୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିରାଙ୍ଗୋ ଓ ଏଙ୍ଗାରସିଂ ପଞ୍ଚାୟତର ୭ଟି ଗ୍ରାମର ୧୨୬ ଜଣ କୃଷକଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା। ଏହି ଅବସରରେ ବିଶେଷଜ୍ଞମାନେ ମୃତ୍ତିକା ପରୀକ୍ଷଣର ଗୁରୁତ୍ୱ ଏବଂ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ମାଧ୍ୟମରେ ଚାଷୀମାନେ କିପରି ନିଜ ଜମିର ପୋଷକ ତତ୍ତ୍ୱ ସମ୍ପର୍କରେ ସଠିକ ସୂଚନା ପାଇପାରିବେ ସେ ସମ୍ବନ୍ଧରେ ଅବଗତ କରାଇଥିଲେ। ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଦ୍ୱାରା କୃଷକମାନେ ବୈଜ୍ଞାନିକ ପଦ୍ଧତିରେ ସାର ପ୍ରୟୋଗ କରିପାରିବେ, ମୃତ୍ତିକାର ଉର୍ବରତା ବୃଦ୍ଧି କରିବା ସହ ଫସଲ ଉତ୍ପାଦନ ବଢ଼ାଇପାରିବେ ଏବଂ କୃଷି ଖର୍ଚ୍ଚ କମାଇ ସ୍ଥାୟୀ କୃଷି ପ୍ରଣାଳୀକୁ ପ୍ରୋତ୍ସାହନ ଦେଇପାରିବେ।

## ଦାଦାର ଜମି ହଡପ କଲା ପୁତୁରା

### ସମ୍ପତ୍ତିରେ ରାଜସ୍ୱ ନିରୀକ୍ଷକଙ୍କ ନାମରେ ଅଭିଯୋଗ



ରାୟଗଡା ୧୦. ୬(ପକୈଳାସ ସ୍ୱାଇଁ ): ରାୟଗଡା ଜିଲ୍ଲାର କାଶୀପୁର ଗ୍ରାମର ଜଣେ ବୃଦ୍ଧ ବ୍ୟକ୍ତିଙ୍କ ଜମି ହଡପ କରାଯାଇଥିବା ନେଇ ଅଭିଯୋଗ ଉଠିଛି। ପୁତୁରା ଦ୍ୱାରା ଜମି ଦଖଲ କରାଯାଇଥିବା ବେଳେ ରାଜସ୍ୱ ବିଭାଗର କିଛି ଅଧିକାରୀଙ୍କ ସହଯୋଗ ଥିବା ନେଇ ବୃଦ୍ଧ ଜଣକ ଅଭିଯୋଗ କରିଛନ୍ତି ।ସୂଚନା ଅନୁଯାୟୀ, ରାୟଗଡା ତହସିଲ ଅନ୍ତର୍ଗତ ଏକ ଗ୍ରାମର ବାସିନ୍ଦା ଉକ୍ତ ବୃଦ୍ଧଙ୍କ ପୈତୃକ ଜମିକୁ ତାଙ୍କ ପୁତୁରା ନିଜ ନାମରେ କରାଇ ନେଇଥିବା ଅଭିଯୋଗ ହୋଇଛି। ଏନେଇ ସେ ବାରମ୍ବାର ତହସିଲ କାର୍ଯ୍ୟାଳୟ ଓ ଉଚ୍ଚ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ନ୍ୟାୟ ପାଇନଥିବା କହିଛନ୍ତି ।ବୃଦ୍ଧଙ୍କ ଅଭିଯୋଗ ଅନୁସାରେ, ଜମି ସମ୍ପର୍କିତ ରେକର୍ଡରେ ଅନିୟମିତତା କରାଯାଇଥିବା ବେଳେ ରାଜସ୍ୱ ନିରୀକ୍ଷକଙ୍କ ଭୂମିକା ନେଇ ମଧ୍ୟ ସନ୍ଦେହ ପ୍ରକାଶ କରିଛନ୍ତି। ଘଟଣାର ନିଷ୍ପକ୍ଷ ତଦନ୍ତ ସହ ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସେ ଜିଲ୍ଲା ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି ।ବୃଦ୍ଧଙ୍କ ଅଭିଯୋଗ ଅନୁସାରେ, ଜମି ସମ୍ପର୍କିତ ରେକର୍ଡରେ ଅନିୟମିତତା କରାଯାଇଥିବା ବେଳେ ରାଜସ୍ୱ ନିରୀକ୍ଷକଙ୍କ ଭୂମିକା ନେଇ ମଧ୍ୟ ସନ୍ଦେହ ପ୍ରକାଶ କରିଛନ୍ତି। ଘଟଣାର ନିଷ୍ପକ୍ଷ ତଦନ୍ତ ସହ ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ସେ ଜିଲ୍ଲା ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି ।ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ପ୍ରଶାସନ ପକ୍ଷରୁ ତଦନ୍ତ ପରେ ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ ବୋଲି ସାଧାରଣରେ ଆଶା ପ୍ରକାଶ ପାଉଛି।

## ବ୍ରାହ୍ମଣୀଗାଁ ବନାଞ୍ଚଳ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଦାରିଙ୍ଗବାଡ :୧୦/୬(ମୃତ୍ୟୁଞ୍ଜୟ ପ୍ରଧାନ) କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡ ଅନ୍ତର୍ଗତ ବ୍ରାହ୍ମଣୀଗାଁ ବନାଞ୍ଚଳ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି,ବନାଞ୍ଚଳ ଅଧିକାରୀ ହରିହର ବେହେରାଙ୍କ ନେତୃତ୍ୱରେ ବନ ବିଭାଗ କାର୍ଯ୍ୟାଳୟ ର ଚତୁଃପାର୍ଶ୍ୱ ସଫା ସୁତୁରା କରାଯାଇ ଥିଲା, ପାଖ ପଡ଼ୋଶୀ ରେ ରହୁଥିବା ଏବଂ ଅଳିଆ ଆବର୍ଜନା କରୁଥିବା ଦୋକାନୀ ତଥା ବାସିନ୍ଦା ମାନଙ୍କୁ ନିଜ ପରିବେଷ ସଦା ସର୍ବଦା ସଫା ସୁତୁରା ରଖିବା ପାଇଁ ସଚେତନ କରାଯାଇ ଥିଲା। ଆଗମୀ ଦିନରେ ବ୍ରାହ୍ମଣୀଗାଁ ବଜାର , ମେଡିକାଲ ଆଦି ଅଞ୍ଚଳ ରେ ସାମୁହିକ ସଫେଇ କାର୍ଯ୍ୟକ୍ରମ କରାଯିବ ବୋଲି ବନାଞ୍ଚଳ ଅଧିକାରୀ ଶ୍ରୀ ବେହେରା କହିଛନ୍ତି। ଏହି ସଫେଇ କାର୍ଯ୍ୟକ୍ରମ ରେ ବନପାଳ ଯୋଗେଶ୍ୱର ଧାରୁଆ , ବନରକ୍ଷୀ ଶ୍ରୀରାମ



ପଣ୍ଡା, ମାର୍କ ମଲ୍ଲିକ୍ ପୁରସ୍ତମ ପ୍ରଧାନ, ଆଶିଷ ପ୍ରଧାନ, ଇନ୍ଦ୍ରମଣି ଦିଗାଲ , ସରୋଜ ପାତ୍ର ସନ୍ତୋଷ କୁମାର ପଟ୍ଟନାୟକ , ଲକ୍ଷ୍ମଣ ବିଶି ମାଝୀ , ଗୋପାଳ ସେଠୀ ସମେତ ଅନ୍ୟ ବନ ବିଭାଗ କର୍ମଚାରୀ ମାନେ ସହଯୋଗ କରିଥିଲେ।

# ଢେଙ୍କାନାଳରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର

















ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das

କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera

Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024. T- 0674-3595878, M-9937223063/9937053063, E-akhyaraodisha@gmail.com

ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera